NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

TUESDAY
1 JULY 2025
ମଙ୍ଗଳବାର
୧ ଜୁଲାଇ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 47 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୪୭ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


## ମିର୍ଦ୍ଧା ଟପ୍ପୋ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ



**କେନ୍ଦୁଝର,୩୦।୬/ଏନ୍‌ଏନ୍‌ଏସ୍:** ବରିଷ୍ଠ ଓଏଏସ୍ ଅଧିକାରୀ ମିର୍ଦ୍ଧା ଟପ୍ପୋ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତ ହୋଇଛନ୍ତି। ସୋମବାର ଏନେଇ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ସେ କେନ୍ଦୁଝର ଡୁଡା(ଡିଷ୍ଟ୍ରିକ୍ଟ ଅର୍ବାନ ଡେଭଲପମେଣ୍ଟ ଏଜେନ୍ସି)ର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ମିର୍ଦ୍ଧା ଟପ୍ପୋଙ୍କ ଘର ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଅଞ୍ଚଳରେ। ୧୯୯୭ ମସିହାରେ ଓଏଏସ୍ ପାଇବା ପରେ ସେ ପ୍ରଥମେ ଗଞ୍ଜାମ ଜିଲ୍ଲା କୋଦଳା ତହସିଲରେ ଅତିରିକ୍ତ ତହସିଲଦାର ଭାବେ ଚାକିରି ଆରମ୍ଭ କରିଥିଲେ। ସେଠାରେ ସେ ୨୦୦୨ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରି ୨୦୦୨ରେ ପଦୋନ୍ନତି ପାଇ ସୁନ୍ଦରଗଡ଼ ତହସିଲଦାର ଭାବେ ୨୦୦୪ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ଏହାପରେ ସେ କେନ୍ଦୁଝର ଜିଲ୍ଲା ପାଟଣାରେ ବିଡିଓ ଭାବେ ୨୦୦୪ରୁ ୨୦୦୬, ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବିଡିଓ ଭାବେ ୨୦୦୬ ରୁ ୨୦୧୧, ଝୁମ୍ପୁରାରେ ବିଡିଓ ଭାବେ ୨୦୧୨ରୁ ୨୦୧୫ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ସେଠାରୁ ସେ ପଦୋନ୍ନତି ପାଇ ସୁନ୍ଦରଗଡ଼ ଜିଲ୍ଲା ବଣେଇ ପିଏ ଆଇଟିଡିଏ ଭାବେ ୨୦୧୫ରୁ ୨୦୧୭ ▶▶ ୫

## ଏନ୍‌କାଉଣ୍ଟର୍: ୨ ମାଓବାଦୀ ନିପାତ

**ବାଲିଗୁଡ଼ା,କନ୍ଧମାଳ,୩୦।୬/ଏନ୍‌ଏନ୍‌ଏସ୍:** କନ୍ଧମାଳ-କଳାହାଣ୍ଡି ସୀମାନ୍ତ ଅଞ୍ଚଳ ଭାବେ ପରିଚିତ ବାଲିଗୁଡ଼ା ଥାନା ଅନ୍ତର୍ଗତ ପୁରାଣଜିଆବ ସଂରକ୍ଷିତ ଜଙ୍ଗଲ ଅଧୀନସ୍ଥ ବୁଢ଼ାଗୁଡ଼ା ଅଞ୍ଚଳରେ ଏନ୍‌କାଉଣ୍ଟର ଘଟିଛି। ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଯୋଗୁଁ ଦୁଇ ଜଣ ମାଓବାଦୀ ନିହତ ହୋଇଛନ୍ତି। ନିହତ ୨ ମାଓବାଦୀ ହେଲେ ମଙ୍କୁ ଏବଂ ଚନ୍ଦନ। କନ୍ଧମାଳ ଜିଲ୍ଲାରେ ସକ୍ରିୟ ଥିବା ମାଓବାଦୀ ଗ୍ରୁପର ମଙ୍କୁ ଏସିଏମ କ୍ୟାଡରର ହୋଇଥିବାବେଳେ ଚନ୍ଦନ ପାର୍ଟି ସଦସ୍ୟ ବୋଲି ପୁଲିସ ସୂଚନା ଦେଇଛି। ଘଟଣାସ୍ଥଳରୁ ଗୋଟିଏ ରାଇଫଲ, ରିଭଲଭର, ଗୁଳି, ୱାକି ଟକି, ବ୍ୟାଟେରୀ ଏବଂ ଅନ୍ୟାନ୍ୟ ମାଓ ସାମଗ୍ରୀ ଜବତ ପୁଲିସ ଜବତ କରିଛି। ସମ୍ପୃକ୍ତ ଅଞ୍ଚଳରେ ବ୍ୟାପକ ତଲାସୀ ଅଭିଯାନ ଜାରି ରହିଛି। ପ୍ରକାଶ ଯେ ବାଲିଗୁଡ଼ା ଥାନା ଅନ୍ତର୍ଗତ ପୁରାଣଜିଆବ ସଂରକ୍ଷିତ ଜଙ୍ଗଲ ନିକଟରେ କିଛି ମାଓବାଦୀ ଲୁଚି ରହିଥିବା କଥା ଜିଲ୍ଲା ପୁଲିସ ଗୁପ୍ତ ସୂଚନା ପାଇଥିଲା। ଏହି ସୂଚନାକୁ ଆଧାର କରି କନ୍ଧମାଳ ଏସ୍‌ପି ହରିଶ ବିସିଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାରେ କାର୍ଯ୍ୟରତ ଡିଭିଏଫ୍ ଯବାନଙ୍କର ଏକ ଟିମ୍ ସମ୍ପୃକ୍ତ ଅଞ୍ଚଳରେ ମାଓ ଦମନ ଅଭିଯାନ ଆରମ୍ଭ କରିଥିଲେ। ସୋମବାର ଦିନ ୧୨ଟା ସମୟରେ ଡିଭିଏଫ୍ ଯବାନ ଏବଂ ମାଓବାଦୀଙ୍କ ମଧ୍ୟରେ ପ୍ରବଳ ଗୁଳି ବିନିମୟ ହୋଇଥିଲା। ଏଥିରେ ଦୁର୍ଦ୍ଧାନ୍ତ ମାଓ କ୍ୟାଡର ମଙ୍କୁ ଓ ଚନ୍ଦନଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ଉଭୟ ମୃତ ମାଓବାଦୀଙ୍କ ମୃତଦେହକୁ ଜବତ କରିବା ▶▶ ୫

## ଏସ୍‌ପି ଓ ଜିଲ୍ଲାପାଳଙ୍କୁ ଜବାବ ତଲବ





**ରଥଯାତ୍ରା ଟ୍ରାଜେଡି**

**କଟକ,୩୦।୬/ଏନ୍‌ଏନ୍‌ଏସ୍:** ପୁରୀ ଶରଧାବାଲି ଅଘଟଣକୁ ନେଇ ମାନବାଧିକାର କମିଶନରେ ରୁଜୁ ଆବେଦନର ଶୁଣାଣି କରି ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆରସି) ପୁରୀ ଏସ୍‌ପି ଓ ଜିଲ୍ଲାପାଳଙ୍କୁ ଜବାବ ତଲବ କରିଛନ୍ତି। ଆବେଦନକାରୀ ଆଇନଜୀବୀ ନିଶିକାନ୍ତ ମିଶ୍ରଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି କମିଶନ ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାରୀ ଓ ସଦସ୍ୟ ଅସୀମ୍ ଅମିତାଭ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ଆଦେଶ ଦେଇଛନ୍ତି। କମିଶନ ଏହାର ଶୁଣାଣି କରି ଆହତଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଛନ୍ତି। ସେହିପରିଭାବେ ବାକି ରଥଯାତ୍ରାରେ କିପରି ଏଭଳି ଘଟଣାର ପୁନରାବୃତ୍ତି ନହେବ ସେଥିପ୍ରତି ଧ୍ୟାନ ଦେବା ସହ ସଜାଗ ରହିବାକୁ କମିଶନ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତ। ସୂଚନାଯୋଗ୍ୟ, ଶରଧାବାଲିରେ ରବିବାର ପ୍ରତ୍ୟୁଷରୁ ଦିଅଁ ଦର୍ଶନବେଳେ ଠେଲାପେଲା ଯୋଗୁ ଦଳାଚକଟାରେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ର ବାସନ୍ତୀ ସାହୁ, ବାଲିପାଟଣାର ପ୍ରେମକାନ୍ତ ମହାନ୍ତି ଏବଂ ପ୍ରଭାତୀ ଦାସଙ୍କ ପ୍ରାଣହାନୀ ଘଟିଛି। ସେହିପରି ଏହି ▶▶ ୫

## ଆଡ଼ପ ଦର୍ଶନରେ ଭକ୍ତ ବିଭୋର

### ବାହାରିଲା ପ୍ରଥମ ଆଡ଼ପ ଅବଡ଼ା



**ପୁରୀ,୩୦।୬/ଏନ୍‌ଏନ୍‌ଏସ୍:**

ବାହାରିଲା ପ୍ରଥମ ଦିନର ଆଡ଼ପ ଅବଡ଼ା। ସୋମବାର ମହାପ୍ରଭୁଙ୍କୁ ଆଡ଼ପ ମଣ୍ଡପରେ ଦର୍ଶନ କରିବା ସହ ଆଡ଼ପ ଅବଡ଼ା ପାଇ ଭକ୍ତମାନେ ଆନନ୍ଦରେ ବିଭୋର ହୋଇପଡ଼ିଛନ୍ତି। ରତ୍ନବେଦୀରୁ ବାହାରି ଜନ୍ମବେଦୀରେ ବିରାଜିଛନ୍ତି ଚତୁର୍ଦ୍ଧା ମୂରତୀ। ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରିବାର ସୌଭାଗ୍ୟ ପାଇଛନ୍ତି ଭକ୍ତ। କେବଳ ମହାପ୍ରଭୁଙ୍କୁ ଅତିପାଖରୁ ଦର୍ଶନ କରିନାହାନ୍ତି ବରଂ ଆଡ଼ପ ଅଭଡ଼ା ବି ସେବନ କରିଛନ୍ତି ଭକ୍ତ। ଏଥିସହ ଆଜିଠାରୁ ୬ ଦିନ ଧରି ଶ୍ରୀଗୁଣ୍ଡିଚା ମନ୍ଦିରରେ ମିଳିବ ଆଡ଼ପ ଅବଡ଼ା। ଗତକାଲି ରାତିରୁ ରୋଷ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଗତକାଲି ଗୋଟି ପହଣ୍ଡିରେ ଚତୁର୍ଦ୍ଧା ମୂରତୀ ଆଡ଼ପମଣ୍ଡପରେ ପହଞ୍ଚି ଥିଲେ। ଆଜି ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ସହ ଆଡ଼ପ ଅବଡ଼ା ପାଇ ଭକ୍ତମାନେ କୋଟି ଜନ୍ମର ପୁଣ୍ୟ ଅର୍ଜନ କରିଥିବା କହିଛନ୍ତି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଗୁଣ୍ଡିଚା ମନ୍ଦିର ଗର୍ଭଗୃହରେ ଏସିର ବ୍ୟବସ୍ଥା ହୋଇଛି। ସେହିପରି ଜଗମୋହନ ଭିତରେ କାଠରେ ଖେଳ ପଡିଆ ଗ୍ୟାଲେରୀ ଭଳି ପାହାଚ ପାହାଚ ହୋଇ ରାମ୍ପ ନିର୍ମାଣ କରାଯାଇଛି। ଫଳରେ ପଛରେ ଛିଡ଼ା ହୋଇଥିବା ଶ୍ରଦ୍ଧାଳୁ ପୂର୍ଣ୍ଣ ଦର୍ଶନ ପାଇପାରୁଛନ୍ତି। ରାମ୍ପ ହୋଇଥିବାରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିବାରେ ଶ୍ରଦ୍ଧାଳୁଙ୍କର ଆଉ ଅସୁବିଧା ହେଉନାହିଁ। ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଲମ୍ବା ବ୍ୟାରିକେଡ଼ରେ ଅପେକ୍ଷା କରି ଶୃଙ୍ଖଳାର ସହ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରି ନାକଚଣା ଦ୍ୱାର ଦେଇ ପ୍ରସ୍ଥାନ କରୁଛନ୍ତି। ▶▶ ୫

**ବିଏମ୍‌ସି ଅଫିସରେ ଅମାନବୀୟ କାଣ୍ଡ**

# ଅତିରିକ୍ତ କମିଶନରଙ୍କୁ ବିଧା, ଗୋଇଠା

**ଭୁବନେଶ୍ୱର,୩୦।୬/ଏନ୍‌ଏନ୍‌ଏସ୍:**

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) କାର୍ଯ୍ୟାଳୟରେ ଗୁଣ୍ଡାଗିରି। ଅଫିସ ଭିତରେ ପଶି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ। ମାଡ଼ ଓ ଦୁର୍ବ୍ୟବହାରର ଶିକାର ହୋଇଛନ୍ତି ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁ। ସୋମବାର ଅଭିଯୋଗ ଶୁଣାଣି ଚାଲିଥିବାବେଳେ କିଛି ଦୁର୍ବୃତ୍ତ ଜୋର ଜବରଦସ୍ତ ଧଶେଇ ପଶି ଅଧିକାରୀଙ୍କୁ ବିଧା ଓ ଗୋଇଠା ମାରିଛନ୍ତି। ବିଏମ୍‌ସି କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

### ଜନପଥରେ ବିକ୍ଷୋଭ, ଟ୍ରାଫିକ୍ ଜାମ୍
### କର୍ପୋରେଟରଙ୍କ ସମେତ ୩ ଗିରଫ
### କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



ଚାଲିଥିବାବେଳେ ଏପରି ଆକ୍ରମଣର ଶିକାର ହୋଇଛନ୍ତି ଅତିରିକ୍ତ କମିଶନର ଶ୍ରୀ ସାହୁ। ଯାହାର ଭିଡିଓ ବି ଭାଇରାଲ୍ ହୋଇଛି। ତେବେ ଶ୍ରୀ ସାହୁଙ୍କୁ ଆକ୍ରମଣ ଘଟଣାରେ ଖାରବେଳ ନଗର ପୁଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ୨୯ ନଂ ୱାର୍ଡ କର୍ପୋରେଟର ଜୀବନ ରାଉତ ଏବଂ ତାଙ୍କ ସମର୍ଥକ ରଶ୍ମି ମହାପାତ୍ର ଓ ଦେବାଶିଷ ପ୍ରଧାନ। ତେବେ ଏହାପଛରେ ଥିବା ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ ଦାବିରେ ସୋମବାର ସନ୍ଧ୍ୟାରେ ବିଜେଡି ପକ୍ଷରୁ ଜନପଥରେ ରାସ୍ତାରୋକ କରାଯାଇଥିଲା। ପୁଲିସ ସହ ଧସ୍ତାଧସ୍ତି ପରେ ବିଜେଡି କର୍ମୀମାନଙ୍କୁ ପୁଲିସ ସେଠାରୁ ଉଠାଇ ନେବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

ପ୍ରକାଶ ଯେ ଆଜି ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ସମୟରେ ଅତିରିକ୍ତ କମିଶନର ଶ୍ରୀ ସାହୁ ନିଜ କାର୍ଯ୍ୟାଳୟରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରୁଥିବାବେଳେ ୬ରୁ ୭ଜଣ ଲୋକ ତାଙ୍କୁ ଆକ୍ରମଣ କରିଥିଲେ। ଏପରିକି ତାଙ୍କୁ ଘୋଷାଡ଼ି ନେଇ ମୁହଁକୁ ଗୋଇଠା ମାରିବା ସହ ଅମାନବୀୟ ଢଙ୍ଗରେ ମାଡ଼-ଗାଳି ସହ ମରଣାନ୍ତକ ଆକ୍ରମଣ ଥିଲେ। ତାଙ୍କୁ ସେଠାରୁ ଜବରଦସ୍ତି ଏକ ଗାଡ଼ି ପାଖକୁ ଟାଣି ଟାଣି ନେଇଥିଲେ।

ଏନେଇ ବିଏମସି ଅତିରିକ୍ତ କମିଶନର ଶ୍ରୀ ସାହୁ ଖାରବେଳ ନଗର ଥାନାରେ ଅଭିଯୋଗ କରିଥିବାବେଳେ ବିଏମସିର କର୍ମଚାରୀମାନେ ଏହି ଆକ୍ରମଣର ପ୍ରତିବାଦରେ ଧାରଣାରେ ବସିଥିଲେ। ପରେ ବିଜେଡିର କର୍ମୀ ଓ କର୍ପୋରେଟରମାନେ ସନ୍ଧ୍ୟାରେ ପହଞ୍ଚି ଜନପଥରେ ରାସ୍ତାରୋକ ଆନ୍ଦୋଳନ କରିଥିଲେ। ଅଭିଯୁକ୍ତମାନଙ୍କୁ ଗିରଫ ସହ ଏହାପଛରେ ଥିବା ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ ନିମନ୍ତେ ଦାବି କରିଥିଲେ। ଆନ୍ଦୋଳନ ଫଳରେ ଟ୍ରାଫିକ ଜାମ ଯୋଗୁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଆନ୍ଦୋଳନକାରୀଙ୍କୁ ରାସ୍ତାରୁ ହଟାଇବା ପାଇଁ ପୁଲିସ ପ୍ରୟାସ କରିଥିବାବେଳେ ବିଜେଡି କର୍ମୀ ଓ ପୁଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଆନ୍ଦୋଳନକାରୀଙ୍କୁ ସମର୍ଥନ ଦେବା ପାଇଁ ବିଜେଡିର ବରିଷ୍ଠ ନେତା ଅଶୋକ ଚନ୍ଦ୍ର ପଣ୍ଡା, ଅରୁଣ ସାହୁ, ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାସବର୍ମା ଓ ଅନନ୍ତ ନାରାୟଣ ଜେନାଙ୍କ ସମେତ ମେୟର ସୁଲୋଚନା ଦାସ ଓ ଅନ୍ୟମାନେ ସେଠାରେ ଉପସ୍ଥିତ ଥିଲେ। ପୁଲିସ ସେମାନଙ୍କୁ ଧାରଣାସ୍ଥଳରୁ ବଳପୂର୍ବକ ଉଠାଇ ନେବାପରେ ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହି ଘଟଣାରେ ପୁଲିସ ଏପର୍ଯ୍ୟନ୍ତ ୩ଜଣଙ୍କୁ ଗିରଫ କରିଛି। ୨୯ ନମ୍ବର ୱାର୍ଡ କର୍ପୋରେଟର ଜୀବନ ରାଉତଙ୍କ ସମେତ ରଶ୍ମୀ ମହାପାତ୍ର ଓ ଦେବାଶୀଷ ପ୍ରଧାନଙ୍କୁ ପୁଲିସ ଗିରଫ କରିଛି। ତେବେ ଆକ୍ରମଣ ପଛର କାରଣ ଖବର ଲେଖାସୁଦ୍ଧା କିଛି ଜଣାପଡ଼ିନଥିବା ଜଣାଯାଇଛି।

ଅନ୍ୟପକ୍ଷରେ ଏହି ଘଟଣାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିନ୍ଦା କରିବା ସହ ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ କହିଥିବା ନେଇ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ସୂଚନା ଦେଇଛନ୍ତି। ଜଣେ ବରିଷ୍ଠ ଅଧିକାରୀ ତାଙ୍କ କାର୍ଯ୍ୟାଳୟରେ ନିରାପଦ ନଥିବାବେଳେ ରାଜ୍ୟରେ ସାଧାରଣ ଲୋକେ ସରକାରଙ୍କଠୁ କିଭଳି ଆଇନଶୃଙ୍ଖଳା ଆଶା କରିବେ ବୋଲି କହିଛନ୍ତି । ସରକାରଙ୍କ ପ୍ରତି ଆସ୍ଥା ରକ୍ଷା ନିମନ୍ତେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ନବୀନ ଆଶାବ୍ୟକ୍ତ କରିଛନ୍ତି। ସେହିପରି ଭୁବନେଶ୍ୱର ସାଂସଦ ଅପରାଜିତ ଷଡ଼ଙ୍ଗୀ ଏହି ଘଟଣାକୁ କଡ଼ା ନିନ୍ଦା କରିବା ସହ ଆଇନ ତା'ବାଟରେ କାର୍ଯ୍ୟ କରିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଏ ଘଟଣାରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ନିର୍ଦ୍ଦେଶ ଦେଇଥିବା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

**ଭିଜିଲାନ୍ସ ଜାଲରେ ଯୁଗ୍ମ ନିର୍ଦ୍ଦେଶକ**

## କୁବେର ବାବୁଙ୍କ ୮୪ ଏକର ଜମି

- ୫୮.୪୧ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା
- ୩୧୨ ଗ୍ରାମର ସୁନା ଗହଣା ଠାବ
- ୪୬ ଏକର ଜମିରେ ୨ ଫାର୍ମ ହାଉସ୍



**କଟକ,୩୦।୬/ଏନ୍‌ଏନ୍‌ଏସ୍:**

ଭିଜିଲାନ୍ସ ଜାଲରେ ଆଉ ଜଣେ କୁବେର ବାବୁ। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୋମବାର ମୃତ୍ତିକା ସଂରକ୍ଷଣ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଦୟାନିଧି ବାଗଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରିଛି। ଏକକାଳୀନ ଭାବେ ୮ଟି ସ୍ଥାନରେ ଚଢ଼ଉ କରି ବିପୁଳ ପରିମାଣର ଆୟବହିର୍ଭୂତ ସମ୍ପତ୍ତି ଠାବ କରିଛି ଭିଜିଲାନ୍ସ ଟିମ୍। ଭୁବନେଶ୍ୱର କାର୍ଯ୍ୟାଳୟ,କଳାହାଣ୍ଡି ଓ ନବରଙ୍ଗପୁରର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି। ତେବେ ସବୁଠାରୁ ବଡ଼ କଥା ହେଲା ବାବୁଙ୍କ ସମ୍ପତ୍ତି ଦେଖି ଭିଜିଲାନ୍ସ ପୁରା ଟେରା। ଜମି ପ୍ରିୟ ଏହି କୁବେର ବାବୁଙ୍କ ନାମରେ ୮୪ ଏକର ଜମି ରହିଥିବା ଜଣାଯାଇଛି।

ମୃତ୍ତିକା ସଂରକ୍ଷଣ ଏବଂ ଜଳଛାୟା ବିକାଶର ଯୁଗ୍ମ ନିର୍ଦ୍ଦେଶକ ଥିବା ବେଳେ ଦୟାନିଧିଙ୍କ ବିରୋଧରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଆଜି ପୂର୍ବାହ୍ଣରେ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଅଧୀନ କୁପାଗାଁ ଗ୍ରାମ ସ୍ଥିତ ଶ୍ରୀ ବାଗଙ୍କ ବାସଭବନ, ଧର୍ମଗଡ଼ ଥାନା ଅଧୀନ ବିକ୍ରମଗୁଡ଼ାରେ ତାଙ୍କ ଶ୍ୱଶୁର ଘର, ଭୁବନେଶ୍ୱର ଗୋଠପାଟଣାସ୍ଥିତ ମହାନଦୀ ଆପାର୍ଟମେଣ୍ଟରେ ଫ୍ଲାଟ (ଫ୍ଲାଟ ନଂ. ୧-ଡି), ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ତାଙ୍କ ଏଲଆଇଜି ଘର (ନଂ. ଏଲଆଇଜି ୧୦/୬), ଭୁବନେଶ୍ୱରସ୍ଥିତ ମୃତ୍ତିକା ସଂରକ୍ଷଣ ଓ ଜଳସମ୍ପଦ ବିକାଶ ନିର୍ଦ୍ଦେଶାଳୟରେ ବାଗଙ୍କ ଅଫିସ ଚାମ୍ବର, ନବରଙ୍ଗପୁର ଜିଲ୍ଲା ମାଝିଗୁଡ଼ା ଛକ ନିକଟ ପଡ଼ାଲଗୁଡ଼ାସ୍ଥିତ ଏକ ନିର୍ମାଣାଧୀନ ବିଲଡିଂ,ନବରଙ୍ଗପୁର ଜିଲ୍ଲା ଚୁଟିଆଗୁଡ଼ା ମୌଜା ନିକଟ ଚୁଟିଆଗୁଡ଼ା ଛକରେ ଶ୍ରୀ ବାଗଙ୍କ ପତ୍ନୀଙ୍କ ନାମରେ ଥିବା ଏକ ବିଲଡିଂ, ନବରଙ୍ଗପୁର ଜିଲ୍ଲା ଚୁଟିଆଗୁଡ଼ା ମୌଜା ନିକଟ ଚୁଟିଆଗୁଡ଼ା ▶▶ ୫


**ଭିତର ପୃଷ୍ଠାରେ...**

- ଭାରତକୁ ମିଳିବ ବଙ୍କର ବଷ୍ଟର କ୍ଷେପଣାସ୍ତ୍ର
- ଆଜିଠୁ ଲାଗୁହେବ ପରିବର୍ତ୍ତିତ ଆର୍ଥିକ ନିୟମ
- 'କ୍ୟାପ୍‌ଟେନ୍ କୁଲ୍' ଟ୍ରେଡ୍‌ମାର୍କ ରେଜିଷ୍ଟ୍ରେସନ୍ କଲେ ଧୋନି
- ରେକର୍ଡ଼ ପରିମାଣର ଅଧିକ ରବି ଧାନ ସଂଗ୍ରହ
- ବିଜେପିରୁ ଟି. ରାଜା ସିଂହଙ୍କ ଇସ୍ତଫା


## କେମିକାଲ୍ ପ୍ଲାଣ୍ଟରେ ବିସ୍ଫୋରଣ, ୧୨ ମୃତ

**ହାଇଦ୍ରାବାଦ,୩୦।୬/ଏଜେନ୍ସି:**

ହାଇଦ୍ରାବାଦ୍ ମେଡକ ଜିଲ୍ଲା ଅନ୍ତର୍ଗତ ପଶ୍ଚଞ୍ଚେରୁବୁ ଅଞ୍ଚଳରେ ଥିବା ସିଗାଚି କେମିକାଲ ପ୍ଲାଣ୍ଟରେ ଏକ ବଡଧରଣର ବିସ୍ଫୋରଣ ହୋଇଥିବା ଏବଂ ଏଥିରେ ପ୍ରାୟ ୧୨ଜଣ ପ୍ରାଣ ହରାଇଥିବା ଭଳି ଅତ୍ୟନ୍ତ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ ପ୍ଲାଣ୍ଟରେ ଛିଡା ହୋଇଥିବା ଏକ

- ମୋଦୀ, ଶାହଙ୍କ ଶୋକପ୍ରକାଶ
- ୨ ଲକ୍ଷ ଲେଖାଏ ସହାୟତା ଘୋଷଣା



କେମିକାଲ ଭର୍ତ୍ତି ଏକ ଟ୍ୟାଙ୍କର ହଠାତ୍ ପ୍ରଚଣ୍ଡ ଶବ୍ଦ ସହ ବିସ୍ଫୋରଣ ହୋଇଥିଲା, ଯାହାକି ଭୟାବହ ଅଗ୍ନିକାଣ୍ଡର ରୂପ ନେଇଥିଲା। ବିସ୍ଫୋରଣ ତଥା ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ମିଳିବା ମାତ୍ରେ ଅଗ୍ନିଶମ ବିଭାଗ ପକ୍ଷରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ନିଆଁ ଲିଭା ସହ ଉଦ୍ଧାର କାର୍ଯ୍ୟକୁ ଅଗ୍ନିଶମ କର୍ମଚାରୀଭାବେ ଦାୟିତ୍ୱର ସହ ନିର୍ବାହ କରିଥିଲେ। ତେବେ ପ୍ରାଥମିକ ତଦନ୍ତରୁ ରିଆକ୍ଟରରେ ଯାନ୍ତ୍ରିକ ତ୍ରୁଟି କାରଣରୁ ବିସ୍ଫୋରଣ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ଅନ୍ୟପକ୍ଷେ ଏହି ଘଟଣାରେ ୩୬ ଆହତଙ୍କ ମଧ୍ୟରୁ କେତେକଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ନେଇ ଆଶଙ୍କା କରାଯାଉଛି। ବିସ୍ଫୋରଣ ସମୟରେ ଏହି ପ୍ଲାଣ୍ଟରେ ୬୧ଜଣ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଏଠାରେ ସୁରକ୍ଷା ନିୟମ ▶▶ ୫

## ବନ୍ୟା: ସବୁଠି ଜଳ ହିଁ ଜଳ





**ବାଲେଶ୍ୱର, ଭୁବନେଶ୍ୱର,୩୦।୬/ଏନ୍‌ଏନ୍‌ଏସ୍:**

ଉପର ଓ ତଳ ମୁଣ୍ଡରେ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାରେ ବନ୍ୟା ସୃଷ୍ଟି ହୋଇଛି। ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବୃଦ୍ଧି ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲା ପାଇଁ ବିପତ୍ତି ସୃଷ୍ଟି କରିଛି। ଉଭୟ ଜିଲ୍ଲାରେ ୬ ହଜାରରୁ ଉର୍ଦ୍ଧ୍ୱ ଲୋକ ବିଭିନ୍ନ ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତରିତ ହୋଇଛନ୍ତି। ଆଗକୁ ଆଉ ଏକ ଲଘୁଚାପ ଥିବାରୁ ପରିସ୍ଥିତିକୁ ଜଟିଳ କରିପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ତେବେ ଏଥିପାଇଁ ସରକାର ପ୍ରସ୍ତୁତ ଥିବା କହିଛନ୍ତି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ତିନିଦିନ ହେଲା ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱରେ ପ୍ରବାହିତ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇ ତଳିଆ ଅଞ୍ଚଳରେ ବନ୍ୟା ସୃଷ୍ଟି ହୋଇଛି। ବିଶେଷ କରି ଏଥର ଦୁଇଟି ନଦୀରେ ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ସଦର, ରେମୁଣା, ଜଳେଶ୍ୱର, ଭୋଗରାଇ, ବସ୍ତା ଓ ବାଲିଆପାଳ ଆଦି ବ୍ଲକରେ ଲୋକମାନେ ପ୍ରଭାବିତ ହୋଇଛନ୍ତି । ବିଶେଷ କରି

- ବାଲେଶ୍ୱର ଓ ମୟୂରଭଞ୍ଜରେ ୬ ହଜାରରୁ ଉର୍ଦ୍ଧ୍ୱ ସ୍ଥାନାନ୍ତର
- ଆଗକୁ ଲଘୁଚାପ:ପରିସ୍ଥିତିକୁ କରିପାରେ ଜଟିଳ
- ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ: ମନ୍ତ୍ରୀ
- ପରିସ୍ଥିତି ଉପରେ ନଜର ରଖିଛନ୍ତି ମୁଖ୍ୟମନ୍ତ୍ରୀ
- ଓଡ୍ରାଫ ଏବଂ ଅଗ୍ନିଶମ ସେବା ସମେତ ରିଲିଫ୍ ଦଳ ପ୍ରସ୍ତୁତ

ଉତ୍ତର ବାଲେଶ୍ୱରରେ ଥିବା ୪ଟି ବ୍ଲକ ଅଧିକ ପ୍ରଭାବିତ ହୋଇଥିବା ବେଳେ ରେମୁଣା ଓ ସଦର ବ୍ଲକରେ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୁବର୍ଣ୍ଣରେଖା ନଦୀରେ ଜଳସ୍ତର ଗତକାଲି ଠାରୁ ଆଜି କମୁଥିବା ବେଳେ ଜଳକା ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ସୁବର୍ଣ୍ଣରେଖା ନଦୀର ବିପଦ ସଙ୍କେତ ୧୦.୩୬ ଥିବା ବେଳେ ଖବର ଲେଖାସୁଦ୍ଧା ୧୧.୫୩ ମିଟରରେ ପ୍ରବାହିତ ହେଉଛି। ସେହିପରି ଜଳକା ନଦୀର ବିପଦ ସଂକେତ ୬.୫୦ ଥିବା ବେଳେ ଖବରଲେଖା ସୁଦ୍ଧା ୬.୭୦ ଉଚ୍ଚରେ ପ୍ରବାହିତ ହେଉଛି। ଅନ୍ୟପଟେ ବୁଢ଼ାବଳଙ୍ଗ ଓ ସୋନ ନଦୀର ଜଳସ୍ତର ବିପଦ ସଙ୍କେତ ତଳେ ରହିଛି। ▶▶ ୫

## ଚାରଣ ଭୂମିରେ ବଢୁଛି ଜବରଦଖଲ

**ଭୁବନେଶ୍ୱର,୩୦।୬/ଏନ୍‌ଏନ୍‌ଏସ୍:**



ରାଜ୍ୟକୁ ଦୁଗ୍ଧ ଉତ୍ପାଦନରେ ଏକ ନମ୍ବର କରିବାପାଇଁ ସରକାର ଅଣ୍ଟା ଭିଡ଼ିଥିବାବେଳେ ଏଥିପାଇଁ ଆବଶ୍ୟକ ଚାରଣ ଭୂମି କିନ୍ତୁ ଦିନକୁଦିନ ହ୍ରାସ ପାଇବାରେ

### ୭.୮୩ ଲକ୍ଷ ଏକର ଗୋଚର ଜମିରୁ ୫ହଜାର ଜବରଦଖଲ
### ୨୨ଲକ୍ଷ ଏକର ଅନାବାଦୀ ଜମିରୁ ୨୦ହଜାର ଜବରଦଖଲ

ଲାଗିଛି। ଗାଁ ଗହଳିରେ ଯେଉଁସବୁ ଗୋଚର ଓ ଅନାବାଦି ଜମିରେ ଗାଈଗୋରୁ ଘାସ ଚରୁଥିଲେ ତାହା ଏବେ ଧୀରେ ଧୀରେ ଜବରଦଖଲ ହେବାରେ ଲାଗିଛି। ଏଭଳି ଜବରଦଖଲ ଉପରେ ରୋକ୍ ନଲାଗିଲେ ଗାଈ ଗୋରୁଙ୍କ ପାଇଁ ଘାସଟିକେ ମିଳିବ ନାହିଁ ବୋଲି ମତପ୍ରକାଶ ପାଉଛି। ଦୁଗ୍ଧ ଉତ୍ପାଦନର ପ୍ରମୁଖ ଉପାଦନ ହେଉଛି ସବୁଜ ଘାସ। ଗାଈ ଗୋରୁଙ୍କୁ ଯେତେ ପ୍ରକାରର କାରଖାନା ପ୍ରସ୍ତୁତ ଦାନା ଦେଲେ ମଧ୍ୟ ସବୁଜ ଘାସ ଦେବାପାଇଁ ପଶୁବିଜ୍ଞାନୀମାନେ ମତ ଦେଉଛନ୍ତି। ତେବେ ଏଥିପାଇଁ ଗାଈ ଗୋରୁଙ୍କ ଲାଗି ଚାରଣଭୂମି ନିହାତି ଆବଶ୍ୟକ। ଗାଁ ଗହଳରେ ଥିବା ଅନାବାଦି ଓ ଗୋଚର ଜମିଗୁଡିକ ଗାଈଗୋରୁଙ୍କ ଚାରଣ ଭୂମି ଭାବେ ବ୍ୟବହାର ହେଉଥିବାବେଳେ ତାହା ଏବେ ହ୍ରାସ ପାଇପାରେ ଲାଗିଛି। ମିଳିଥିବା ସୂଚନା ଅନୁଯାୟୀ ସମଗ୍ର ରାଜ୍ୟରେ ୭ଲକ୍ଷ ୮୩ ହଜାର ଏକରରୁ ଅଧିକ ଗୋଚର ଜମି ଥିବାବେଳେ ଏଥିରୁ ପ୍ରାୟ ୫ହଜାର ଏକର ଗୋଚର ଜମି ଜବରଦଖଲ ହୋଇଗଲାଣି। ସେହିଭଳି ରାଜ୍ୟରେ ୨୨ଲକ୍ଷ ଏକରରୁ ଅଧିକ ଅନାନାବି ଜମି ଥିବାବେଳେ ଏଥିରୁ ୨୦ହଜାର ଏକରରୁ ଅଧିକ ଜବରଦଖଲରେ। ଏହିସବୁ ଜବରଦଖଲ ସରକାରଙ୍କ ▶▶ ୫

### ବର୍ଷାରେ ଖେଳିବାକୁ ଜିଦ୍ କଲା ପୁଅ

## ଛୁରୀ ଭୁଷି ଜୀବନରୁ ମାରିଦେଲା ବାପା




**ନୂଆଦିଲ୍ଲୀ,୩୦।୬/ଏଜେନ୍ସି:** ରାଜଧାନୀ ଦିଲ୍ଲୀରୁ ଏକ ବଡ଼ ଦୁଃଖଦ ତଥା ଅତ୍ୟନ୍ତ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ଏଠାରେ ଜଣେ ବାପା, ନିଜ ୧୦ ବର୍ଷର ପୁଅକୁ ସାମାନ୍ୟ ଘଟଣା ପାଇଁ ଛୁରୀ ଭୁଷି ହତ୍ୟା କରିଛି। ରିପୋର୍ଟ ଅନୁସାରେ ଶନିବାର ଦିଲ୍ଲୀରେ ହୋଇଥିବା ବର୍ଷା ସମୟରେ ହିଁ ଏହି ଅଘଟଣ ଘଟିଛି। ପିଲାଟି ବର୍ଷାରେ ଖେଳିବାକୁ ଚାହିଁଥିଲା, କିନ୍ତୁ ତା' ବାପା (ଅଭିଯୁକ୍ତ) ତାଙ୍କୁ ବାରମ୍ବାର ମନା କରିଥିଲେ। ଅନ୍ୟପଟେ ପିଲାଟି ମଧ୍ୟ ପିଲାଳିଆମୀ ଢ଼ଙ୍ଗରେ ବର୍ଷାରେ ଖେଳିବାକୁ ନେଇ ଜିଦ୍ କରିଥିଲା। ଏଥିରେ ଏତେମାତ୍ରାରେ ଅଭିଯୁକ୍ତଜଣକ ଏତେମାତ୍ରାରେ ଉତ୍ତ୍ୟକ୍ତ ହୋଇପଡିଥିଲେ ଯେ, ରୋଷେଇ ଘରେ ଥିବା ଛୁରୀରେ ପୁଅକୁ ଭୁଷି ଦେଇଥିଲେ। ଏହାପରେ ଅଭିଯୁକ୍ତଜଣକ ପ୍ରକୃତିସ୍ଥ ହୋଇଥିଲେ ଏବଂ ପୁଅକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ହସ୍ପିଟାଲକୁ ମଧ୍ୟ ନେଇକରି ଯାଇଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ଡାକ୍ତର ପିଲାଟିକୁ ମୃତ ଘୋଷଣା କରିଥିଲେ। ଦେଶର ରାଜଧାନୀରୁ ଆସିଥିବା ଏହି ଘଟଣା ସମସ୍ତ ଦେଶବାସୀଙ୍କୁ ସ୍ତବ୍ଧ କରିଦେଇଛି। ଦିଲ୍ଲୀର ସାଗରପୁର ଅଞ୍ଚଳରେ ଏହି ଘଟଣା ଘଟିଛି।

ଦିଲ୍ଲୀ ପୁଲିସ୍ ଅଭିଯୁକ୍ତ ବାପା ବିରୋଧରେ ହତ୍ୟା ଅପରାଧ ଅନ୍ତର୍ଗତ ମାମଲା ରୁଜୁ କରିବା ସହ ତାଙ୍କୁ ଗିରଫ କରିଛି। ୪୦ ବର୍ଷୀୟ ଅଭିଯୁକ୍ତ ବାପା ଜଣେ ଦିନ ମଜୁରିଆ ବୋଲି ଜଣାପଡିଛି। କିଛି ବର୍ଷ ତଳେ ସ୍ତ୍ରୀଙ୍କ ମୃତ୍ୟୁ ପରେ ୪ ପିଲାଙ୍କୁ ନେଇ ରହୁଥିଲେ। ମୃତ ପୁଅ ତାଙ୍କର ୩ ନମ୍ବର ସନ୍ତାନ ବୋଲି ପୁଲିସ୍ କହିଛି।

## ମୃତ୍ୟୁମୁଖରୁ ବର୍ତ୍ତିଲେ ୬ ମହିଳା

### ଜଳପ୍ରପାତରୁ ଉଦ୍ଧାର କଲେ ଗ୍ରାମବାସୀ



**ଗୟା,୩୦।୬/ଏଜେନ୍ସି:** ବିହାରର ଗୟା ଜିଲ୍ଲାର ଲାଙ୍ଗୁରିଆ ପାହାଡ଼ ଜଳପ୍ରପାତରେ ହଠାତ୍ ପାଣି ଭିତରେ ଖସିପଡ଼ି ଏକ ଭୟାବହ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି ୬ ମହିଳା। ତେବେ ସୌଭାଗ୍ୟବଶତଃ ସେମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ରବିବାର ଘଟିଥିବା ଏହି ଘଟଣାର ଭିଡିଓ କ୍ୟାମେରାରେ କଏଦ ହୋଇଥିଲା ଏବଂ ଏହା ପରେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏମାନେ ଏହି ଜଳପ୍ରପାତ ପାଖକୁ ଯାଇ ଫଟୋ ଉଠାଇବାରେ ବ୍ୟସ୍ତ ଥିବା ବେଳେ ହଠାତ୍ ଜଳର ପ୍ରଖରତା ବଢ଼ିଯାଇଥିଲା। ଫଳରେ ଏମାନେ ଫସିରହିଥିଲେ। ତେବେ ଏମାନେ ଯେତେବେଳେ ସ୍ୱତଃପ୍ରବୃତ୍ତ ଭାବେ ପାର୍ ହେବାକୁ ଚେଷ୍ଟା କରୁଥିଲେ ସେତେବେଳେ ଏମାନେ ଜଳସ୍ରୋତରେ ପଡ଼ିଯାଇଥିଲେ। କିନ୍ତୁ ସୌଭାଗ୍ୟବଶତଃ ଏହି ମହିଳାଙ୍କୁ ସ୍ଥାନୀୟ ଗ୍ରାମବାସୀମାନେ ଉଦ୍ଧାର କରିନେଇଥିଲେ। ଗାଁ ଲୋକେ କହିଛନ୍ତି ଯେ ଲାଙ୍ଗୁରିଆ ଜଳପ୍ରପାତରେ ଏତେ ପ୍ରବଳ ପାଣି ପ୍ରବାହ ହେଉଥିବାର ସେମାନେ ପ୍ରଥମ ଥର ଦେଖୁଛନ୍ତି।

# ଭାରତକୁ ମିଳିବ ବଙ୍କର୍ ବଷ୍ଟର୍

## ଘାତକ କ୍ଷେପଣାସ୍ତ୍ର ଅଗ୍ନି-୫ର ଅପଗ୍ରେଡେଡ୍ ଭର୍ସନ୍



**ନୂଆଦିଲ୍ଲୀ,୩୦।୬/ଏଜେନ୍ସି:** ଇରାନ-ଇସ୍ରାଏଲ୍ ଯୁଦ୍ଧ ମଧ୍ୟରେ ଆମେରିକା ପକ୍ଷରୁ ମାଡ଼ କରାଯାଇଥିବା 'ବଙ୍କର ବଷ୍ଟର' କ୍ଷେପଣାସ୍ତ୍ରକୁ ନେଇ ଏବେ ସାରା ବିଶ୍ୱରେ ଚର୍ଚ୍ଚା ଜୋର ଧରିଛି। ସବୁ ଦେଶ ଏବେ ନିଜ ସାମରିକ କ୍ଷମତାର ପୁନଃମୂଲ୍ୟାୟନ କରିବାରେ ଲାଗିଛନ୍ତି। ଏହି କ୍ଷେପଣାସ୍ତ୍ରର ସାମର୍ଥ୍ୟକୁ ବେଶ୍ ଭଲଭାବେ ବୁଝିବା ପରେ ଭାରତ ମଧ୍ୟ ଏବେ ଏପ୍ରକାର 'ବଙ୍କର ବଷ୍ଟର' କ୍ଷେପଣାସ୍ତ୍ରର ବିକାଶ କରିବାକୁ ଯୋଜନା କରୁଛି। ରିପୋର୍ଟ ଅନୁସାରେ ଭାରତୀୟ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ବର୍ତ୍ତମାନ ଅଗ୍ନି-୫ କ୍ଷେପଣାସ୍ତ୍ର ପ୍ରଣାଳୀର ଏକ ଉନ୍ନତ ସଂସ୍କରଣ ବିକଶିତ କରିବା ପାଇଁ ପ୍ରୟାସକୁ ତୀବ୍ର କରୁଛି। ସିଧାସଳଖ କହିଲେ ଭାରତ ଏବେ ବିଶାଳ ପାରମ୍ପରିକ ବଙ୍କର-ବଷ୍ଟର ଯୁଦ୍ଧାସ୍ତ୍ର ପରିବହନ କରିବାର ସାମର୍ଥ୍ୟ ହାସଲ କରିବାରେ ଲାଗିପଡ଼ିଛି। ଡିଆରଡିଓ ଏବେ ଦେଶର ସର୍ବାଧିକ ଘାତକ କ୍ଷେପଣାସ୍ତ୍ର ଅଗ୍ନି କ୍ଷେପଣାସ୍ତ୍ରର ଅପଗ୍ରେଡେସନ୍ କରିବା ପୂର୍ବକ ଏହାକୁ ଏକ ବଙ୍କର ବଷ୍ଟର ତଥା ନିର୍ଦ୍ଦେଶ ପାଳନ ପୂର୍ବକ ସଠିକ୍ ଆଟାକର୍ ଭାବେ ବିକଶିତ କରିବ ବୋଲି କୁହାଯାଉଛି।

ସୂତ୍ରରୁ ମିଳିଥିବା ସୂଚନାନୁସାରେ ଅଗ୍ନି-୫ର ନୂତନ ସଂସ୍କରଣ ୭,୫୦୦ କିଲୋଗ୍ରାମର ବଙ୍କର ବଷ୍ଟର ବହନ କରିବ। ଏହି ଯୁଦ୍ଧାସ୍ତ୍ରଗୁଡ଼ିକ ସୁଗଭୀରତାରେ ପୋତାଯାଇଥିବା ଏବଂ ସୁଦୃଢ଼ ଶତ୍ରୁ ଲକ୍ଷ୍ୟସ୍ଥଳକୁ ଭେଦ କରିବା ପାଇଁ ଡିଜାଇନ୍ କରାଯାଇଛି ବୋଲି ରିପୋର୍ଟ କରାଯାଇଛି। ବଙ୍କର ବଷ୍ଟର ପ୍ରାୟତଃ କଂକ୍ରିଟ୍ ଗଠନ ତଳେ ୮୦ ରୁ ୧୦୦ ମିଟର ଗଭୀରତାରେ ପହଞ୍ଚିବା ପରେ ବିସ୍ଫୋରଣ ହୁଏ। ତେବେ ଭାରତ ଯଦି ଏହି ପ୍ରକଳ୍ପରେ ସଫଳ ହୁଏ ତେବେ ଆଗାମୀ ଦିନରେ ଭାରତ, ଆମେରିକା ଭଳି ଏକ ଶକ୍ତିଶାଳୀ ସାମରିକ ରାଷ୍ଟ୍ର ସହ ସମକକ୍ଷ ହେବ। ତେବେ ଭାରତର ରଣନୀତି ଆମେରିକା ମଡେଲ୍ ଠାରୁ ଭିନ୍ନ ରହିଛି। କାରଣ ଏହା ବୋମା ବିସ୍ଫୋରଣକାରୀ ବିମାନର ଆବଶ୍ୟକତାକୁ ସମ୍ପୂର୍ଣ୍ଣ ଭାବରେ ଏଡାଇବ। ଡିଆରଡିଓ ଏକ ବିତରଣ ପଦ୍ଧତି ବିକଶିତ କରୁଛି ଯାହା କ୍ଷେପଣାସ୍ତ୍ର-ଆଧାରିତ ନିୟୋଜନକୁ ସକ୍ଷମ କରିଥାଏ, ଅଧିକ ଗତିଶୀଳତା ଏବଂ ଦ୍ରୁତ କାର୍ଯ୍ୟକ୍ଷମ ପ୍ରସ୍ତୁତିକୁ ଅନୁମତି ଦିଏ। ଏହି ବଙ୍କର ବଷ୍ଟର କ୍ଷେପଣାସ୍ତ୍ରର ଗତି ମାକ୍ ୮ ଏବଂ ମାକ୍ ୨୦ ମଧ୍ୟରେ ହେବ ବୋଲି ଆଶା କରାଯାଉଛି, ଏହାକୁ ଏକ ହାଇପରସୋନିକ୍ ଅସ୍ତ୍ର ଭାବରେ ବର୍ଗୀକୃତ କରାଯାଇଛି, ଯାହାର ଗତି ଆମେରିକୀୟ ସିଷ୍ଟମ ସହିତ ତୁଳନୀୟ, କିନ୍ତୁ ସମ୍ଭାବ୍ୟ ଭାବରେ ଅଧିକ ପେଲୋଡ୍ କ୍ଷମତା ବହନ କରିବ।

ସୂଚନାଯୋଗ୍ୟ, ଡିଆରଡିଓ ଏବେ ଉନ୍ନତ ଅଗ୍ନି-୫ କ୍ଷେପଣାସ୍ତ୍ରର ଦୁଇଟି ଭିନ୍ନ ସଂସ୍କରଣ ଉପରେ କାମ କରୁଛି। ପ୍ରଥମଟି ଏକ ଏୟାରବ୍ରଷ୍ଟ ୱାରହେଡ୍ ସହିତ ଡିଜାଇନ୍ କରାଯାଇଛି, ଯାହା ଭୂମି ଉପରେ ଲକ୍ଷ୍ୟସ୍ଥଳକୁ ଆକ୍ରମଣ କରିବା ପାଇଁ ଉଦ୍ଦିଷ୍ଟ, ନରମ-ପୃଷ୍ଠ କିମ୍ବା କ୍ଷେତ୍ର-ଅସ୍ୱୀକାର କାର୍ଯ୍ୟ ପାଇଁ ଉପଯୁକ୍ତ। ଦ୍ୱିତୀୟ ସଂସ୍କରଣ ହେଉଛି ଏକ ଗଭୀର-ଅନୁଭେଦ କ୍ଷେପଣାସ୍ତ୍ର (ବଙ୍କର ବଷ୍ଟର କ୍ଷେପଣାସ୍ତ୍ର) ଯାହା କଠିନ ଭୂତଳ ବଙ୍କର ଏବଂ କ୍ଷେପଣାସ୍ତ୍ର ସାଇଲୋ ଉପରେ ଆକ୍ରମଣ କରିବା ପାଇଁ ଡିଜାଇନ୍ କରାଯାଇଛି, ଯାହା ଆମେରିକାର ଜିବିୟୁ-୫୭ ପରି, କିନ୍ତୁ ଏହାର ଅଧିକ ଶକ୍ତିଶାଳୀ ପେଲୋଡ୍ ୮ ଟନ୍ ପର୍ଯ୍ୟନ୍ତ ହୋଇପାରେ। ତେବେ ଭାରତର ଏପ୍ରକାର ଯୋଜନା ତଥା ପ୍ରକଳ୍ପକୁ ନେଇ ଶତ୍ରୁ ରାଷ୍ଟ୍ର ଚୀନ୍ ଏବଂ ପାକିସ୍ତାନର ଭୟ ବଢ଼ିଯାଇଛି। ଉଭୟ ଦେଶ ଭାରତର ଏହି ନୂଆ ଯୋଜନାକୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି।

## ଆମେରିକାର ରୋଡ଼ସ ଆଇଲ୍ୟାଣ୍ଡରେ ରଥଯାତ୍ରା



ଯୁକ୍ତରାଷ୍ଟ୍ର ଆମେରିକାର ରୋଡ଼ସ ଆଇଲ୍ୟାଣ୍ଡ ରାଜ୍ୟରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଉତ୍ସବ ମହାସମାରୋହରେ ପାଳନ କରାଯାଇଛି। ଚଳିତବର୍ଷ ଘୋଷ ଯାତ୍ରାରେ ରୋଡ଼ସ ଆଇଲ୍ୟାଣ୍ଡର ଶ୍ରଦ୍ଧାଳୁମାନଙ୍କ ସହିତ ସୁଦୂର ପେନସିଲଭାନିଆ, ନିୟୁଜର୍ସି, କନେକ୍ଟିକଟ ଓ ମାସାଚ୍ୟୁଟ୍ସ ଆଦି ସ୍ଥାନରୁ ବହୁ ସଂଖ୍ୟାରେ ଓଡ଼ିଆ ଓ ଅଣଓଡ଼ିଆ ଭକ୍ତ, ସେମାନଙ୍କର ପରିବାରବର୍ଗ ଓ ବନ୍ଧୁ ପରିଜନଙ୍କ ସହିତ ଆସି ଭାଗ ନେଇଥିବାର ଲକ୍ଷ୍ୟ କରାଯାଇଥିଲା। ମନ୍ତ୍ର ଉଚ୍ଚାରଣ, ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନି ତଥା ଶଙ୍ଖ, ଘଣ୍ଟ, କରତାଳ, ମର୍ଦ୍ଦଳ, ଝାଞ୍ଜ ଓ ମୃଦଙ୍ଗ ବାଜଣାର ଘୋର ଘର୍ଘର ସ୍ୱର ଝଙ୍କାର ଦ୍ୱାରା ଗଗନ ପବନ ପ୍ରକମ୍ପିତ ହେବା ମଧ୍ୟରେ ପ୍ରଭୁ ସୁଦର୍ଶନ, ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଏବଂ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି କରାଯାଇଥିଲା। ମହିଳାମାନେ ଦେବୀ ସୁଭଦ୍ରାଙ୍କୁ ନଚେଇ ନଚେଇ ରଥ ଉପରକୁ ନେଉଥିବାର ଦୃଶ୍ୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ଥିଲା। ନୌସେନାର ଅବସର ପ୍ରାପ୍ତ ଲେଫ୍ଟନାଣ୍ଟ ଅଶୋକ କୁମାର ମହାପାତ୍ର ପାରମ୍ପରିକ ଛେରାପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ। ୱାର୍ଲଡ୍ ଓଡ଼ିଶା ସୋସାଇଟିର ଆନ୍ତର୍ଜାତିକ ସଂଯୋଜକ ଅକ୍ଷୟ ମହାନ୍ତିଙ୍କର ସାମଗ୍ରିକ ତତ୍ତ୍ୱାବଧାନରେ ଏହି ରଥଯାତ୍ରା ଆୟୋଜିତ ହୋଇଥିଲା।

### ପ୍ରଭାବିତ ହେବ ସ୍ୱାଭାବିକ ଜୀବନ

## ଆଜିଠୁ ଲାଗୁହେବ ପରିବର୍ତ୍ତିତ ଆର୍ଥିକ ନିୟମ

**ନୂଆଦିଲ୍ଲୀ,୩୦।୬/ଏଜେନ୍ସି:** ୧ ଜୁଲାଇ ୨୦୨୫ରୁ ଭାରତରେ ଆର୍ଥିକ ଓ ସେବା ସମ୍ବନ୍ଧୀୟ ନିୟମାବଳୀରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହୋଇଛି। ଆୟକର ରିଟର୍ଣ୍ଣ (ଆଇଟିଆର) ଦାଖଲ, କ୍ରେଡ଼ିଟ କାର୍ଡ ବ୍ୟବହାର, ତତ୍କାଳୀନ ଟ୍ରେନ୍ ଟିକେଟ ବୁକିଂ, ଏଟିଏମ୍ ଉଠାଣ ଏବଂ ନୂଆ ପ୍ୟାନ୍ କାର୍ଡ ପାଇଁ ଆଧାର ବାଧ୍ୟତାମୂଳକ ହେବା ଭଳି ନିୟମ ଲାଗୁ ହେବ। ସିଧାଅର୍ଥରେ କହିଲେ କାଲିଠାରୁ ସ୍ୱାଭାବିକ ଜୀବନରେ କେତେକ ପରିବର୍ତ୍ତନ ଦେଖିବାକୁ ମିଳିବ।

କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ (ସିବିଡିଟି) ଅନୁସାରେ, ନୂଆ ପ୍ୟାନ କାର୍ଡ ପାଇଁ ଆଧାର ଯାଞ୍ଚ ବାଧ୍ୟତାମୂଳକ। ବର୍ତ୍ତମାନର ପ୍ୟାନ ଧାରକଙ୍କୁ ୩୧ ଡିସେମ୍ବର ୨୦୨୫ ସୁଦ୍ଧା ଆଧାର ଲିଙ୍କ କରିବାକୁ ପଡ଼ିବ। ଅନ୍ୟଥା ପ୍ୟାନ ନିଷ୍କ୍ରିୟ ହୋଇପାରେ। ସେହିପରି ସିବିଡିଟି ଆଇଟିଆର ଦାଖଲ ଅବଧିକୁ ୩୧ ଜୁଲାଇରୁ ବଢ଼ାଇ ୧୫ ସେପ୍ଟେମ୍ବର କରିଛି, ଯାହା ବେତନଭୋଗୀଙ୍କୁ ୪୬ ଦିନ ଅଧିକ ସମୟ ଦେବ। ତେବେ, ଯେଉଁମାନଙ୍କ କାଗଜପତ୍ର ପ୍ରସ୍ତୁତ, ସେମାନେ ପୂର୍ବ ନିର୍ଦ୍ଧାରିତ ସମୟରେ ଦାଖଲ କରି ୱେବସାଇଟ ସମସ୍ୟା ଏଡ଼ାଇ ପାରିବେ। ତତ୍କାଳ ଟ୍ରେନ ଟିକେଟ ବୁକିଂ ପାଇଁ ମଧ୍ୟ ଆଧାର ଯାଞ୍ଚ ଲାଗୁ ହେବ। ୧୫ ଜୁଲାଇରୁ ଅନଲାଇନ ଓ ଅଫଲାଇନ ବୁକିଂ ପାଇଁ ଦୁଇ-ପର୍ଯ୍ୟାୟ ପ୍ରାମାଣିକରଣ (ଓଟିପି ସହ) ଆବଶ୍ୟକ। ଏହା ସହ ରେଳବାଇ ଟିକେଟ ମୂଲ୍ୟରେ ନାମମାତ୍ର ବୃଦ୍ଧି ହେବ, ଯେଉଁଥିରେ ନନ-ଏସି କୋଚ ପାଇଁ ପ୍ରତି କିଲୋମିଟର ୧ ପଇସା ଓ ଏସି କୋଚ ପାଇଁ ୨ ପଇସା ବୃଦ୍ଧି ହେବ। ଏସବିଆଇ ଏଲିଟ, ମାଇଲସ ଏଲିଟ ଓ ମାଇଲସ ପ୍ରାଇମ ଭଳି ପ୍ରିମିୟମ କାର୍ଡ ବ୍ୟବହାର କରି ବିମାନ ଟିକେଟ କ୍ରୟ ପାଇଁ ଦିଆଯାଉଥିବା ଏୟାର ଆକ୍ସିଡେଣ୍ଟ ଇନସୁରାନ୍ସ ବନ୍ଦ କରୁଛି। ଏହା ସହ ମାସିକ ବିଲର ନୂଆ ନ୍ୟୂନତମ ପରିମାଣ (ଏମଏଡି) ଗଣନା ଆରମ୍ଭ ହେବ। ଏହି ପରିବର୍ତ୍ତନ ଗ୍ରାହକଙ୍କ ଆର୍ଥିକ ଯୋଜନାକୁ ପ୍ରଭାବିତ କରିବ।

## କିଏ ହେବେ ବିଜେପିର ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷ ?

### ଆରଏସ୍ଏସ୍‌କୁ ପସନ୍ଦ ଆସୁନି ଦଳୀୟ ପ୍ରସ୍ତାବ



**ନୂଆଦିଲ୍ଲୀ,୩୦।୬/ଏଜେନ୍ସି:** ବିଜେପିର ବର୍ତ୍ତମାନର ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ବର୍ଦ୍ଧିତ କାର୍ଯ୍ୟକାଳ ଜୁନ୍ ୩୦ ଅର୍ଥାତ୍ ଆଜି ତାରିଖରେ ଶେଷ ହୋଇଛି। ଫଳରେ ବିଜେପି ଏବେ ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷ ଚୟନ ପ୍ରକ୍ରିୟାକୁ ଜୋରଦାର କରିଛି। କିନ୍ତୁ କେତେକ ଅହେତୁକ କାରଣ ହେତୁ ଏହି ପ୍ରକ୍ରିୟା ବିଳମ୍ବିତ ହେଉଛି। କୁହାଯାଉଛି ଯେ, ବିଜେପିର କିଛି କିଛି ଶୀର୍ଷ ନେତୃତ୍ୱଙ୍କ ପକ୍ଷରୁ ପ୍ରସ୍ତାବିତ କରାଯାଇଥିବା କିଛି ନେତାଙ୍କ ନାମକୁ ନେଇ ଆରଏସ୍ଏସ୍ ଆଗ୍ରହ ଦେଖାଉନାହିଁ। ଏହାକୁ ନେଇ ବିଜେପି ଶୀର୍ଷ ନେତୃତ୍ୱ ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍ଏସ୍ଏସ୍) ମଧ୍ୟରେ ଅଚଳାବସ୍ଥା ଲାଗିରହିଛି।

ପ୍ରକାଶ, ନଡ୍ଡାଙ୍କ କାର୍ଯ୍ୟକାଳ ୨୦୨୩ ଜାନୁଆରୀରେ ଶେଷ ହେବାକୁ ଥିବାବେଳେ ୨୦୨୪ ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଏହାକୁ ୨୦୨୪ ଜୁନ୍ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଥିଲା। ପରେ ଏହାକୁ ପୁନର୍ବାର ଏକ ବର୍ଷ ବଢ଼ାଯାଇଥିଲା। ଏହାସତ୍ତ୍ୱେ ଆଜି ପର୍ଯ୍ୟନ୍ତ ବିଜେପିର ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷ ଚୟନ ହୋଇପାରି ନାହିଁ। ୨୦୧୯ରେ ଅମିତ୍ ଶାହ ଦଳ ଅଧ୍ୟକ୍ଷ ଥିବାବେଳେ ଜେପି. ନଡ୍ଡାଙ୍କୁ କାର୍ଯ୍ୟକାରୀ ଅଧ୍ୟକ୍ଷ କରାଯାଇଥିଲା ଏବଂ ୨୦୨୦ ଜାନୁଆରୀରେ ତାଙ୍କୁ ଆନୁଷ୍ଠାନିକ ଭାବେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ପଦୋନ୍ନତି ଦିଆଯାଇଥିଲା। ୨୦୨୪ ଜୁନ୍‌ରେ ମଧ୍ୟ ଅନୁରୂପ ଭାବେ ଜଣଙ୍କୁ କାର୍ଯ୍ୟକାରୀ ଅଧ୍ୟକ୍ଷ କରାଯାଇପାରିଥାନ୍ତା ବୋଲି ଦଳର କେତେଜଣ ନେତା କହିଛନ୍ତି। ଅନ୍ୟପକ୍ଷେ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ କିଏ ହେବା ଉଚିତ୍ ସେନେଇ ଆରଏସ୍ଏସ୍ ନିଜ ମତାମତ ଦେଇସାରିଥିବା ଜଣାପଡିଛି। ସଂଘ ବାଢ଼ିଥିବା ସର୍ତ୍ତ ଅନୁଯାୟୀ, ପରବର୍ତ୍ତୀ ଅଧ୍ୟକ୍ଷ ସାଂଗଠନିକ ଦୃଷ୍ଟିରୁ ସୁଦୃଢ଼ ହୋଇଥିବେ ଏବଂ ନିଯୁକ୍ତି ଜରିଆରେ ରାଜନୈତିକ ବାର୍ତ୍ତା ଦେବାକୁ ପ୍ରାଥମିକତା ଦେଉନଥିବେ। ଏଥିସହିତ ସରକାରରେ ଅଦଳବଦଳ ସମେତ ସାଂଗଠନିକ ପରିବର୍ତ୍ତନ ପାଇଁ ମଧ୍ୟ ଆରଏସ୍ଏସ୍ ଚାହୁଁଛି।

ଆଭ୍ୟନ୍ତରୀଣ ସୂତ୍ରରୁ ମିଳିଥିବା ସୂଚନାନୁସାରେ ଜୁଲାଇ ୪ରେ ଦିଲ୍ଲୀରେ ଆର୍ଏସ୍ଏସ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବାକୁ ଯାଉଛି, ଯେଉଁଥିରେ ଏହାର ମୁଖ୍ୟ ମୋହନ ଭାଗବତ, ସାଧାରଣ ସମ୍ପାଦକ ଦତ୍ତାତ୍ରେୟ ହୋସାବଲେ ଏବଂ ୬ ଜଣ ଯୁଗ୍ମ ସାଧାରଣ ସମ୍ପାଦକ ଯୋଗଦେବେ। ପରବର୍ତ୍ତୀ ଅଧ୍ୟକ୍ଷ ଚୟନ ଚୂଡ଼ାନ୍ତ କରିବା ନେଇ ଏହି ବୈଠକରେ ବିଜେପିର ଶୀର୍ଷ ନେତୃତ୍ୱମାନେ ଆରଏସ୍ଏସ୍ ମୁଖ୍ୟ ନେତୃବୃନ୍ଦଙ୍କ ସହ ଆଲୋଚନା କରିପାରନ୍ତି।

## ବିଜେପିରୁ ଟି.ରାଜା ସିଂହଙ୍କ ଇସ୍ତଫା

**ହାଇଦ୍ରାବାଦ୍,୩୦।୬/ଏଜେନ୍ସି:** ତେଲେଙ୍ଗାନାର କଠୋରପନ୍ଥୀ ନେତା ଏବଂ ଗୋଶାମହଲ ବିଧାୟକ ଟି. ରାଜା ସିଂହ ଆକସ୍ମିକ ଭାବେ ବିଜେପିରୁ ଇସ୍ତଫା ଦେଇଛନ୍ତି। ତେଲେଙ୍ଗାନା ବିଜେପି ନେତୃତ୍ୱ ସହିତ ତାଙ୍କର ଗତ କିଛି ଦିନ ଧରି ବିବାଦ ଚାଲିଥିଲା। ରାଜ୍ୟ ବିଜେପି ସଭାପତି ପଦ ପାଇଁ ଏନ. ରାମଚନ୍ଦ୍ର ରାଓଙ୍କ ନାମ ପ୍ରସ୍ତାବ କରାଯିବା ପ୍ରସଙ୍ଗରେ ବିଜେପି ହାଇକମାଣ୍ଡ ସହମତି ପ୍ରକାଶ କରିବା ପରେ ଟି.ରାଜା ସିଂହ କ୍ଷୁବ୍ଧ ହୋଇପଡିଥିଲେ। କୁହାଯାଉଛି ଯେ ଏଥିରେ କ୍ରୋଧିତ ହୋଇ ସେ ରାଜ୍ୟ ସଭାପତି ଜି. କିଶନ ରେଡ୍ଡୀଙ୍କ ନିକଟକୁ ତାଙ୍କର ଇସ୍ତଫା ପଠାଇଛନ୍ତି। ରାଜା ସିଂହ ଏହି ଇସ୍ତଫାକୁ ଲକ୍ଷ ଲକ୍ଷ କର୍ମୀଙ୍କ ସ୍ୱର ବୋଲି ବର୍ଣ୍ଣନା କରିଛନ୍ତି ଏବଂ କହିଛନ୍ତି ଯେ ଏହି ନିଷ୍ପତ୍ତି ତାଙ୍କ ପାଇଁ ଯନ୍ତ୍ରଣାଦାୟକ, କିନ୍ତୁ ଆବଶ୍ୟକ ଥିଲା।

ରାଜା ସିଂହ ବିଜେପିର ତେଲେଙ୍ଗାନା ରାଜ୍ୟ ସଭାପତି ଜି. କିଶନ ରେଡ୍ଡୀଙ୍କୁ ନିଜ ଇସ୍ତଫା ସହ ଏକ ଚିଠି ମଧ୍ୟ ଲେଖିଛନ୍ତି। ଏହି ଚିଠିରେ ସେ ଲେଖିଛନ୍ତି ଯେ, ଏନ ରାମଚନ୍ଦ୍ର ରାଓଙ୍କ ନିଯୁକ୍ତି ଦଳୀୟ କର୍ମୀ ଏବଂ ନେତାଙ୍କ ମଧ୍ୟରେ ଗଭୀର ନିରାଶା ସୃଷ୍ଟି କରିଛି। ସେ ଅଭିଯୋଗ କରିଛନ୍ତି ଯେ କିଛି ଲୋକ କେନ୍ଦ୍ରୀୟ ନେତୃତ୍ୱକୁ ଭ୍ରମିତ କରି ଏହି ନିଷ୍ପତ୍ତି ନେଇଛନ୍ତି, ଯାହା ଦଳର ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥ ଦ୍ୱାରା ପ୍ରେରିତ। ରାଜା ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ତେଲେଙ୍ଗାନାରେ ବିଜେପି ଏଥର ସରକାର ଗଠନ କରିବାକୁ ଯାଉଛି। କିନ୍ତୁ ଭୁଲ୍ ନେତୃତ୍ୱ ଚୟନ ଯୋଗୁ ଏହି ସୁଯୋଗ ହାତଛଡା ହେବାର ଆଶଙ୍କା ସୃଷ୍ଟି ହୋଇଛି। ରାଜା ସିଂହ ତାଙ୍କର ସାର୍ବଜନୀନ ବିବୃତ୍ତିରେ ସ୍ପଷ୍ଟ କରିଛନ୍ତି ଯେ ବିଜେପି ଛାଡିବା ସତ୍ତ୍ୱେ, ସେ ହିନ୍ଦୁତ୍ୱର ବିଚାରଧାରା ଏବଂ ଗୋଶାମହଲର ଲୋକଙ୍କ ସେବା ପ୍ରତି ପ୍ରତିବଦ୍ଧ ରହିବେ। ରାଜା କହିଛନ୍ତି, 'ମୋର ପଦକ୍ଷେପ ବିଚାରଧାରା ବିରୁଦ୍ଧରେ ନୁହେଁ, ବରଂ ନେତୃତ୍ୱର ନିଷ୍ପତ୍ତି ବିରୁଦ୍ଧରେ। ମୁଁ ହିନ୍ଦୁ ସମ୍ପ୍ରଦାୟ ସହିତ ଦୃଢ଼ ଭାବରେ ଠିଆ ହେବି।' ସେ ଦଳର ବରିଷ୍ଠ ନେତୃତ୍ୱ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଜେପି ନଡ୍ଡା, ଅମିତ ଶାହା ଏବଂ ବିଏଲ ସନ୍ତୋଷଙ୍କୁ ଏହି ପ୍ରସଙ୍ଗ ଉପରେ ପୁନର୍ବିଚାର କରିବାକୁ ମଧ୍ୟ ନିବେଦନ କରିଛନ୍ତି। ପ୍ରକାଶ, ଟି ରାଜା ସିଂହଙ୍କୁ ତେଲେଙ୍ଗାନାର ଜଣେ ଫାୟାରବ୍ରାଣ୍ଡ୍ ନେତାଭାବେ ବିବେଚନା କରାଯାଏ।

### ଯୌତୁକରେ ମିଳିଥିଲା ୮୦୦ ଗ୍ରାମ୍‌ର ସୁନା, ୭୦ ଲକ୍ଷର କାର୍

## ତଥାପି ଦେଉଥିଲେ ଯୌତୁକ ନିର୍ଯାତନା, ଆତ୍ମହତ୍ୟା କଲେ ନବବଧୂ

**ଚେନ୍ନାଇ,୩୦।୬/ଏଜେନ୍ସି:** ଯୌତୁକ ବାବଦରେ ଜ୍ୱାଇଁକୁ ୭୦ ଲକ୍ଷ ଟଙ୍କାର କାର ଦେଲେ। ଲକ୍ଷାଧିକ ଟଙ୍କା ମୂଲ୍ୟର ୧୦୦ଟି ସୋଭେରେନ୍ ସୁନା ବଣ୍ଟ ଦେଲେ। ତା'ବ୍ୟତୀତ ଲକ୍ଷ ଲକ୍ଷ ଟଙ୍କାର ଜିନିଷପତ୍ର ଓ ସୁନା ଅଳଙ୍କାର ବି ଦେଲେ। ୧ କୋଟିରୁ ଅଧିକ ଟଙ୍କାର ଯୌତୁକ ନେଇ ଝିଅ ବାପ ଘରୁ ଶାଶୁ ଘରକୁ ଗଲା। ତା' ପରେ ବି ଝିଅ ଯୌତୁକ ନିର୍ଯାତନାରୁ ବର୍ତ୍ତିଲାନି। ନିର୍ଯାତନା ଅସହ୍ୟ ହେବାରୁ ଶେଷରେ କୀଟନାଶକ ଖାଇ ନବବଧୂ ଜୀବନ ହାରିଲା। ଏଭଳି ଏକ ଘଟଣା ସାମ୍ନାକୁ ଆସିଛି ତାମିଲନାଡୁର ତିରୁପୁର ଅଞ୍ଚଳରୁ। ପୁଲିସ ଏହି ଘଟଣାରେ ନବବଧୂର ଶାଶୁ, ଶ୍ୱଶୁର ଏବଂ ସ୍ୱାମୀକୁ ଗିରଫ କରିଛି। ମୃତ ମହିଳାଜଣକ ମହିଳା ହେଲେ ୨୭ ବର୍ଷୀୟା ରିଧାନ୍ୟା। ତାଙ୍କ ବାପା ଆନ୍ନାଦୁରାଇଙ୍କର ଏକ ବସ୍ତ୍ରାଳୟ ରହିଛି। ରିଧାନ୍ୟା ଗତ ଏପ୍ରିଲରେ ତିରୁପୁର ଜିଲା କଂଗ୍ରେସ ନେତା କ୍ରିଷ୍ଣନଙ୍କ ନାତି କବିନ କୁମାରକୁ ବିବାହ କରିଥିଲେ। ତେବେ ବିବାହର ମାତ୍ର ୧୦ ଦିନ ପରେ ଶାଶୁଘର ଲୋକେ ତାଙ୍କୁ ଅଧିକ ଯୌତୁକ ଆଣିବା ପାଇଁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏ ନେଇ ପୂର୍ବରୁ ସେ ନିଜ ପରିବାରକୁ ଜଣାଇଥିଲେ। କିନ୍ତୁ ନିର୍ଯାତନା କମିନଥିଲା। ଗତ ରବିବାର ରିଧାନ୍ୟା ମନ୍ଦିର ଯିବା ନାଁରେ ଘରୁ ଆସିଥିଲେ। ବାଟରେ ନିଜ ବାପାଙ୍କୁ ଭଏସ୍ ମେସେଜ୍ କରି ଆଉ ନିର୍ଯାତନା ସହିପାରୁନାହାନ୍ତି ବୋଲି ଜଣାଇଥିଲେ। ଏହା ପରେ କ୍ଷେତରେ ପଡୁଥିବା କୀଟନାଶକ ଖାଇଦେଇଥିଲେ। ଯାହାଫଳରେ ତାଙ୍କର ମୃତ୍ୟୁ ହୋଇଛି।

## ମୁଖ୍ୟମନ୍ତ୍ରୀ ପଦରୁ ହଟିବେ ସିଦ୍ଧରମୈୟା !

**ବେଙ୍ଗାଲୁରୁ,୩୦।୬/ଏଜେନ୍ସି:** କର୍ଣ୍ଣାଟକ ରାଜ୍ୟ ରାଜନୀତି ଏବେ ବେଶ୍ ସରଗରମ। ରାଜ୍ୟରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ସମ୍ପର୍କରେ ଆଲୋଚନା ଜୋର୍ ଧରିଛି। ସମ୍ପ୍ରତି ମୁଖ୍ୟମନ୍ତ୍ରୀ ଥିବା ସିଦ୍ଧରମୈୟା ଅନେକ ବିବାଦ ମଧ୍ୟରେ ଛନ୍ଦି ହୋଇପଡିଥିବା ବେଳେ କଂଗ୍ରେସ ଏବେ ତାଙ୍କୁ ହଟାଇ ଅନ୍ୟ କାହାକୁ ମୁଖ୍ୟମନ୍ତ୍ରୀ କରିବାକୁ ଚାହୁଁଛି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖର୍ଗେ ମଧ୍ୟ ସ୍ପଷ୍ଟ ଭାବରେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ନିଷ୍ପତ୍ତି ଦଳର ହାଇକମାଣ୍ଡଙ୍କ ହାତରେ। ସେ ଚେତାବନୀ ଦେଇଛନ୍ତି ଯେ କେହି ଅନାବଶ୍ୟକ ଅସୁବିଧା ସୃଷ୍ଟି କରିବା ଉଚିତ୍ ନୁହେଁ। ଅନ୍ୟପକ୍ଷରେ, ମୈସୁରରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା, ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ସହ ମତଭେଦର ରିପୋର୍ଟକୁ ଖାରଜ କରିଛନ୍ତି ଏବଂ ଦାବି କରିଛନ୍ତି ଯେ ତାଙ୍କ ସରକାର ୫ ବର୍ଷ ପାଇଁ ପଥର ପରି ଦୃଢ଼ ରହିବ। 'ଆମର ସରକାର ସ୍ଥିର, ଏବଂ ବିରୋଧୀଙ୍କ ବକ୍ତବ୍ୟର କୌଣସି ମୂଲ୍ୟ ନାହିଁ।'

**AFFIDAVIT**

By virtue of an affidavit sworn before the Executive Magistrate, Khandapada, I, Bingyanta Pradhan, aged about 20 years, S/o - Biranchi Pradhan, Vill - Sambarabindha, Po- Singhapada, Ps- Khandapada, Dist- Nayagarh, Odisha Affidavit no. 997, dtd. 27.05.2025 do hereby declare that I have changed my name from Digambar Pradhan (Old name) to Bingyanta Pradhan (New name). Henceforth, I shall be known as Bingyanta Pradhan for all future purposes. **Bingyanta Pradhan**

### ବିଜେପିର ଆଭ୍ୟନ୍ତରୀଣ ନିର୍ବାଚନ ପ୍ରକ୍ରିୟା ଆରମ୍ଭ

## ୪ ରାଜ୍ୟରେ ନିଯୁକ୍ତ ହେବେ ନୂଆ ଅଧ୍ୟକ୍ଷ

**ନୂଆଦିଲ୍ଲୀ,୩୦।୬/ଏଜେନ୍ସି:** ବିଜେପି ଏବେ ୪ଟି ରାଜ୍ୟରେ କାହାକୁ ରାଜ୍ୟ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେବ ସେନେଇ ଜୋରସୋରରେ ଅଙ୍କକଷିବାରେ ଲାଗିଛି। ରିପୋର୍ଟ ଅନୁସାରେ ବିଜେପି ଅଧ୍ୟକ୍ଷ ପଦ ପାଇଁ ନାମାଙ୍କନ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି। ଉତ୍ତରାଖଣ୍ଡ, ହିମାଚଳପ୍ରଦେଶ, ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶରେ ବିଜେପି ଏବେ ନୂଆ ଅଧ୍ୟକ୍ଷଙ୍କୁ ଅବସ୍ଥାପିତ କରିବା ସହ ନୂଆ ଦାୟିତ୍ୱ ଦେବାକୁ ଚାହୁଁଛି। ଉତ୍ତରାଖଣ୍ଡରେ, ରାଜ୍ୟସଭା ସାଂସଦ ଥିବା ଏବଂ ବର୍ତ୍ତମାନର ସଭାପତି ମହେନ୍ଦ୍ର ଭଟ୍ଟ ପୁଣିଥରେ ରାଜ୍ୟ ସଭାପତି ପାଇଁ ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ସୂଚନା ମିଳିଛି। ଏପରି ହେଲେ ମହେନ୍ଦ୍ର ଭଟ୍ଟଙ୍କୁ ପୁଣି ଥରେ ରାଜ୍ୟ ସଭାପତି ପଦ ମିଳିବା ନିଶ୍ଚିତ ବୋଲି ଅନୁମାନ କରାଯାଉଛି। ସେହିପରି ହିମାଚଳପ୍ରଦେଶରେ, ବର୍ତ୍ତମାନର ସଭାପତି ରାଜୀବ ବିନ୍ଦଲ ପୁଣି ଥରେ ଅଧ୍ୟକ୍ଷ ହେବାକୁ ଯାଉଛନ୍ତି। ସେ ରାଜ୍ୟ ସଭାପତି ପଦ ପାଇଁ ମଧ୍ୟ ନାମାଙ୍କନ ଦାଖଲ କରିଛନ୍ତି। ଏତଦ୍‌ବ୍ୟତୀତ ତେଲଙ୍ଗାନାରେ ମଧ୍ୟ ବିଜେପି ନିଜକୁ ମଜବୁତ କରିବାକୁ ଚେଷ୍ଟା କରୁଥିବାରୁ ଏଠାରେ ରାମଚନ୍ଦ୍ର ରାଓଙ୍କୁ ରାଜ୍ୟ ଅଧ୍ୟକ୍ଷ କରିବା ଉପରେ ବିଜେପି ଚିନ୍ତା କରୁଛି। ତେବେ ଆନ୍ଧ୍ରପ୍ରଦେଶରେ ଏଠାରେ ବିଜେପି ଏବେ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର ସହଯୋଗୀ ଦଳ ଭାବେ ଥିବାରୁ ବିଜେପି ଏଠାରେ ପିଭିଏନ ମାଧବଙ୍କୁ ସଭାପତି କରିବ ବୋଲି କୁହାଯାଉଛି।

ବିଜେପି ଏବେ ନିଜ ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷ ଚୟନ କରିବାକୁ ଚାହୁଁଛି। ବହୁ ପୂର୍ବରୁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଜେପି ନଡ୍ଡାଙ୍କ କାର୍ଯ୍ୟକାଳ ସମାପ୍ତ ହୋଇସାରିଥିଲେ ମଧ୍ୟ କେବଳ ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ତାଙ୍କ କାର୍ଯ୍ୟକାଳକୁ ଜୁନ୍ ୩୦,୨୦୨୫ ଯାଏ ବୃଦ୍ଧି କରାଯାଇଥିଲା।



ଏବେ କିନ୍ତୁ ବିଜେପି ନୂଆ ଅଧ୍ୟକ୍ଷ ନିଯୁକ୍ତି କରିବାକୁ ଚାହୁଁଛି। ତେବେ ଏହା ପୂର୍ବରୁ, ବିଜେପି ଅତି କମ୍‌ରେ ୧୯ଟି ରାଜ୍ୟରେ ଦଳଗତ ନିର୍ବାଚନ ମାଧ୍ୟମରେ ରାଜ୍ୟ ସଭାପତିଙ୍କୁ ନିଯୁକ୍ତ କରିବାକୁ ଚାହୁଁଛି। ତେବେ ଏପର୍ଯ୍ୟନ୍ତ ୧୪ଟି ରାଜ୍ୟରେ ବିଜେପି ଏହି ପ୍ରକ୍ରିୟା ଶେଷ କରିସାରିଥିବା ବେଳେ ଏବେ ଉତ୍ତରାଖଣ୍ଡ, ହିମାଚଳ, ତେଲେଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶରେ ସ୍ୱାଧୀନ ନିର୍ବାଚନ କରାଇବାକୁ ଯାଉଛି। ସିଧାସଳଖ କହିଲେ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ନିର୍ବାଚନ ପୂର୍ବରୁ, ଦଳ ଚାହୁଁଛି ଯେ ଉତ୍ତରପ୍ରଦେଶ, ଗୁଜରାଟ, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଭଳି ଗୁରୁତ୍ୱପୂର୍ଣ୍ଣ ରାଜ୍ୟରେ ନିର୍ବାଚନ ମାଧ୍ୟମରେ ନୂଆ ସଭାପତି ନିଯୁକ୍ତି ପ୍ରକ୍ରିୟା ଶେଷ ହେବା ଉଚିତ୍।

## 'କୌଣସି ଚାଷୀଙ୍କ ଟୋକନ ଲାପ୍ସ ହେବନି'



**ଭୁବନେଶ୍ୱର,୩୦।୬/ଏନ୍ଏନ୍ଏସ୍:** ଧାନ କିଣା ଅବଧି ସରିଥିଲେ ବି ସମସ୍ତ ଟୋକନରୁ ଧାନ ନେବେ ସରକାର। କିନ୍ତୁ ବାକି ଥିବା ସମସ୍ତ ଚାଷୀଙ୍କୁ ସୋମବାର ସୁଦ୍ଧା ଆଖି ସ୍କାନ କରିବାକୁ ପରାମର୍ଶ ଦେଇଥିଲେ। ଯଦି ଆଖି ସ୍କାନ କରିଥିଲେ, ତେବେ ପରବର୍ତ୍ତୀ ସମୟରେ ବି ଧାନ ନେବେ ସରକାର ବୋଲି ସୂଚନା ଦେଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଅନେକ ଜାଗାରେ ଛତିଶଗଡ଼ ଧାନ ଓଡ଼ିଶାରେ ସିଜ୍ ହୋଇଛି। କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କା ଦେବାରୁ ବାହାରକୁ ଯାଉଥିବା ଧାନ ଓଡ଼ିଶାରେ ରହିଯାଉଛି। ସେଥିପାଇଁ ଧାନ ଅଧିକ ହୋଇଯାଉଛି। ଚଳିତ ବର୍ଷ ପ୍ରାୟ ୧୯ ଲକ୍ଷ ମେଟ୍ରିକ ଟନ ଧାନ ରବିରେ କିଣା ସାରିଲାଣି । ଗତ ବର୍ଷ ୧୨ ଲକ୍ଷ ମେଟ୍ରିକ ଟନ କିଣା ହୋଇଥିଲା। ଏବେ ୭ ଲକ୍ଷ ମେଟ୍ରିନ ଟନ ଧାନ ଅଧିକ କିଣା ହେଲାଣି। ଆଗକୁ ସମସ୍ତଙ୍କର ଧାନ କିଣା ହେବ। କୌଣସି ଜଣେ ଚାଷୀର ବି ଟୋକନ ଲାପ୍ସ ହେବ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

## ବାଷ୍ପିତ୍ର ପ୍ରଚାଳନ ଯନ୍ତ୍ରୀଙ୍କ ପାଇଁ କର୍ମଶାଳା

**ଭୁବନେଶ୍ୱର,୩୦।୬/ଏନ୍ଏନ୍ଏସ୍:** ରାଜ୍ୟର ଶିଳ୍ପ ପ୍ରତିଷ୍ଠାନ ମାନଙ୍କରେ ଅବସ୍ଥାପିତ ବାଷ୍ପୀତ୍ର ପ୍ଲାଣ୍ଟ ଗୁଡ଼ିକର ସୁରକ୍ଷାକୁ ସୁନିଶ୍ଚିତ କରିବା ସହିତ ଚାଳନ ପଦ୍ଧତିକୁ ଅଧିକ ପ୍ରଭାବୀ ଏବଂ ପାରଦର୍ଶୀ କରିବା ଲକ୍ଷ୍ୟରେ କାରଖାନାମାନଙ୍କରେ କାର୍ଯ୍ୟରତ ବାଷ୍ପୀତ୍ର ପ୍ରଚାଳନ ଯନ୍ତ୍ରୀମାନଙ୍କ ପାଇଁ ଆଜି ଏକ କର୍ମଶାଳା ଭୁବନେଶ୍ୱରର ରାଜ୍ୟ ଶ୍ରମ ସଂସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ଣରେ କର୍ମଶାଳାକୁ ମୁଖ୍ୟ ଅତିଥିଭାବେ ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗ ଅତିରିକ୍ତ ଶାସନ ସଚିବ ତଥା କାରଖାନା ଏବଂ ବାଷ୍ପୀତ୍ର ନିର୍ଦ୍ଦେଶକ ଏବଂ ରାଜ୍ୟ ଶ୍ରମ ପ୍ରତିଷ୍ଠାନ ନିର୍ଦ୍ଦେଶକ ନିତି ରଂଜନ ସେନ ଉଦଘାଟନ କରି ଉଦବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କାରଖାନା ଏବଂ ବାଷ୍ପୀତ୍ର ନିର୍ଦ୍ଦେଶାଳୟର ସଦର ମହକୁମା ଠାରେ ଅବସ୍ଥାପିତ ଉପ ନିର୍ଦ୍ଦେଶକ (ସୁରକ୍ଷା) ଡଃ ମଳୟ କୁମାର ପ୍ରଧାନ ଏବଂ ସମ୍ବଲପୁର ମଣ୍ଡଳ ଉପନିର୍ଦ୍ଦେଶକ ସ୍ୱରୂପ ଜେନା ତାଲିମ କର୍ମଶାଳାରେ ଯୋଗ ଦେଇ ଉଦବୋଧନ ଦେଇଥିଲେ। ଅପରାହ୍ଣରେ ସଫଳ ଭାବେ ତାଲିମ ସମାପନ ପରେ ଭାଗ ନେଇଥିବା ୫୫ଜଣ ବାଷ୍ପୀତ୍ର ପ୍ରଚାଳନ ଯନ୍ତ୍ରୀଙ୍କୁ ପ୍ରତିଷ୍ଠାନ ପକ୍ଷରୁ ମୁଖ୍ୟଅତିଥି ଶ୍ରୀ ସେନ୍ଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଜାଇଥିଲା।

## ସାପ କାମୁଡ଼ାରେ ଦୁଇ ମୃତ

**ସୁନ୍ଦରଗଡ଼,୩୦।୬/ଏନ୍ଏନ୍ଏସ୍:** ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ଥାନା ଅନ୍ତର୍ଗତ ନରେନ୍ଦ୍ର ପଞ୍ଚାୟତର ଦୁଇଟି ଗ୍ରାମରେ ଜଣେ ଯୁବକ ଓ ଜଣେ ନାବାଳିକା ସାପ କାମୁଡ଼ାରେ ମୃତ୍ୟୁବରଣ କରିଛନ୍ତି। ପ୍ରକାଶ ଯେ ଗତକାଲି ରାତିରେ କଟୁରୀଧୁଆ ଗ୍ରାମର ଶୁକଦେବ ଓରାମଙ୍କ ନାବାଳିକା ଝିଅ ରଶ୍ମି ଓରାମ (୧୨)ତଳେ ଶୋଇଥିବାବେଳେ କୌଣସି ଏକ ବିଷାକ୍ତ ସାପ ବେକ ପାଖରେ କାମୁଡ଼ି ଦେଇଥିଲା। ପରିବାର ଲୋକ ତାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ନରେନ୍ଦ୍ର ପଞ୍ଚାୟତ ବଡ଼ପଡ଼ା ଗ୍ରାମର ଅଜିତ ଓରାମ (୪୨)ରାତିରେ ଘରୁ ବାହାରକୁ ପରିସ୍ରା କରିବା ପାଇଁ ଯାଇଥିବା ବେଳେ କୌଣସି ଏକ ସାପ ଗୋଡ଼ରେ କାମୁଡ଼ି ଦେବା ପରେ ସେ ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ବଣାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମଧ୍ୟ ମୃତ ଘୋଷଣା କରିଥିଲେ। ବଣାଇଁ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ କରୁଛି।

### ଧାର୍ଯ୍ୟ ଲକ୍ଷ୍ୟଠାରୁ ରେକର୍ଡ଼ ପରିମାଣର ଅଧିକ ରବି ଧାନ ସଂଗ୍ରହ

# ଲକ୍ଷ୍ୟ ୧୪ ଲକ୍ଷ ମେଟ୍ରିକ ଟନ୍, ଏଯାବତ୍ ସଂଗ୍ରହ ୧୯ ଲକ୍ଷ

### ଆଗାମୀ ବର୍ଷ ଠାରୁ ଚାଷୀଙ୍କ ଇ-କେୱାଇସି ଯୋଜନା




**ଭୁବନେଶ୍ୱର,୩୦।୬/ଏନ୍ଏନ୍ଏସ୍:** ରବି ଧାନ ସଂଗ୍ରହ ୨୦୨୪-୨୫ ନେଇ ଉପମୁଖ୍ୟମନ୍ତ୍ରୀକନକ ବର୍ଦ୍ଧନ ସିଂହଦେଓଙ୍କ ଅଧକ୍ଷତାରେ ମନ୍ତ୍ରୀସ୍ତରୀୟ ସମୀକ୍ଷା ବୈଠକ ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ରବି ଧାନ ଫସଲ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ୧୪ ଲକ୍ଷ ମେଟ୍ରିକ ଟନ ରହିଥିବାବେଳେ ଆଜି ସୁଦ୍ଧା ପ୍ରାୟ ୧୯ ଲକ୍ଷ୍ୟ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇସାରିଛି। ଗତ ବର୍ଷ ୧୨ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଥିବାବେଳେ ଚଳିତ ଋତୁରେ ରେକର୍ଡ଼ ପରିମାଣର ଧାନ ସଂଗ୍ରହ ହୋଇଛି । ଓଡ଼ିଶା ଏକମାତ୍ର ରାଜ୍ୟ ଭାବେ ସମୃଦ୍ଧ କୃଷକ ଯୋଜନା ଅଧୀନରେ ଚାଷୀଙ୍କୁ ରବି ଧାନରେ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା (ଏମ୍ଏସପି ଓ ଇନପୁଟ ସହାୟତା ବାବଦରେ) ପ୍ରଦାନ କରୁଛି। ଧାନ କିଣା ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ଏବଂ ଅନ୍ୟ ପଡ଼ୋଶୀ ରାଜ୍ୟରୁ ଆସୁଥିବା ଧାନକୁ ରୋକିବା ପାଇଁ ଆଗାମୀ ବର୍ଷ ଠାରୁ ଚାଷୀଙ୍କ ଇ-କେୱାଇସି ବ୍ୟବସ୍ଥା ଲାଗୁ କରିବା ନିମନ୍ତେ ବୈଠକରେ ବିଚାର ବିମର୍ଶ ହୋଇଥିଲା । ଏହାଦ୍ୱାରା ଆମ ରାଜ୍ୟ ପ୍ରକୃତ ହିତାଧିକାରୀ ଉପକୃତ ହୋଇପାରିବେ। ଏହା ବ୍ୟତୀତ ଆଗାମୀ ସମୟରେ ଧାନ କିଣା ନିମନ୍ତେ ନୂତନ ନୀତି ଆଣିବା ପାଇଁ ସରକାର ବିଚାର କରୁଛନ୍ତି।

ସମ୍ପ୍ରତି ରାଜ୍ୟବାସୀଙ୍କ ନିଜସ୍ୱ ବିନିଯୋଗ ପାଇଁ ୨୭ ଲକ୍ଷ ମେଟ୍ରିକ ଟନର ଚାଉଳ ଆବଶ୍ୟକ ହୋଇଥାଏ। କିନ୍ତୁ ଓଡ଼ିଶାରେ ଚଳିତ ବର୍ଷ ଖରିଫ ଓ ରବି ଧାନକୁ ମିଶାଇ ମୋଟ ୯୩ ଲକ୍ଷ ମେଟ୍ରିକ ଟନ ଧାନ ଉତ୍ପାଦନ ହୋଇଛି। ସେଥିରୁ ହାରାହାରି ୬୩ ଲକ୍ଷ ମେଟ୍ରିକ ଟନ ଚାଉଳ ପ୍ରସ୍ତୁତ ହେବ। ଯାହା ରାଜ୍ୟର ଚାହିଦା ଠାରୁ ଢ଼େର ଅଧିକ। ବଳକା ଚାଉଳର ସୁପରିଚାଳନା ପାଇଁ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଧାନର କଟା ଅଂଶ ଏବଂ ଭଙ୍ଗା ଚାଉଳକୁ ରାଜ୍ୟରେ ଥିବା ଇଥାନଲ ପ୍ଲାଣ୍ଟକୁ ଦିଆଯାଇ ସେଥିରୁ ୨ଜି ଇଥାନଲ ପ୍ରସ୍ତୁତ କରିବା ବ୍ୟବସ୍ଥା କରାଯାଇଛି ।

ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ସମେତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ପ୍ରମୁଖ ଉପସ୍ଥିତ ରହି ବିଭାଗୀୟ ସମୀକ୍ଷା କରିଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ପରିଚାଳନା ନିର୍ଦ୍ଦେଶକ ଯୋଗାଣ ନିଗମ ସୁଦର୍ଶନ ଚକ୍ରବର୍ତ୍ତୀ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ବୈଠକରେ ଯୋଗଦେଇଥିଲେ।

### ଶୀତଳ ଭଣ୍ଡାର ଭିତ୍ତିଭୂମି ସୁଦୃଢ଼ୀକରଣ ସମ୍ପର୍କିତ ବୈଠକ

## କୃଷକଙ୍କୁ ଉଚିତ୍ ମୂଲ୍ୟ ପ୍ରଦାନ ଆମର ପ୍ରାଥମିକତା: ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୩୦।୬/ଏନ୍ଏନ୍ଏସ୍:** କୃଷକଙ୍କୁ ପର୍ଯ୍ୟାପ୍ତ ବଜାର ସୁବିଧା ସହ ଉତ୍ପାଦର ଉଚିତ ମୂଲ୍ୟ ପ୍ରଦାନ, ବଳକା ଶସ୍ୟର ସୁରକ୍ଷା ଆମର ପ୍ରାଥମିକତା। ଏହାକୁ ଧ୍ୟେୟ କରି ରାଜ୍ୟର ପ୍ରତ୍ୟେକ ସବ୍‌ଡିଭିଜନରେ ଶୀତଳ ଭଣ୍ଡାର ନିର୍ମାଣ କରାଯିବା ପ୍ରକ୍ରିୟା ଜାରି ରହିଛି। ଏହା ଆମ ଚାଷୀ ଭାଇଭଉଣୀଙ୍କ ରୋଜଗାରରେ ବୃଦ୍ଧି ସହିତ ରାଜ୍ୟରେ ଦେଖା ଦେଉଥିବା କୃତ୍ରିମ ଅଭାବକୁ ଦୂର କରିବାରେ ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ସୋମବାର ଲୋକସେବା ଭବନରେ ଶୀତଳ ଭଣ୍ଡାର ଭିତ୍ତିଭୂମି ସୁଦୃଢ଼ୀକରଣ ଉପରେ ଅନୁଷ୍ଠିତ ଏକ ବୈଠକରେ ଅଧକ୍ଷତା କରି ଶ୍ରୀ ସିଂହଦେଓ ଏହା କହିଛନ୍ତି।

ଏହାଛଡ଼ା ସେ କହିଛନ୍ତି କୃଷି ଏକ ଅବିରତ ପ୍ରୟାସ। ଏହା ବର୍ଷସାରା ଲୋକଙ୍କୁ ଦାନା ଯୋଗାଇ ଦେବା ସହ ରୋଜଗାରର ସ୍ରୋତ ଯୋଗାଇ ଥାଏ। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ସହ ପ୍ରାକୃତିକ ଖଣିଜ ସମ୍ପଦରେ ପରିପୂର୍ଣ୍ଣ। ଏହାର ସୁଦୀର୍ଘ ବେଳାଭୂମି ଏବଂ ସାମୁଦ୍ରିକ ପରିବହନ ବ୍ୟବସ୍ଥା ମଧ୍ୟ ସୁଦୃଢ଼ ହେଉଛି। ପୂର୍ବରୁ ଖାଦ୍ୟ ନିଅଣ୍ଟିଆ ରାଜ୍ୟ ଓଡ଼ିଶା ବର୍ତ୍ତମାନ ଖାଦ୍ୟ ବଳକା ରାଜ୍ୟରେ ପରିଣତ ହୋଇଛି। ବର୍ତ୍ତମାନ ଏହାର ଫଳ, ପନିପରିବା ଏବଂ ଖାଦ୍ୟଶସ୍ୟ ବିଦେଶକୁ ରପ୍ତାନି ମଧ୍ୟ ହେଲାଣି। ବିଦେଶରେ ଓଡ଼ିଶାର ସୁବାସିତ ଚାଉଳ ଓ ପନିପରିବାର ଚାହିଦା ମଧ୍ୟ ଧୀରେ ଧୀରେ ବଢ଼ିବାରେ ଲାଗିଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ଏହି ଅବସରରେ ରାଜ୍ୟରେ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ଏକ କମ୍ପାନୀ ତରଫରୁ ପ୍ରସ୍ତାବ ମଧ୍ୟ ଉପସ୍ଥାପନ ହୋଇଥିଲା । ବୈଠକରେ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

### ପୁରୀ ଶରଧାବାଲିରେ ଦଳଚକଟା ଘଟଣାରେ ବିଜେଡିର ଦାବି


## 'ଦାୟୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ'



**ଭୁବନେଶ୍ୱର,୩୦।୬/ଏନ୍ଏନ୍ଏସ୍:** ଚଳିତବର୍ଷ ତ୍ରୁଟିଶୂନ୍ୟ ଓ ସ୍ମରଣୀୟ ରଥଯାତ୍ରା ହେବ ବୋଲି ସରକାର ବାରମ୍ବାର ଦାବି କରି ଆସୁଥିଲେ। କିନ୍ତୁ ଅବ୍ୟବସ୍ଥା ଓ ମହାବିଭ୍ରାଟ ଯୋଗୁଁ ୩ ଜଣ ଭକ୍ତଙ୍କ ଜୀବନ ଗଲା। ଏଥିପାଇଁ ଯେଉଁମାନେ ଦାୟୀ ସରକାର ସେମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ବିଜୁ ଜନତା ଦଳ ଦାବି କରିଛି। ସୋମବାର ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି ଯେ ଗତକାଲି ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ମହାପ୍ରଭୁ ଜଗନ୍ନାଥଙ୍କ ପହଡ଼ ଖୋଲିବା ସମୟରେ ଦଳାଚକଟାରେ ଯେଉଁଳି ୩ ଭକ୍ତଙ୍କ ପ୍ରାଣ ଗଲା ଓ ୫୦ରୁ ଊର୍ଦ୍ଧ୍ୱ ଆହତ ହେଲେ,ଏଥିପାଇଁ ସରକାର ସମ୍ପୂର୍ଣ୍ଣ ରୂପେ ଦାୟୀ ଅଟନ୍ତି। ପୁଲିସ୍ ବ୍ୟବସ୍ଥା ଅନୁଯାୟୀ ଘଟଣା ଘଟିଥିବା ସମୟରେ ସେଠାରେ ୨୨ ପ୍ଲାଟୁନ ପୋଲିସ୍ ଫୋର୍ସ ରହିବା କଥା । ମାତ୍ର ବଡ଼ ଦୁଃଖର କଥା ସେଠାରେ କେହି ପୁଲିସ୍ ଉପସ୍ଥିତ ନଥିଲେ, ଭିଡ଼ ଯୋଗୁଁ ଲୋକମାନେ ଜୀବନ ବିକଳରେ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ଏହି ସମ୍ବେଦନଶୀଳ ଘଟଣା ଉପରେ ଧର୍ମକୁ ଆଖିଠାର ସଦୃଶ୍ୟ ସରକାର ତରବରିଆ ଭାବେ ଜିଲ୍ଲାପାଳ ଓ ଏସ୍ପିଙ୍କୁ ବଦଳି କରି ନିଜ ମୁଣ୍ଡରୁ ଦୋଷ ଛଡ଼ାଇବା ପାଇଁ ଚେଷ୍ଟା କରିଛନ୍ତି ।

ଡ଼ ମହାନ୍ତି ଆହୁରି କହିଥିଲେ ଯେ ଯେଉଁ ଅଭିଜ୍ଞ ଅଫିସରମାନଙ୍କୁ ଘଟଣା ଘଟିବା ପରେ ଦାୟିତ୍ୱରେ ପଠାଗଲା, ସେମାନଙ୍କୁ ଆଗରୁ କାହିଁକି ଦାୟିତ୍ୱ ଦିଆଯାଇ ନଥିଲା ? ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ତଥା ପୂର୍ବତନ ପୁଲିସ୍ ମହାନିର୍ଦ୍ଦେଶକ ପ୍ରକାଶ ମିଶ୍ର ଯେଉଁଳି ଭାବରେ ଗଣମାଧ୍ୟମ ଆଗରେ ନିଜର ପାରିବା ପଣିଆକୁ ଦେଖାଇବା ପାଇଁ ଚେଷ୍ଟା କରୁଛନ୍ତି, ଯଦି ଏହିଭଳି ତତ୍ପରତା ପୂର୍ବରୁ ଦେଖାଇଥାନ୍ତେ, ତାହେଲେ ଆଜି ନିରୀହ ୩ଟି ମୂଲ୍ୟବାନ ଜୀବନ ଯାଇନଥାନ୍ତା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଣମାଧ୍ୟମରେ ଯେଉଁଭଳି ଭାବରେ ପୁଲିସ୍ ପ୍ରଶାସନକୁ ପ୍ରଶଂସାରେ ପୋତି ପକାଉଥିଲେ, ଆଜି କ'ଣ ପାଇଁ ସେ ମୁହଁ ଖୋଲୁନାହାନ୍ତି ? ଏଆଇ କ୍ୟାମେରା ଓ ମାଳ ମାଳ ସିସିଟିଭି ରଥଯାତ୍ରାକୁ ନିରୀକ୍ଷଣ କରୁଥିବାର ବଡ଼ ବଡ଼ କଥା କହୁଥିବା ସରକାରର ମୁଖା ଖୋଲିଦେଇଛି। ଯଦି ଏତେ ବ୍ୟବସ୍ଥା ଥିଲା, ତାହେଲେ ଏଭଳି ଅଘଟଣ ଘଟିଲା କେମିତି ? ଆଗାମୀ ଦିନରେ ରଥଯାତ୍ରା ସମୟରେ ପୁରୀକୁ ଆସୁଥିବା ସମସ୍ତ ଭକ୍ତଙ୍କ ପାଇଁ ସରକାର ଇନସ୍ୟୁରାନ୍ସ କଭରେଜ୍ କରନ୍ତୁ। ଏହି ଘଟଣା ପାଇଁ ରଥଯାତ୍ରା ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଇସ୍ତଫା ଦିଅନ୍ତୁ ବୋଲି ଡ଼ ମହାନ୍ତି କହିଛନ୍ତି।

## ଟମାଟୋ ସସ୍ ପ୍ରସ୍ତୁତି କମ୍ପାନୀ ଉପରେ ଚଢ଼ଉ



**ବ୍ରହ୍ମପୁର,୩୦।୬/ଏନ୍ଏନ୍ଏସ୍:** ବ୍ରହ୍ମପୁର ସହରରେ ଅପମିଶ୍ରିତ ବିଭିନ୍ନ ଖାଦ୍ୟ ସାମଗ୍ରୀ ବିକ୍ରି ହେଉଥିବା ନେଇ ବାରମ୍ବାର ଅଭିଯୋଗ ପରେ ଆକ୍ସନ୍ ମୁଡ୍‌କୁ ଆସିଛି ଖାଦ୍ୟ ସୁରକ୍ଷା ବିଭାଗ। ସହରର କେତେକ ସ୍ଥାନରେ ଆଜି ମହାନଗର ନିଗମର ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ପକ୍ଷରୁ ଚଢଉ ହୋଇଥିବା ସୂଚନା ମିଳିଛି। ବଡ଼ ବଜାର ଥାନା ପିଚପିଚାନଗର ଏକ ଘରେ ଚାଲିଥିବା ଟାମୋଟ ସସ୍ ପ୍ରସ୍ତୁତି କମ୍ପାନୀ ଉପରେ ପୁଲିସ୍ ଓ ଖାଦ୍ୟ ନିରାପତ୍ତା ଟିମ୍ ପକ୍ଷରୁ ଚଢଉ ହୋଇଛି। ଦୀର୍ଘ ୧୦ ବର୍ଷ ଧରି ଏଠାରେ ସସ୍ ପ୍ରସ୍ତୁତି ଚାଲିଥିବା କୁହାଯାଉଥିବା ବେଳେ କମ୍ପାନୀ ପକ୍ଷରୁ ସମସ୍ତ କାଗଜ ପତ୍ର ଠିକ୍ଠାକ୍ ଥିବା କୁହାଯାଇଛି। ଅସ୍ୱାସ୍ଥ୍ୟକର ପରିବେଶରେ ସସ୍ ପ୍ରସ୍ତୁତି ହେଉଥିବା, ବେଆଇନ୍ କଲର ମିଶୁଥିବା ନେଇ ବିଏମ୍‌ସିର ଖାଦ୍ୟ ସୁରକ୍ଷା ଅଧିକାରୀ ଲିଜା ମିଶ୍ର କହିଛନ୍ତି। ଟମାଟୋ ସସ୍ ଏବଂ ଅନ୍ୟନ୍ୟ ଖାଦ୍ୟ ପଦାର୍ଥରେ ମିଶୁଥିବା ବିଭିନ୍ନ ସାମଗ୍ରୀର ନମୂନା ସଂଗ୍ରହ କରାଯାଇଛି। ତାହାକୁ ଟେଷ୍ଟିଂ ପାଇଁ ଭୁବନେଶ୍ୱରସ୍ଥିତ ଷ୍ଟେଟ୍ ଫୁଡ୍ ସେଫ୍ଟି ଲାବ୍‌କୁ ପଠାଯିବ ବୋଲି ଶ୍ରୀମତି ମିଶ୍ର କହିଛନ୍ତି। ଉକ୍ତ ସସ୍‌ଗୁଡିକ ସହରର ଫାଷ୍ଟଫୁଡ୍ ଦୋକାନ, ଜଳଖିଆ ଦୋକାନ ଗୁଡିକରେ ବହୁଳ ମାତ୍ରାରେ ବ୍ୟବହାର ହେଉଥିବା କୁହାଯାଉଛି। ଏଠାରେ ଟମାଟୋ, ଚିଲି, ସୋୟା, ଭିନେଗାର ସୋସ୍ ଆଦି ପ୍ରସ୍ତୁତ ହେଉଛି। ଚାରିଆଡେ ପେଟି ପେଟି ଟମାଟୋ ସସ୍ ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ମହଜୁଦ ରହିଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ କମ୍ପାନୀର ମାଲିକ କାଗଜପତ୍ର ସବୁ ଠିକ୍ଠାକ୍ ଥିବା ଏବଂ ଆଇନ୍ ଅନୁଯାୟୀ କମ୍ପାନୀ ଚାଲିଥିବା କହିଛନ୍ତି। ତେବେ ଆଜିର ଏହି ଚଢଉ ପରେ ସହରର ବ୍ୟବସାୟୀଙ୍କ ମଧ୍ୟରେ ଛନକା ପଶିଛି।

## ୨ରେ ଅରୁନ୍ଧତୀ ଜୁଏଲର୍ସ ବଲାଙ୍ଗୀର ଶାଖାର ୨୫ତମ ଜନ୍ମବାର୍ଷିକୀ




**ଭୁବନେଶ୍ୱର,୩୦।୬/ଏନ୍ଏନ୍ଏସ୍:** ଓଡିଶାର ଅଗ୍ରଣୀ ଜୁଏଲାରୀ ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଏହାର ସର୍ବପ୍ରଥମ ଓ ସର୍ବପୁରାତନ ବଲାଙ୍ଗୀର ଶାଖାର ୨୫ତମ ଜନ୍ମବାର୍ଷିକୀ ପାଳିତ ହେବାକୁ ଯାଉଛି। ପ୍ରଥମ ପାଦ ବଲାଙ୍ଗୀରରୁ ରଖିଥିବା ଅରୁନ୍ଧତୀ ବଲାଙ୍ଗୀରବାସୀଙ୍କ ସହ ଓଡ଼ିଶାବାସୀଙ୍କ ମନ ପସନ୍ଦ ଗହଣା ସୁଲଭ ମୂଲ୍ୟରେ ଲୋକଙ୍କ ପାଖେର ପହଞ୍ଚାଇ ଦୁଇ ଦଶନ୍ଧୀରୁ ଊର୍ଦ୍ଧ୍ୱ ହେବ ଏକ ସ୍ୱତନ୍ତ୍ର ଖ୍ୟାତି ଅର୍ଜନ କରି ଆସୁଛି। ଆସନ୍ତା ଜୁଲାଇ ୨ ତାରିଖରେ ହେବାକୁ ଥିବା ଏହି ସମାରୋହରେ ବହୁ ମାନ୍ୟଗଣ ବ୍ୟକ୍ତି ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି । ଏହାକୁ ନେଇ ଅରୁନ୍ଧତୀ ଜୁଏଲର୍ସର କର୍ମକର୍ତ୍ତା ବହୁ ଉତ୍ସାହିତ ରହିଛନ୍ତି । ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ସମସ୍ତ ବଲାଙ୍ଗୀର ବାସୀଙ୍କୁ ସାଦର ଆମନ୍ତ୍ରଣ କରିବା ସହିତ ଦୀର୍ଘ ୨୫ ବର୍ଷ ଧରି ଅରୁନ୍ଧତୀ ପରିବାରକୁ ଅଶେଷ ସ୍ନେହ, ଶ୍ରଦ୍ଧା , ସମର୍ଥନ ଓ ଭଲ ପାଇବା ଦେଇ ଆସୁଥିବା ନିମନ୍ତେ ଧନ୍ୟବାଦ ଓ କୃତଜ୍ଞତା ଅର୍ପଣ କରିଛନ୍ତି। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଆନିଭର୍ସରୀ ସ୍ପେସାଲ ଅଫର ମାଧ୍ୟମରେ ଆଗାମୀ ୬ ତାରିଖ ପର୍ଯ୍ୟନ୍ତ ବଲାଙ୍ଗୀର ଅରୁନ୍ଧତୀ ଶାଖାରେ ସୁନା ରୁପା ଗହଣାର ଗଢ଼ା ମଜୁରୀ ଉପରେ ୫୦ ପ୍ରତିଶତ ଓ ହୀରାଗହଣାର ହୀରା ମୂଲ୍ୟ ଉପରେ ୨୫ ପ୍ରତିଶତ ରିହାତି ରଖାଯାଇଛି। ଏହାସହ ଗ୍ରାହକମାନେ ପୁରୁଣା ଗହଣା ଏକ୍ସଚେଞ୍ଜ ଉପରେ ୧୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ପାଇପାରିବେ।

### ଅମାନିଆ ଚାଳକଙ୍କ ଉପରେ ନଜର

# ରଥଯାତ୍ରାରେ କଟିଲା ୧୮୦୦ ଇ-ଚାଲାଣ

**ଭୁବନେଶ୍ୱର,୩୦।୬/ଏନ୍ଏନ୍ଏସ୍:** ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ପରିବହନ ବ୍ୟବସ୍ଥା ଶୃଙ୍ଖଳିତ ରଖିବା ପାଇଁ ବାଣିଜ୍ୟ ପରିବହନ ବିଭାଗ ଅଧିନରେ ରାଜ୍ୟ ପରିବହନ ପ୍ରାଧିକରଣ ଦ୍ୱାରା କଡ଼ାକଡ଼ା ଏନଫୋର୍ସମେଣ୍ଟ କରାଯାଇଛି। ଆଗକୁ ଅନ୍ୟ ପ୍ରମୁଖ ଦିନ ଯେପରିକି ବାହୁଡ଼ା ଏବଂ ସୁନାବେଶରେ ମଧ୍ୟ ଏହା ଜାରି ରହିବ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ କୁହାଯାଇଛି। ନବଦିନାତ୍ମକ ଯାତ୍ରା ପାଇଁ ପୁରୀକୁ ହଜାର ହଜାର ସଂଖ୍ୟାର ଗାଡ଼ି ଚଳାଚଳ କରୁଛି। ଏହି ସମୟରେ ଅମାନିଆ ଗାଡ଼ି ଚାଳକଙ୍କ ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ସେହି ଅନୁଯାୟୀ ପୁରୀ ଆରଟିଓ ଅଧିନରେ ୭ଟି ସ୍ପେଶାଲ ଟିମ ଗଠନ କରାଯାଇ, ବିଭିନ୍ନ ରୁଟ୍‌ରେ ନିୟମିତ ଏନଫୋର୍ସମେଣ୍ଟ କରାଯାଉଛି। ଏହାବାଦ ଯାଞ୍ଚକୁ ବ୍ୟାପକ କରି ଇ-ଚାଲାଣ ଉପରେ ଗୁରୁତ୍ୱ ଦିଆଯାଇଛି। ଭୁବନେଶ୍ୱରରୁ-ପୁରୀ ଜାତୀୟ ରାଜପଥ-୩୧୬ ଏବଂ ପୁରୀରୁ କୋଣାର୍କ, କୋଣାର୍କରୁ ପିପିଲି ରାଜ୍ୟ ରାଜପଥରେ ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଇଏମଏସ୍) କାର୍ଯ୍ୟକ୍ଷମ ହୋଇଛି। ରଥଯାତ୍ରା ଏବଂ ତାର ପରବର୍ତ୍ତୀ ଦୁଇ ଦିନ ଅର୍ଥାତ ୨୭, ୨୮ ଏବଂ ୨୯ ଜୁନରେ ପୁରୀ ରୁଟ୍‌ରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ ଯୋଗୁଁ ପ୍ରାୟ ୧୮୦୦ଟି ଇ-ଚାଲାଣ କଟିଛି। ଯେଉଁଥିରେ ବିନା ହେଲମେଟରେ ଗାଡ଼ି ଚାଳନା, ଭୁଲ୍ ରୁଟରେ ଗାଡ଼ି ଚାଳନା, ଦ୍ରୁତଗତି ଏବଂ ଦୁଇ ଚକିଆରେ ଦୁଇରୁ ଅଧିକ ବସିବା ଭଳି ସଡ଼କ ସୁରକ୍ଷା ନିୟମର ଉଲ୍ଲଙ୍ଘନ ରହିଛି। ସେହିଭଳି ମାନବସମ୍ବଳର ବ୍ୟବହାର କରି ସ୍ୱତନ୍ତ୍ର ଟିମ ଦ୍ୱାରା ଏନଫୋର୍ସମେଣ୍ଟକୁ ମଧ୍ୟ କଡ଼ାକଡ଼ି କରାଯାଉଛି। ବ୍ରହ୍ମଗିରି, ସାକ୍ଷୀଗୋପାଳ, କୋଣାର୍କ, ପିପିଲି ଏହି ସମସ୍ତ ପଥରେ ବିଶେଷ ଫୋକସ କରାଯାଇଛି। ଏସବୁ ବ୍ୟତୀତ ଧାର୍ଯ୍ୟ ଦର ଠାରୁ ଅଧିକ ଭଡ଼ା ଆଦାୟ କରୁଥିବା ବସ ମାନଙ୍କ ଉପରେ ମଧ କଡ଼ା ନଜର ରଖାଯାଇଛି। ବସ ମାଲିକ ସଂଘକୁ ବିଭିନ୍ନ ସମୟରେ ଏହା ଉପରେ ଦୃଷ୍ଟି ଦେବାକୁ କୁହାଯାଇଛି। କଟକ ନେତାଜୀ ବସ୍ ଟର୍ମିନାଲ, ଭୁବନେଶ୍ୱର ବରମୁଣ୍ଡା ବସ ଟର୍ମିନାଲ, ତାଳବଣିଆ ଏବଂ ମାଳତୀପାଟପୁର ବସ ଷ୍ଟାଣ୍ଡ ଆଦି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସ୍ଥାନୀୟ ଆରଟିଓ ମାନେ ନିୟମିତ ଭାବରେ ସରପ୍ରାଇଜ ଚେକିଂ କରୁଛନ୍ତି। କୌଣସି ବସ ଯାତ୍ରୀଙ୍କ ଠାରୁ ଧାର୍ଯ୍ୟ ଦରଠୁ ଅଧିକ ଭଡ଼ା ନନେବାକୁ ବାରମ୍ବାର ତାଗିଦ କରାଯାଉଛି। ଏହାସହ କୌଣସି ଗାଡ଼ି ଆଧା ରାସ୍ତାରେ ଖରାପ ହୋଇଗଲେ ଯେମିତି ଟ୍ରାଫିକ ସମସ୍ୟା ନ ଉପୁଜେ ସେଥିପାଇଁ ଅସ୍ଥାୟୀ ଗାଡ଼ି ମରାମତି ବ୍ୟବସ୍ଥା ଏବଂ କ୍ରେନ ସାହାଯ୍ୟରେ ଗାଡ଼ିକୁ ରାସ୍ତାରୁ ବାହାର କରିବା ପାଇଁ ଭୁବନେଶ୍ୱରରୁ ପୁରୀ ପଥରେ ଅଟୋମୋବାଇଲ କମ୍ପାନୀ ଏବଂ ଡିଲର ମାନଙ୍କ ସହାୟତାରେ ସହାୟତା ବ୍ୟବସ୍ଥା ଜାରି କରାଯାଇଛି। ଯାତ୍ରୀ ମାନଙ୍କର ବିଭିନ୍ନ ଅଭିଯୋଗ ସମାଧାନ ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ କାର୍ଯ୍ୟ କରୁଛି। ଶ୍ରଦ୍ଧାଳୁଙ୍କ ସୁବିଧାକୁ ଦୃଷ୍ଟିରେ ରଖି ତାଳବଣିଆ ଓ ମାଳତିପାଟପୁରରେ ଅସ୍ଥାୟୀ ବିଶ୍ରାମଗାର, ମୌଳିକ ସୁବିଧା ଏବଂ ନିଶୁଳ୍କ ଖାଦ୍ୟ ବଣ୍ଟନ ସେବା କରାଯାଇଛି, ଯାହାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଉଦଘାଟନ କରିଛନ୍ତି। ବାହୁଡ଼ା ଏବଂ ସୁନାବେଶରେ ମଧ୍ୟ ଏଭଳି ସେବା ଯୋଗାଇ ଦିଆଯିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ ଉପଲକ୍ଷେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଓଡ଼ିଶା ଯାତ୍ରୀ ଆପ୍ ମାଧ୍ୟମରେ ତାଳବଣିଆରୁ ଅର୍ବାନ ହାଟ୍ ଭାୟା ରେଳ ଷ୍ଟେସନ, ଷ୍ଟର୍ଲିଂ ଠାରୁ ମଙ୍ଗଳାହାଟ ରୁଟ୍ ରେ ନିଃଶୁଳ୍କ ଅଟୋ ସେବା ପୁରୀରେ ଉପଲବ୍ଧ ହୋଇଛି।

## ସୂଚନା ଓ ଲୋକସମ୍ପର୍କ ବିଭାଗର ଦୁଇ ଅଧିକାରୀଙ୍କୁ ଅବସର ସମ୍ବର୍ଦ୍ଧନା



**ଭୁବନେଶ୍ୱର,୩୦।୬/ଏନ୍ଏନ୍ଏସ୍:** ସୂଚନା ଓ ଲୋକସମ୍ପର୍କ ବିଭାଗ କଲ୍ୟାଣ କମିଟି ଓ ଓଡ଼ିଶା ସୂଚନା ସେବା ସଂଘ ପକ୍ଷରୁ ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ଓ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଦୁଇ ବରିଷ୍ଠ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ସଂଯୋଜନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଉପନିର୍ଦ୍ଦେଶକ ଦିପ୍ତିମୟୀ ମହାପାତ୍ର, ଉପଶାସନ ସଚିବ ପ୍ରଣବ ପ୍ରକାଶ ଦାସ, ସହକାରୀ ନିର୍ଦ୍ଦେଶକ( କ୍ଷେତ୍ର) ଦୀପକ କୁମାର ସାହୁ, ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ବିକ୍ରମ ମହାରଣା, ବିନାୟକ ମିଶ୍ର , ଅବିନାଶ ପାଣିଙ୍କ ସମେତ ମନୋଜ ରଥ, ଜନ ଜାଭେଦ ସିଂ, ଗୋପାଳ ପାଣିଗ୍ରହୀ ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ଓ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସଙ୍କୁ ପୁଷ୍ପଗୁଚ୍ଛ , ଉତ୍ତୋରୀୟ, ଫଳକ ଓ ଶ୍ରୀମଦ ଭଗବତ ଗୀତା ପ୍ରଦାନ କରାଯାଇଥିଲା। ଯୁଗ୍ମ ନିର୍ଦ୍ଦେଶକ ସ୍ମିତା କର, ସହକାରୀ ଅର୍ଥ ପରାମର୍ଶଦାତା ପୃଥ୍ୱୀରାଜ ପାଣି, ଲୋକସମ୍ପର୍କ ଅଧିକାରୀ ପଠାଣି ରାଉତ, ପ୍ରମୋଦିନୀ ଟେଟେ, ଅମ୍ଳାନ ଦାସ, ତନୁଜା ମହାନ୍ତି, ଆଲୋକ ମହାନ୍ତି, ରୋଜାଲିନି ସାହୁ, ଐଶର୍ଯ୍ୟା ସାମନ୍ତ, ଶ୍ରବଣ କୁମାର ସମେତ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସାମ୍ବାଦିକ



ଭୁବନେଶ୍ୱର,୩୦।୬/ଏନ୍ଏନ୍ଏସ୍: ଭୁବନେଶ୍ୱରର ବିଭିନ୍ନ ସରକାରୀ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକଗଣ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ରଥଯାତ୍ରା ସମୟରେ ସେମାନେ ସମ୍ମୁଖୀନ ହୋଇଥିବା ବିଭିନ୍ନ ସମସ୍ୟା ଉପରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସୂଚନାଯୋଗ୍ୟ ଯେ, ପ୍ରତିବର୍ଷ ଭୁବନେଶ୍ୱରର ସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପୁରୀକୁ ନିଆଯାଇ ରଥଯାତ୍ରାର ରିପୋର୍ଟିଂ ପାଇଁ ବ୍ୟବସ୍ଥା କରାଯାଇଥାଏ। ତେବେ ଏ ବର୍ଷ ପୁରୀଠାରେ ସାମ୍ବାଦିକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିଲେ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ। ଏ ସମ୍ପର୍କରେ ବିଚାର ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସାମ୍ବାଦିକମାନଙ୍କୁ କହିଥିଲେ। ଏହି ଆଲୋଚନାରେ ବରିଷ୍ଠ ସାମ୍ବାଦିକ ସନତ ମିଶ୍ର, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଭାଗବତ ତ୍ରିପାଠୀ, ପବିତ୍ର ମୋହନ ସାମନ୍ତରାୟ, ପାର୍ଥ ସାରଥୀ ଜେନା, କିଶୋର ମଙ୍ଗରାଜ, ଦେବକାନ୍ତ ମହାପାତ୍ର, ସ୍ୱରୂପ କୁମାର ମହାନ୍ତି, ଗଜେନ୍ଦ୍ରନାଥ ବେହେରା, ସନାତନ ଦଳବେହେରା, ସୁବୋଧ କାନୁନଗୋ, ସୂର୍ଯ୍ୟକାନ୍ତି ନାୟକ, ଦେବ ମହାନ୍ତି ଏବଂ ସ୍ୱଦେଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ରାଜ୍ୟସ୍ତରୀୟ ଜାତୀୟ ପରିସଂଖ୍ୟାନ ଦିବସ

## ଅତ୍ୟାଧୁନିକ ବ୍ୟବସ୍ଥା ପାଇଁ ବଡ଼ ଦୃଷ୍ଟିକୋଣ ରଖି କାର୍ଯ୍ୟ କରିବାକୁ ପରାମର୍ଶ

ଭୁବନେଶ୍ୱର,୩୦।୬/ଏନ୍ଏନ୍ଏସ୍: ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ଅନ୍ତର୍ଗତ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ରାଜ୍ୟସ୍ତରରେ ୧୯ ତମ ଜାତୀୟ ପରିସଂଖ୍ୟାନ ଦିବସ ଆଜି ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗଦେଇ ତାଙ୍କର ଅଭିଭାଷଣରେ ରାଜ୍ୟର ପରିସଂଖ୍ୟାନ ବ୍ୟବସ୍ଥାରେ ଅତ୍ୟାଧୁନିକ ବ୍ୟବସ୍ଥା ପାଇଁ ବଡ଼ ଦୃଷ୍ଟିକୋଣ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହା ରାଜ୍ୟର ସାମାଜିକ-ଆର୍ଥିକ ପ୍ରଗତିକୁ ମାପିବା ପାଇଁ ଏକ ଦର୍ପଣ ସଦୃଶ କାର୍ଯ୍ୟ କରିବ ଏବଂ ରାଜ୍ୟର ପ୍ରଗତି ପଥରେ କି କି ଆବଶ୍ୟକତା ରହୁଛି, ସେ ସମ୍ପର୍କରେ ଆଗକୁ ପଥ ପ୍ରଦର୍ଶକ ହେବ ବୋଲି ମୁଖ୍ୟ ଶାସନ ସଚିବ ପ୍ରକାଶ କରିଥିଲେ। ସେ ମଧ ଏଥିପାଇଁ ରାଜ୍ୟର ବିଭିନ୍ନ ସଂସ୍ଥାଗତ ବା ଆନୁଷ୍ଠାନିକ ଦକ୍ଷତା ବିକାଶ ପ୍ରତି ଗୁରୁତ୍ୱାରୋପ କରିଥିଲେ।

ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ତାଙ୍କର ପ୍ରାରମ୍ଭିକ ଅଭିଭାଷଣରେ ସମାରୋହକୁ ସମ୍ବୋଧିତ କରି ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ, ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ - ୨୦୪୭ ଲକ୍ଷ୍ୟ ନେଇ ଓଡ଼ିଶା ଭିଜନ ନିକଟରେ ମାନ୍ୟବର ପ୍ରଧାନ ମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଏଥିରେ ଥିବା ଧାର୍ଯ୍ୟ ଲକ୍ଷ୍ୟକୁ ହାସଲ କରିବା ପାଇଁ ଆମକୁ ପରିସଂଖ୍ୟାନ ବ୍ୟବସ୍ଥାକୁ ଅଧିକ ଉନ୍ନତ କରାଯିବାର ଆବଶ୍ୟକତା ରହିଛି। 'ସୁଭଦ୍ରା' ଯୋଜନାର କାର୍ଯ୍ୟକାରିତାର ଉଦାହରଣ ଦେଇ ସେ କହିଲେ ଯେ, ଓଡିଶା ସରକାର ତଥ୍ୟର ବ୍ୟବହାରକୁ ଗୁରୁତ୍ୱ ଦେଉଛନ୍ତି ଏବଂ ଏହି ପ୍ରକ୍ରିୟାରେ ରାଜ୍ୟ ଏକ ସଶକ୍ତ ଡାଟାବେସ୍ ପ୍ରସ୍ତୁତ କରିଛି, ଯାହା ଅନ୍ୟ ହିତାଧିକାରୀ- କୈନ୍ଦ୍ରିକ ଯୋଜନାର କାର୍ଯ୍ୟାନ୍ୱୟରେ ବ୍ୟବହାର କରାଯିବ। ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡଃ. ବିଜୟ ଭୂଷଣ ନନ୍ଦ ଯୋଗଦେଇ ରାଜ୍ୟ ସରକାର ରାଜ୍ୟରେ ପରିସଂଖ୍ୟାନ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ପୂର୍ଣ୍ଣ ସହାୟତା ଦେଉଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ ଏବଂ ଗତ କିଛି ବର୍ଷ ଧରି ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ବ୍ୟବସ୍ଥାକୁ ସୁଦୃଢ଼ୀକରଣ ଏବଂ ଆଧୁନିକୀକରଣ କରାଯାଉଥିବା ସମ୍ପର୍କରେ ଆଲୋକପାତ କରିଥିଲେ। ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ମନ୍ତ୍ରାଳୟର ପ୍ରାକ୍ତନ ମହା ନିର୍ଦ୍ଦେଶକ ଆଶିଷ କୁମାର କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେ ଭାରତ ସରକାରଙ୍କ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ଭୂମିକା ସମ୍ପର୍କରେ ଆଲୋକପାତ କରି କହିଲେ ଯେ, ଅଣ ସଂଗଠିତ ଅର୍ଥନୀତିକ କ୍ଷେତ୍ରର ଆବଶ୍ୟକତା ପୂରଣ ପାଇଁ ତଥ୍ୟ ନିୟମିତ ବ୍ୟବଧାନରେ ପ୍ରଦାନ ନିମନ୍ତେ ନମୁନା ସର୍ବେକ୍ଷଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏସବୁ ଡାଟା ବିଭିନ୍ନ ବିଭାଗରେ ସେମାନଙ୍କର ଯୋଜନା ଓ ନୀତି ପ୍ରସ୍ତୁତିରେ ବ୍ୟବହାର ହୋଇଥାଏ। ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥାର ସହଯୋଗୀ ଭାବରେ ବିଭିନ୍ନ କ୍ଷେତ୍ରରେ ବିଶ୍ୱସନୀୟ ତଥ୍ୟ ସଂଗ୍ରହ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଜାତୀୟ ପରିସଂଖ୍ୟାନ ଦିବସ ପରିପ୍ରେକ୍ଷୀରେ ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ତରଫରୁ ବିକଶିତ ଏକ ୱେବ୍ ସାଇଟ୍‌ର ଶୁଭାରମ୍ଭ କରାଯାଇଥିଲା। ଆହୁରି ମଧ ନିରନ୍ତର ବିକାଶ ଲକ୍ଷ୍ୟ(ଏସଡିଜି) ର ଏକ ଡ୍ୟାସ୍ ବୋର୍ଡ ଏବଂ 'କ୍ୟାପି' ସର୍ବେକ୍ଷଣ ଜରିଆରେ ତଥ୍ୟ ସଂଗ୍ରହ ଉପରେ ଆଧାରିତ ଏକ ୱେବ୍ ପୋର୍ଟାଲ ମଧ ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ପ୍ରକାଶିତ ବାର୍ଷିକ ପ୍ରକାଶନ 'ସମୀକ୍ଷା' ଏବଂ ଅନ୍ୟ କେତେକ ପରିସଂଖ୍ୟାନଭିତ୍ତିକ ପତ୍ରିକା ଆଦି ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଜନା ଓ ସଂଯୋଜନ ବିଭାଗ ତଥା ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ, ବିଭିନ୍ନ ବିଭାଗର ପରିସଂଖ୍ୟାନ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ, ୩୦ଟି ଜିଲ୍ଲାର ଯୋଜନା ଓ ତଦାରଖ ୟୁନିଟ୍‌ର ଅଧିକାରୀ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ।




## ବିଜୁ ପଟ୍ଟନାୟକ ପାର୍କ ଯୋଗ ସାଧନା କେନ୍ଦ୍ରର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୩୦।୬/ଏନ୍ଏନ୍ଏସ୍: ସ୍ଥାନୀୟ ବିଜୁ ପଟ୍ଟନାୟକ ପାର୍କ ପରିସରରେ ଭାରତୀୟ ଯୋଗ ସଂସ୍ଥାନ ନୂଆଦିଲ୍ଲୀ ପକ୍ଷରୁ ପରିଚାଳିତ ନିଃଶୁଳ୍କ ଯୋଗ ସାଧନା କେନ୍ଦ୍ରର ୧୮ତମ ବାର୍ଷିକ ଉତ୍ସବ ପବିତ୍ର ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ଘୋଷ ଯାତ୍ରା ଦିନ ପ୍ରାତଃ ୫ଟା ୩୦ରେ ପାଳିତ ହୋଇଯାଇଛି। ଏହି ଉତ୍ସବକୁ ଶଙ୍ଖ ଧ୍ୱନି, ଓମ୍ କାର ଧ୍ୱନି, ଗାୟତ୍ରୀ ମନ୍ତ୍ର, ହୁଳହୁଳି, କରତାଳି ଓ ଆନନ୍ଦ ଉଲ୍ଲାସ ମଧ୍ୟରେ ମୁଖ୍ୟଅତିଥି ଡ.ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ଶିବାନନ୍ଦ ଯୋଗ ବେଦାନ୍ତ ଏକାଡେମୀର ଅଧ୍ୟକ୍ଷ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ।

ଓଡ଼ିଶା ପ୍ରାନ୍ତ ମୁଖ୍ୟ ସୁରେଶ କୁମାର ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ମଞ୍ଚାସୀନ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ପ୍ରଧାନ ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଜିଲ୍ଲା ମନ୍ତ୍ରୀ ଗୋପାଳ କୃଷ୍ଣ ବେହେରା, ଜିଲ୍ଲା ସଂଗଠନ ମନ୍ତ୍ରୀ, ଗୋବିନ୍ଦ ଚନ୍ଦ୍ର ପାଢ଼ୀ, କ୍ଷେତ୍ର ପ୍ରଧାନ, ସବିତା ପଣ୍ଡା ଓ କେନ୍ଦ୍ର ପ୍ରମୁଖ, ରେବତୀ ବଲ୍ଲଭ ସାମନ୍ତରାୟ ଉପସ୍ଥିତ ଥିଲେ। ସୁରେଶ କୁମାର ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ସଂସ୍ଥା ତରଫରୁ ନିଃଶୁଳ୍କ ଯୋଗଶିକ୍ଷା ପ୍ରଦାନ କରାଯାଇଥାଏ ଏବଂ ତତ୍ ସହିତ ସଂସ୍ଥା ସାମାଜ ସେବା ଓ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରିଥାଏ। ଉପସ୍ଥିତ ସାଧକ ଓ ସାଧିକା ତଥା ଯୋଗ ପ୍ରେମୀ ଭାଇଭଉଣୀଙ୍କୁ ବିଜୁ ପଟ୍ଟନାୟକ କେନ୍ଦ୍ରର ବରିଷ୍ଠ ସାଧକ ଓ ସାଧିକା କ୍ରିଷ୍ଣା ଅଗ୍ରୱାଲା ଜୀ, ସସ୍ମିତା ଜୀ, ପ୍ରଣତୀ ଜୀ, ମଞ୍ଜୁ ଜୀ ଓ ପ୍ରବୀର ଜୀ ପ୍ରମୁଖ ସୂକ୍ଷ୍ମ କ୍ରିୟା, ଧ୍ୟାନ, ଆସନ ଓ ପ୍ରାଣାୟାମ ପ୍ରଭୃତି ଅଭ୍ୟାସ କରାଇଥିଲେ। ମୁଖ୍ୟଅତିଥି ଡ.ପ୍ରଶାନ୍ତ କୁମାର ଆଚାର୍ଯ୍ୟ ତାଙ୍କର ବକ୍ତବ୍ୟରେ ନିୟମିତ ଯୋଗାଭ୍ୟାସର ଉପକାରିତା ବିଷୟରେ ବିଷଦ ଭାବେ ବ୍ୟାଖ୍ୟା କରିଥିଲେ। କେନ୍ଦ୍ର ପ୍ରମୁଖ ରେବତୀ ବଲ୍ଲଭ ସାମନ୍ତରାୟ କେନ୍ଦ୍ରର ବାର୍ଷିକ ବିବରଣୀ ପାଠ କରିଥିଲେ। ଜିଲ୍ଲା ସଂଗଠନ ମନ୍ତ୍ରୀ ଗୋବିନ୍ଦ ଜୀ ଓ କ୍ଷେତ୍ର ପ୍ରଧାନ ସବିତା ଜୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବରିଷ୍ଠ ସାଧକ ଗୌରାଙ୍ଗ ଜୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସାଧକସାଧିକା ପ୍ରଶାନ୍ତ, କୁମୁଦ, ସସ୍ମିତା, ପ୍ରତିମା, ରଜନୀ ଓ ନୃସିଂହ ପ୍ରମୁଖ ଉପସ୍ଥିତ ୨୫୦ରୁ ଉର୍ଦ୍ଧ୍ୱ ସାଧକ/ସାଧିକା ତଥା ଯୋଗପ୍ରେମୀଙ୍କୁ ପ୍ରସାଦ ବଣ୍ଟନ କରିଥିଲେ। ଗୌରାଙ୍ଗ, ପ୍ରଣତୀ ଓ ସୁମତୀ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ। କ୍ଷେତ୍ର ପ୍ରଧାନ ସବିତା ସାମୁହିକ ଶାନ୍ତି ପାଠ କରିଥିଲେ। ଶେଷରେ ସାଧିକା ବାସନ୍ତୀ ଧନ୍ୟବାଦ୍ ଦେଇଥିଲେ।




## 'ଅନୁବାଦରେ ଭାରତୀୟ ସାହିତ୍ୟ' ଆଲୋଚନାଚକ୍ର

ଭୁବନେଶ୍ୱର,୩୦।୬/ଏନ୍ଏନ୍ଏସ୍: କୁଞ୍ଜବିହାରୀ ମହାବିଦ୍ୟାଳୟ, ବାରଙ୍ଗ ଓ ସାହିତ୍ୟ ଏକାଡେମୀର ଯୁଗ୍ମ ପ୍ରୟାସରେ କୁଞ୍ଜବିହାରୀ ମହିବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି 'ଅନୁବାଦରେ ଭାରତୀୟ ସାହିତ୍ୟ' ଶୀର୍ଷକ ଜାତୀୟସ୍ତରୀୟ ଆଲୋଚନାଚକ୍ର। ମହାବିଦ୍ୟାଳୟର ଅଧ୍ୟକ୍ଷା ଓ ବିଶିଷ୍ଟ ସାହିତ୍ୟିକା - ଅନୁବାଦିକା ଡକ୍ଟର ଲିପିପୁଷ୍ପା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରାରମ୍ଭିକ ପର୍ଯ୍ୟାୟରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ବିଶିଷ୍ଟ ସାହିତ୍ୟିକ ଓ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଡକ୍ଟର ହୃଷୀକେଶ ପଣ୍ଡା। ଏକାଡେମୀର ପ୍ରୋଗ୍ରାମ୍ ଅଫିସର ଅଭିଷେକ ରଥ ସ୍ୱାଗତ ଭାଷଣ ଦେଇଥିଲା ବେଳେ ପ୍ରାରମ୍ଭିକ ଭାଷଣ ରଖିଥିଲେ ସାହିତ୍ୟିକ ଓ ଇଂରାଜୀ ବିଭାଗ ମୁଖ୍ୟ ଅନୀଲ କୁମାର ପାଢ଼ୀ। ଡକ୍ଟର ଲିପିପୁଷ୍ପା ନାୟକ ଭିତ୍ତିପ୍ରବନ୍ଧ ପାଠକରିଥିଲେ। ଶେଷରେ ଶିକ୍ଷାବିତ୍ ଡକ୍ଟର ସନ୍ତୋଷ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ପର୍ଯ୍ୟାୟର ସଂଯୋଜନା କରିଥିଲେ ସାହିତ୍ୟିକା ଓ ଅନୁବାଦିକା ନିବେଦିତା ଜେନା। ବିଶିଷ୍ଟ ଅନୁବାଦିକା ଡକ୍ଟର ଲିପିପୁଷ୍ପା ନାୟକଙ୍କୁ 'ସାହିତ୍ୟ ଶିରୋମଣୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହା ପରେ ଡକ୍ଟର ହୃଷୀକେଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସନ୍ଦର୍ଭ ପାଠ କରିଥିଲେ ନିମନ୍ତ୍ରିତ ଅତିଥି ସାହିତ୍ୟିକ ଦେବପ୍ରିୟା ରାୟ, କିଶୋର ପାଣିଗ୍ରାହୀ ଏବଂ ୟୁ. ଅତ୍ରେୟ ଶର୍ମା। ଦ୍ୱିତୀୟ ପର୍ଯ୍ୟାୟର ଅଧ୍ୟକ୍ଷତା କରିଥିଲେ ମ୍ୟୁଜ୍ ଇଣ୍ଡିଆର ସମ୍ପାଦକ, ସାହିତ୍ୟିକ ଓ ଅନୁବାଦକ ୟୁ. ଅତ୍ରେୟ ଶର୍ମା। ପ୍ରବନ୍ଧ ପାଠକରିଥିଲେ ନିବେଦିତା ଜେନା ଓ ସୁନିଲ୍ ରଘୁନାଥ ସାଓ୍ୱନ୍ତ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟ ଯୋଗ ଦେଇଥିଲେ। ଡକ୍ଟର ପ୍ରଣମିତା ପତି ଧନ୍ୟବାଦ ଅର୍ପଣ କରିଥିଲେ। ଡକ୍ଟର ଜୟଶ୍ରୀ ନନ୍ଦ ଓ ଡକ୍ଟର ପତି କବିତାପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡକ୍ଟର ସୁରେନ୍ଦ୍ର ସାହୁ, ଡକ୍ଟର ମାନସ ଦାଶମିଶ୍ର, ଡକ୍ଟର ପ୍ରବୀର ମହାନ୍ତି ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସହଯୋଗ କରିଥିଲେ।




## ଅସ୍ମିତା ଓ ଜାତୀୟତାର ପ୍ରତୀକ ଥିଲେ କପିଳେନ୍ଦ୍ର ଦେବ

ଭୁବନେଶ୍ୱର,୩୦।୬/ଏନ୍ଏନ୍ଏସ୍: ଉତ୍କଳ ସମ୍ମିଳନୀ ଆନୁକୂଲ୍ୟରେ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ରାଜ୍ୟାଭିଷେକ ଦିବସ ସ୍ଥାନୀୟ ଲୋହିଆ ଏକାଡେମୀ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ପ୍ରଫେସର ଅଦ୍ୱୈତ କୁମାର ପାତ୍ରଙ୍କ ସଭାପତିତ୍ୱରେ 'ଦିଗବିଜୟୀ ସମ୍ରାଟ କପିଳେନ୍ଦ୍ର ଦେବ ଓ ଓଡ଼ିଆ ଜାତୀୟତା ଏବଂ ଅସ୍ମିତା' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଐତିହାସିକ ପ୍ରଫେସର୍ ନିହାର ରଞ୍ଜନ ପଟ୍ଟନାୟକ, ଭାରତ ସରକାରଙ୍କ ଶିକ୍ଷା ବିଭାଗର ସଚିବ ଅରୁଣ କୁମାର ରଥ, ଡାକ୍ତର ଇନ୍ଦ୍ରମଣି ଜେନା, ସାହିତ୍ୟିକ ସୁବ୍ରତ ପୃଷ୍ଟି ଓ ପ୍ରତ୍ନତତ୍ତ୍ୱବିଦ୍ ଡଃ ଅନାମ ବେହେରା ସମ୍ରାଟ କପିଳେନ୍ଦ୍ର ଦେବଙ୍କ କୃତିତ୍ୱର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ କପିଳେନ୍ଦ୍ର ଦେବଙ୍କୁ ଅସ୍ମିତା ଓ ଜାତୀୟତାର ସର୍ବକାଳୀନ ପ୍ରତୀକ ରୂପେ ଅଭିହିତ କରି ଓଡ଼ିଶାବାସୀଙ୍କ ପାଇଁ ସେ ସ୍ମରଣୀୟ ହୋଇ ରହିବେ ମତ ପ୍ରକାଶ କରିଥିଲେ। ପ୍ରଫେସର୍ ପଟ୍ଟନାୟକ ଆଲୋଚନା ମାଧ୍ୟମରେ କହିଥିଲେ ଯେ ରାଷ୍ଟ୍ରବାଦୀ କପିଳେନ୍ଦ୍ର ଦେବ ହେଉଛନ୍ତି ପ୍ରଥମ ସମ୍ରାଟ ଯିଏ ଘୋଷଣା କରିଥିଲେ ଯେ 'ଆମର ରାଷ୍ଟ୍ର ହେଲା ଓଡ଼ିଶା, ଆମ ରାଷ୍ଟ୍ରର ଭାଷା ହେଲା ଓଡ଼ିଆ ଓ ରାଷ୍ଟ୍ରର ଦେବତା ହେଲେ ଶ୍ରୀଜଗନ୍ନାଥ।' ସଭା ଶେଷରେ ଉତ୍କଳ ସମ୍ମିଳନୀର ଉପସଭାପତି ନିରଞ୍ଜନ ପଣ୍ଡା ଧନ୍ୟବାଦ୍ ଦେଇଥିଲେ।



## ମୁଖ ସ୍ୱାସ୍ଥ୍ୟ ଲାଗି ସଚେତନତା ସୃଷ୍ଟି କରିବା ଉଚିତ୍

ଭୁବନେଶ୍ୱର,୩୦।୬/ଏନ୍ଏନ୍ଏସ୍: ମୁଖ ଯତ୍ନ ଲାଗି ସଚେତନତା ସୃଷ୍ଟି କରିବା ଲାଗି କୋଲ୍‌ଗେଟ୍ ପକ୍ଷରୁ ନଭେମ୍ବର ୨୦୨୪ରେ ଓରାଲ ହେଲ୍‌ଥ ମୁଭମେଣ୍ଟ ବା ମୁଖ ସ୍ୱାସ୍ଥ୍ୟ ଆନ୍ଦୋଳନର ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନରେ ଲୋକଙ୍କୁ ସଶକ୍ତ କରିବା, ସେମାନଙ୍କୁ ନିଜ ମୋବାଇଲ ଫୋନ ମାଧ୍ୟମରେ ନିଜ ମୁଖ ସ୍ୱାସ୍ଥ୍ୟର ସ୍କ୍ରିନିଂ କରିବା ପାଇଁ ସକ୍ଷମ କରିବା ଏବଂ ଇଣ୍ଡିଆ ଡେଣ୍ଟାଲ୍ ଆସୋସିଏଶନ୍ (ଆଇଡିଏ) ସହ ସହଭାଗିତାରେ ୫୦,୦୦୦ରୁ ଅଧିକ ଡେଣ୍ଟିଷ୍ଟଙ୍କ ଏକ ନେଟ୍‌ୱର୍କ ମାଧ୍ୟମରେ ମାଗଣା ଡେଣ୍ଟାଲ ଚେକଅପ ପାଇଁ ପହଞ୍ଚ ପ୍ରଦାନ କରିବା ଲାଗି ଅତ୍ୟାଧୁନିକ ଟେକ୍ନୋଲୋଜିର ବ୍ୟବହାର କରିଛି। ତେବେ ୭୦୦୦ରୁ ଅଧିକ ଜିଲ୍ଲାକୁ କଭର କରୁଥିବା ୧୮୦୦୦ରୁ ଅଧିକ ପିନ୍‌କୋଡ୍‌ରୁ ଅଂଶଗ୍ରହଣ ସହିତ ଦେଶର କୋଣ ଅନୁକୋଣରୁ ୪.୫ ମିଲିୟନରୁ ଅଧିକ ଭାରତୀୟ ନିଜ ମୁଖ ସ୍ୱାସ୍ଥ୍ୟର ସ୍କ୍ରିନିଂ କରାଯାଇଥିବା ପ୍ରଭା ନରସିଂହନ କହିଛନ୍ତି। ସେ ଆଜି କହିଛନ୍ତି ଯେ, ପ୍ରତ୍ୟେକ ବ୍ୟକ୍ତି ନିଜ ମୁଖ ସ୍ୱାସ୍ଥ୍ୟ ଲାଗି ସଚେତନ ହେବା ଉଚିତ୍।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଭୁବନେଶ୍ୱର,୩୦।୬/ଏନ୍ଏନ୍ଏସ୍: ଶାମଖୁଣ୍ଟା ବ୍ଲକ ଖାଣ୍ଡିଆ ପଞ୍ଚାୟତର ଖୁଣ୍ଟାପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗ୍ରାମର ସଭାପତି ଚନ୍ଦ୍ରଗୁପ୍ତ ମହାପାତ୍ର, ଉପସଭାପତି ରାଜୀବ ଲୋଚନ ଗିରି, ସମ୍ପାଦକ ହିମାଂଶୁ କୁମାର ରାଉତଙ୍କ ପୌରୋହିତ୍ୟରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ମାନସୀ ସେଠୀଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ଖାଣ୍ଡିଆ ପଞ୍ଚାୟତର ସରପଞ୍ଚ ସୋନାମନୀ ସିଂ, ମୁଖ୍ୟବକ୍ତା ଶାମାଖୁଣ୍ଟା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଶୀତଲ ବେହେରା, ଉପସଭାପତି କୈଳାସ ଚନ୍ଦ୍ର ମହାନ୍ତ, ଗ୍ରାମର ୱାର୍ଡମେମ୍ବର ସାଗର କୁମାର ଗିରି, ଦମୟନ୍ତୀ ନାଇକ ଯୋଗଦେଇ ତାଙ୍କର କାର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରିଥିଲେ। ଏଥି ସହିତ ଅବସରପ୍ରାପ୍ତ ଶିକ୍ଷକ ଶିବ ଶଙ୍କର ମହାନ୍ତିଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଯତୀନ୍ଦ୍ର ନାଥ ମହାପାତ୍ର, କମଳ ଲୋଚନ ଗିରି, ନରେନ୍ଦ୍ର ହାବୋଡା, ଶତ୍ରୁଘ୍ନ ପ୍ରଧାନ, ପ୍ରଶାନ୍ତ ଦାସ, କାଳିଆ ଗିରି, ତାପସ ରଞ୍ଜନ ହାବୋଡ଼ା, ବିକାଶ ଦାସ ଏବଂ ଗ୍ରାମବାସୀ ତଥା ଗ୍ରାମର ଦଶଟି ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ସଭ୍ୟା ଉପସ୍ଥିତ ରହି ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏତଦବ୍ୟତୀତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ବେବୀ ସୁଚରିତା ଗିରି, ଇନ୍ଦୁମନି ସିଂ, ରାମେଶ୍ୱର ମାଝି ଏବଂ ସତ୍ୟରଞ୍ଜନ ଦାସ, ସହାୟିକା ବିଜୟଲକ୍ଷ୍ମୀ ଦାସ, ଦୀପା ପ୍ରଧାନ ଉପସ୍ଥିତ ରହି ସୁଚାରୁ ରୂପେ କାର୍ଯ୍ୟ ତୁଲାଇଥିଲେ।

## ଓଡ଼ିଶା ଡିଏଭି ଆନ୍ଦୋଳନର ପୁରୋଧା ଯୁପିଆର୍ ଭିଠାଲ୍ ରାଜାଙ୍କ ତିରୋଧାନ

ଭୁବନେଶ୍ୱର,୩୦।୬/ଏନ୍ଏନ୍ଏସ୍: ଓଡ଼ିଶାରେ ଡିଏଭି ଆନ୍ଦୋଳନର ପୁରୋଧା ତଥା ଡିଏଭି ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ପୂର୍ବତନ ଅଧ୍ୟକ୍ଷା ମହୀୟସୀ ପୁଣ୍ୟାତ୍ମା ୟୁପିଆର୍ ଭିଠାଲ୍ ରାଜାଙ୍କ ଗତ ୨୯ତାରିଖରେ ପରଲୋକ ଘଟିଛି। ଓଡ଼ିଶାର ପ୍ରତ୍ୟେକ ଡିଏଭି ବିଦ୍ୟାଳୟର ପ୍ରତିଷ୍ଠା ପାଇଁ ତାଙ୍କର ଆନ୍ତରିକ ଅବଦାନ ଅତୁଳନୀୟ। ତାଙ୍କର ବିୟୋଗ ଡିଏଭି ଅନୁଷ୍ଠାନ ପାଇଁ ଏକ ଅପୂରଣୀୟ କ୍ଷତି। ତତ୍କାଳୀନ ଓଡ଼ିଶାର ରାଜ୍ୟପାଳ ଡଃ ଅଯୋଧ୍ୟା ନାଥ ଖୋସ୍‌ଲାଙ୍କ ଆନ୍ତରିକ ଉଦ୍ୟମରେ ଜାତୀୟ ସ୍ତରରେ ତୃତୀୟ ତଥା ଓଡ଼ିଶାରେ ପ୍ରଥମ ଡିଏଭି ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଥିଲା ୧୯୭୧ ମସିହାରେ। ୫୦ବର୍ଷ ତଳେ ପ୍ରାରମ୍ଭିକ ସମୟରେ ଅନେକ ଘାତ ପ୍ରତିଘାତ ମଧ୍ୟରେ ଗତି କରି ମଧ ନିଜର ମନୋବଳକୁ ସୁଦୃଢ଼ ରଖି ଡିଏଭି ସଂସ୍ଥାକୁ ଆଗେଇ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଭିଠାଲ୍ ରାଜା। ୧୯୭୨ରୁ ୧୯୯୩ ମସିହା ପର୍ଯ୍ୟନ୍ତ ଦୀର୍ଘ ୨୧ ବର୍ଷ ଧରି ସେ ଆଠ ନମ୍ବର ଡିଏଭି ବିଦ୍ୟାଳୟର ଅଧ୍ୟକ୍ଷା ଭାବରେ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। ପରବର୍ତ୍ତୀ ସମୟରେ ଡିଏଭି ଚନ୍ଦ୍ରଶେଖରପୁର, ଡିଏଭି ପୋଖରୀପୁଟ ସ୍ଥାପନ କରିବାରେ ତାଙ୍କର ଅବଦାନ ଅତୁଳନୀୟ। ସେହି ମହାନ ଆତ୍ମାର ସଦ୍‌ଗତି ପାଇଁ ଭୁବନେଶ୍ୱର ସ୍ଥିତ ୫ଟି ଯାକ ଡିଏଭି ବିଦ୍ୟାଳୟରେ ଭାବପୂର୍ଣ୍ଣ ସଭା ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମକର୍ତ୍ତାଗଣ ତାଙ୍କର ସ୍ମୃତିଚାରଣ କରିବା ସହିତ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ଓଡ଼ିଶା ଡିଏଭି ସମୂହର ଆଞ୍ଚଳିକ ନିର୍ଦ୍ଦେଶକ ଡଃ କେ. ସି. ଶତପଥୀ, ଡିଏଭି ପରିଚାଳନା ସମିତିର ଅଧ୍ୟକ୍ଷବୃନ୍ଦ ଓ ପୁରାତନ ଛାତ୍ରସଂସଦଗଣ ତାଙ୍କର ଅବଦାନ ଡିଏଭି ପରିବାରର ପ୍ରତିଟି ସଦସ୍ୟ ପାଇଁ ପ୍ରେରଣାର ଉତ୍ସ ବୋଲି ମତବ୍ୟକ୍ତ କରିବା ସହିତ ଶ୍ରୀମତୀ ଭିଠାଲ୍ ରାଜା ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି।




## ଋତୁସ୍ରାବ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟାର ସମାଧାନ ପାଇଁ 'ଉଡ଼ାନ୍' ଆରମ୍ଭ

ଭୁବନେଶ୍ୱର,୩୦।୬/ଏନ୍ଏନ୍ଏସ୍: ମହିଳା ଓ କିଶୋରୀମାନଙ୍କ ପାଇଁ ଋତୁସ୍ରାବ ସୁସ୍ଥତା ଫଳାଫଳକୁ ରୂପାନ୍ତରଣ କରିବା ପାଇଁ 'ଉଡାନ୍'ର ଶୁଭାରମ୍ଭ କରାଯାଇଛି। ଏହି ପ୍ରକଳ୍ପ ଋତୁସ୍ରାବକୁ ନେଇ ରହିଥିବା ନୀରବତା ଓ ଅପବାଦକୁ ଦୂର କରିବା, ସଚେତନତା ବୃଦ୍ଧି କରିବା, ସ୍ଥାୟୀ ଋତୁସ୍ରାବ ସ୍ୱଚ୍ଛତା ଉତ୍ପାଦଗୁଡିକ ପାଇଁ ପହଞ୍ଚ ବୃଦ୍ଧି କରିବା ଏବଂ ଅଣସଂଗଠିତ ସମୁଦାୟଗୁଡ଼ିକ ଦ୍ୱାରା ସମୁଦାୟ-ଆଧାରିତ କାର୍ଯ୍ୟଗୁଡିକୁ ସକ୍ଷମ କରିବା ଉପରେ ଗୁରୁତ୍ୱ ଦେଉଛି। ଏକ ଲୋକ-ପ୍ରଥମ ଆଭିମୁଖ୍ୟ ମାଧ୍ୟମରେ ଉଡାନ୍ ଅଭିଯାନ ମହିଳାଙ୍କୁ କହିବା, ସ୍ଥାନୀୟ ସମସ୍ୟାର ନେତୃତ୍ୱ ନେବା ଏବଂ ତୃଣମୂଳ ସ୍ତରରେ ସଚେତନତା ବଜାୟ ରଖିବା ପାଇଁ ସଶକ୍ତ କରୁଛି। ଏହି ଅଭିଯାନ ପ୍ରତ୍ୟକ୍ଷ ଭାବେ ୧୮୭୦୦ରୁ ଅଧିକ ମହିଳାଙ୍କୁ ସଶକ୍ତ କରିବ ଏବଂ ପରୋକ୍ଷ ଭାବେ ୫୬,୦୦୦ରୁ ଅଧିକ ମହିଳାଙ୍କ ନିକଟରେ ପହଞ୍ଚିବ ବୋଲି ଗୁଞ୍ଜ'ର ସହ-ପ୍ରତିଷ୍ଠାତା ମିନାକ୍ଷୀ ଗୁପ୍ତା କହିଛନ୍ତି।

## କାକଟପୁର ଜଳସେଚନ ବିଭାଗ, ଖାଲି ପଡ଼ିଛି ବହୁ ପଦବୀ

# ଠିକାଦାରଙ୍କ ମର୍ଜିରେ ଚାଲିଛି ଉନ୍ନୟନ କାର୍ଯ୍ୟ



**କୁଣ୍ଡେଇ,୩୦।୬/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ନିମାପଡା ଜଳସେଚନ ବିଭାଗ ଡିଭିଜନ ଅଧୀନରେ ଥିବା କାକଟପୁର ଜଳସେଚନ ବିଭାଗ ସବଡ଼ିଭିଜନର ୫ଟି ସବଡ଼ିଭିଜନରେ କର୍ମଚାରୀ, ଠିକାଦାର ଓ ଚାଷୀମାନଙ୍କ ଗହଳ ଚହଳ ସକାଳୁ ସଞ୍ଜ ପର୍ଯ୍ୟନ୍ତ ଲାଗି ରହୁଥିଲା। ଏବେ ଆଉ ସେ ଗହଳି ଦେଖାଯାଉନି। ବିଗତ ୨ ବର୍ଷ ଧରି ଏହି ସବଡ଼ିଭିଜନରେ ଏସଡିଓ ପଦବୀ ଖାଲି ପଡ଼ିଥିବା ବେଳେ ସବଡ଼ିଭିଜନର ବାଉରିଆକଣ ଓ କାକଟପୁର ହେଡ଼କ୍ୱାର୍ଟରର ଆଦି ୨ ଗୋଟି ସେକ୍ସନର ୨ ଯନ୍ତ୍ରୀ ପଦବୀ ଆଜକୁ ୩ବର୍ଷ ଧରି ଖାଲିପଡ଼ିଛି। ସବ୍‌ଡିଭିଜନରେ ଆବଶ୍ୟକ ମୁତାବକ ଖଲାସୀ ଓ ଅମିନ ନାହାନ୍ତି। ଯନ୍ତ୍ରୀଙ୍କ ପଦବୀ ଖାଲିପଡ଼ିଥିବାରୁ ଜଣେ ଲେଖାଏଁ ଯନ୍ତ୍ରୀଙ୍କୁ ସେମାନଙ୍କ ସେକ୍ସନ କାର୍ଯ୍ୟ ସହ ଅନ୍ୟ ସେକ୍ସନର କୋଟି କୋଟି ଟଙ୍କାର କାର୍ଯ୍ୟଭାର ଅର୍ପଣ କରାଯାଇଛି। କିନ୍ତୁ ଏହି ସବଡ଼ିଭିଜନର ଅସ୍ତରଙ୍ଗ କେନାଲ ସେକ୍ସନର କନିଷ୍ଠ ଯନ୍ତ୍ରୀ ନିୟମିତ ଅଫିସ ଆସୁନଥିବା ବେଳେ ନିଜ ସେକ୍ସନର କାର୍ଯ୍ୟ ସହ ସେ ମହାଶୟ ଅନ୍ୟ ସେକ୍ସନର କୋଟି କୋଟି ଟଙ୍କାର କାର୍ଯ୍ୟ ତାଙ୍କ ତତ୍ତ୍ୱାବଧାନରେ ଚାଲିଛି। ଏଠାରେ ସୂଚନାଯୋଗ୍ୟ କି ନିମାପଡ଼ା ଜଳସେଚନ ବିଭାଗ ଡ଼ିଭିଜନରେ ଅବସ୍ଥାପିତ ଜନୈକ କର୍ତ୍ତବ୍ୟ ନିଷ୍ଠ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟ କାଳ ଦୁଇ ବର୍ଷ ନ ପୁରୁଣୁ ସେହି ଯନ୍ତ୍ରୀଙ୍କୁ ନିମାପଡ଼ାରୁ ଅନ୍ୟତ୍ର ବଦଳି କରାଯାଇଥିବା ବେଳେ ଏହି ଡିଭିଜନ ଅଧିନସ୍ଥ କେତେକ ସବଡିଭିଜନରେ ଜଣେ ଲେଖାଏଁ ଯନ୍ତ୍ରୀ ଗୋଟିଏ ସ୍ଥାନରେ ୧୦ରୁ ୧୫ବର୍ଷ ରହିଥିବା ବେଳେ ସେମାନଙ୍କୁ ଅନ୍ୟତ୍ର ବଦଳି କରାଯାଉନାହିଁ କ'ଣ ପାଇଁ ବୋଲି କାକଟପୁରରେ ଆଲୋଚନାର ବିଷୟ ହୋଇଛି। ବିଭିନ୍ନ ସମୟରେ ଅସ୍ତରଙ୍ଗ କେନାଲ ସେକ୍ସନ ଉପରେ ନିର୍ଭର କରୁଥିବା ଚାଷୀମାନେ ସେମାନଙ୍କ ବହୁ ଆପତ୍ତି ଅଭିଯୋଗ ନେଇ ସବଡିଭିଜନକୁ ଆସୁଥିଲେ ମଧ ଅଧିକାଂଶ ସମୟ ଯନ୍ତ୍ରୀଙ୍କୁ ନପାଇ ନିରାଶ ମନରେ ଫେରିବାକୁ ପଡୁଛି ବୋଲି ବହୁ ଚାଷୀ ଅଭିଯୋଗ କରିଛନ୍ତି। ଏମିତିକି ଯନ୍ତ୍ରୀଙ୍କ ଅବହେଳା ଏବଂ ମେରିରାୟ ନୀତି ଯୋଗୁଁ ଆଜକୁ ୫ ବର୍ଷ ଧରି ଏହି ସେକ୍ସନ ଅଧିନରେ ଥିବା ମୋଟ ୩ ଗୋଟି ପାଣିପଞ୍ଚାୟତର ନିର୍ବାଚନ ହୋଇପାରୁ ନଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ପାଣି ପଞ୍ଚାୟତ ଗଠନ ହୋଇପାରି ନଥିବା କାରଣରୁ ପ୍ରତିବର୍ଷ ଏହି ସେକ୍ସନରେ ଘାସ ତଞ୍ଚା, ଘଳିଆମରାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହେଉଥିଲେ ମଧ ଏହି ସେକ୍ସନର ମୁଖ୍ୟ କେନାଲ ସମେତ ମୁଖ୍ୟ କେନାଲରୁ ବାହାରିଥିବା ଶାଖା, ଉପଶାଖା ଓ ଅତିରିକ୍ତ ଉପଶାଖା କେନାଲରେ ବେଣା ଘାସ, ଅନାବନା ଗଛର ଘଞ୍ଚ ଜଙ୍ଗଲ ସୃଷ୍ଟି ହୋଇ ଏବେ ମହାଦ୍ରୁମରେ ପରିଣତ ହୋଇଥିବା ଦେଖିବାକୁ ମିଳୁଛି। ଏମିତିକି କେନାଲର ତଳ ମୁଣ୍ଡର ଚାଷୀ ସରକାରଙ୍କୁ ଜଳକର ଦେଉଥିଲେ ମଧ ସେମାନଙ୍କ ବିଲରେ କେନାଲ ପାଣି ପହଞ୍ଚିପାରୁନଥିବା ଅଭିଯୋଗ କରୁଛନ୍ତି। ଚାଷୀଙ୍କ ଅଭିଯୋଗରୁ ଆହୁରି ପ୍ରକାଶଯେ ଏହି ସେକ୍ସନ ଅଧିନରେ ଥିବା ବିଭିନ୍ନ କେନାଲରେ ଏବେ କଂକ୍ରିଟ ଲାଇନଙ୍ଗି କାର୍ଯ୍ୟ ଚାଲୁରହିଛି। କାର୍ଯ୍ୟକୁ ଠିକା ନେଇଥିବା ଠିକାଦାର କେନାଲ କ୍ରଂକ୍ରିଟ କାର୍ଯ୍ୟ ପାଇଁ କେନାଲରୁ ବାହାରିଥିବା ମାଟିକୁ କେନାଲ ବନ୍ଧ ଉପରେ ପକାଇ ବନ୍ଧକୁ ମଜଭୁତ କରିବା ପରିବର୍ତ୍ତେ ଠିକାଦାର ବାହାରେ ବିକ୍ରି କରି ଦେଉଛି ବୋଲି ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ କେତେକ ଚାଷୀ ପ୍ରକାଶ କରିଛନ୍ତି। ବିନା ସୂଚନା ଫଳକରେ ଏହି ସେକ୍ସନରେ କୋଟି କୋଟି ଟଙ୍କାର କାର୍ଯ୍ୟ ଚାଲିଥିବାବେଳେ କାହା ନିର୍ଦ୍ଦେଶ ଆଉ ଆଦେଶ ବଳରେ ସଂପୃକ୍ତ ଯନ୍ତ୍ରୀଙ୍କୁ ତାଙ୍କ ନିଜ ସେକ୍ସନ ସହ ଅନ୍ୟ ସେକ୍ସନର କୋଟି କୋଟି ଟଙ୍କାର କାର୍ଯ୍ୟ ତଦାରଖ ଭାର ଅର୍ପଣ କରାଯାଇଛି ତାହା ତଦନ୍ତ ସାପେକ୍ଷ। କେନାଲ କଂକ୍ରିଟ କାର୍ଯ୍ୟରେ ବ୍ୟବହୃତ ବାଲି, ମୋରମ, ଚିପ୍ସ, ସିମେଣ୍ଟ ମିଶ୍ରଣ ସଠିକ ଅନୁପାତରେ କରାଯାଉନଥିବା ବେଳେ କେନାଲ ଶଯ୍ୟାରେ ଓ ପାର୍ଶ୍ୱରେ ଅଳ୍ପ ପରିମାଣର ମୋରମ ଦେଇ ତା' ଉପରେ ନିର୍ମାଣ ହେଉଥିବା କଂକ୍ରିଟ ଢ଼ଳେଇର ଥିକନେସ ଅତ୍ୟନ୍ତ ପତଳା ହୋଇଥିବାରୁ ଏହାର ସ୍ଥାୟିତ୍ୱକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ବହୁ ଚାଷୀ ସନ୍ଦେହ ପ୍ରକାଶ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କୁ ପଚାରିବାରେ ସେ କହିଛନ୍ତି ଏବେ କେନାଲ କଂକ୍ରିଟ ଲାଇନିଙ୍ଗ୍ କାର୍ଯ୍ୟ ବର୍ଷା ଯୋଗୁଁ ବନ୍ଦ ରହିଛି ଏବଂ କେନାଲରେ ଘାସ ତଞ୍ଚା କାର୍ଯ୍ୟ ଆରମ୍ଭ ହେବାକୁଯାଉଛି। ଆଗକୁ କାର୍ଯ୍ୟ ଆରମ୍ଭ ହେଲେ ସବୁ ଦେଖି କାର୍ଯ୍ୟ ସଂପାଦନ କରାଯିବ। ତେବେ ଏ ଦିଗରେ ଜଳସଂପଦ ବିଭାଗ ମୁଖ୍ୟଯନ୍ତ୍ରୀ, ସର୍ବୋଚ୍ଚ ଯନ୍ତ୍ରୀ, ବିଭାଗୀୟ ସଚିବ ପୁରୀ ଜିଲ୍ଲାପାଳ ଦୃଷ୍ଟିଦେଇ କାକଟପୁର ଜଳସେଚନ ବିଭାଗରେ ଦୀର୍ଘ ଦିନ ଧରି ଖାଲି ପଡ଼ିଥିବା ପଦବୀ ପୂରଣ କରିବାକୁ ଚାଷୀ ମହଲରେ ଦୃଢ଼ ଦାବି ହେଉଛି।

## ରଥଯାତ୍ରା ଦଳାଚକଟାରେ ପ୍ରାଣ ହରାଇଥିବା ମୃତକଙ୍କୁ ଶ୍ରଦ୍ଧାଞ୍ଜଳି



**ଡେଲାଙ୍ଗ,୩୦।୬/ଏନ୍‌ଏନ୍‌ଏସ୍:** ଗତ ରବିବାର ଭୋର ସମୟରେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥାରୁଢ ଶ୍ରୀଜୀଉଙ୍କୁ ଦର୍ଶନ କରିବା ନିମନ୍ତେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଭିଡ ନିୟନ୍ତ୍ରଣ କରିବାରେ କିଛି ତ୍ରୁଟି ରହିଯିବାରୁ ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ଠେଲାପେଲା ହେବା ସହିତ ଦଳାଚକଟା ହୋଇଥିଲା। ଏହି ଦଳାଚକଟାରେ ପ୍ରେମକାନ୍ତ ମହାନ୍ତି, ବାସନ୍ତୀ ସାହୁ ଏବଂ ପ୍ରଭାତୀ ଦାସ ନାମକ ତିନିଜଣ ଶ୍ରଦ୍ଧାଳୁ ପ୍ରାଣ ହରାଇବା ପରେ ସାରା ରାଜ୍ୟରେ ଶୋକ ଛାୟା ଖେଳିଯାଇଛି। ଏହି ପରିପ୍ରେକ୍ଷୀରେ ଡେଲାଙ୍ଗ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଭାତ କ୍ଲବ ପକ୍ଷରୁ କ୍ଲବ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ କରାଯାଇଥିଲା। କ୍ଲବର ମୁଖ୍ୟ ପରିଚାଳନା କମିଟି ସଭ୍ୟ ପଦ୍ମନାଭ ବରାଳ, ପ୍ରଦୀପ୍ତ ସ୍ୱାଇଁ, ସରୋଜ ମିଶ୍ର, ଗନ୍ଧର୍ବ ପ୍ରଧାନ, ସହ ସମ୍ପାଦକ ପ୍ରଶାନ୍ତ ଦାଶ, ସଦସ୍ୟ ହୃଷିକେଶ ମହାରଣା, ସୁକାନ୍ତ ସାହୁ, ସୌମ୍ୟରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଦିବଙ୍ଗତ ଶ୍ରଦ୍ଧାଳୁ ମାନଙ୍କ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ ପୂର୍ବକ କ୍ୟାଣ୍ଡେଲ ଜାଳି ନିରବ ପ୍ରାର୍ଥନା କରାଯାଇଥିଲା।

## ପ୍ରଭାତୀ ଦାସଙ୍କ ବିୟୋଗରେ ଶୋକ



**ଫୁଲନଖରା,୩୦।୬/ଏନ୍‌ଏନ୍‌ଏସ୍:** ଗତକାଲି ପୁରୀ ଶରଧାବାଲିରେ ଦଳାଚକଟାରେ ମୃତ୍ୟୁବରଣ କରିଥିବା ସଦର ଥାନା ଅନ୍ତର୍ଗତ ସନ୍ତୋଳ ଗ୍ରାମର ସ୍ୱର୍ଗତ ମହେନ୍ଦ୍ରନାଥ ଦାସଙ୍କ କନ୍ୟା ପ୍ରଭାତୀ ଦାସ(୫୨)ଙ୍କ ଅକାଳ ବିୟୋଗରେ ସମ୍ପୃକ୍ତ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ସୁନ୍ଦରପ୍ରକାଶ ଦାସ, ସୁନ୍ଦରପ୍ରଭାତ ଦାସ, ମିତ୍ରା ଦାସ, ସୁନ୍ଦରପବିତ୍ର ଦାସ, ସୁନ୍ଦରପ୍ରବୀଣ ଦାସ, ଦିଲୀପ ସାମନ୍ତରାୟ, ବିମଳ ଦାସ, ଲିଙ୍ଗରାଜ ମହାନ୍ତି, କବିପ୍ରସାଦ ମହାନ୍ତି, ଅଶ୍ୱିନୀ ମହାପାତ୍ର, କ୍ଷେତ୍ରମୋହନ ସେନାପତି, ବରଦାପ୍ରସାଦ ମହାନ୍ତି, ଆଇନଜୀବୀ ଅଭିରାମ ପାତ୍ର, ଚିନ୍ମୟୀ ମହାପାତ୍ର, ସାମ୍ବାଦିକ ପ୍ରତାପକେଶରୀ ପାତ୍ର, ଶୁଭମ ଦାସ, ସତ୍ୟମ ଦାସ, ଆରାଧ୍ୟା ଏକାଡ଼େମୀର ମୁଖ୍ୟ ଅଜୟକୁମାର ପାତ୍ର ଓ ସ୍ୱାତୀ ଦାସ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ ପ୍ରଭାତୀ ନିଜ ପରିବାର ସହ ଶରଧାବାଲିରେ ଶ୍ରୀବିଗ୍ରହଙ୍କୁ ଦର୍ଶନ କରୁଥିଲାବେଳେ ଭକ୍ତଙ୍କ ଦଳାଚକଟାରେ ସେ ମୃତ୍ୟୁବରଣ କରିଥିଲେ।

## ବଢୁଛି ଦୁର୍ଘଟଣା: ମୋଟରଯାନ ଆଇନ କାର୍ଯ୍ୟକାରୀ କରିବାରେ କର୍ତ୍ତୃପକ୍ଷ ବିଫଳ

**କୁଆଁପାଳ,୩୦।୬/ଏନ୍‌ଏନ୍‌ଏସ୍:** ରାଜ୍ୟରେ ମୋଟରଯାନର ଦୁର୍ଘଟଣା ଦିନକୁ ଦିନ ବଢିବାରେ ଲାଗିଛି। ସରକାରୀ ନିୟମ ରହିଛି ହେଲେ କାର୍ଯ୍ୟକାରୀ ହେଉନି ପୂର୍ବ ସରକାରଙ୍କ ଅମଳରେ ହାଇସିକ୍ୟୁରିଟ୍ ନମ୍ବର ପ୍ଲେଟ ଦୁଇ ଚକିଆ ଗାଡିଠାରୁ ଆରମ୍ଭ କରି ଚାରିଚକିଆ ଯାନରେ ଲଗାଇବା ପାଇଁ ବାଧ୍ୟତାମୂଳକ କରାଯାଇଥିଲା। ତାହା ଧର୍ମକୁ ଆଖିଠାର ବୋଲି ପରବର୍ତ୍ତୀ ସମୟରେ ଦେଖିବାକୁ ମିଳିଥିଲା। ଏହି ହାଇ ସିକ୍ୟୁରିଟ୍ ନମ୍ବର ପ୍ଲେଟ୍ ଚୋରାରେ ବି ମିଳୁଥିଲା। ଏବେ ବି ରାଜ୍ୟର ବିଭିନ୍ନ ସ୍ଥାନରେ ବିନା ନମ୍ବର ପ୍ଲେଟ୍, ପୁରୁଣା ନମ୍ବର ପ୍ଲେଟ୍, ନମ୍ବର ଦିଶୁନଥିବା ଗାଡି ଚଳାଚଳ କରୁଛି। ଅପରପକ୍ଷରେ ବାହାର ରାଜ୍ୟର ନମ୍ବର ଗାଡି ମଧ ଓଡିଶାରେ ଚଳାଚଳ ହେଉଛି। ଛୋଟ ଛୋଟ ପିଲାଙ୍କ ହାତରେ ଦୁଇ ଚକିଆ ଯାନ। ବିନା ଲାଇସେନ୍ସ ଧାରୀ ଗାଡି ଚଳାଉଛନ୍ତି। ମାହାଙ୍ଗା ଅଞ୍ଚଳରେ ଦେଖିବାକୁ ମିଳୁଛି ଯେ ଅପ୍ରାପ୍ତ ବୟସ୍କଙ୍କ ପିଲାଙ୍କ ହାତରେ କେବଳ ଦୁଇ ଚକିଆ ଯାନ ନୁହେଁ ସେମାନେ ଟ୍ରାକ୍ଟର ମଧ ଚଳାଉଛନ୍ତି। ହେଲେ ଆଞ୍ଚଳିକ ପରିବହନ ବିଭାଗ ଓ ପ୍ରଶାସନ ସବୁ ଦେଖି ଆଖି ବୁଜି ଦେଇଛି। ବିନା ଲାଇସେନ୍ସରେ ଏପରିକି ଦ୍ରୁତ ଗତିରେ ଗାଡି ଚାଳନା ଦ୍ୱାରା କେବଳ ମାହାଙ୍ଗା ନୁହେଁ ରାଜ୍ୟର ବିଭିନ୍ନ ସ୍ଥାନରେ ଦୈନିକ ଦୁର୍ଘଟଣାମାନ ଘଟୁଛି। ଏପରିକି ଛୋଟ ଛୋଟ ପିଲାମାନେ ମଦ୍ୟପାନ କରି ଗାଡି ଚଳାଉଥିବା ଦେଖିବାକୁ ମିଳୁଛି। ସରକାରଙ୍କ ନୀତି ଓ ନିୟମ ଅଛି ହେଲେ ତାହା କାର୍ଯ୍ୟକାରୀ ହେଉନାହିଁ। ଯାହାଫଳରେ ଅକାଳରେ ବହୁ ଧନଜୀବନ ନଷ୍ଟ ହେଉଛି। ଏଥିପାଇଁ ପ୍ରକୃତରେ ଦାୟୀ କିଏ ଜନସାଧାରଣ ନା ପ୍ରଶାସନ। ଯଦି ନିୟମ କାର୍ଯ୍ୟକାରୀ କରିବା ପାଇଁ ସରକାର ବିଫଳ ହେଉଛନ୍ତି ତେବେ ସେ ଭଳି ନିୟମ ପ୍ରଣୟନ କରିବା କାହା ସ୍ୱାର୍ଥରେ ବୋଲି ମାହାଙ୍ଗା ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାର ମୋଟରଯାନ ଆଇନକୁ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି।

## ମହାବିଦ୍ୟାଳୟରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ସାକ୍ଷୀଗୋପାଳ,୩୦।୬/ଏନ୍‌ଏନ୍‌ଏସ୍:** ସାକ୍ଷୀଗୋପାଳ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଶଙ୍କର ପ୍ରସାଦ ମିଶ୍ର ତଥା କନିଷ୍ଠ କିରାଣି ବୀରକିଶୋର ମହାପାତ୍ରଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ପ୍ରା. ପୁଷ୍ପମିତ୍ରା ପଟ୍ଟନାୟକଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ କୁ ସଂସ୍କୃତ ବିଭାଗର ମୁଖ୍ୟ ପ୍ରା. ସୁଜାତା ମହାପାତ୍ର ସଂଯୋଜନା କରିଥିଲେ। ଉତ୍କଳମଣିଙ୍କ ସାଧନପୀଠ ସତ୍ୟବାଦୀରେ କାର୍ଯ୍ୟକରିବା ପରମ ସୌଭାଗ୍ୟର କଥା ଓ ତାଙ୍କ ପୁଣ୍ୟାସ୍ମୃତିରେ ଗଢ଼ା ଏଇ ଅନୁଷ୍ଠାନରେ ତାଙ୍କର ଆଦର୍ଶକୁ ପାଳନ କରି ସମଗ୍ର ବୃତ୍ତିଗତ ଜୀବନ ବିତାଇଥିବା ଶଙ୍କର ପ୍ରସାଦ ମିଶ୍ର ଓ ବୀରକିଶୋର ମହାପାତ୍ର ଆମର ଗର୍ବ ଓ ଗୌରବ ବୋଲି ଅଧ୍ୟକ୍ଷା ଶ୍ରୀମତୀ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ମଞ୍ଚାସୀନ ଅନ୍ୟତମ ଅତିଥି ପ୍ରାଧ୍ୟାପକ ଧନୁର୍ଦ୍ଧର ମୁଦୁଲି ଓ ପ୍ରାଧ୍ୟାପକ ମନୋଜ କୁମାର ପରିଡା ବିଦାୟୀ ବରିଷ୍ଠ ସହକର୍ମୀ ଦ୍ୱୟଙ୍କ ନିଆରା ବ୍ୟକ୍ତିତ୍ୱର ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ପ୍ରା. ଡ଼କ୍ଟର କଳ୍ପନା କୁମାରୀ ମହାପାତ୍ର, ପ୍ରା. ରତ୍ନାକର ସାହୁ, ଅଧ୍ୟାପିକା ସସ୍ମିତା ପ୍ରଧାନ, ଶୁଭ୍ରଦୀପ୍ତା ପଟ୍ଟନାୟକ, ଡ଼କ୍ଟର ରାଜଶ୍ରୀ ଶତପଥୀ, ଅବସରପ୍ରାପ୍ତ କିରାଣୀ ରାଜ କିଶୋର ପତି, ମହେଶ୍ୱର ମିଶ୍ର, ପ୍ରାକ୍ତନ ଛାତ୍ରୀ ଜସ୍ମିନ ଦାଶ ପ୍ରମୁଖ ଯୋଗଦେଇ ବିଦାୟୀ ସହକର୍ମୀ ଦ୍ୱୟଙ୍କ ସହ କଟାଇଥିବା ଅନୁଭୂତି ଗୁଡିକର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ପ୍ରା. ମିଶ୍ର ଓ ଶ୍ରୀ ମହାପାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ଡ଼କ୍ଟର ପୁପୁଲ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ପ୍ରେସ୍ ଟ୍ରଷ୍ଟ ଅଫ୍ ଟାଙ୍ଗୀ-ଚୌଦ୍ୱାରର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

## 'ସାମ୍ବାଦିକତା ସହିତ ସମାଜସେବା ସବାଗ୍ରେ ଆଦୃତ'



**ଚୌଦ୍ୱାର,୩୦।୬/ଏନ୍‌ଏନ୍‌ଏସ୍:** ପ୍ରେସ୍ ଟ୍ରଷ୍ଟ ଅଫ୍ ଟାଙ୍ଗୀ-ଚୌଦ୍ୱାରର ନୂତନ କାର୍ଯ୍ୟାଳୟର ଉଦ୍‌ଘାଟନ ଉତ୍ସବ ଚୌଦ୍ୱାର ବିରାଟ ବଜାରରେ ପବିତ୍ର ରଥଯାତ୍ରା ଦିନ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର-କଟକ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଉଦ୍‌ଘାଟକ ଭାବେ ଯୋଗ ଦେଇ ସଂପ୍ରତି ସମୟରେ କେବଳ ଘଟୁଥିବା ଘଟଣାବଳୀ ଲୋକଲୋଚନକୁ ଆଣିବା ସହିତ ସମ୍ଭାବ୍ୟ ସମାଧାନକୁ ଗୁରୁତ୍ୱ ଦେଇ ସାମ୍ବାଦିକତା ସହିତ ସମାଜସେବା ସବାଗ୍ରେ ଆଦୃତ ବୋଲି ବକ୍ତବ୍ୟରେ କହିଥିଲେ। ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳର ପ୍ରଥମ ସରକାରୀ ପଞ୍ଜିକୃତ ସଙ୍ଗଠନ ବୋଲି ବରିଷ୍ଠ ସାମ୍ବାଦିକ ତଥା ଉପଦେଷ୍ଟା ନରେଶ କୁମାର ସାହୁ ପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବେ ଇମ୍ଫା କାରଖାନାର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମାନସ ବସନ୍ତିଆ, ସମ୍ମାନିତ ଅତିଥି ଭାବେ ସହ ଲୋକସମ୍ପର୍କ ଅଧିକାରୀ ଅଭିଷେକ ଘୋଷ, ବିରାଟବଜାର ପୂଜା କମିଟି ସଭାପତି ପ୍ରଶାନ୍ତ କୁମାର ବରାଳ, ସମ୍ପାଦକ ଅଶୋକ କୁମାର ମାଝୀ, ସମାଜସେବୀ ପ୍ରିୟବ୍ରତ ସ୍ୱାଇଁ, ବିଶେଷ ସମ୍ମାନିତ ଅତିଥି ଭାବେ ଚୌଦ୍ୱାର ଥାନା ଅଧିକାରୀ ବିଶ୍ୱରଂଜନ ସାହୁ, ଏସ୍‌ଆଇ ଅବିନାଶ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସଙ୍ଗଠନ ପକ୍ଷରୁ ନିରପେକ୍ଷ ସମ୍ବାଦ ପରିବେଷଣ କରିବା ସହିତ ବିଭିନ୍ନ ସାମାଜିକ ଉନ୍ନୟନ ମୂଳକ କାର୍ଯ୍ୟ କରାଯିବ ବୋଲି ଟ୍ରଷ୍ଟର ଯୁଗ୍ମ ଉପଦେଷ୍ଟା ରତିକାନ୍ତ ପଟ୍ଟନାୟକ ସୂଚନା ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ମ୍ୟାନେଜିଙ୍ଗ ଟ୍ରଷ୍ଟି ସ୍ୱାଧୀନ ଦାସ, ସଭାପତି ସୁବ୍ରତ କୁମାର ସାମଲ, ଉପସଭାପତି ସୁଧାଂଶୁ ଶେଖର ପରିଜା, ସମ୍ପାଦକ ଲୋକନାଥ ମାଝୀ, ସହସମ୍ପାଦକ ବିଶ୍ୱଜିତ୍ ବିଶ୍ୱାଳ ଓ କୋଷାଧ୍ୟକ୍ଷ ନାରାୟଣ ଚନ୍ଦ୍ର ଜେନା ଉପସ୍ଥିତ ଥିଲେ। ଶେଷରେ ଟ୍ରଷ୍ଟର ସଭାପତି ସୁବ୍ରତ କୁମାର ସାମଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଘର ଆଗରେ ଜବରଦସ୍ତ ପୋଖରୀ ଖନନର ତଦନ୍ତ ନିର୍ଦ୍ଦେଶ



**ଓଡ଼ଗାଁ,୩୦।୬/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ତହସିଲ ଅନ୍ତର୍ଗତ ବଡ଼ପୁଟ ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘର ଆଗରେ ପୋଖରୀ ଖନନ ହୋଇଥିବା ନେଇ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି। ଘଟଣାର ତଦନ୍ତ ପାଇଁ ତହସିଲଦାର ଶରଣକୁଳ ରାଜସ୍ୱ ନିରୀକ୍ଷକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଅଭିଯୋଗ ଅନୁଯାୟୀ, ବଡପୁଟ ଗ୍ରାମର ରାଜୀବ ସାହୁଙ୍କ ଘର ଆଗରେ ସରକାରୀ ରାସ୍ତା ଯାଇଛି। ସେହିରାସ୍ତା ଗୋଚରଜମି ବୋଲି ସରକାରୀ ରେକର୍ଡରୁ ଜଣାପଡିଛି କିନ୍ତୁସେହି ବଡପୁଟ ଗ୍ରାମର ଗ୍ରାମ୍ୟସଭାପତି ସନ୍ତୋଷ ସାମଲ,ଉପସଭାପତି ଉଦାସୀ ପ୍ରଧାନ,ସମ୍ପାଦକ ହର୍ଷବର୍ଦ୍ଧନ ସାହୁ ମିଶି ଜୋର୍ ଜବରଦସ୍ତ ଜେସିବି,ଟ୍ରାକ୍ଟର ଲଗାଇ ପୋଖରୀ ଖନନ କରୁଛନ୍ତି ଓ ସେହିମାଟି ପକାଇ ରାସ୍ତା ଅବରୋଧ କରିଛନ୍ତି।ମୁଁ ତାଙ୍କୁ ପୋଖରୀ ଖୋଳିବାନେଇ ବାରଣ କରିଥିଲେ ମଧ ସେମାନେ କର୍ଣ୍ଣପାତ କରୁନାହାନ୍ତି। ଫଳରେ ଘରୁ ବାହାରିବା ଅସମ୍ଭବ ହୋଇପଡିଛି। ଆଜି ରାଜୀବ ସାହୁ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଦାବି କରିଛନ୍ତି। ଅଭିଯୋଗ ପାଇବା ପରେ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ଘଟଣାର ତଦନ୍ତ ପାଇଁ ଶରଣକୁଳ ରାଜସ୍ୱ ନୀରିକ୍ଷକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ୨୦୧୨-୧୩ରେ ନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବନ୍ଧୁମିଳନ



**ମାହାଙ୍ଗା,କୁଆଁପାଳ,୩୦।୬/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳସ୍ଥିତ ବଣୁଆ ମହାପୁରୁଷ ପୀଠ ପରିସରରେ ମାହାଙ୍ଗା ବ୍ଲକରେ ୨୦୧୨-୧୩ ମସିହା ନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ପ୍ରଦ୍ୟୁମ୍ନ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥିଭାବେ ମାହାଙ୍ଗା ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଅବସରପ୍ରାପ୍ତ ବରିଷ୍ଠ କାର୍ଯ୍ୟାଳୟ ସହାୟକ ରାଧାକାନ୍ତ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ସୁକାନ୍ତ କୁମାର ବେହୁରା, ମହେଶ୍ୱର ରାଉତ ଓ ସ୍ୱପ୍ନାରାଣୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପକ୍ଷରୁ ଅବସରପ୍ରାପ୍ତ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନାଦି ଚରଣ ନାୟକ, ଆର୍ତ୍ତତ୍ରାଣ ସାହୁ,ବ୍ରଜବନ୍ଧୁ ନାୟକ, ବିଶ୍ୱଜିତ ବିଶ୍ୱାଳ, ଉମାଶଙ୍କର ନାୟକ, ଦୁର୍ଗାଚରଣ ହେମ୍ବ୍ରମ, ସୁବାଷ ଚନ୍ଦ୍ର ରାଉତ,ରାଜା କୁମାର ରାଉତ, ବିବେକାନନ୍ଦ ପ୍ରଧାନ, ମନୋରଞ୍ଜନ ଦାସ, କ୍ଷୀରୋଦ ଚନ୍ଦ୍ର ମଲିକ, ଜ୍ୟୋସ୍ନାରାଣୀ ବେହେରା, ସନ୍ଧ୍ୟାରାଣୀ ନାୟକ, ଟିକିଲତା ପ୍ରଧାନ, ବିପିନ ବିହାରୀ ସାହୁ, ପିୟୁଷ କୁମାର କର, ଉମେଶ ନାୟକ, ରୋଜାଲିନ ପ୍ରଧାନ, ବିଶ୍ୱଜିତ ଦଳାଇ, ପ୍ରହଲ୍ଲାଦ ସାମଲଙ୍କ ସମେତ ଏହି ବ୍ୟାଚର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଭାବର ଆଦାନ ପ୍ରଦାନ କରିଥିଲେ। ବିଶେଷ କରି ମାହାଙ୍ଗାର ଭାଇଚାରା ଓ ପରମ୍ପରାକୁ ବଜାୟ ରଖିବା ପାଇଁ ୨୦୧୨ ଓ ୧୩ ନିଯୁକ୍ତିପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସାଧୁ ଉଦ୍ୟମରେ ବନ୍ଧୁମିଳନ ଉତ୍ସବ ଆୟୋଜନ କରି ଅବସର ନେଇଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା କରିବା ଭଳି ଏକ ନିଆରା ଉତ୍ସବ ପାଳନ କରାଯାଇଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଶିକ୍ଷକ ପ୍ରଶାନ୍ତ କୁମାର ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷକ ପଦ୍ମଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନାହିଁ ନାହିଁରେ ଚାଲିଛି କୁମୁଡ଼ାଜୟପୁର ଫାଣ୍ଡି କାର୍ଯ୍ୟାଳୟ

### ରହିବାକୁ ଗୃହ ନାହିଁ, ବହୁ ପଦବୀ ଖାଲି



**ମାହାଙ୍ଗା,୩୦।୬/ଏନ୍‌ଏନ୍‌ଏସ୍:** ମାହାଙ୍ଗା ଥାନା ଅଧୀନ କୁମୁଡ଼ାଜୟପୁର ଫାଣ୍ଡି ଏବେ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ଜଣାଯାଇଛି। ପ୍ରକାଶ ଯେ ଏହି ଫାଣ୍ଡିଟି ୨୦୧୧ ମସିହାରେ ପ୍ରତିଷ୍ଠା କରାଯାଇଥିଲା। ମାହାଙ୍ଗା ବ୍ଲକର ଦ୍ୱିପାଞ୍ଚଳର ଜନସାଧାରଣଙ୍କ ଧନ ଜୀବନ ସୁରକ୍ଷା ନିମନ୍ତେ ଏହି ଫାଣ୍ଡି ନିର୍ମାଣ କରାଯାଇଥିଲା। ଭେଡା, ମଉଦା, କୁଣ୍ଡି, ସାହାପୁର, ବାଜପୁରା, ମଧୁପୁର, କଇଥା, ସମସରପୁର, କୁହୁଣ୍ଡା ଆଦି ୯ଟି ପଞ୍ଚାୟତର ପ୍ରାୟ ୩୦ହଜାରରୁ ଅଧିକ ଲୋକଙ୍କୁ ଏହି ଫାଣ୍ଡି ଆଇନ ସେବା ଯୋଗାଇଦେଉଛି। ଏହି ଫାଣ୍ଡିଟି ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ। ଏଥି ସହ ଫାଣ୍ଡି ଅଧୀନ ପ୍ରମୁଖ ରାସ୍ତା ଗୁଡିକ ଛତିଆ-ସାଲେପୁର, ଜୟପୁର-ପାଗା, ଜୟପୁର-କୃଷ୍ଣଦାସପୁର ଓ ଭୋଳିଦାସପୁର-ବଡଚଣା ଆଦି ଜାତୀୟ ରାଜପଥକୁ ସଂଯୋଗ କରୁଛି। ଗୋଟିଏ ପଟେ ବଡ଼ଚଣା, ଟାଙ୍ଗୀ, ଛତିଆ, ସାଲେପୁର, ବାଲିଚନ୍ଦ୍ରପୁର ଆଦି ଅଞ୍ଚଳକୁ ସଂଯୋଗ କରୁଛି। ଏହି ଫାଣ୍ଡିଟି ସିମାନ୍ତ ଅଞ୍ଚଳ ହୋଇଥିବାରୁ ବାହାର ବ୍ଲକ୍‌ର ଅପରାଧୀ ମାନେ ଅନାୟାସରେ ବିଭିନ୍ନ ଅପରାଧ ଘଟାଇ ଖସିଯିବାକୁ ସକ୍ଷମ ହୁଅନ୍ତି। ସେହିପରି ଫାଣ୍ଡି ଅଧିନ ବିଭିନ୍ନ ସ୍ଥାନରେ ହତ୍ୟା, ଚୋରି, ରାହାଜାନୀ, ଡକାୟତି ଆଦି ଘଟଣା ଘଟିବା ସହ ଚୋରାମାଦକ ଦ୍ରବ୍ୟ କାରବାର ବଢୁଥିବା ଉଦାହରଣ ରହିଛି। କର୍ମଚାରୀ କମ ଥିବାରୁ ଅଞ୍ଚଳ ବାସୀ ସୁରକ୍ଷା ଦେବାରେ ବାଧା ଉପୁଜୁଛି। ଏଥିସହ ଅପରାଧିମାନଙ୍କୁ ଠାବ କରିବାରେ ସକ୍ଷମ ହୋଇପାରୁନାହାନ୍ତି। ତେବେ ଉକ୍ତ ଫାଣ୍ଡି ଅଞ୍ଚଳଟି ଏହିପରି ସମ୍ବେଦନଶୀଳ ଅଞ୍ଚଳ ହୋଇଥିଲେ ମଧ ଏଠାରେ ଆବଶ୍ୟକ କର୍ମଚାରୀ ଅଭାବ ଏବଂ ବହୁ ସମସ୍ୟା ଥିବା ଜଣାଯାଇଛି। ଜଣେ ଏସ୍‌ଆଇ ଥିବା ବେଳେ ଜଣେ କନେଷ୍ଟବଳ ଓ ଦୁଇ ଜଣ ହୋମଗାର୍ଡ କାର୍ଯ୍ୟରେ ନିୟୋଜିତ ଅଛନ୍ତି। କିନ୍ତୁ ଏଠାରେ ୪ଜଣ କନେଷ୍ଟବଳ ଆବଶ୍ୟକ ଥିବା ବେଳେ ମାତ୍ର ଜଣେ କନେଷ୍ଟବଳ ଏବଂ ୬ଜଣ ହୋମଗାର୍ଡ ବଦଳରେ ମାତ୍ର ଦୁଇଜଣ ରହିଛନ୍ତି। ପୂଜା ପାର୍ବଣ ସମୟରେ ଏହି କର୍ମଚାରୀମାନଙ୍କୁ ଅନ୍ୟତ୍ର ସ୍ଥାନକୁ କାର୍ଯ୍ୟ ନିମନ୍ତେ ପଠାଯାଉଥିବାରୁ ନାନା ସମସ୍ୟା ଦେଖାଦେଉଛି। ତିନୋଟି କୋଠରୀ ମଧ୍ୟରେ ଏହି ଫାଣ୍ଡିଟି ଚାଲୁଛି। ଗୋଟିଏ ଗୃହରେ ଅଫିସ, ଗୋଟିଏ ଗୃହରେ ଅଧିକାରୀଙ୍କ ଗୃହ ଓ ବାରକ ଗୃହରେ ରୋଷ କାର୍ଯ୍ୟ କାଲୁଛି। ରୋଷେଇ ଧୂଆଁରେ କର୍ମଚରମାନେ ଶୁଆବସାରେ ଅସୁବିଧାର ସମ୍ମୁଖିନ ହୋଇଥାନ୍ତି। ଅନ୍ୟ କର୍ମଚାରୀଙ୍କ ପାଇଁ ଏଠାରେ ଆଦୌ ଗୃହ ନାହିଁ। ଯାହାକି କର୍ମଚାରୀମାନେ ବାଧ ହୋଇ ଉକ୍ତ ଫାଣ୍ଡି ମଧ୍ୟରେ ରାତି ଦିନ ବିଭିନ୍ନ ସମସ୍ୟାରେ ଶୁଆ ବସା କରୁଛନ୍ତି। ଅଭିଯୋଗକାରୀମାନେ ଆସୁଥିଲେ ମଧ ସେମାନଙ୍କ ନିମନ୍ତେ ଅଭ୍ୟର୍ଥନା ଗୃହ ନଥିବାରୁ ସେମାନେ ବାଧହୋଇ ନିକଟରେ ଥିବା ବରଗଛ ମୂଳେ ବସି ରହିଥାନ୍ତି। ଅପରାଧୀମାନଙ୍କ ନିମନ୍ତେ ହାଜତ ଗୃହ ନାହିଁ। ପାନୀୟଜଳ କଥା ନ କହିବା ଭଲ। ଏ ନଳକୂପ ହିଁ ସାହା ଭରସା ପାଲଟିଛି। ଏବେ ଏହି ନଳକୂପରୁ ଗୋଳିଆ ପାଣି ବାହାରୁଥିବାରୁ ତାହା ପିଇବା ଅନୁପଯୋଗୀ ହୋଇପଡ଼ିଛି। ଫାଣ୍ଡିଟି ଗେଙ୍ଗୁଟୀ ନଦୀର ପାର୍ଶ୍ୱରେ ଥିବାରୁ ବନ୍ୟା ସମୟରେ ଅତଡ଼ା ଖସିଥାଏ। କେତେବେଳେ ଏହି ଗୃହଟି ନଦୀ ମଧ୍ୟରେ ଲୀନ ହୋଇଯିବାର ଆଶଙ୍କା ମଧ ରହିଛି। ଦୀର୍ଘ ଦିନ ହେବ ସ୍ଥାୟୀ ଗୃହ ନିର୍ମାଣ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାଗା ଚିହ୍ନଟ କରା ନଯିବାରୁ ଗୃହ ନିର୍ମାଣ ନିମନ୍ତେ ସମସ୍ୟା ଦେଖାଦେଇଛି। ଏହି ଫାଣ୍ଡିର ଗୃହଟି ଆଜବେଷ୍ଟସ ଛପର ହୋଇଥିବାରୁ ଖରାଦିନେ କର୍ମଚାରୀମାନେ ନାନା ସମସ୍ୟା ଦେଇ ଗତି କରିଥାନ୍ତି। ବିଶେଷ କରି କାଳବୈଶାଖି ସମୟରେ ଏହାର ଆଜବେଷ୍ଟସ୍‌ଗୁଡିକ ଉଡିଯାଉଥିବା ନଜିର ମଧ ରହିଛି। ସେ ସମୟରେ ଗୃହ ଉପରେ ପାଲ ପକାଇ କର୍ମଚାରୀମାନେ ରହିଥାନ୍ତି। ଏହି ଫାଣ୍ଡି ଅଞ୍ଚଳରେ ଦିନକୁ ଦିନ ଲୋକସଂଖ୍ୟା ବୃଦ୍ଧି ହେଉଥିବାରୁ ଏହାକୁ ଥାନା ମାନ୍ୟତା ପାଇଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି। ତେଣୁ ତୁରନ୍ତ ଏହି ସମସ୍ୟା ପ୍ରତି ବିଭାଗୀୟ ଉଚ୍ଚ ଅଧିକାରୀ ଏବଂ ସରକାର ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ନିତି ଭାରତୀ

ପରାଜୟ ଶେଷକଥା ନୁହେଁ, ଏହା ଆରମ୍ଭର ଫାଟକ ମାତ୍ର । - ଶ୍ରୀ ଅରବିନ୍ଦ

ନିତିଦିନ NITIDIN
ମଙ୍ଗଳବାର, ୧ ଜୁଲାଇ, ୨୦୨୫

# ବିପଦରେ ଅଭିବ୍ୟକ୍ତିର ସ୍ୱାଧୀନତା

ଭାରତ ବିଶ୍ୱର ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ଲୋକଙ୍କର ସ୍ୱାଧୀନ ମତ ଦେବାର ଅଧିକାର କିଛିଟା କ୍ଷୁଣ୍ଣ ହେଉଛି। ସମ୍ବିଧାନର ଧାରା ୧୯(୧)(କ)ରେ ନାଗରିକଙ୍କୁ ପ୍ରଦାନ କରାଯାଇଥିବା ସ୍ୱାଧୀନ ଅଭିବ୍ୟକ୍ତିକୁ ଦଳି ଦିଆଯାଉଛି। ସମ୍ବିଧାନରେ ଥିବା ମୌଳିକ ଅଧିକାର ସୁରକ୍ଷିତ ରଖିବାର ମାନସିକତାରେ ଶାସକ ଶ୍ରେଣୀ କ୍ୱଚିତ୍ ରହିଛନ୍ତି। ସରକାରଙ୍କୁ ନ ସୁହାଇବା ପରି ମତ ପ୍ରକାଶକୁ ଦେଶଦ୍ରୋହ ଭାବେ ବିବେଚନା କରାଯାଇ ମାମଲା ଦାୟର କରାଯାଉଛି। ଏପରିକି ଯୁଦ୍ଧ ବାତାବରଣରେ କୌଣସି ଅଖାଡୁଆ ମନ୍ତବ୍ୟ ପ୍ରକାଶ କରିଦେଲେ ତାହା ରାଷ୍ଟ୍ର ବିରୋଧୀ ବୋଲି ବିବେଚିତ ହେଉଛି। ସତେ ଯେପରି ଗଣତନ୍ତ୍ରରେ



ସନ୍ତୋଷ କୁମାର ମହାପାତ୍ର

ଭିନ୍ନ ମତର ସ୍ଥାନ ନାହିଁ ! ୨୦୧୬-୨୦୧୮ମସିହା ମଧ୍ୟରେ ଦେଶରେ ୧୫୬ଟି ଦେଶଦ୍ରୋହ ମାମଲା ଦାୟର ହୋଇଥିବା ବେଳେ ୨୦୧୯ ଡିସେମ୍ବରରୁ ୨୦୨୦ ଫେବୃଆରୀ ମଧ୍ୟରେ ୧୯୪ଟି ଦେଶଦ୍ରୋହ ମାମଲା ଦାୟର ହୋଇଥିଲା। ଏହି ଆଇନରେ ଗୋଟିଏ ରାଜ୍ୟର ପୁଲିସ ଅନ୍ୟ ରାଜ୍ୟକୁ ଆସି ଅଭିଯୁକ୍ତଙ୍କୁ ବାନ୍ଧି ନେବାର ଦେଖାଗଲା। ଦେଶଦ୍ରୋହ ମାମଲା ଯୋଗୁଁ ନାଗରିକର ସାମ୍ବିଧାନିକ ଅଧିକାର କ୍ଷୁଣ୍ଣ ହେଉଥିବା ପରିପ୍ରେକ୍ଷୀରେ ୨୦୨୨ରେ ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୧୨୪-ଏକୁ ଶୀର୍ଷ ଅଦାଲତ ବାତିଲ କରିଥିଲେ। ଇତି ମଧ୍ୟରେ ଦେଶରେ ଭାରତୀୟ ନ୍ୟାୟ ସଂହିତା ଲାଗୁ ହୋଇଛି। ଅବଶ୍ୟ ଶାସନ କଳକୁ ହାତବାରିସି କରି ନାଗରିକ ଅଧିକାର ସଂକୁଚିତ କରିବାକୁ ଉଦ୍ୟମ କରାଯାଉଛି। ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ପ୍ରତି ଜଣେ ବ୍ୟଙ୍ଗ କରିଥିବା ଅଭିଯୋଗରେ ମାମଲା ଦାୟର ହୋଇଛି। ଏହା ଏକ ନକାରାତ୍ମକ କଥା। ଛୋଟ ଘଟଣାରେ ନାଗରିକର ବାକ୍ ସ୍ୱାଧୀନତା ଦଳି ଦିଆଯାଇ ପାରିବ ନାହିଁ ବୋଲି ନିକଟରେ ଗୁଜରାଟ କଂଗ୍ରେସ ସାଂସଦ ଇମ୍ରାନ ପ୍ରତାପଗ୍ରହୀଙ୍କ ବିରୋଧରେ ପୁଲିସ ଦାୟର କରିଥିବା ଫୌଜଦାରୀ ମାମଲାକୁ ରଦ୍ଦ କରିବା ଅବସରରେ ସୁପ୍ରିମ୍‌କୋର୍ଟ ଏହା କହିଛନ୍ତି। କଂଗ୍ରେସ ସାଂସଦଙ୍କ ଏକ କବିତାକୁ ନେଇ ପୁଲିସ ଏହି ମାମଲା ଦାୟର କରିଥିଲା। ସୁପ୍ରିମ୍‌କୋର୍ଟର ବିଚାରପତି ଅଭୟ ଏସ୍ ଓକ୍କା ଓ ଉଜ୍ଜ୍ୱଳ ଭୂୟାଁ ମାମଲା ରଦ୍ଦ କରିବା ଅବସରରେ କହିଛନ୍ତି ଯେ ଶାସନ କଳ ଚକ୍ଷୁହୀନଙ୍କ ଭଳି ଏଫ୍‌ଆଇଆର୍ ଦାୟର କରିବା ଉଚିତ ନୁହେଁ। ସ୍ୱାଧୀନ ଅଭିବ୍ୟକ୍ତି ସମ୍ବିଧାନ ପ୍ରଦତ୍ତ ନାଗରିକର ମୌଳିକ ଅଧିକାର। ଦେଶରେ ସମ୍ବିଧାନ ପ୍ରଣୟନର ୭୫ ବର୍ଷ ପରେ ମଧ୍ୟ ଗୁଜରାଟ ପୁଲିସ ମୌଳିକ ଅଧିକାର ସମ୍ପର୍କରେ ଅଜ୍ଞ, ଅଥବା ଏହାକୁ ଖାତିର କରୁନାହିଁ ବୋଲି ଅଦାଲତ ଅତ୍ୟନ୍ତ କଡ଼ା ଭାଷାରେ ମନ୍ତବ୍ୟ ଦେଇଛନ୍ତି।

ସେହିପରି ଧର୍ମୀୟ ସ୍ୱାଧୀନତା ଉଲ୍ଲଙ୍ଘନ ହେଉଛି। ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହୋଇଥିବାରୁ ଶାସକ ଶ୍ରେଣୀ, ପ୍ରଶାସକମାନେ ଧର୍ମନିରପେକ୍ଷତା ବଜାୟ ରଖିବା ଉଚିତ୍, ଯାହା ହେଉନାହିଁ। ପ୍ରତି ବର୍ଷ ୟୁନାଇଟେଡ୍ ଷ୍ଟେଟ୍‌ସ୍ କମିଶନ୍ ଅନ୍ ଇଣ୍ଟରନ୍ୟାସନାଲ ରିଲିଜିଅସ ଫ୍ରିଡମ୍ (ୟୁଏସ୍‌ସିଆଇଆରଏଫ୍) ବିଶ୍ୱରେ ଧର୍ମୀୟ ସ୍ୱାଧୀନତା ଉଲ୍ଲଙ୍ଘନରେ ଜଡ଼ିତ କିମ୍ବା ଏହାକୁ ଅନୁମତି ଦେଉଥିବା ଦେଶଗୁଡ଼ିକର ତାଲିକା ପ୍ରସ୍ତୁତ କରିଥାଏ। ସେହିସବୁ ରାଷ୍ଟ୍ରକୁ 'କଣ୍ଟ୍ରିଜ ଅଫ୍ ପର୍ଟିକୁଲାର କନସର୍ଣ୍ଣ' (ସିପିସି) ବା ବିଶେଷ ଭାବେ ଚିନ୍ତାଜନକ ଦେଶ ବର୍ଗରେ ନାମିତ କରାଯାଏ। ସେମାନଙ୍କ ସହ କିଛି ସଂସ୍ଥା ବିରୋଧରେ କଟକଣା ଲଗାଇବା ପାଇଁ ଆମେରିକାର ପରରାଷ୍ଟ୍ର ବିଭାଗକୁ ୟୁଏସ୍‌ସିଆଇଆରଏଫ୍ ପରାମର୍ଶ ଦେଇଥାଏ। ଚଳିତ ବର୍ଷ କଟକଣାର ସାମ୍ନା କରିଥିବା ଦେଶଗୁଡ଼ିକ ମଧ୍ୟରେ ଭାରତ ଆଫଗାନିସ୍ତାନ, ବର୍ମା, ଚୀନ୍, କ୍ୟୁବା, ଇରିଟ୍ରିଆ, ଭାରତ, ଇରାନ, ନିକାରାଗୁଆ, ନାଇଜେରିଆ, ଉତ୍ତର କୋରିଆ, ପାକିସ୍ତାନ, ରୁଷିଆ, ସାଉଦି ଆରବ, ତାଜିକିସ୍ତାନ, ତୁର୍କମେନିସ୍ତାନ ଏବଂ ଭିଏତ୍‌ନାମ ସହିତ ରହିଛି। ଭାରତ ପ୍ରଥମେ ୨୦୨୦ରେ ଏହି ତାଲିକାରେ ଥିଲା ଏବଂ ସେବେଠାରୁ ପ୍ରତି ବର୍ଷ ଏଥିରେ ରହି ଆସୁଛି। ୨୦୧୯ରେ ଭାରତର ଧର୍ମୀୟ ସ୍ୱାଧୀନତାରେ ଅତ୍ୟଧିକ ଅଧୋଗତି ଘଟିଥିଲା ବୋଲି ରିପୋର୍ଟରେ କୁହାଯାଇଛି। ଭାରତ ସଦାସର୍ବଦା ଧର୍ମୀୟ ଉତ୍ତେଜନା ଦ୍ୱାରା ସୃଷ୍ଟି ହେଉଥିବା ରାଜନୈତିକ ଓ ଆନ୍ତଃସାମ୍ପ୍ରଦାୟିକ ବିବାଦକୁ ପ୍ରତିରୋଧ କରିବା ଆବଶ୍ୟକ ବୋଲି ରିପୋର୍ଟରେ ସତର୍କ କରି ଦିଆଯାଇଛି।

ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର। ବହୁମତ ଶାସନ ଗଣତାନ୍ତ୍ରିକ ରାଷ୍ଟ୍ରର ମୂଳ ଭିତ୍ତି। ଭାରତର ଅଧିକାଂଶ ନାଗରିକ ଯେଉଁ ଦଳ ସପକ୍ଷରେ ଭୋଟ ଦିଅନ୍ତି, ସେହି ଦଳ ଶାସନ କରେ। କିନ୍ତୁ କ୍ୱଚିତ୍ ଭଲ ଲୋକ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରନ୍ତି। ସାଧାରଣତଃ ଗଣତନ୍ତ୍ର ଭୋଟ ଦେବା ମଧ୍ୟରେ ସୀମିତ ହୋଇ ରହିଛି, ଯାହା ଫଳରେ ଅଧିକ ଧନୀ, କ୍ଷମତାଶାଳୀ ଓ ଅପରାଧରେ ସଂଶ୍ଲିଷ୍ଟ ବ୍ୟକ୍ତି ନିର୍ବାଚିତ ହୋଇ ଆମକୁ ଶାସନ କରନ୍ତି। ଏଣୁ ସିଦ୍ଧାନ୍ତ ଧନୀକ ସପକ୍ଷରେ ଯାଏ। ଗରିବ ଅବହେଳିତ ହୁଅନ୍ତି। ଯିଏ ଶାସନ କରନ୍ତି, ସିଏ ଚାହାନ୍ତି ନାହିଁ ତାଙ୍କୁ କିଏ ସମାଲୋଚନା କରୁ, ବରଂ ପ୍ରଶଂସା କରୁ। ଯିଏ ସମାଲୋଚନା କଲା, ସେ ଘୃଣିତ ହେଉଛି। ସେଇ ପ୍ରକ୍ରିୟାରୁ ଅଭିବ୍ୟକ୍ତିର ସ୍ୱାଧୀନତା ଆଜି ବିପନ୍ନ।

ଗଣତନ୍ତ୍ର ସେତିକି ବେଳେ ଶକ୍ତିଶାଳୀ ହୁଏ, ଯେତେବେଳେ ଏହାର ୪ଟିଯାକ ସ୍ତମ୍ଭ ସ୍ୱାଧୀନ ଭାବେ କାର୍ଯ୍ୟ କରେ। କିନ୍ତୁ ସେସବୁ ଆଜି ନିରପେକ୍ଷ ହୋଇ ରହିନାହିଁ। ଭାରତର ଗଣତନ୍ତ୍ର ନିମ୍ନମୁଖୀ। ଗଣମାଧ୍ୟମ ସ୍ୱାଧୀନତା ହରାଇଛି ବୋଲି ଚାରୋଟି ପ୍ରସିଦ୍ଧ ରିପୋର୍ଟ- ଫ୍ରିଡମ୍ ହାଉସ ରିପୋର୍ଟ, ଗ୍ଲୋବାଲ ଡେମୋକ୍ରାସି ଇଣ୍ଡେକ୍ସ ଏବଂ ବିଶ୍ୱ ପ୍ରେସ ଇଣ୍ଡେକ୍ସ, ଭି-ଡେମ ରିପୋର୍ଟର ବିଶ୍ଳେଷଣରେ ଏହା ମଧ୍ୟ ପ୍ରତିପାଦିତ ହୋଇଛି। 'ଦି ରିପୋଟର୍ସ ଉଇଦାଉଟ ବର୍ଡର୍ସ'ର ବାର୍ଷିକ ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କରେ ୨୦୨୪ରେ ୧୮୦ଟି ଦେଶ ମଧ୍ୟରୁ ଭାରତ ୧୫୯ ସ୍ଥାନରେ ଅଛି, ଅର୍ଥାତ୍ ୧୫୮ଟି ଦେଶ ତଳେ। ୨୦୨୨ରେ ୧୮୦ଟି ଦେଶ ମଧ୍ୟରୁ ଏହା ୧୫୦ ସ୍ଥାନରେ ଥିଲା। ୨୦୧୪ରେ ଭାରତ ଏହି ସୁଚକାଙ୍କରେ ୧୪୦ ଓ ୨୦୧୬ରେ ୧୩୩ ସ୍ଥାନରେ ଥିଲା। ଦି ଇକୋନୋମିଷ୍ଟ ଇଣ୍ଟେଲିଜେନ୍ସ ୟୁନିଟ୍ ଦ୍ୱାରା ପ୍ରକାଶିତ ବିଶ୍ୱ ଗଣତନ୍ତ୍ର ସୂଚକାଙ୍କ ୨୦୨୫ ରିପୋର୍ଟରେ ଭାରତ ୧୬୭ ଦେଶ ମଧ୍ୟରେ ୪୬ ସ୍ଥାନରେ ରହି ପୂର୍ବ ପରି ଏକ ତ୍ରୁଟିପୂର୍ଣ୍ଣ ଗଣତନ୍ତ୍ର ଭାବେ ପରିଗଣିତ ହୋଇଛି। ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ଷମତାକୁ ଆସିବା ପରେ ଏହି ହ୍ରାସ ଘଟିଛି। ସେହିପରି ଭି-ଡେମ୍ ଡେମୋକ୍ରାସି ରିପୋର୍ଟ ୨୦୨୫ରେ ଭାରତକୁ 'ନିର୍ବାଚନୀ ସ୍ୱେଚ୍ଛାଚାରିତା'ର ଦେଶ ଭାବରେ ବର୍ଗୀକୃତ କରାଯାଇଛି ଏବଂ ପୂର୍ବ ବର୍ଷ ତୁଳନାରେ ଏହାର ସ୍ଥାନ ନିମ୍ନଗାମୀ ହୋଇଛି। ବିଶେଷକରି, ଉଦାର ଗଣତନ୍ତ୍ର ସୂଚକାଙ୍କରେ ଭାରତ ୧୭୯ଟି ଦେଶ ମଧ୍ୟରୁ ୧୦୦ତମ ସ୍ଥାନରେ ରହିଛି। ଏହା ଗଣତାନ୍ତ୍ରିକ କାର୍ଯ୍ୟ ଦକ୍ଷତାରେ ହ୍ରାସକୁ ସୂଚିତ କରେ। ଏକ ରିପୋର୍ଟ ଦର୍ଶାଇଛି ଯେ ଭାରତ ସବୁଠାରୁ ଖରାପ ସ୍ୱେଚ୍ଛାଚାରୀ ଗଣତନ୍ତ୍ରଙ୍କ ମଧ୍ୟରୁ ଗୋଟିଏ। ୨୦୨୧ ମାର୍ଚ୍ଚ ୩ରେ ବିଶ୍ୱ ରାଜନୈତିକ ଅଧିକାର ଓ ସ୍ୱାଧୀନତା ଉପରେ ତା'ର ବାର୍ଷିକ ରିପୋର୍ଟରେ ଆମେରିକାର ଅଣ-ଲାଭକାରୀ ଫ୍ରିଡମ୍ ହାଉସ୍ ଭାରତର ସ୍ଥାନକୁ ଏକ ମୁକ୍ତ ଗଣତନ୍ତ୍ରରୁ ଆଂଶିକ ମୁକ୍ତ ଗଣତନ୍ତ୍ରକୁ ହ୍ରାସ କରିଥିଲା।

ବର୍ତ୍ତମାନ ସବୁଠାରୁ ବଡ଼ ବିପଜ୍ଜନକ ଘଟଣା ହେଉଛି କୃତ୍ରିମ ବୁଦ୍ଧିମତ୍ତା ଯୋଗୁଁ ଶାସକ ଶ୍ରେଣୀ ପାଖକୁ ଆମର ସବୁ କଥା ଚାଲିଯିବ। କୌଣସି କଥା ଗୋପନୀୟ ହୋଇ ରହିବ ନାହିଁ। ଆଧାର କାର୍ଡ ଭଳି ପରିଚୟ ପତ୍ରରେ ଥିବା କ୍ୟୁଆର୍ କୋଡ୍ (କୁଇକ୍ ରେସ୍‌ପନ୍ସ କୋଡ୍) ବ୍ୟକ୍ତିର ସମସ୍ତ ସୂଚନା ଜଣାଇବ। ମୋବାଇଲ୍ ଫୋନ୍ ଧରିବା ମାନେ ଆମେ କୁଆଡ଼େ ଯାଉଛୁ, କ'ଣ କରୁଛୁ, ତାହା ଇଣ୍ଟରନେଟ୍‌ରେ ଜାଣିହେବ, ଗନ୍ତବ୍ୟ ସ୍ଥଳରେ ଡିଜିଟାଲ୍ କ୍ୟାମେରା ଥିଲେ ଦୃଶ୍ୟମାନ ବିବରଣୀ ମିଳିବ। କୃତ୍ରିମ ବୁଦ୍ଧିମତ୍ତାର ବିଭିନ୍ନ ସଂସ୍କରଣରେ ପରିବର୍ତ୍ତନ ଯୋଗୁଁ ଆମର ପ୍ରତିଟି କାରବାରର ଖବର ଲିପିବଦ୍ଧ ହୋଇ ରହୁଛି। ପରିବାରରେ କଥାବାର୍ତ୍ତା, ବଜାରରେ କିଣାବିକା, ସୋସିଆଲ୍ ମିଡିଆ ପଢ଼ାପଢ଼ି ଏବଂ ତହିଁରେ ଲେଖାଲେଖି, ୟୁଟ୍ୟୁବ୍ ଚ୍ୟାନେଲରେ ବର୍ଣ୍ଣନା ଆଦିରୁ ଆମର ଭାବନା, ବ୍ୟକ୍ତିତ୍ୱ, ଆମର ମାନସିକତା ଜାଣି ନେଉଛି। ବ୍ରାଉଜିଂ ହିଷ୍ଟ୍ରି, କିଣାକିଣି ଇତିହାସ, କ୍ରେଡିଟ୍ କାର୍ଡ ବ୍ୟବହାରର ଇତିହାସ, ସୋସିଆଲ୍ ମିଡିଆ, ପବ୍ଲିକ୍ ରେକର୍ଡ ଆଦିରୁ ଖଳ ଲୋକେ ଜାଣିପାରି ଠକୁଛନ୍ତି। ଏଣୁ ଶାସକ ଶ୍ରେଣୀ ପାଖକୁ ଆମର ସବୁ କଥା ଚାଲିଯିବା ସ୍ୱାଭାବିକ। ଯିଏ ଶାସକ ଶ୍ରେଣୀ ବା କ୍ଷମତାଶାଳୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବ, ତାହାର କିଛି ଦୁର୍ବଳତାର ଫାଇଦା ନେଇ ତାକୁ ହଇରାଣ କରାଯିବ। ଯିଏ ସମର୍ଥନ କରିବ, ତା'ର ଦୋଷ କ୍ଷମା କରାଯିବ।

କେବଳ ସ୍ୱାଧୀନ ଭାବେ ମତ ଦେବାରେ ପ୍ରତିବନ୍ଧକ ସୃଷ୍ଟି ହୋଇନି, ଆମ ଦେଶର ଆର୍ଥିକ ନୀତି ମଧ୍ୟ ବିଶ୍ୱ ବାଣିଜ୍ୟ ସଂଘ, ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି, ବିଶ୍ୱ ବ୍ୟାଙ୍କ ତଥା ଆମେରିକା ପରି ପୁଞ୍ଜିବାଦୀ ରାଷ୍ଟ୍ର ଦ୍ୱାରା ପ୍ରଭାବିତ ହେଉଛି। ସେମାନଙ୍କ ଚାପରେ ଶାସକ ଶ୍ରେଣୀ ଆମର ଆର୍ଥିକ ସାର୍ବଭୌମତ୍ୱକୁ ଜଳାଞ୍ଜଳି ଦେଇ ତଥା ଜାତୀୟ ସ୍ୱାର୍ଥକୁ ବଳି ପକେଇ ବହୁଦେଶୀୟ ପୁଞ୍ଜିପତିଙ୍କ ସ୍ୱାର୍ଥ ଯେଉଁଥିରେ ବେଶୀ ସାଧିତ ହେବ, ସେହିପରି ନିୟମମାନ ପ୍ରଣୟନ କରୁଛନ୍ତି। ପୁଞ୍ଜିପତିମାନଙ୍କର ଅସଲ ଉଦ୍ଦେଶ୍ୟ ହେଲା, ଭିନ୍ନ ଭିନ୍ନ ଦେଶକୁ ନିଜର ପୁଞ୍ଜିର ଅବାଧ ଗତି ଜାରି ରଖିବା; ବିଭିନ୍ନ ଦେଶରେ ଅବାଧ ବାଣିଜ୍ୟ କାରବାର କରିବା ତଥା ତହିଁରୁ ପ୍ରଚୁର ଲାଭ ଅର୍ଜନ କରିବା। ସ୍ୱାଧୀନତାର ଅର୍ଥ ସେମାନଙ୍କ ପାଇଁ କେବଳ ଲାଭ। ବିଶ୍ୱରେ ସନ୍ତୁଳନ ରକ୍ଷା କରିବା ପାଇଁ ସାମରିକ ଦୃଷ୍ଟିରୁ ଓ ଆର୍ଥିକ ଦୃଷ୍ଟିରୁ ଶକ୍ତିଶାଳୀ ହେବା ଯେତିକି ଜରୁରୀ, ଆମେରିକା ଭଳି ଅନ୍ୟ ଦେଶର ଚାପ ଆଗରେ ମସ୍ତକ ନତ ନ କରି ଦୃଢ଼ ଭାବରେ ଠିଆ ହେବାର ଇଚ୍ଛାଶକ୍ତି ମଧ୍ୟ ସେହିଭଳି ଆବଶ୍ୟକ। ଆଗରୁ ଆମେରିକା ଚୀନ୍‌ର ପ୍ରଭାବକୁ ମୁକାବିଲା କରିବା ପାଇଁ ଭାରତ ସରକାରଙ୍କୁ ନିଜର ଜୁନିୟର ଷ୍ଟ୍ରାଟେଜିକ୍ ପାର୍ଟନର ଭାବେ ବ୍ୟବହାର କରିଛି। ବର୍ତ୍ତମାନ ଟ୍ରମ୍ପ୍‌ଙ୍କ ଏକପାଖିଆ ଟାରିଫ୍ ବିରୁଦ୍ଧରେ ଲଢ଼େଇ କରିବା ପରିବର୍ତ୍ତେ ଭାରତ ଆତ୍ମସମର୍ପଣ କରିଛି। ଆମେରିକାର ଯେଉଁସବୁ ଦେଶ ସହିତ ବାଣିଜ୍ୟ ନିଅଣ୍ଟ ବା ଟ୍ରେଡ୍ ଡେଫିସିଟ୍ ରହିଛି, ସେହି ପ୍ରମୁଖ ଦେଶମାନଙ୍କ ବିରୁଦ୍ଧରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ୍ ଆମଦାନୀ ଶୁଳ୍କ ଲଗାଇଛନ୍ତି। ଏକଦା ନରେନ୍ଦ୍ର ମୋଦୀ ଆମେରିକାରେ 'ଅବ୍‌କି ବାର ଟ୍ରମ୍ପ୍ ସରକାର' ସ୍ଲୋଗାନ ଦେଇଥିଲେ। କିନ୍ତୁ ସେହି ଆମେରିକା ଭାରତ ଉପରେ ଶୁଳ୍କ ବସାଇବାକୁ ପଛାଇଲା ନାହିଁ। ଏପରିକି ଭାରତୀୟମାନଙ୍କ ଗୋଡ଼ରେ ଶିକୁଳି ବାନ୍ଧି ଭାରତକୁ ପଠାଇଲା। ବିଶିଷ୍ଟ ଦାର୍ଶନିକ, ଲେଖକ ଜ୍ୟାକ୍ ରୁସୋଙ୍କ ଅନୁସାରେ, ଯେତେବେଳେ ଏକ ସମାଜରେ ଅସମାନତା ଅତ୍ୟଧିକ ବୃଦ୍ଧି ପାଏ, ଅସହ୍ୟ ହୁଏ, ସେତେବେଳେ ଗଣତନ୍ତ୍ର ସବୁଠାରୁ ଅସୁରକ୍ଷିତ ହୋଇଥାଏ। ଏକ ଗଣତନ୍ତ୍ରରେ ଯେ କୌଣସି ବ୍ୟକ୍ତି, ଏପରିକି ଅପରାଧୀ, ଦୁର୍ନୀତିଗ୍ରସ୍ତ, ଖରାପ ଚରିତ୍ରର ଅଧିକାରୀ ହୋଇଥିଲେ ମଧ୍ୟ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା, ଜୟଯୁକ୍ତ ହେବା, ମନ୍ତ୍ରୀ ହେବା ବା ବିଭିନ୍ନ ସରକାରୀ ଅନୁଷ୍ଠାନର ନେତୃତ୍ୱ ନେବାକୁ କିମ୍ବା ଅଧ୍ୟକ୍ଷତା କରିବାରେ ସେପରି କୌଣସି ପ୍ରତିବନ୍ଧକ ନଥାଏ। ଏଣୁ ଗଣତନ୍ତ୍ର ତା'ର ଗୁରୁତ୍ୱ ହରାଇ ଥାଏ, ଯାହା ଆମ ଦେଶରେ ଦେଖିବାକୁ ମିଳୁଛି।

ମୋ: ୯୪୩୭୨୦୮୭୬୨

# ଇସିଙ୍କ ପାଇଁ ପରୀକ୍ଷା

ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତରେ ନିର୍ବାଚନ ଅନୁଷ୍ଠିତ କରାଇବା ସର୍ବାଧିକ କଷ୍ଟକର କାର୍ଯ୍ୟ। ବର୍ଷର କୌଣସି ନା କୌଣସି ସମୟରେ ଦେଶରେ ନିର୍ବାଚନର ପରିବେଶ ଦେଖିବାକୁ ମିଳିଥାଏ। ତେବେ ଏକ ଅବାଧ ଏବଂ ନିରପେକ୍ଷ ନିର୍ବାଚନ କରାଇବା ପାଇଁ ମୌଳିକ ଆବଶ୍ୟକତା ହେଉଛି ତ୍ରୁଟିଶୂନ୍ୟ ଭୋଟର ତାଲିକା, ଯେଉଁଥିରେ ସମସ୍ତ ଏବଂ କେବଳ ଯୋଗ୍ୟ ଭୋଟରମାନଙ୍କ ନାମ ରହିଥିବ। ବିହାର, ଯେଉଁଠି ଚଳିତ ବର୍ଷର ଉତ୍ତରାର୍ଦ୍ଧରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବା ନିମନ୍ତେ କାର୍ଯ୍ୟସୂଚୀ ସ୍ଥିର ହୋଇଛି, ସେହି ରାଜ୍ୟରୁ ଆରମ୍ଭ କରି ସାରା ଦେଶରେ ଭୋଟର ତାଲିକାର ଏକ ବିଶେଷ ସଘନ ସଂଶୋଧନ ଆରମ୍ଭ କରିବା ପାଇଁ ଭାରତୀୟ ନିର୍ବାଚନ କମିଶନଙ୍କ ନିଷ୍ପତ୍ତି ତେଣୁ ଅବଶ୍ୟ ଏକ ପ୍ରଶଂସନୀୟ ଅବଧାରଣା। ନିର୍ବାଚନ କମିଶନ (ଇସି)ଙ୍କ କହିବା ଅନୁସାରେ, ସେହିସବୁ ଭୋଟରମାନେ ଯେଉଁମାନଙ୍କ ନାମ ଭୋଟର ତାଲିକାରେ ୨୦୦୩ ସୁଦ୍ଧା ରହିଥିଲା, ଯେତେବେଳେ କି ସର୍ବଶେଷ ସଘନ ସଂଶୋଧନ କାର୍ଯ୍ୟ ସମ୍ପାଦନ କରାଯାଇଥିଲା, ସେମାନଙ୍କୁ ଭୋଟର ତାଲିକାରେ ସେମାନଙ୍କ ନାମ କାଏମ୍ ରଖିବା ପାଇଁ କୌଣସି କାଗଜପତ୍ର ବା ଦସ୍ତାବିଜ ଦାଖଲ କରିବାକୁ ପଡ଼ିବ ନାହିଁ। କମିଶନ ୪.୯୬ କୋଟି- ମୋଟ ମତଦାତାଙ୍କର ୬୦ ପ୍ରତିଶତ- ଭୋଟରଙ୍କର ତାଲିକା ପ୍ରକାଶ କରିବେ, ଯେଉଁମାନଙ୍କ ନାମ ୨୦୦୩ର ବିଶେଷ ସଘନ ସଂଶୋଧନରେ ତାଲିକାଭୁକ୍ତ ହୋଇଥିଲା, ଯଦ୍ୱାରା ସେମାନଙ୍କୁ ସମର୍ଥନକାରୀ କାଗଜପତ୍ର ବା ଦଲିଲ ଦସ୍ତାବିଜ ଦାଖଲ କରିବାକୁ ପଡ଼ିବ ନାହିଁ। ଯେଉଁମାନେ ଜୁଲାଇ ୧୯୮୭ ଏବଂ ଡିସେମ୍ବର ୨୦୦୪ ଭିତରେ ଦେଶରେ ଜନ୍ମଗ୍ରହଣ କରିଛନ୍ତି, ଯେଉଁମାନେ କି ୨୦୦୩ ସୁଦ୍ଧା ୧୮ ବର୍ଷ ବୟସର ହୋଇ ନଥିଲେ ଏବଂ ସେଥିପାଇଁ ସେମାନେ ନିଜର ନାମ ତାଲିକାଭୁକ୍ତ କରିପାରି ନଥିଲେ, ସେମାନଙ୍କୁ ନିଜର ତଥା ଗୋଟିଏ ପିତାମାତାଙ୍କର ସନ୍ତାନ ଭାବରେ ପ୍ରମାଣିତ କରିବା ନିମନ୍ତେ ସେମାନଙ୍କ ଜନ୍ମ ଏବଂ ଜନ୍ମସ୍ଥାନର ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ, ଯେତେବେଳେ କି ଯେଉଁମାନେ ୨୦୦୪ ଡିସେମ୍ବର ପରେ ଜନ୍ମଗ୍ରହଣ କରିଛନ୍ତି, ସେମାନଙ୍କୁ ନିଜର ତଥା ଉଭୟ ପିତାମାତାଙ୍କର ଜନ୍ମ ଏବଂ ଜନ୍ମସ୍ଥାନର ପ୍ରମାଣପତ୍ର ଉପସ୍ଥାପନ କରିବାକୁ ହେବ।

ଭୋଟର ତାଲିକାରେ ନାମ ସାମିଲ କରିବା ନିମନ୍ତେ କମିଶନ ଦସ୍ତାବିଜ ବା କାଗଜପତ୍ରଗୁଡ଼ିକର ଏକ ତାଲିକା ପ୍ରଦାନ କରିଛନ୍ତି, ଯେଉଁଗୁଡ଼ିକ ଭୋଟରମାନଙ୍କର ନାଗରିକତ୍ୱକୁ ପ୍ରତିପାଦିତ କରିବା ପାଇଁ ପର୍ଯ୍ୟାପ୍ତ ହେବ। ଏଥିରେ ରହିଛି ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପରିଚୟ ପତ୍ର, ସରକାର କିମ୍ବା ସରକାରଙ୍କ ତାଲିକାଭୁକ୍ତ ସଂସ୍ଥା ବା ଏଜେନ୍ସିମାନଙ୍କ ଦ୍ୱାରା ପ୍ରଦତ୍ତ ପରିଚୟ ପତ୍ର ବା ପ୍ରମାଣପତ୍ର ସମୂହ, ଅଧିକାରପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ ଜନ୍ମ ପ୍ରମାଣପତ୍ର, ପାସପୋର୍ଟ, ଏକ ସରକାରୀ ସଂସ୍ଥା ବା ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ମାଟ୍ରିକ୍ୟୁଲେସନ/ଶିକ୍ଷାଗତ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ଜାତୀୟ ନାଗରିକତା ପଞ୍ଜିକରଣ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରସ୍ତୁତ ପରିବାର ପଞ୍ଜିକା। ଯେଉଁ ଲୋକମାନଙ୍କୁ ଏସବୁ ଦାଖଲ କରିବା ନିମନ୍ତେ ପଡ଼ିବ, ସେମାନଙ୍କୁ ତାହା କରିବା ପାଇଁ ଏକ ମାସର ସମୟ ଅବଧି ମଧ୍ୟ ପ୍ରଦାନ କରାଯାଇଛି। ଯେଉଁମାନେ ୧୯୮୦ ବା ତା' ପରେ ଜନ୍ମଗ୍ରହଣ କରିଛନ୍ତି, ସେମାନଙ୍କର ଜନ୍ମ ପ୍ରମାଣପତ୍ର ରହିଛି, କିନ୍ତୁ ଯେଉଁମାନେ ତା' ପୂର୍ବରୁ ଜନ୍ମଲାଭ କରିଛନ୍ତି, ସେମାନଙ୍କର ସେମିତି କିଛି ପ୍ରମାଣପତ୍ର ନଥିବ। ଆଉ ଯେଉଁମାନଙ୍କ ନିକଟରେ କୌଣସି ଶିକ୍ଷାଗତ ପ୍ରମାଣପତ୍ର ନାହିଁ କି ଯେଉଁମାନଙ୍କ ନାମ ତାଲିକାଭୁକ୍ତ ହୋଇ ସାରିଛି, ସେମାନଙ୍କ ପକ୍ଷେ ନିଜର ନାମକୁ ତାଲିକାଭୁକ୍ତ କରିବା ପାଇଁ ଆବଶ୍ୟକ କାଗଜପତ୍ରଗୁଡ଼ିକ ଦାଖଲ କରିବା ଅତ୍ୟନ୍ତ କଷ୍ଟକର ବ୍ୟାପାର ହେବ। ୧୯୯୦ ଦଶକରେ ଜନ୍ମଲାଭ କରିଥିବା ଜଣକ ନିକଟରେ ହୁଏତ ଜନ୍ମଗତ ପ୍ରମାଣପତ୍ର ରହିଥାଇ ପାରେ, କିନ୍ତୁ ସେମାନଙ୍କ ପିତାମାତା ହୁଏତ ୧୯୬୦ ବା ୭୦ ଦଶକରେ ଜନ୍ମଗ୍ରହଣ କରିଥାଇ ପାରନ୍ତି ଏବଂ ଆଦୌ ସ୍କୁଲ ଯାଇ ନଥିବାରୁ ସେମାନଙ୍କ ନିକଟରେ ସମର୍ଥନକାରୀ କାଗଜପତ୍ର ନଥାଇ ପାରେ। ଏଭଳି ଜଣେ ନାଗରିକଙ୍କ ପକ୍ଷେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ଆବଶ୍ୟକୀୟ କାଗଜପତ୍ର ଦାଖଲ କରିବାକୁ ଦିଆ ଯାଇଥିବା ଏକ ମାସର ସମୟ ଯଥେଷ୍ଟ ହୋଇ ନପାରେ।

ଏହା ବାଦ୍ ଆଉ ଏକ କଥା ମଧ୍ୟ ଆବଶ୍ୟକ ଯେ ପ୍ରତ୍ୟେକ ବ୍ୟକ୍ତି ବର୍ତ୍ତମାନ ଘରେ ରହିବେ, ଯଦ୍ୱାରା ଏଭଳି ଜଣେ ବ୍ୟକ୍ତି ଠିକ୍ ସମୟ ମଧ୍ୟରେ ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ପାରିବେ। ଅନେକ ଲୋକ ଅନ୍ୟାନ୍ୟ ରାଜ୍ୟମାନଙ୍କରେ କାମ କରୁଥାଇ ପାରନ୍ତି, ଏବଂ ଅନେକ ମଧ୍ୟ ବିଦେଶରେ କାମ କରୁଥିବେ, ଆଉ ସେଥିପାଇଁ ଘରକୁ ଫେରି ଠିକ୍ ସମୟରେ ସମସ୍ତ ପ୍ରମାଣପତ୍ର ଦାଖଲ କରିବା ସହଜସାଧ୍ୟ ହୋଇ ନପାରେ। ନିର୍ବାଚନ କମିଶନଙ୍କର ଏଭଳି କାର୍ଯ୍ୟକୁ ବିରୋଧ କରି ଅନେକ ସଂଖ୍ୟକ ରାଜନୀତିକ ଦଳ ସେମାନଙ୍କର ସ୍ୱର ଉତ୍ତୋଳନ କରିଛନ୍ତି। ଭାରତର ଗ୍ରାମାଞ୍ଚଳଗୁଡ଼ିକରେ ଅତି ସ୍ୱଳ୍ପ ଶିକ୍ଷାଗତ ସୁବିଧା ଏବଂ ବିଭିନ୍ନ ପ୍ରକାରର ସେବାଗୁଡ଼ିକର ଉପଲବ୍ଧତା ରହିଥିବା ପରିପ୍ରେକ୍ଷୀରେ ଦେଖିଲେ, ଏହିସବୁ ଅଞ୍ଚଳରେ ବାସ କରୁଥିବା ଅଧିକାଂଶ ଲୋକ, ଯେଉଁମାନଙ୍କ ନିକଟରେ ଯଥାଯଥ କାଗଜପତ୍ର ନାହିଁ, ସେମାନେ ହୁଏତ ସେମାନଙ୍କ ଭୋଟ୍‌ଦାନ ଅଧିକାରରୁ ଏହି କାରଣରୁ ବଞ୍ଚିତ ହୋଇ ପାରନ୍ତି। ଯେହେତୁ ନିର୍ବାଚନ କମିଶନ ଜୋର୍ ଦେଉଛନ୍ତି ଯେ ସବୁ ନାଗରିକଙ୍କର ଭୋଟର ତାଲିକାରେ ନାମ ରଖିବାର ଅଧିକାର ରହିଛି, ସେହି ପରିପ୍ରେକ୍ଷୀରେ ଯେଉଁମାନଙ୍କ ନାମ ଏଥିରେ ନାହିଁ, ସେମାନଙ୍କୁ ସହଜରେ ଅଣ-ନାଗରିକ ଭାବରେ ଆଖ୍ୟାୟିତ କରାଯାଇ ପାରିବ। କେତେକ ରାଜନେତା ଅଭିଯୋଗ ଉଠାଇଛନ୍ତି କି ଏହି କାର୍ଯ୍ୟ ହେଉଛି ବିଜେପି-ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କର ଏକ ଚାଲ୍ ଲୁଚାଛପାରେ ବିବାଦୀୟ ଜାତୀୟ ନାଗରିକ ପଞ୍ଜିକାକୁ ପ୍ରଚଳନ କରିବା ନିମନ୍ତେ। କଂଗ୍ରେସ କହିଛି ଯେ ଏହି ପଦକ୍ଷେପ ବିରୁଦ୍ଧରେ ଏହା କୋର୍ଟଙ୍କ ଦ୍ୱାରସ୍ଥ ହୋଇପାରେ। ତେଣୁ ସାମ୍ବିଧାନିକ ବାଧ୍ୟବାଧକତାକୁ ପୂରଣ କରିବା ନିମନ୍ତେ ନିର୍ବାଚନ କମିଶନ ଯଥା ସମ୍ଭବ ଯାହା କିଛି ଆବଶ୍ୟକ, ତାହା କରିବା ଉଚିତ ଏବଂ ଏପରି କରିବା ବେଳେ ଏକଥା ସୁନିଶ୍ଚିତ କରାଇବାର ଆବଶ୍ୟକତା ରହିଛି, ଏହା କାହାର କଥାରେ କାମ କରୁ ନାହାନ୍ତି- ଅର୍ଥାତ୍ ସମ୍ପୂର୍ଣ୍ଣ ନିରପେକ୍ଷ ଭାବରେ, କାହାକୁ ସୁହାଇବା ଭଳି ନୁହେଁ ଢଙ୍ଗରେ କାମ କରୁଛନ୍ତି।

ଜାତୀୟ ଡାକ୍ତର ଦିବସ ଉପଲକ୍ଷେ

# ଭାରତ ରତ୍ନ ଡାକ୍ତର ବିଧାନ ଚନ୍ଦ୍ର ରାୟ

ଜୁଲାଇ ଏକ ତାରିଖକୁ ଜାତୀୟ ଡାକ୍ତର ଦିବସ ଭାବରେ ପାଳନ କରାଯାଏ। ଏହି ଦିନଟି ହେଉଛି ଭାରତରତ୍ନ ଡାକ୍ତର ବିଧାନ ଚନ୍ଦ୍ର ରାୟଙ୍କର ଜନ୍ମ ଓ ଶ୍ରାଦ୍ଧ ଦିବସ। ସେ ଥିଲେ ଏ ଯୁଗର ଧନ୍ୱନ୍ତରୀ। ବିଧାନବାବୁ ଏକାଧାରରେ ଥିଲେ ଜଣେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଚିକିତ୍ସା ବିଜ୍ଞାନୀ, ସମାଜସେବୀ, ସ୍ୱାଧୀନତା ସଂଗ୍ରାମୀ ଓ ବିଶିଷ୍ଟ ଜନନାୟକ। ତାଙ୍କ ବ୍ୟକ୍ତିତ୍ୱର ପଟାନ୍ତର ନାହିଁ। ସେ ଥିଲେ ୧୯୪୮-୧୯୬୨ ମସିହା ଯାଏଁ ଦୀର୍ଘ ଚଉଦ ବର୍ଷ କାଳ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ। ଆଧୁନିକ ପଶ୍ଚିମବଙ୍ଗର ରୂପକାର। ମୁଖ୍ୟମନ୍ତ୍ରୀ ଥିବା ସମୟରେ ମଧ୍ୟ ସେ ପ୍ରତିଦିନ ସକାଳେ ଦୁଇ ଘଣ୍ଟା ପାଇଁ ବିନା ପାରିଶ୍ରମିକରେ ରୋଗୀ ସେବା କରୁଥିଲେ। ରୋଗୀକୁ ସାମ୍ନାରେ ବସାଇ ପର୍ଯ୍ୟବେକ୍ଷଣ କରନ୍ତି। ଦେହର ଲକ୍ଷଣ, ଶରୀରର ଚେହେରା ଦେଖି ସେ ସଠିକ୍ ଭାବରେ




ଉଦ୍ଧବଚରଣ ନାୟକ

ରୋଗ ନିରୂପଣ କରି ସେହି ହିସାବରେ ବ୍ୟବସ୍ଥା ପତ୍ର ଲେଖି ଦିଅନ୍ତି। ରୋଗ ଚିହ୍ନିବା ପାଇଁ ସେ ବିଭିନ୍ନ ପରୀକ୍ଷା କରିବା ନିମନ୍ତେ ରୋଗୀକୁ ପରାମର୍ଶ ଦିଅନ୍ତି ନାହିଁ। ରୋଗୀକୁ ନିରୀକ୍ଷଣ କରି ସାରିବା ପରେ ବି ପ୍ରକୃତ ରୋଗ କ'ଣ ବୋଲି ଜାଣି ପାରନ୍ତି।

ଥରେ ପଶ୍ଚିମବଙ୍ଗ ମଫସଲର ଜଣେ ମହିଳା ରୋଗୀ ତାଙ୍କ ପାଖରେ ଆସି ପହଞ୍ଚିଲେ। ରୋଗୀଙ୍କର ରୋଗଟି ଥିଲା- ଦୀର୍ଘ ପନ୍ଦର ବର୍ଷ କାଳ ତାଙ୍କର ମୁଣ୍ଡ ବିନ୍ଧା ରୋଗ। ବହୁ ନାମୀଦାମୀ ଡାକ୍ତରଙ୍କ ଚିକିତ୍ସାରେ ସେ କୌଣସି ସୁଫଳ ବା ଆରୋଗ୍ୟ ହୋଇ ପାରିଲେ ନାହିଁ। ସବୁଠାରୁ ନିରାଶ ହୋଇ ଶେଷରେ ସେ ଆସି ପହଞ୍ଚିଲେ ବିଧାନବାବୁଙ୍କ ପାଖରେ। ସେତେବେଳେ ବିଧାନବାବୁ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ। ବିଧାନବାବୁ ଏହି ରୋଗୀକୁ ସାମ୍ନାରେ ବସାଇ ରୋଗ ପର୍ଯ୍ୟବେକ୍ଷଣ କଲେ। ତା'ପରେ ସେ କହିଲେ, 'ତୁମର ଏହି ରୋଗ ପାଇଁ କୌଣସି ଔଷଧପତ୍ରର ଆବଶ୍ୟକତା ନାହିଁ। କିନ୍ତୁ ତୁମେ ଶୀଘ୍ର ଆରୋଗ୍ୟ ଲାଭ କରିବ- ଏଥିରେ ସନ୍ଦେହ ନାହିଁ। ତୁମେ ଏ ପର୍ଯ୍ୟନ୍ତ ଯେଉଁ ସିନ୍ଦୂର ବ୍ୟବହାର କରୁଛ, ତାହା ଆଉ ଆଜିଠାରୁ କରିବ ନାହିଁ। କିଛି ଦିନ ଗଲା ପରେ ମୋତେ ଆସି କହିବ।' କାରଣଟି ହେଲା, ମହିଳା ରୋଗୀ ଜଣକ ଯେଉଁ ସିନ୍ଦୂର ବ୍ୟବହାର କରୁଥିଲେ ତାହା ଥିଲା ଦୂଷିତ ରସାୟନ ପଦାର୍ଥରେ ପ୍ରସ୍ତୁତ ସିନ୍ଦୂର। ସିନ୍ଦୂର ପରିବର୍ତ୍ତନ କରିଦେବା ପରେ ରୋଗୀ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇଗଲେ। ଆଉ ମୁଣ୍ଡରେ ଯନ୍ତ୍ରଣା ପାଇଲେ ନାହିଁ। ଯନ୍ତ୍ରଣା ଆପେ ଆପେ ଉଭେଇ ଗଲା। ଏହିପରି ଥିଲା ବିଧାନବାବୁଙ୍କ ରୋଗ ନିର୍ଣ୍ଣୟର ପ୍ରଣାଳୀ।

ବିଧାନବାବୁଙ୍କ ପରିବାରର ମୂଳ ବାସସ୍ଥାନ ହେଉଛି ପଶ୍ଚିମବଙ୍ଗର ଚବିଶ ପ୍ରଗଣା ଜିଲ୍ଲାର ଟାକୀଶ୍ରୀପୁର। ତାଙ୍କ ପିତାଙ୍କ ନାମ ଥିଲା ପ୍ରକାଶ ଚନ୍ଦ୍ର ରାୟ ଓ ମାତାଙ୍କ ନାମ ଅଘୋର କାମିନୀ ଦେବୀ। ପିତା ଥିଲେ ବିହାରର ପାଟଣା ସହରରେ ଡେପୁଟି ମାଜିଷ୍ଟ୍ରେଟ୍। ଏହିଠାରେ ବିଧାନବାବୁ ୧୮୮୨ ମସିହା ଜୁଲାଇ ମାସ ଏକ ତାରିଖରେ ଜନ୍ମ ନେଇଥିଲେ। ବିଧାନବାବୁ ଚଉଦ ବର୍ଷର ହୋଇଥିବା ବେଳେ ତାଙ୍କ ମାତାଙ୍କ ପରଲୋକ ଘଟିଲା। ପିତା ତାଙ୍କୁ ମା' ଓ ବାପାର ସ୍ନେହ ପ୍ରଦାନ କରି ପାଳିବାରେ ଲାଗିଲେ। ୧୯୦୧ ମସିହାରେ ବିଧାନବାବୁ ଗଣିତ ବିଷୟ ନେଇ ବି.ଏ. ପାସ୍ କଲେ। ଇଞ୍ଜିନିୟରିଂ ଓ ମେଡିକାଲ ପଢ଼ିବା ପାଇଁ ଦରଖାସ୍ତ କଲେ। ଭାଗ୍ୟବଶତଃ ସେ ଦୁଇଟାଯାକରେ ମନୋନୀତ ହେଲେ। କିନ୍ତୁ ମେଡିକାଲ ପଢ଼ିବା ପାଇଁ ଆଗ୍ରହୀ ହେଲେ। ହେଲେ ପିତାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ସେ ବୃତ୍ତି ପାଇ ମେଡିକାଲ ପାଠ ଅଧ୍ୟୟନ କଲେ। ମେଡିକାଲ କଲେଜରୁ ସେ ଏଲ୍‌ଏମ୍‌ଏସ୍ ପାସ୍ କଲେ। ତାପରେ ଏମ୍‌ଡି କଲେ। ଏହା ପରେ ସେ ପ୍ରାଦେଶିକ ମେଡିକାଲ ସେବାରେ ଯୋଗଦାନ କଲେ। ବିଭିନ୍ନ ସ୍ଥାନ ବୁଲିଲେ।

ସେହି ସମୟରେ ଦେଶରେ ଉତ୍ତମ ଚିକିତ୍ସା ଅଭାବରୁ ବହୁ ଲୋକ ଦୁରାରୋଗ୍ୟ ରୋଗରେ ପଡ଼ି ପ୍ରାଣ ହରାଉ ଥିଲେ। ଗୋରା ଡାକ୍ତରମାନଙ୍କ ବ୍ୟବହାର କଥା କହିଲେ ନସରେ। ଫଳରେ ସେ ବ୍ୟସ୍ତ ହୋଇ ପଡ଼ିଲେ। ଚିକିତ୍ସା କ୍ଷେତ୍ରରେ ପରିପୂର୍ଣ୍ଣ ଜ୍ଞାନଲାଭ କରିବା ନିମନ୍ତେ ସେ ୧୯୦୯ ମସିହାରେ ଜଳ ଜାହାଜ ଯୋଗେ ବିଲାତ ଯାତ୍ରା କଲେ। ସେଠାରେ ସେ ଦୁଇ ବର୍ଷ ଅଧ୍ୟୟନ କରି



ଏମ୍‌ଆରସିପି, ଏମ୍‌ସିଏମ୍ ଓ ପରେ ଏଫ୍‌ଆର୍‌ସିଏସ୍ ଉପାଧି ଅର୍ଜନ କରି ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେ। କ୍ୟାମ୍ପ୍‌ବେଲ ମେଡିକାଲ ସ୍କୁଲରେ ଜଣେ ଚିକିତ୍ସକ ଭାବରେ ଯୋଗଦାନ କଲେ। ୧୯୧୬ ମସିହାରେ ହେଲେ କଲିକତା ବିଶ୍ୱବିଦ୍ୟାଳୟର ସିନେଟ୍ ସଭ୍ୟ। ତା' ପରେ କାରମାଇକେଲ୍ ମେଡିକାଲ କଲେଜର ମେଡିସିନ୍ ବିଭାଗର ଅଧ୍ୟାପକ ଭାବରେ ଯୋଗଦାନ କଲେ। ଏହି ସମୟରେ ବିଧାନବାବୁ ଦେଶ ବିଦେଶର ରାଜନୀତି ସହ ଜଡ଼ିତ ହୋଇଗଲେ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ପ୍ରେରଣାରେ। ସ୍ୱରାଜ୍ୟ ଦଳର ପ୍ରାର୍ଥୀ ଭାବରେ ସେ ବଙ୍ଗଳାର ବ୍ୟବସ୍ଥାପକ ସଭାକୁ ନିର୍ବାଚିତ ହେଲେ। ୧୯୨୮ ମସିହାରେ କଲିକତା କଂଗ୍ରେସର ସାଧାରଣ ସଂପାଦକ ଓ ୧୯୩୧ ମସିହାରେ ହେଲେ କଲିକତା କର୍ପୋରେସନର ମେୟର। ସମସ୍ତ ପ୍ରକାର ବ୍ୟସ୍ତତା ସତ୍ତ୍ୱେ ସେ ରୋଗୀ ସେବାରେ ତିଳେ ମାତ୍ର ଅବହେଳା କରୁ ନଥିଲେ।


ଏଥି ସହିତ ବିଧାନବାବୁ ବହୁ ଅନୁଷ୍ଠାନ ସହ ଜଡ଼ିତ ହୋଇଗଲେ। ୧୯୩୫ ମସିହାରେ ରୟାଲ୍ ସୋସାଇଟି ଅଫ୍ ଟ୍ରପିକାଲ ମେଡିସିନ ଆଣ୍ଡ ହାଇଜିନ୍ ଓ ୧୯୪୦ ମସିହାରେ ଆମେରିକାନ୍ ସୋସାଇଟି ଅଫ ଚେଷ୍ଟ ଫିଜିସିଆନର ଫେଲୋ ଭାବରେ ନିର୍ବାଚିତ ହେଲେ। ୧୯୩୭ ମସିହାରେ ବଙ୍ଗଳା ପାର୍ଲିଆମେଣ୍ଟ କମିଟିର ସଭାପତି ଭାବରେ ନିର୍ବାଚିତ ହୋଇ ନିର୍ବାଚନ ପରିଚାଳନା କଲେ। ୧୯୪୨ ମସିହାରେ ସେ ହେଲେ କଲିକତା ବିଶ୍ୱବିଦ୍ୟାଳୟର କୁଳପତି। ୧୯୪୪ ମସିହାରେ କଲିକତା ବିଶ୍ୱବିଦ୍ୟାଳୟ ତାଙ୍କୁ ଡି.ଏସ୍‌ସି. ଉପାଧିରେ ଭୂଷିତ କଲେ। ୧୯୪୭ ମସିହାରେ ସେ ଆଇନ ସଭାର ସଦସ୍ୟ ନିର୍ବାଚିତ ହେଲେ। ୧୯୪୮ ମସିହା ଜାନୁଆରୀ ୨୩ ତାରିଖ ଦିନ ସେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲେ। ଏହିଠାରୁ ତାଙ୍କ ଜୀବନର କର୍ମକ୍ଷେତ୍ରରେ ନୂତନ ପର୍ଯ୍ୟାୟ ଆରମ୍ଭ ହୋଇଥିଲା। ତାଙ୍କ ଗଠନମୂଳକ କାର୍ଯ୍ୟଧାରାରେ ବହୁବିଧ ଉନ୍ନତି ଘଟିଲା ପଶ୍ଚିମବଙ୍ଗରେ। ଭାରତ ସରକାର ତାଙ୍କୁ ଉତ୍ତରପ୍ରଦେଶର ରାଜ୍ୟପାଳ କରିବା ପାଇଁ ଚିନ୍ତା କଲେ। ହେଲେ ସେ ଏହି ପଦକୁ ଗ୍ରହଣ କରି ନଥିଲେ। ସେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ହୋଇ ରହିଲେ ଶେଷ ଜୀବନ ପର୍ଯ୍ୟନ୍ତ।

ବଙ୍ଗଳାର ଚଟକଳ ପାଇଁ କଞ୍ଚାମାଲର ଅଭାବ ପରିଲକ୍ଷିତ କରି ଝୋଟ ଚାଷ ନିମନ୍ତେ ବ୍ୟାପକ ବ୍ୟବସ୍ଥା କଲେ। ବିଧାନ ନଗର, କଲ୍ୟାଣ ନଗର, ରାଷ୍ଟ୍ରୀୟ ପରିବହନ, ହରିଣପାଟ ଦୁଗ୍ଧ ପ୍ରକଳ୍ପ ସମେତ ବର୍ଦ୍ଧମାନ, ଉତ୍ତର ବଙ୍ଗ ଓ କଲ୍ୟାଣ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କଲେ। ଏହା ବ୍ୟତୀତ ବେଙ୍ଗଲ ତାପଜ ବିଦ୍ୟୁତ୍ କେନ୍ଦ୍ର ଓ ଦାମୋଦର ଭ୍ୟାଲି କର୍ପୋରେସନର ବିଭିନ୍ନ ପ୍ରକଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ସେ ମୂଳପିଣ୍ଡ ଥିଲେ। ସେ ଥିଲେ କର୍ମବୀର। ୧୯୬୧ ମସିହାରେ କେନ୍ଦ୍ର ସରକାର ତାଙ୍କୁ 'ଭାରତ ରତ୍ନ' ଉପାଧିରେ ଭୂଷିତ କଲେ। ୧୯୬୨ ମସିହା ଜୁଲାଇ ଏକ ତାରିଖ ଦିନ କର୍ମବୀର ଓ ଦେଶ ସେବକ ବିଧାନ ଚନ୍ଦ୍ର ରାୟଙ୍କର ତିରୋଧାନ ଘଟିଲା କଲିକତା ମହାନଗରୀରେ ମୁଖ୍ୟମନ୍ତ୍ରୀ ଥିବା କାଳରେ। ତାଙ୍କର ଜନ୍ମ ଓ ମୃତ୍ୟୁ ତାରିଖ ଏକ ହୋଇଥିବାରୁ ଏହି ଦିବସକୁ 'ଡାକ୍ତର ଦିବସ' ଭାବରେ ପାଳନ କରାଯାଏ। ଏହି ଦିବସରେ ଭେଷଜ ବିଜ୍ଞାନ, ରାଜନୀତି, ବିଜ୍ଞାନ, ଦର୍ଶନ, ସାହିତ୍ୟ ଓ କଳାରେ ଉତ୍କର୍ଷ ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ଜାତୀୟ ପୁରସ୍କାର ପ୍ରଦାନ କରାଯାଏ। ସେହି କର୍ମବୀର ଅମର; ଚିର ଅମର।

ମୋ: ୯୪୩୮୨୯୯୧୭୪

# ମା':ଏକ ସ୍ୱର୍ଗୀୟ ଭାବନା

ମାଆ, ଓଡ଼ିଶାରେ ତୋ ପାଇଁ ମାତୃ ଦିବସ ପାଳିବା ଗୋଟେ ପ୍ରହସନ। କିନ୍ତୁ ଏ ଦିବସଟି ନଥିଲେ ଆମେ କ'ଣ ତୋତେ ମନେ ପକେଇ ନଥାନ୍ତେ! ସେଦିନ ପ୍ରତି ମୁହୂର୍ତ୍ତରେ ଉଠୁଣୁ ବସୁଣୁ ଏ ତୁଣ୍ଡରେ ପରା ତୁ ବସିଛୁ। ଓଡ଼ିଶାରେ ଲୋକେ କାଳିଆ ଠାକୁରକୁ ବି ଦିନରେ ଏତେ ଥର ଡାକନ୍ତି ନାହିଁ, ସେଦିନ ତୋତେ ଯେତେ ଖୋଜିଥିବେ। ସେଇଥିପାଇଁ ପରା ଦାଶ ବେନହୁର ସାର ସେଦିନ ଫେସ୍‌ବୁକ୍‌ରେ (ତା ୧୧.୦୫.୨୦୨୫ ରିଖ) ଲେଖିଥିଲେ- 'କିଏ ସବୁ ପଢ଼ିଥିଲେ କେଉଁଠି/ ଗାଆଁରେ ସହରରେ କି ବୃଦ୍ଧାଶ୍ରମରେ/ ଯେଉଁମାନେ ଯାଇ ସାରିଛନ୍ତି/ ସେମାନେ ତ ଫଟୋରେ କି ସ୍ମୃତି ବିସ୍ମୃତିରେ/ ଅଥଚ ଆଜି ଅନେକେ ଉଠି ଆସିଛନ୍ତି/ ଫେସ୍‌ବୁକ୍ କାନ୍ଥକୁ/



ଡକ୍ଟର ରାଜେନ୍ଦ୍ର ନାରାୟଣ ଦାସ

ପୁଅଝିଅଙ୍କ ଡାକରେ।/ ମଦରସ୍ ଡେ ଅଛି ବୋଲି ସିନା!/ ଏମିତିକା ଦିନଟିଏ ନଥିଲେ/ ଆମେ ସବୁ କ'ଣ କରୁଥାନ୍ତେ ଆଜି ... ମାଆ ଦିବସ ନଥିଲେ/ ଆମେ କ'ଣ ସେମାନଙ୍କୁ ମନେ ପକେଇ ଥାଆନ୍ତେ!/ ସେମାନେ ଥିଲେ ବୋଲି ଆମେ।'

ସତରେ ଜଣେ ମାଆର ପ୍ରେମ ପରିଭାଷାକୁ ଅତିକ୍ରମ କରେ। ସେ ଜଣେ ଜନ୍ମଦାତ୍ରୀ ମା' ବା ସାବତ ମା' ବା ଜେଜେମା' କିମ୍ବା ଜଣେ ମାତୃ ସ୍ଥାନୀୟା ବ୍ୟକ୍ତି ହୋଇ ପାରନ୍ତି। ସେ କୌଶଲ୍ୟା, କୈକେୟୀ, ସୁମିତ୍ରା, ମନ୍ଦୋଦରୀ, ସୀତା, ଯଶୋଦା, କୁନ୍ତୀ ବା ଗାନ୍ଧାରୀ- ଯେଉଁ ରୂପରେ ଥିଲେ ବି ସେ ଯେଉଁ ଭାବନାକୁ ମୂର୍ତ୍ତିମନ୍ତ କରନ୍ତି, ତାହା ଜଗତର ସବୁ ସନ୍ତାନ ପାଇଁ ସମାନ ରହିଥାଏ। ଏହାକୁ ଦେଖିବା, ବୁଝିବା ଏବଂ ବିନା ସର୍ତ୍ତରେ ଗ୍ରହଣ କରିବାକୁ ହେବ। ଏହି ଭାବପ୍ରବଣ ସମୃଦ୍ଧି ହିଁ ସମସ୍ତ ମାନବ ସଂସ୍କୃତି ଏବଂ ଧର୍ମଗୁଡ଼ିକରେ ମାତୃତ୍ୱର ଧାରଣାକୁ ପବିତ୍ର କରିଥାଏ।

'ସମ୍ବାଦ'ର ସମ୍ମାନାସ୍ପଦା ସମ୍ପାଦିକା ତନୟା ପଟ୍ଟନାୟକଙ୍କ ୧୧ ମେ' ୨୦୨୫ ରବିବାର ସମ୍ପାଦକୀୟ ପ୍ରଥମ ସ୍ତମ୍ଭରେ ମାତୃ ଦିବସ ଉପଲକ୍ଷେ ପ୍ରକାଶିତ 'ମା' ଶୀର୍ଷକ ଆଲେଖ୍ୟଟି ଜର୍ମାନୀରେ ମୋ ମନରେ ଅଶେଷ ଆଶ୍ୱାସନା ଭରି ଦେଇଥିଲା। ସେ ସେଥିରେ ଉଲ୍ଲେଖ କରିଛନ୍ତି ତାଙ୍କ ନିଜ ମାଆ ସୁଦତ୍ତା ପଟ୍ଟନାୟକଙ୍କ କଥା। ମୁଁ ଅଦ୍ୟାବଧି ତାଙ୍କୁ ପ୍ରଥିତଯଶା ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟ ନାୟକଙ୍କ ଝିଅ ଭାବରେ କେବଳ ଜାଣି ଆସିଥିଲି। ତାଙ୍କୁ ଓଡ଼ିଶାର ଅନ୍ୟତମ ଖ୍ୟାତନାମା ବ୍ୟକ୍ତି ସୌମ୍ୟରଞ୍ଜନ ପଟ୍ଟ ନାୟକଙ୍କ ଧର୍ମପତ୍ନୀ ରୂପେ କ୍ୱଚିତ ଲୋକ ଜାଣିଥିବେ। ହେଲେ ଏହି ଆତ୍ମପ୍ରଚାର ବିମୁଖ ମହୀୟସୀ ମହିଳାଙ୍କୁ ଲୋକେ ଯେତେବେଳେ ତନୟା ପଟ୍ଟନାୟକଙ୍କ କଲମ ମୁନରୁ ଜାଣିଲେ, ତାହା ତାଙ୍କୁ ଜଣେ ବନ୍ଦନୀୟା ମାଆଙ୍କର ସକଳ ସମ୍ମାନ ଓ ବିଭୂତିରେ ମଣ୍ଡିତ କରିଥିବ।

ଏଇ ପ୍ରସଙ୍ଗରେ ଗୋଟିଏ ପୁରୁଣା କଥା ମନେ ପଡ଼ିଯାଉଛି। ପ୍ରାୟ ୭୦ ବର୍ଷ ତଳର କଥା। ମୁଁ ସେତେବେଳେ ୧୫ ବର୍ଷର ବାଳକ। କଟକ ରାଣୀହାଟ ସ୍କୁଲ୍‌ରେ ପଢୁଥାଏ। ଆମର ସଂସ୍କୃତ ଶିକ୍ଷକ ନିତ୍ୟ ସ୍ମରଣୀୟ ପଣ୍ଡିତ ଈଶ୍ୱରଚନ୍ଦ୍ର ରଥ ମହାଶୟ ବହୁବାର ଆମକୁ କହିଥିଲେ- 'ପିଲାମାନେ, ଭବିଷ୍ୟତରେ ଭଲ ମା' ଓ ଭଲ ବାପା ହୁଅ। ତୁମ ପିଲାମାନେ ଯଦି ତୁମମାନଙ୍କୁ ଭଲ ମା' କି ଭଲ ବାପା ବୋଲି ବାହାରେ କହି ବୁଲିବେ, ତାହା ତୁମମାନଙ୍କୁ ସ୍ୱର୍ଗ ସୁଖର ଆନନ୍ଦ ଦେବ।' ଆଜି ଈଶ୍ୱର ପଣ୍ଡିତେ ବହୁତ ମନେ ପଡୁଛନ୍ତି।

ତନୟା ଦେବୀ ଉଲ୍ଲେଖ କରିଛନ୍ତି- 'ଲୋକମାନେ ପ୍ରାୟତଃ ପଚାରନ୍ତି, ମୋର ଆଦର୍ଶ କିଏ? ଅନେକ ସ୍ୱାଭାବିକ ଭାବରେ ଭାବନ୍ତି ମୋ ବାବା। ହଁ, ବାବାଙ୍କଠାରୁ ମୁଁ ଅନେକ କିଛି ଶିଖିଛି। ତାଙ୍କ ଅର୍ଜିତ କୃତିକୁ ଆଗକୁ ନେବା ପାଇଁ ମୁଁ ସମର୍ପିତ। ଯଦିବା ତାଙ୍କର ସୁ-ଉଚ୍ଚ ପ୍ରତିଷ୍ଠା, ସଫଳତା ଓ ସିଦ୍ଧି ସହ ମୁଁ କେବେ ସମକକ୍ଷ ହୋଇ ପାରିବି ନାହିଁ; କିନ୍ତୁ ମୁଁ ଯଦି ମୋ ମା' ଭଳି ହୋଇ ପାରିବି, ତେବେ ସବୁଠାରୁ ଅଧିକ ଖୁସି ହେବି।' ବାସ୍ତବିକ ତନୟାଙ୍କ ଏହି ସ୍ୱୀକାରୋକ୍ତି ତାଙ୍କ ମାଆଙ୍କ ଲାଗି ସ୍ୱର୍ଗ ସୁଖର ମହାର୍ଘ ଅନୁଭବ ପାଲଟି ଥିବ। ହେଉ ପଛେ ଅନେକଙ୍କ ପାଇଁ ମାତୃ ଦିବସ ଏକ ଭେଳିକି, ତଥାପି ଏଭଳି ଏକ ପବିତ୍ର ଦିବସରେ ମାଆମାନେ ଜଗତକୁ ସେମାନଙ୍କ ଜୀବନର ପ୍ରତ୍ୟେକ ଦିନ ଯାହା ଦିଅନ୍ତି, ତାହାକୁ ସମ୍ମାନିତ କରିବା ପାଇଁ କେବଳ ଏକ ଛୋଟ ପ୍ରୟାସ। ଅଧିକନ୍ତୁ, ମାଆ କେବଳ ଜଣେ ବ୍ୟକ୍ତି ନୁହନ୍ତି, ଏକ ସ୍ୱର୍ଗୀୟ ଭାବନା।

ଗିଲ୍‌ବାଖ୍ ଷ୍ଟ୍ରାସେ ୯୫ଇ,
୪୧୪୬୬ ନଏସ୍, ଜର୍ମାନୀ
drrajendradas.germany@gmail.com

# ବାର୍ ପାଲଟିଛି ବିଦେଶୀ ମଦ ଦୋକାନ



**ଧର୍ମଶାଳା,୩୦ା୬/ଏନ୍ଏନ୍ଏସ୍:** ଧର୍ମଶାଳା ଅବକାରୀ ଥାନା ଅଧିନରେ ଜାରକା ଠାରେ ରହିଥିବା ବିଦେଶୀ ମଦ ଦୋକାନ ଠିପିଖୋଲା ମଦ ଦୋକାନ ପାଲଟିଯାଇଛି । ଜାରକା ବଜାରର ଅନତୀ ଦୁରରେ ଏକ ସରକାରୀ ବିଦେଶୀ ମଦ ଦୋକାନ ରହିଛି । ଏଠାରେ ପ୍ରତ୍ୟେକ ଦିନ ଆବଶ୍ୟକ ଠାରୁ ଢେର ଅଧିକ ମଦ ବିକ୍ରି ହୋଇଥାଏ । ଏହା ଠିପିବନ୍ଦ ମଦ ଦୋକାନ ହୋଇଥିଲେ ହେଁ ଏଠାରେ ଗ୍ରାହକମାନଙ୍କ ପିଇବାର ସୁବିଧା ରହିଥିବା ଦେଖିବାକୁ ମିଳିଛି । ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ମଦ୍ୟପାନ କରୁଥିବା ଗ୍ରାହକ ମାନେ ଅସି ଖୁଲମଖୁଲା ଏଠାରେ ମଦ୍ୟପାନ କରୁଥିବା ଦେଖିବାକୁ ମିଳୁଛି । ଠିପିବନ୍ଦ ମଦ ଦୋକାନରେ ଲୋକେ ମଦ କିଣି ନେଇ ଅନ୍ୟତ୍ର ପିଇବାର ନିୟମ ରହିଛି । ହେଲେ ଜାରକାର ଏହି ବିଦେଶୀ ମଦ ଦୋକାନଟି ସରକାରୀ ନିୟମର ଖୋଲାଖୋଲି ଉଲଙ୍ଘନ କରୁଥିବା ଦେଖିବାକୁ ମିଳିଛି । ଏଠାରେ ବିଭିନ୍ନ ପ୍ରକାର ଚାଖଣା ସାଙ୍ଗକୁ ପାଣି, ଗିଲାସ ଆଦି ଅବଶ୍ୟକ ସାମଗ୍ରୀ ସହଜରେ ମିଳୁଛି । ଫଳରେ ଏଠାକୁ ଆସୁଥିବା ଗ୍ରାହାକମାନେ ଏଠାରେ ରାସ୍ତା କଡରେ ବସି ଖୁଲମଖୁଲା ମଦ୍ୟପାନ କରୁଥିବା ଦେଖିବାକୁ ମିଳୁଛି । ଜାରକା ଠାରେ ଏକ ଅବକାରୀ ଥାନା ରହିଥିବା ବେଳେ ଏହାର କର୍ମଚାରୀମାନେ ସବୁଦେଖି ଚୁପ ରହୁଥିବା ଅଭିଯୋଗ ହୋଇଛି । ଅବକାରୀ ଥାନାଟି କେବଳ ମାସିକିଆ ଚାନ୍ଦା ନେବାରେ ବ୍ୟସ୍ତ ରହୁଥିବା ଅଭିଯୋଗ ହୋଇଛି । ଏଠାରେ ରାସ୍ତା କଡରେ ଅବସ୍ଥିତ ଏହି ବିଦେଶୀ ମଦ ଦୋକାନରେ ଲୋକେ ଖୋଲାଖୋଲି ଭାବରେ ମଦ୍ୟପାନ କରୁଥିବାରୁ ଉକ୍ତ ରାସ୍ତାଦେଇ ଯିବାକୁ ସାଧାରଣ ଲୋକ ଓ କଲେଜର ଛାତ୍ରଛାତ୍ରୀମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି । ଏସମ୍ପର୍କରେ ସ୍ଥାନୀୟ ପ୍ରଶାସନ ଓ ପୁଲିସ ଅବଗତ ଥାଇ ମଧ୍ୟ କଣ ପାଇଁ ଉକ୍ତ ଦୋକାନୀକୁ କଣ ପାଇଁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଉଛି ତାହା ବୁଝାପଡୁ ନାହିଁ । ଯାହାକୁ ନେଇ ବୁଦ୍ଧିଜୀବୀ ଓ ସାଧାରଣ ଲୋକମାନେ ଚିନ୍ତା ପ୍ରକଟ କରିଛନ୍ତି । ଜିଲ୍ଲା ପ୍ରଶାସନ ଏଥିପ୍ରତି ସଚେତନ ହୋଇ ଏଭଳି ଆଇନ ବିରୋଧି କାର୍ଯ୍ୟ କରୁଥିବା ମଦ ଦୋକାନ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

# ବିବାହ ବନ୍ଧନରେ ବାନ୍ଧିହେଲେ ଦିବ୍ୟାଙ୍ଗ



**ବଡ଼ଚଣା,୩୦ା୬/ଏନ୍ଏନ୍ଏସ୍:** ଶାରୀରିକ ଅକ୍ଷମତା ଯେ ମଣିଷକୁ ଲକ୍ଷ ପଥରୁ ବିଚ୍ୟୁତ କରିପାରିବ ନାହିଁ । ତାହା କରି ଦେଖାଇଛନ୍ତି ଏ ଅଞ୍ଚଳର ଦୁଇ ଦିବ୍ୟାଙ୍ଗ । ବୀବାହ କେବଳ ଦୁଇଟି ଶରୀରର ମିଳନ ନୁହେଁ, ମନ ଓ ହୃଦୟକୁ ଛୁଇଁ ଛୁଇଁ ପାରିଲା ପରି ମନଟିଏ ଲୋଡା । ଏ ପରି ଆଜି ଦୁଇଟି ମନ ସାତଜନ୍ମ ପାଇଁ ମିଳନ ହୋଇଛି । ବଡଚଣା ବ୍ଲକ୍ ଅନ୍ତର୍ଗତ ବେଣାପୁର ଗ୍ରାମର ଅରୁଣ ରାଉତଙ୍କ ପୁଅ ସୁନିଲ ନିଜର ଜୀବନ ସାଥି ଭାବରେ ଗ୍ରହଣ କରିଛନ୍ତି ଢେଙ୍କାନାଳ ଭୁବନ ଗ୍ରାମର ଗଙ୍ଗାଧର ସାହୁଙ୍କ ଝିଅ ପ୍ରତିମା ସାହୁଙ୍କୁ । ପ୍ରସିଦ୍ଧ ମହାବିନାୟକ ପୀଠରେ ଦୁଇ ଜଣଙ୍କ ବିବାହ ସମ୍ପନ୍ନ ହୋଇଛି । ଅରୁଣ ନିଜର ଗୋଟିଏ ଗୋଡ ହରାଇଥିବା ବେଳେ ପ୍ରତିମାଙ୍କ ଗୋଟିଏ ହାତ ହରାଇଛନ୍ତି । ଦୁଇ ପରିବାର ମଧ୍ୟରେ ବୁଝାବଣା ଓ ଅରୁଣ ଓ ପ୍ରତିମାଙ୍କ ସହମତିରେ ଏହି ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି । ଆଜି ସକାଳୁ ଅରୁଣ ବରଯାତ୍ରୀ ଧରି ମହାବିନାୟକ ମନ୍ଦିରରେ ପହଞ୍ଚିଲା ପରେ ପ୍ରତିମା ନିଜର ପରିବାର ସହିତ ପହଞ୍ଚିଥିଲେ । ବ୍ରାହ୍ମଣଙ୍କ ମନ୍ତ୍ର ଉଚ୍ଚାରଣ ମଧ୍ୟରେ ବୈଦିକ ରୀତିରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଦୁଇ ଦିବ୍ୟାଙ୍ଗ ସାତ କଳସ ଆଠ ଦ୍ୱୀପ ମାଡି ପ୍ରଭୁ ମହାବିନାୟକଙ୍କୁ ସାକ୍ଷୀ ରଖି ଦୁହେଁ ଦୁହିଁଙ୍କୁ ଜୀବନ ସାଥି ରୂପେ ଗ୍ରହଣ କରିଛନ୍ତି । ନା ଥିଲା ବାଜାବାଣ ରୋଷଣୀ ନା ଥିଲା ଡିଜେ ବାଜାର ଉଚ୍ଚାଙ୍ଗ ଶବ୍ଦ ନା ଥିଲା ବରଯାତ୍ରୀଙ୍କ ମତୁଆଲା ନୃତ୍ୟ । ନିରାଡମ୍ବର ଭାବରେ ଏହି ବିବାହକୁ ସାଧାରଣରେ ପ୍ରଶଂସା କରାଯିବା ସହିତ ବର କନ୍ୟାଙ୍କୁ ଆର୍ଶୀବାଦ କରିଛନ୍ତି ।

# କୁଜଙ୍ଗ ବ୍ଲକ୍‌ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଶୁଣାଣୀ



**ଜଗତସିଂହପୁର,୩୦ା୬/ଏନ୍ଏନ୍ଏସ୍:** ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଜନଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ଜନ ସାଧାରଣଙ୍କ ଆପତି ଅଭିଯୋଗର ଶୁଣାଣି କରିଥିଲେ । ଶୁଣାଣି ନିମନ୍ତେ ମୋଟ୍ ୭୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀତ ୬୮ ଗୋଟି ଓ ଗୋଷ୍ଠୀଗତ ସମସ୍ୟା/ ଗ୍ରାମ୍ୟ ସମସ୍ୟା ସମ୍ପର୍କୀତ ୧୧ଗୋଟି ଅଭିଯୋଗର ଶୁଣାଣୀ କରା ଯାଇଥିଲା । ତେବେ ବ୍ୟକ୍ତିଗତ ୬୮ଟି ସମସ୍ୟା ମଧ୍ୟରୁ ୩ଟି ରେସନ କାର୍ଡ ସମ୍ବନ୍ଧୀୟ, ୮ଗୋଟି ଆବାସ ଯୋଜନା ସମ୍ବନ୍ଧୀୟ, ୨୬ଟି ଜମି ଜମା ସମ୍ବନ୍ଧୀୟ, ଭତା ସମ୍ବନ୍ଧୀୟ ୮ଟି । ୪ ଟି ପୁଲିସ ସହାୟତା ଓ ଅନ୍ୟାନ୍ୟ ୧୯ଟି ଅଭିଯୋଗର ଶୁଣାଣୀ କରା ଯାଇଥିଲା । ତେବେ ସମୁଦାୟ ପଞ୍ଜିକୃତ ୭୯ଟି ଅଭିଯୋଗ ମଧ୍ୟରୁ ୪ଟି ଅଭିଯୋଗର ତତ୍କାଳିନ ସମାଧାନ କରା ଯାଇଥିଲା । ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ଅରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଜିଲ୍ଲାପରିଷଦର ମୁଖ୍ୟ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, କୁଜଙ୍ଗ ବିଡିଓ ପ୍ରଦୀପ ପ୍ରସାଦ ସ୍ୱାଇଁ, କୁଜଙ୍ଗ ଭାରପ୍ରାପ୍ତ ତହସିଲଦାର ଅଭିଷେକ ପଣ୍ଡା, ବହୁ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନ ସାଧାରଣଙ୍କ ଆପତି ଅଭିଯୋଗର ଶୁଣାଣୀ କରିଥିଲେ ।

# ମରଣଯନ୍ତା ପାଲଟିଛି ଅରଖକୁଦରୁ ଦେବୀଦୋଳ ରାସ୍ତା



**ନାଉଗାଁ,୩୦ା୬/ଏନ୍ଏନ୍ଏସ୍:** ନାଉଗାଁ ପୂର୍ତ୍ତ ବିଭାଗର ଅଜବ ନୀତି ଅରଖକୁଦରୁ ଦେବୀଦୋଳ ସଂଯୋଗ କରୁଥିବା ରାସ୍ତାର କାର୍ଯ୍ୟକୁ ପୁରିଲାନି ଦୁଇମାସ । କିନ୍ତୁ ଖାଲଖମାରେ ପରିପୂର୍ଣ୍ଣ ହୋଇ ମରଣଯନ୍ତା ସାଜିଲା ରାସ୍ତା । ତେବେ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ୍‌ର ରୋହିଆ ପଞ୍ଚାୟତର ଅରଖକୁଦରୁ ଦେବୀଦୋଳ ସଂଯୋଗୀକରଣ ରାସ୍ତାର ମରାମତି କାର୍ଯ୍ୟ ନିମନ୍ତେ ୪ଟି ପର୍ଯ୍ୟାୟରେ ପାଖାପାଖି ୨୦ ଲକ୍ଷ ବ୍ୟୟ ଅଟକଳରେ ଏକାଧିକ ଠିକାଦାର ନିଯୁକ୍ତି କରାଯାଇ ଉକ୍ତ ପିଚୁ ରାସ୍ତାର ମରାମତି କାର୍ଯ୍ୟ କରାଯାଇଥିଲା । ହେଲେ ପୂର୍ତ୍ତ ବିଭାଗର ଅଣଦେଖା ଓ ଅବହେଳାରେ ଉକ୍ତ ରାସ୍ତାର ମରାମତି କାର୍ଯ୍ୟକୁ ଅତି ନିମ୍ନ ମାନର କରି ସମସ୍ତ ଅର୍ଥ ରାଶିକୁ ଚଲୁ କରିବା ପାଇଁ ଉଦ୍ୟମ କରିଛନ୍ତି ଠିକାଦାର ଓ ବିଭାଗୀୟ ଯନ୍ତ୍ରୀ । ଅନ୍ୟପଟେ ଉକ୍ତ ରାସ୍ତାଦେଇ ରୋହିଆ ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳର ପ୍ରାୟ ୧୦୦୦ ଉର୍ଦ୍ଧ୍ୱ ଲୋକେ ଉକ୍ତ ରାସ୍ତା ଉପରେ ନିର୍ଭରଶୀଳ ହୋଇଥିବା ବେଳେ ରାସ୍ତାର ବର୍ତ୍ତମାନ ଏଭଳି ପରିସ୍ଥିତି ଯାହାକି ସାଧାରଣ ଲୋକଙ୍କ ପାଇଁ ମରଣଯନ୍ତା ସାଜିଛ । ଅନ୍ୟପଟେ ଲଘୁଚାପ ଜନିତ ଲଗାଣ ବର୍ଷାରେ ଉକ୍ତ ରାସ୍ତା ଆହୁରି ଖରାପ ହେବାର ଲାଗିଛି । ଯାହାକି ଏବେ ସ୍ଥାନୀୟବାସୀଙ୍କ ପାଇଁ ମୁଣ୍ଡ ବିଧାର କାରଣ ପାଲଟିଛି । ଏହି ରାସ୍ତାକୁ ତୁରନ୍ତ ପୁନଃ ନିର୍ମାଣ କରାଯିବା ସହିତ ନିମ୍ନମାନର କାର୍ଯ୍ୟ କରିଥିବା ଅର୍ଥ ଚଲୁ କରିଥିବା ଯନ୍ତ୍ରୀ ଓ ଠିକାଦାରଙ୍କ ଉପରେ ଦୃଢ କାର୍ଯ୍ୟନୁଷାନ ନେବା ପାଇଁ ସାଧାରଣରେ ଦାବି କରାଯାଇଛି ।

# ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ଢେଙ୍କାନାଳ,୩୦ା୬/ଏନ୍ଏନ୍ଏସ୍:** ଢେଙ୍କାନାଳ ସଦର ଥାନା ପୁରୁଣା କଟକ ସମ୍ବଲପୁର ରାସ୍ତାର ଅଉଖମା ବ୍ରିଜ ନିକଟରେ ପ୍ରତ୍ୟୁଷରୁ ଜଣେ ଯୁବକଙ୍କ ମୃତଦେହ ପଡି ଥିବାର ଦେଖିବାକୁ ମିଳିଥିଲା । ବାଇକ୍ ଦୁର୍ଘଟଣା ଘଟି ଯୁବକଙ୍କର ରକ୍ତାକ୍ତ ଅବସ୍ଥାରେ ପଡିଥିବା ବେଳେ ଗ୍ରାମବାସୀମାନେ ଦେଖିବାକୁ ପାଇଥିଲେ । ଯୁବକ ଜଣଙ୍କ କେତେ ବେଳେ କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟି ମୃତ୍ୟୁ ହୋଇଛି ତାହା ଜଣାପଡି ନାହିଁ । କିନ୍ତୁ ସିସିଟିଭି ଫୁଟେଜରୁ ଜଣାପଡୁଛି ଯେ ବାଇକଟି ଗଛରେ ପିଟି ହେବା ଯୋଗୁଁ ଦୁର୍ଘଟଣା ଘଟିବାରୁ ବାଇକ ଭାଙ୍ଗିଯିବା ସହିତ ଯୁବକଙ୍କର ମୃତ୍ୟୁ ହୋଇଛି । ଯୁବକ ଜଣଙ୍କ କଟକ ବିଡାନାସୀ ଅଞ୍ଚଳର ବୋଲି ଆଲୋଚନା ହେଉଅଛି । ଏନେଇ ଗ୍ରାମବାସୀମାନେ ପୁଲିସକୁ ସୂଚନା ଦେଇଛନ୍ତି ।

# ଚାଷ ଜମିରୁ ଜଳ ନିଷ୍କାସନ ପାଇଁ ଉଚ୍ଚସ୍ତରୀୟ ବୈଠକ



**କେନ୍ଦ୍ରାପଡା,୩୦ା୬/ଏନ୍ଏନ୍ଏସ୍:** ଜାତୀୟ ରାଜପଥ ପ୍ରଶସ୍ତିକରଣ ହେଉଥିବାରୁ ଚଣ୍ଡିଖୋଲ ଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ରାସ୍ତା କଡରେ ମାଟି, ବାଲି, ଗୋଡି ଆଦି ପକାଇ ଜଳ ନିଷ୍କାସନ ବନ୍ଦ ଥିବାରୁ ଏନେଇ ଏକ ସମୀକ୍ଷା ବୈଠକ ଜିଲ୍ଲପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ପାଟକୁରା ବିଧାୟକ ଅରବିନ୍ଦ ମହପାତ୍ର, ମହାକାଳପଡା ବିଧାୟକ ଦୁର୍ଗା ପ୍ରସାଦ ନାୟକ, ଜାତୀୟ ରାଜପଥର ପିଡି ଶ୍ରୀ ବର୍ମା, ପରିଚାଳକ କୁର୍ମା ରାଓ ଏବଂ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ଚଣ୍ଡିଖୋଲ ଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଟିମ କରି ପ୍ରଶସ୍ତି କରଣ ହେଉଥିବା ରାସ୍ତା ସଂପୂର୍ଣ୍ଣ ପରିଦର୍ଶନ କରି ଜଳ ନିଷ୍କାସନ କିଭଳି ହୋଇ ପାରିବ ସେ ସଂପର୍କରେ ୨ଦିନ ଭିତରେ ଦେଖିବାକୁ ସ୍ଥିର କରାଯାଇଛି । ପଞ୍ଚୁପାଣ୍ଡବ ଠାରୁ ଭୁତମୁଣ୍ଡଇ ପୋଲ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବର୍ଷାଜଳ ନିଷ୍କାସନ ହୋଇ ନପାରିବାରୁ ହଜାର ହଜାର ଏକର ଚାଷଜମି ବୁଡି ରହିଛି । ଯାହା ଫଳରେ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ଷାଦିନ ପୂର୍ବରୁ ରାସ୍ତା କଡରୁ ମାଟି ଉଠାଇବା ସହିତ କିଭଳି ଚାଷଜମିରୁ ଜଳ ନିଷ୍କାସନ ହୋଇପାରିବ ତୁରନ୍ତ ତାହାର ବ୍ୟବସ୍ଥା କରିବା ପାଇଁ ଉପସ୍ଥିତ ଥିବା ବିଧାୟକମାନେ ଜାତୀୟ ରାଜପଥ ଅଧିକାରୀଙ୍କୁ ଚେତାବନି ଦେଇଛନ୍ତି । ଏହି ବୈଠକରେ ଜିଲ୍ଲା ପରିଷଦ ସଭ୍ୟ ରଶ୍ମୀ ରଞ୍ଜନ ରାଉତ, ସମସ୍ତ ତହସିଲଦାର ଓ ବିଡିଓଙ୍କ ସହ ମାର୍ଶାଘାଇ ଜଳ ସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ବିଜୟ କୁମାର ସେଠୀ, ଆରଡିର ଅଧିକ୍ଷଣ ଯନ୍ତ୍ରୀ, ଜଳ ସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଧରଣୀଧର ବେହେରା, ସହାରୀ ଯନ୍ତ୍ରୀ ପ୍ରମୋଦ କୁମାର ତରାଇ ପ୍ରମୁଖଙ୍କ ସହ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଖରସ୍ରୋତା ପୁସ୍ତକମେଳା କମିଟି ତରଫରୁ ଅଭିଜିତଙ୍କୁ ସମ୍ବର୍ଦ୍ଧିତ



**ଯାଜପୁର,୩୦ା୬/ଏନ୍ଏନ୍ଏସ୍:** ଯାଜପୁର ସହର ଅନ୍ତର୍ଗତ ବେଲାରପୁର ଗ୍ରାମର ସତ୍ୟବ୍ରତ ଧଳ ମହାପାତ୍ରଙ୍କ ସୁପୁତ୍ର ଅଭିଜିତ ଏସ୍ ଧଳ ଆମ ପରିବାରରୁ ଆଉ ଜଣେ ଉଦୀୟମାନ ପ୍ରତିଭା ଭାବେ ଆୟୁଷ୍ମାନ ଅଭିଜିତ ସର୍ବଭାରତୀୟ ନିଟ୍ ପରୀକ୍ଷା ସଫଳତାର ସହ କୃତକାର୍ଯ୍ୟ ହୋଇଥିବାରୁ ତାଙ୍କୁ ଖରସ୍ରୋତା ପୁସ୍ତକମେଳା କମିଟି ତରଫରୁ ଆଜି ସମ୍ବର୍ଦ୍ଧିତ କରାଯାଇଛି । ଗତ ବାଇଶି ତାରିଖରେ ଆୟୋଜିତ ଉତ୍ସବରେ ସେ ଯୋଗଦେଇ ପାରିନଥିବାରୁ ତାଙ୍କୁ ଯାଜପୁର ଆସି ଘରେ ଖରସ୍ରୋତା ପୁସ୍ତକ ମେଳା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ତାହା ସହିତ ଅଭିଜିତଙ୍କୁ କମିଟି ତରଫରୁ ଅଭିନନ୍ଦନ ଜଣାଇଥିଲେ ।

# ଲକ୍ଷ୍ମୀ ବସ୍ ଧକ୍କାରେ ସ୍କୁଟର ଚାଳକ ମୃତ

**କେନ୍ଦ୍ରାପଡ଼ା,୩୦ା୬/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ କେନ୍ଦ୍ରାପଡ଼ା-ଇନ୍ଦୁପୁର ରାସ୍ତାର ରାମଚନ୍ଦ୍ରପୁର ଛକ ନିକଟରେ ଏକ ବସ ଧକ୍କାରେ ଜଣେ ସ୍କୁଟର ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତି ହେଉଛନ୍ତି ସଦର ଥାନା ଅନ୍ତର୍ଗତ ଗୁଲନଗର ପଞ୍ଚାୟତର ସୁଜାନଗର ଗ୍ରାମର ନାମ ଉତ୍ତମ ସାହୁ । ପ୍ରକାଶ, ଉତ୍ତମ ରାମଚନ୍ଦ୍ରପୁର ଠାରେ ଏକ ତେଜେରାତି ଦୋକାନ କରି ପରିବାର ପୋଷଣ କରନ୍ତି । ସେ ବାରିମୂଳକୁ କୌଣସି କାର୍ଯ୍ୟରେ ଯାଇଥିଲେ । ଦିନ ପ୍ରାୟ ୨ଟାରେ ନିଜ ଘରକୁ ଏକ ସ୍କୁଟି ଯୋଗେ ଫେରୁଥିବା ବେଳେ ପଛ ପଟୁ ଆସୁଥିବା ଏକ ସରକାରୀ ସିଟି ବସ ଧକ୍କା ଦେଇଥିଲା । ଉତ୍ତମ ସାହୁଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା । କିନ୍ତୁ ସେ ବଞ୍ଚିଥିବା ଭାବି ସ୍ଥାନୀୟଲୋକେ ତାଙ୍କୁ କେନ୍ଦ୍ରାପଡ଼ା ଡାକ୍ତରଖାନା ନେଇଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ସରକାରୀ ସିଟି ବସ ଚାଳକ ବେପରୁଆ ଭାବେ ଗାଡି ଚଳାଉଥିବାରୁ ଏହି ଦୁର୍ଘଟଣା ଘଟିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସଦରଥାନା ପୁଲିସ ବସ ଓ ସ୍କୁଟିକୁ ସଦରଥାନକୁ ନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୮ ଡ୍ରାଇଭରଙ୍କ ଉନ୍ମତ୍ତକାଣ୍ଡ

**ରାଜନଗର,୩୦ା୬/ଏନ୍ଏନ୍ଏସ୍:** ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅସୁରକ୍ଷିତ ହୋଇପଡିଛ । ରବିବାର ବିଳମ୍ବିତ ରାତିରେ ଜଣେ ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ମଦ୍ୟପାନ ଅବସ୍ଥାରେ ୪/୫ଜଣଙ୍କୁ ସାଥିରେ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟକୁ ପଶିଥିଲେ । ସେଠାରେ କାର୍ଯ୍ୟରତ ଡାକ୍ତରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ପରେ ଷ୍ଟାଫ ନର୍ସ ଜଣଙ୍କୁ ଗାଳିଗୁଲଜ କରିବା ସମୟରେ ସିକ୍ୟୁରିଟ୍ ଗାର୍ଡ ପ୍ରତିବାଦ କରିଥିଲେ । ସେମାନେ ସିକ୍ୟୁରିଟ୍ ଗାର୍ଡଙ୍କୁ ମାଡ ମାରି ତାଙ୍କ ସାର୍ଟ ଚିରିଦେଇଥିବା ନେଇ ପ୍ରତ୍ୟେକ୍ଷଦର୍ଶୀଙ୍କଠାରୁ ସୂଚନା ମିଳିଛି । ସଂପୃକ୍ତ ସିକ୍ୟୁରିଟ୍ ଗାର୍ଡ ମେଡିକାଲ ଅଫିସରଙ୍କୁ ଲିଖିତ ଭାବେ ଜଣାଇ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଉ ଆସିବେ ନାହିଁ ବୋଲି ସାଥିମାନଙ୍କୁ କହି ଛୁଟିରେ ଯାଇଥିବା ଜଣାପଡିଛି । ଏସଂପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଶ୍ମୀ ରଞ୍ଜନ ମହାନ୍ତିଙ୍କୁ ପଚାରିବାରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଗଣ୍ଡଗୋଳ ହେବା କଥାକୁ ସ୍ୱୀକାର କରିଛନ୍ତି । ଘଟଣାର ଆପୋଷ ସାମାଧାନ କରାଯାଇଛି ବୋଲି କହିଛନ୍ତି । ଡାକ୍ତର ଓ କର୍ମଚାରୀଙ୍କ ନିରାପତା ନରହିଲେ ରୋଗୀସେବା କିପରି ସମ୍ଭବ ହେବ ? ବାରମ୍ବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗଣ୍ଡଗୋଳ ହେବା, କର୍ମଚାରୀମାନଙ୍କୁ ଦୁର୍ବ୍ୟବହାର କରିବା, ଅସାମାଜିକ, ମଦ୍ୟପମାନେ ଅବାଧରେ ପ୍ରବେଶ କରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବା ଘଟଣା ପ୍ରଶାସନିକ ଅପାରଗତାକୁ ପଦାରେ ପକାଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ କରାଯାଇ ଗଣ୍ଡଗୋଳକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଭବିଷ୍ୟତରେ ରୋଗୀସେବା ଯେ ବ୍ୟାହତ ନହେବ, ଏକଥାକୁ ଅସ୍ୱୀକାର କରାଯାଇନପାରେ ।

# ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ହିତାଧିକାରୀ



**କାମାକ୍ଷାନଗର,୩୦ା୬/ଏନ୍ଏନ୍ଏସ୍:** କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହିତାଧିକାରୀ । ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ପହଞ୍ଚି କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଦାବି ଜଣାଇଲେ ହିତାଧିକାରୀ । ପ୍ରକାଶ, କେନ୍ଦ୍ର ସରକାରଙ୍କ ତରଫରୁ ବୃଦ୍ଧ, ବୃଦ୍ଧାମାନଙ୍କୁ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ମାଧ୍ୟମରେ ପ୍ରତି ମାସର ୧୫ ତାରିଖ ଦିନ ଭତ୍ତା ପ୍ରଦାନ କରାଯାଏ । କିନ୍ତୁ କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦରେ ମାସ ସରିଯାଇଥିଲେ ସୁଦ୍ଧା ହିତାଧିକାରୀଙ୍କୁ ମିଳିନି ବାର୍ଦ୍ଧକ୍ୟ ଭତ୍ତା । ଏ ନେଇ ବହୁ ହିତାଧିକାରୀ ନିଜ ପାସବୁକ ଧରି ବ୍ୟାଙ୍କ୍‌କୁ ଭତ୍ତା ଟଙ୍କା ଆଣିବାକୁ ଯାଇଥିବା ବେଳେ ଟଙ୍କା ଆସିନଥିବା ନେଇ ଜାଣିବାକୁ ପାଇଥିଲେ । ପରେ ସେମାନେ ନିର୍ବାହୀ ଯନ୍ତ୍ରୀଙ୍କ ନିକଟକୁ ଯାଇ ଭତ୍ତା ପାଇନଥିବା ନେଇ ଅଭିଯୋଗ କରିଥିଲେ । ବିଜ୍ଞାପିତ ଅଞ୍ଚଳ ପରିଷଦର ବହୁ ବୃଦ୍ଧ, ବୃଦ୍ଧା ବର୍ଷାରେ ଅଟୋ ଭଡା କରି ଭତ୍ତା ନପାଇ ନିଜର ଅସନ୍ତୋଷ ପ୍ରକାଶ କରିଥିବା ବେଳେ କେନ୍ଦ୍ରରୁ ଟଙ୍କା ଆସିନଥିବାରୁ ହିତାଧିକାରୀଙ୍କ ପାସ୍‌ବୁକ୍‌କୁ ଟଙ୍କା ଯାଇନଥିବା କହିଛନ୍ତି କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପ୍ରଦ୍ୟୁତ ସାହୁ ।

# ଦୁଇ ପ୍ରାଧାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କୁଆଖିଆ,୩୦ା୬/ଏନ୍ଏନ୍ଏସ୍:** ରସୁଲପୁର ବ୍ଲକ୍ ଅନ୍ତର୍ଗତ ମଧୁବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦୁଇ ଅଧ୍ୟାପକ ସମାଜ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧାପକ ତନ୍ମୟ କୁମାର ବଳ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧାପକ ଚିତ୍ତରଞ୍ଜନ ମିଶ୍ରଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଆଜି ଅଧକ୍ଷ ପ୍ରଶାନ୍ତ କୁମାର ଘଡ଼େଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ଦୁଇ ପ୍ରଧାପକଙ୍କ ସମ୍ପର୍କରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ଓଡ଼ିଆ ବିଭାଗର ପ୍ରାଧାପକ ନିମାଇଁ ଚରଣ କର ଯୋଗଦେଇ ଦୁଇ ପ୍ରଧାପକଙ୍କ ସମ୍ପର୍କରେ କହିଥିଲେ । ସଭାକୁ ଅଧ୍ୟାପକ ନିତ୍ୟାନନ୍ଦ ମହାନ୍ତି ସଂଯୋଜନା କରିଥିଲେ । ଅଧ୍ୟାପକ ଦେବବ୍ରତ ମହାପାତ୍ର ଧନ୍ୟବାଦ ଓ ଅଧ୍ୟାପକ ବିରଞ୍ଚିନାରାୟଣ ରାମ ମାନପତ୍ର ପାଠ କରିଥିଲେ । ଅଧ୍ୟାପିକା ନମିତା ଗିରି ଏବଂ ଅଧ୍ୟାପକ ଶୁଭେନ୍ଦୁ କୁମାର ପଟ୍ଟନାୟକ ଦେବବ୍ରତ ସାହୁ ଅନୁଭୁତି ବର୍ଣ୍ଣନା କରିଥିଲେ । ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ମାଧବ ଚନ୍ଦ୍ର ବସନ୍ତିଆ, ଅବସରପ୍ରାପ୍ତ ଅଧ୍ୟାପକ ସୋମନାଥ ଦାସ, ଅବସରପ୍ରାପ୍ତ ଅଧ୍ୟାପିକା ପ୍ରମୋଦିନୀ ଦାଶ, ଅଧ୍ୟାପକ ଅଜୟ କୁମାର ଜେନା ଅଜୟ କୁମାର ଚନ୍ଦ, ଅଧ୍ୟାପକ ହିମାଂଶୁ ଶେଖର ଜେନା, ଅଧ୍ୟାପିକା ପ୍ରଣତି ରାଉତ, ଅଧ୍ୟାପକ ମନୋଜ ନାୟକ, ଅଧ୍ୟାପକ ବିକାଶ ସାହୁ, ଅଧ୍ୟାପକ ଚନ୍ଦନ, ନରେନ୍ଦ୍ର ସାହୁ ସହଯୋଗ କରିଥିଲେ ।

# ଦାନପୁର-ଅସୁରେଶ୍ୱର ଲୁଣାନଦୀ ବନ୍ଧ ରାସ୍ତା ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

**ଚାନ୍ଦୋଳ,୩୦ା୬/ଏନ୍ଏନ୍ଏସ୍:** ଡେରାବିଶ ବ୍ଲକର ଦାନପୁର ଲୁଣାନଦୀ ପୋଲ ଠାରୁ କଟକ ଜିଲ୍ଲାର ଅସୁରେଶ୍ୱର ପୋଲ ପର୍ଯ୍ୟନ୍ତ ଲୁଣାନଦୀବନ୍ଧ ବାମ ପାର୍ଶ୍ୱ ରାସ୍ତା ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛିଫ ଫଳରେ ଯାତ୍ରୀମାନେ ବିଳମ୍ବିତ ରାତିରେ ଯିବା ପାଇଁ ଅସୁରକ୍ଷିତ ମଣୁଛନ୍ତି । ଏବେ ସରକାରଙ୍କ ନଦୀବନ୍ଧ ସୁଦୃଢ଼ୀକରଣ ଯୋଜନାରେ କଟକ ନର୍ଥ ଡିଭିଜନ ଜଳସମ୍ପଦ ବିଭାଗ ତରଫରୁ ନଦୀବନ୍ଧକୁ ସୁଦୃଢ଼କରଣ ଓ ପ୍ରଶସ୍ତିକରଣ କରାଯାଇ ଯାତାୟତ ପାଇଁ ପଚୁରାସ୍ତା ନିର୍ମାଣ କରାଯାଇଛି । କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଭିଡ଼କୁ ଏଡ଼ାଇବା ପାଇଁ ବହୁଲୋ ଏହି ରାସ୍ତାକୁ କଟକ ଏବଂ କେନ୍ଦ୍ରାପଡ଼ା ଯିବା ପାଇଁ ବିକଳ୍ପ ରାସ୍ତା ଭାବେ ବ୍ୟବହାର କରୁଛନ୍ତି । ଏଥିସହିତ ଦାନପୁରରୁ ଅସୁରେଶ୍ୱର ପର୍ଯ୍ୟନ୍ତ ୫ କିଲୋମିଟର ବ୍ୟାପୀ ରାସ୍ତାରେ ଅନ୍ୟ କୌଣସି ରାସ୍ତା ଅତିକ୍ରମ କରୁନଥିବାରୁ ବିନା ବାଧାରେ ଏହି ରାସ୍ତାରେ ଯାନବାହାନ ଯାତାୟତ କରୁଛନ୍ତି । ଏଥିସହିତ ଏହି ରାସ୍ତାଟି ଏବେ ନିଶା ବେପାରୀଙ୍କ ଭୂସ୍ୱର୍ଗ ପାଲଟିଛି । ନଦୀ ବନ୍ଧର ନିରୋଳାର ସୁଯୋଗ ନେଇ କିଛି ଅସାମାଜିକ ବ୍ୟକ୍ତି ଏହି ରାସ୍ତାରେ ଆଡ୍ଡା ଜମାଇ ଖୋଲା ଖୋଲି ଭାବେ ନିଶା ଦ୍ରବ୍ୟ ସେବନ କରୁଥିବା ଦେଖିବାକୁ ମିଳିଛି । ଏଥିସହିତ ଭ୍ରାମ୍ୟମାଣ ନିଶା ବେପାରୀ ଫୋନ୍‌ରେ ଅର୍ଡ଼ର ନେଇ ମଦ, ଗଞ୍ଜେଇ ଓ ଚରସ ଭଳି ମାରାତ୍ମକ ନିଶା ଯୋଗାଇ ଦେଉଛନ୍ତି । ତେଣୁ ପଥଭ୍ରଷ୍ଟ ନିଶାଡ଼ିମାନେ ବିନା ଦ୍ୱିଧାରେ ଖୁଲମ ଖୁଲ ଭାବେ ଏହି ରାସ୍ତା କଡ଼ରେ ରହିଥିବା ବିଭିନ୍ନ ଗଛମୂଳରେ ବସିରହି ନିଶା ସେବନ କରୁଛନ୍ତି । ନିଶାଡ଼ିମାନେ ନିଶା ଖାଇବା ପାଇଁ ବିଳମ୍ବିତ ରାତିରେ ବାଇକ୍ ଓ ଚାରିଚକିଆ ଆରୋହୀଙ୍କୁ ଅଟକାଇ ଧମକଚମକ ଦେଇ ଟଙ୍କା ଆଦାୟ କରୁଥିବା ଅଭିଯୋଗ ମଧ୍ୟ ଆସିଲାଣି । ଗତ ସପ୍ତାହରେ କେହି ଦୁର୍ବୃତ୍ତ ଅର୍ଗାମୂଳ ନିକଟରେ ହେଉଥିବା ଉଠାଜଳସେଚନ ପ୍ରକଳ୍ପର ପାଖାପାଖି ୧୫ଟି ଖୁଣ୍ଟରୁ ୧୧ କେଭି ତାରକୁ କାଟି ଚୋରାଇ ନେଇଥିବା ଦେଖିବାକୁ ମିଳିଥିଲା । ଏହି ୫ କିଲୋମିଟର ରାସ୍ତା ନଦୀ ଓ ନଦୀପଠାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ମନୋରମ ପରିବେଶରେ ଭରପୁର ରହିଥିବାରୁ ପ୍ରତ୍ୟୁଷ ଓ ସନ୍ଧ୍ୟାରେ ବହୁ ଜନସାଧାରଣ ଏହି ରାସ୍ତାର ପ୍ରାତ ଭ୍ରମଣ ଓ ସନ୍ଧ୍ୟା ଭ୍ରମଣ ମଧ୍ୟ କରିଥାନ୍ତି । ଏହି ରାସ୍ତାରେ ଦୈନିକ ଶହଶହ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ସମେତ ହାଜାର ହଜାର ଜନସାଧାରଣ ଯାତାୟତ କରିଥାନ୍ତି । ତେଣୁ ଏମାନଙ୍କ ସୁରକ୍ଷା ପାଇଁ ଉଭୟ କେନ୍ଦ୍ରାପଡ଼ା ଓ କଟକ ଜିଲ୍ଲା ପୁଲିସ ପ୍ରଶାସନ ଏହି ରାସ୍ତାରେ ଦିନ ଓ ରାତିରେ ପେଟ୍ରୋଲିଂର ବ୍ୟବସ୍ଥା କରାଇବା ପାଇଁ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି ।

# ବିଜେପିରେ ମିଶିଲେ ବିଜେଡିର ଶତାଧିକ କର୍ମୀ



**ରସୁଲପୁର,୩୦ା୬/ଏନ୍ଏନ୍ଏସ୍:** ସାଧାରଣ ନିର୍ବାଚନ ପରେ ଶାସକ ବିଜେପିର ଏକ ବର୍ଷର ସୁଶାସନରେ ଅନୁପ୍ରାଣିତ ହୋଇ ବିଜେପି ଆଡକୁ ଢଳୁଛନ୍ତି ଅନ୍ୟ ଦଳର ପଞ୍ଚାୟତ ପ୍ରତିନିଧି ଏବଂ କର୍ମୀ । ଗତ କିଛିଦିନ ହେବ ଅନେକ କର୍ମୀ ଏବଂ ପ୍ରତିନିଧି କୋରେଇ ବିଜେପିରେ ସାମିଲ ହୋଇଥିବାବେଳେ ଆଜି କୋରେଇ ବିଜେପି ପକ୍ଷରୁ କୁଆଖିଆ ସ୍ଥିତ କିର୍ତ୍ତି ପ୍ୟାଲେସ୍ ଠାରେ ଏକ ମିଶ୍ରଣ ପର୍ବ କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । କୋରେଇ ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ରସୁଲପୁର ବ୍ଲକ୍ ନରସିଂହପୁର ଗ୍ରାମପଞ୍ଚାୟତର ବିଜୁ ଜନତା ଦଳର ଆଗଧାଡିର ଶତାଧିକ କର୍ମୀ ଆଜି ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ଓ ବିକଶିତ ଓଡିଶାର ସ୍ୱପ୍ନ ତଥା ମାନନୀୟ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ସୁଶାସନ , ସ୍ୱଚ୍ଛ କାର୍ଯ୍ୟଶୈଳୀ, ସର୍ବପରି କୋରେଇର ବିଧାୟକ ଆକାଶ ଦାସନାୟକଙ୍କ ସ୍ୱଚ୍ଛ ନୀତି, ଆଦର୍ଶ ତଥା ବିକଶିତ କୋରେଇ ଗଠନ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ବିଜେପିରେ ଆନୁଷ୍ଠାନିକ ଭାବେ ଯୋଗଦାନ କରିଛନ୍ତି । ସମସ୍ତ ଆଗନ୍ତୁକ ନରସିଂହପୁର ପଞ୍ଚାୟତ ପ୍ରତିନିଧି ଓ କର୍ମୀଙ୍କୁ ବିଧାୟକ ବିଜେପି ଦଳକୁ ସ୍ୱାଗତ କରିବା ସହ ଦଳୀୟ ଟୋପି ଓ ଉତରୀୟ ପକାଇ ଭାରତୀୟ ଜନତା ପାର୍ଟିରେ ସାମିଲ କରାଇଥିଲେ । ବିଧାୟକ ଆକାଶ ଦାସନାୟକ ମିଶ୍ରଣ ପର୍ବ ପରେ କୋରେଇ ବିଜେପି ଆହୁରି ଅଧିକ ଶକ୍ତିଶାଳୀ ହେଲା ଏବଂ ନରସିଂହପୁର ପଞ୍ଚାୟତରେ ବିଜେପି ସ୍ଥିତି ସୁଦୃଢ ହେବା ସହ କୋରେଇ ବିକାଶ ପାଇଁ କରିଥିବା ସଂକଳ୍ପ ନିଶ୍ଚିନ୍ତ ପୂରଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଆଜିର ମିଶ୍ରଣ ପର୍ବ ନରସିଂହପୁର ପଞ୍ଚାୟତ ବିଜେଡିକୁ ଶକ୍ତ ଝଟ୍‌କା ଦେଇଛି ବୋଲି ରାଜନୈତିକ ମହଲରେ ଆଲୋଚନା କରାଯାଉଛି । କାରଣ ବିଜେଡି ରୁ ପାର୍ଥି ହୋଉଥିବା ସନ୍ଧ୍ୟା ରାଣୀ ଦାସଙ୍କ ପୁତ୍ର ପୂର୍ବତନ ବିଧାୟକ ବିଜେଡିନେତା ପ୍ରଣବ ପ୍ରକାଶ ଦାସଙ୍କ ଜନ୍ମଦିନ ପାଇଁ ସେହି ପଞ୍ଚାୟତ ରେ ସକାଳେ ବିଜେଡି ତରଫରୁ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା ଏବଂ ସେହି ଶିବିରରେ ପ୍ରଣବ ସାନ ଭାଇ ଭାବପ୍ରସାଦ ଦାସ ଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ସାମିଲି ହୋଉଥିଲେ କିନ୍ତୁ ଅପରାହ୍ନରେ ବହୁ ବିଜେଡି ନେତା କର୍ମୀ ଓ ଅନ୍ୟ ଦଳରୁ କର୍ମୀମାନେ ଦଳ ଛାଡି ବିଜେପି ମିଶିଥିଲେ ।

## ରାସ୍ତା ସାଜିଛି ମରଣଯନ୍ତା

# ଠିକାଦାର ମାଲେମାଲ୍, ଜନତା ବେହାଲ୍



**ଢେଙ୍କାନାଳ,୩୦।୬/ଏନ୍ଏନ୍ଏସ୍:** ରାସ୍ତା ସାଜିଛି ମରଣଯନ୍ତା ଏହି ବହୁ ଚର୍ଚିତ ଘଟଣାଟି ଗଁଦିଆ ବ୍ଲକରେ ଦେଖିବାକୁ ମିଳୁଛି ଉକ୍ତ ବ୍ଲକରେ ପୂର୍ତ୍ତ ବିଭାଗଠାରୁ ଆରମ୍ଭ କରି ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ପଞ୍ଚାୟତ ରାଜ ବିଭାଗ ଓ ମନରେଗା ଯୋଜନାରେ ଯେତେସବୁ ରାସ୍ତା ନିର୍ମାଣ ହେଉଛି ତନ୍ମଧ୍ୟରୁ କିଛି ରାସ୍ତାକୁ ଛାଡିଦେଲେ ପ୍ରାୟତଃ ରାସ୍ତା ଗୁଡିକ ନିର୍ମାଣର ମାସେ କିମ୍ବା ତିନିମାସ ମଧ୍ୟରେ ସେଗୁଡିକର ବିକଳ ଚିତ୍ର ଦେଖିବାକୁ ମିଳୁଛି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଉକ୍ତ ବ୍ଲକର ମଠତେନ୍ତୁଳିଆ ଗ୍ରାମ ପଂଚାୟତରେ ଉକ୍ତ ପଞ୍ଚାୟତର ବଙ୍ଗାଳି ଛକଠାରୁ ବରପାଳ ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ଦେଢକିମି ବ୍ୟାପି ଉକ୍ତ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ଭାବରେ ନିମ୍ନ ମାନର କାର୍ଯ୍ୟ ଫଳରେ ଆଜି ଏହି ରାସ୍ତାଟି ଅବସ୍ଥା ଅତୀବ ଦୟନୀୟ ହୋଇଛି ତତ ସହିତ ଜନସାଧାରଣ ମାନଙ୍କ ପାଇ ଏକ ପ୍ରକାର ମରଣଯନ୍ତା ସାଜିଛି। ଉକ୍ତ ବ୍ଲକରେ ବର୍ତମାନ ଠିକାଦାର, କର୍ମଚାରୀଙ୍କର ମିଳିଭଗତରେ ଚାଲିଛି ଉନ୍ନର୍ତି ମୂଳକ କାର୍ଯ୍ୟ । ଉକ୍ତ ପଞ୍ଚାୟତଟି ବ୍ଲକର ଏକ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବହୁଳ ଅଟେ । କିନ୍ତୁ ଉକ୍ତ ପଂଚାୟତର ବିଭିନ୍ନ ଗ୍ରାମ ଗୁଡିକୁ ଉନ୍ନତ ମାନର ସବୁଦିନିଆ ରାସ୍ତା ନିର୍ମାଣ ନିମନ୍ତେ ସରକାରୀ କୋଟି କୋଟି ଟଙ୍କାର ଅର୍ଥ ବ୍ୟୟ କରିଛନ୍ତି ହେଲେ ଫଳ ଶୂନ ରହୁଛି । ଉକ୍ତ ପିଚୁ ରାସ୍ତାଟି ନିର୍ମାଣର ପ୍ରାୟ ଏକ ବର୍ଷ ହେଲା ହେଇଚି କିନ୍ତୁ ଦୁଇରୁ ତିନି ମାସ ମଧ୍ୟରେ ରାସ୍ତା ଉପରେ ବିଛା ଯାଇଥିବା ଅନେକ ଜାଗାରେ ସମ୍ପୂର୍ଣ ଭାବରେ ଉଠି ଯାଇ ବଡବଡ ଖାଲ ମାନ ସୃଷ୍ଟି ହୋଇଛି । ଯାହା ଫଳରେ ପଥ ଚାରି ଠାରୁ ଆରମ୍ଭ କରି ଛୋଟ ବଡ଼ ଜାନ ଯାଆଣାରେ ଘୋର ଆନ୍ତରାୟ ସୃଷ୍ଟି ହେଉଛି । ଉକ୍ତ ରାସ୍ତାଟି ବରପାଳ ଗ୍ରାମର ଏକ ପ୍ରକାର ଲାଇଫ ଲାଇନ ହୋଇଥିବା ବେଳେ ସେହି ରାସ୍ତା ଦେଇ ଉକ୍ତ ଗ୍ରାମବାସୀ ଯିବାକୁ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଉକ୍ତ ରାସ୍ତା ନିର୍ମାଣରେ ହୋଇଥିବା ଦୁର୍ନୀତିର ତଦନ୍ତ କରି ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ତୁରନ୍ତ ଉକ୍ତ ରାସ୍ତାଟିର ମରାମତି କରିବାକୁ ଅଂଚଳ ବାସୀଙ୍କ ପକ୍ଷରୁ ଢେଙ୍କାନାଳ ଜିଲ୍ଲାପାଳଙ୍କ ଠାରେ ଦାବି ହେଉଛି ।

## ଅଜଣା ଗାଡ଼ି ଧକ୍କାରେ ୨ମୃତ

**ବଡ଼ଚଣା,୩୦।୬/ଏନ୍ଏନ୍ଏସ୍:** ବଡ଼ଚଣା ନିକଟସ୍ଥ ୧୬ନମ୍ବର ଜାତୀୟ ରାଜପଥ ନିକଟରେ ଥିବା ହୋଟେଲ ରାଜପଥ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଦୁଇଜଣ ଯୁବକ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଅବସ୍ଥାରେ ନିକଟସ୍ଥ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ବଡଚଣା ବ୍ଲକ୍ ଅନ୍ତର୍ଗତ ଚଣ୍ଡିତଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାତୋ ଗ୍ରାମର ଉମାକାନ୍ତ ବେହେରା(୩୭), ବନ୍ତଲା ଗ୍ରାମର ଲକ୍ଷ୍ମୀଧର ସାହୁ(୨୫) ଓ ବାତୋ ଗ୍ରାମର ତାପସ ସାମଲ(୨୮) ଏକ ବାଇକ୍‌ରେ ଚଣ୍ଡିଖୋଲ ଛକରୁ ନିଜ ଗ୍ରାମକୁ ଯାଉଥିବା ସମୟରେ ୧୬ଜାତୀୟ ରାଜପଥ ହୋଟେଲ ରାଜପଥ ନିକଟରେ ଏକ ଅଜଣା ଗାଡି ସେମାନଙ୍କୁ ଧକ୍କା ଦେଇ ଥିଲା। ଘଟଣା ସ୍ଥଳରେ ଉମାକାନ୍ତ ଓ ଲକ୍ଷ୍ମୀଧର ମୃତ୍ୟୁ ହୋଇଥିବା ସମୟରେ ତାପସ ଗୁରୁତର ଆହତ ହୋଇ ନିକଟସ୍ତ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ବଡଚଣା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଦୁଇଜଣଙ୍କର ଶବ ଜବତ କରିବା ସହ ବ୍ୟବଛେଦ ପାଇଁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି।

**AFFIDAVIT**

By virtue of an affidavit sworn before the Executive Magistrate, Khordha. I Sri Lokanath Samantray S/O-Nemei Samantaray,Adress At-Ratan Pur, Po-Brahmagiri,Dist -Puri, Pin - 752001, (Odisha)declare by this Affidavit No. SL-No 878,Dated-27/06/2025, that in my daughter' sold Aadhar card his name was wrongly recorded as instead of Smruti Pragya Samantaray. In my daughter's birth certificate his name has been recorded as Smiti Pragya Samantaray which is his actual name. Smiti Pragya Samantaray and Smruti Pragya Samantaray is related to one and same person. Henceforth, my daughter shall known as Smiti Pragyan Samantray for all future purposes.

**AFFIDAVIT**

By virtue of an affidavit sworn before the Executive Magistrate Nimapada on dated 13 June 2025 I Jibanajyoti Biswal, At- Balunka, Po-Baharana, Ps- Charichhak, Dist-Puri, Pin-752120 declare that I have changed my name from Jibanajyoti Biswal to Jeeban Jyoti Biswal. Henceforth, I shall be known as Jeeban Jyoti Biswal for all purposes. **Jeeban Jyoti Biswal**

**AFFIDAVIT**

**By virtue of an affidavit sworn before the Notary Public, Cuttack dated 26.06.2025; I, Sanghamitra Panda, W/o-Ranjit Kumar Panda, resident of Prem Nagar, 5th Lane, Berhampur, Dist- Ganjam, Odisha hereby declare that before marriage my surname was Panigrahy & I was known as Sanghamitra Panigrahy. But consequent upon my marriage with Ranjit Kumar Panda I have changed my surname from Panigrahy to Panda. Henceforth I shall be known as Sanghamitra Panda for all purposes.**

**Sd/- Sanghamitra Panda**

**ଦକ୍ଷିଣ ପୂର୍ବ ରେଳପଥ-ଟେଣ୍ଡର**

ଇ-ଟେଣ୍ଡର ନୋଟିସ୍ ନଂ: **28-EL-WT-2025-26, Dt. 27.06.2025,** [illegible] Divisional Electrical Engineer (G)/ Chakradharpur, South Eastern Railway [illegible] **www.ireps.gov.in** [illegible] IREPS [illegible] **(PR-333)**

**ପୂର୍ବ ତଟ ରେଳପଥ**

**ପାର୍କିଂ ଷ୍ଟାଣ୍ଡଗୁଡ଼ିକର ଇ-ନିଲାମ**

ଷ୍ଟେସନ ଏବଂ ସ୍ଥାନ : 1) [illegible] - ମିକ୍ସ - 2 ଏବଂ 4 ଚକିଆ [illegible], 2) [illegible] - ମିକ୍ସ - 2 ଏବଂ 4 ଚକିଆ [illegible], 3) [illegible] - ମିକ୍ସ - 2 ଏବଂ 4 ଚକିଆ [illegible], 4) [illegible] - ମିକ୍ସ - 2 ଏବଂ 4 ଚକିଆ [illegible] ।

ନିଲାମ ଆରମ୍ଭ ତାରିଖ ଓ ସମୟ : (କ୍ରମ ସଂ.1 ରୁ 4 ପର୍ଯ୍ୟନ୍ତ) : ତା.10.07.2025ରିଖ 1100 ଘଣ୍ଟା ।

ନିଲାମ ଅନ୍ତିମ ତାରିଖ : ତା.10.07.2025ରିଖ (କ୍ରମ ସଂ.1 ରୁ 4 ପର୍ଯ୍ୟନ୍ତ), ଏବଂ ସମୟ : 1130 ଘଣ୍ଟା (କ୍ରମ ସଂ. 01 ପାଇଁ), 1140 ଘଣ୍ଟା (କ୍ରମ ସଂ. 02 ପାଇଁ), 1150 Hrs. (କ୍ରମ ସଂ. 03 ପାଇଁ), 1200 Hrs. (କ୍ରମ ସଂ. 04 ପାଇଁ) ।

ପେ ଆଣ୍ଡ ୟୁଜ୍ ଶୌଚାଳୟଗୁଡ଼ିକର ଇ-ନିଲାମ

ଷ୍ଟେସନ ଏବଂ ସ୍ଥାନ : 1) [illegible] (ପ୍ଲାଟଫର୍ମ ନଂ 1 [illegible]) ।

ନିଲାମ ଆରମ୍ଭ ତାରିଖ ଓ ସମୟ : (କ୍ରମ ସଂ.1 ପାଇଁ) : ତା.10.07.2025ରିଖ 1500 ଘଣ୍ଟା ।

ନିଲାମ ଅନ୍ତିମ ତାରିଖ ଓ ସମୟ : (କ୍ରମ ସଂ.1 ପାଇଁ) : ତା.10.07.2025ରିଖ 1530 ଘଣ୍ଟା ।

ଦ୍ରଷ୍ଟବ୍ୟ : [illegible] **https://ireps.gov.in** [illegible] ।

PR-295/Q/25-26 [illegible]

# ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଯାଜପୁର,୩୦।୬/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତ ଅଧିନ ସରକାରୀ ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ଶମ୍ଭୁନାଥ ଦାଶଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସତ୍ୟବ୍ରତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ବିଶ୍ୱାଳ, ମୁଖ୍ୟ ବକ୍ତାଭାବେ ଜିଲ୍ଲା କ୍ରୀଡାଧିକାରୀ ଫକିର ମୋହନ ଟୁଡୁ। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ବରିଷ୍ଠ ଶାରୀରିକ ଶିକ୍ଷାଧିକାରୀ ନନ୍ଦ କିଶୋର ନାୟକ, ବରିଷ୍ଠ କ୍ରୀଡା ଶିକ୍ଷକ ମଧୁସୂଦନ ଧଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧିର ଚନ୍ଦ୍ର ସାମଲ, ରାଜେନ୍ଦ୍ର କୁମାର ଦାସ, ସତ୍ୟନାରାୟଣ ମହାନ୍ତି, ଗଣେଷ ପ୍ରସାଦ ସାମଲ ଏବଂ ଶାରୀରିକ ଶିକ୍ଷା ଶିକ୍ଷକ ଶଙ୍କର୍ଷଣ ବେହେରା, ଅକ୍ଷୟ କୁମାର ମଲ୍ଲିକ, ହରିହର ଜେନା, ରାଜେଶ ସେଠି, ଖଗେଶ୍ୱର ରାଉତ, ଅବନୀ ଦାସ,ଚନ୍ଦନ ସାହୁ, ତାପସ ବିଶ୍ୱାଳ, ସୋନାଲି ସାହୁ, ବିକାଶ ସାହୁ, ଧର୍ମାନନ୍ଦ ସାହୁ, ତପସ୍ୱିନୀ ଦାଶ, ସତ୍ୟସୁନ୍ଦର ମହାପାତ୍ର, କୈଳାଶ ମହାପାତ୍ର, କାଳନ୍ଦୀ ସାହୁ, ରୀନା ମାଝୀ, ଶ୍ରଦ୍ଧାଞ୍ଜଳି ସ୍ୱାଇଁ, ସୁନିତ ସେଠି, ଜ୍ଞାନରଞ୍ଜନ ସ୍ୱାଇଁ, ଅଜୟ କୁମାର ଦାସ, ତ୍ରିଲୋଚନ ଜେନା, ହରିହର ବିଶ୍ୱାଳ, ଗୌତମ ସ୍ୱାଇଁ, ରଞ୍ଜନ ସାହୁ, ପ୍ରଦୀପ ସାମଲ, ଶ୍ରୀକାନ୍ତ ଖୁଣ୍ଟିଆ, ସୁବାସ ବିଶ୍ୱାଳ, ସୁକାନ୍ତ ସ୍ୱାଇଁ, ପ୍ରେମଲତା ଧଳ, ଚନ୍ଦ୍ରମଣି କର, ବିଜୟ ଦାସ, ସେକ ସମିମ, ଆରତୀ ସେଠୀ, ଶ୍ରାବଣୀ ଜି,ବୀରକିଶୋର ନାୟକ, ସତ୍ୟଜିତ ସାହୁ,କିଶୋର ଚନ୍ଦ୍ର ଦାସ,ପ୍ରିୟରଞ୍ଜ ବେହେରା, ଶୁଭଶ୍ରୀ ବିଶ୍ୱାଳ, ନିତୁ କମଲ, ଖଗେଶ୍ୱର ଜେନା, ନବକିଶୋର ସାହୁ ଓ ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସମସ୍ତ ଶିକ୍ଷା କର୍ମଚାରୀ ଯୋଗଦେଇ ବିଦାୟୀ ଶିକ୍ଷକ ଶ୍ରୀଯୁକ୍ତ ଦାଶଙ୍କ ଗୁଣଗାନ କରିଥିଲେ।

## ବଡ଼ ଦୁର୍ଘଟଣାରୁ ବର୍ତ୍ତିଗଲା ଲକ୍ଷ୍ମୀବସ୍

**ଆଳି,୩୦।୬/ଏନ୍ଏନ୍ଏସ୍:** ବଡ଼ ଦୁର୍ଘଟଣାରୁ ବର୍ତ୍ତୀ ଯାଇଛି ଲକ୍ଷ୍ମୀ ବସ୍ । ଏକ କାର୍‌କୁ ସାଇଡ ଦେବା ସମୟରେ ରାସ୍ତାକଡ଼କୁ ମାଡି ଯାଇଥିଲା ବସ। ରାସ୍ତା କଡ଼ରେ ଥିବା ଖାଲରେ ବସଟି ଲାଖି ଯିବାରୁ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛି। ବସରେ ପ୍ରାୟ ୨୦ରୁ ଉର୍ଦ୍ଧ ଯାତ୍ରୀଥିବା ଜଣାପଡିଛି। ପ୍ରକାଶ, କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବସଷ୍ଟାଣ୍ଡରୁ ଭୁଇଁପୁର ଦେଇ ପତ୍ରପୁର ଯାଉଥିବା ଲକ୍ଷ୍ମୀ ବସଟି ନିଆଳ ପଞ୍ଚାୟତ ଶାଳିଅଞ୍ଚ ଗ୍ରାମ ଅତିକ୍ରମ କରିବା ପରେ ଦ୍ରୁତ ଗତିରେ ଗାଡି ଚଳାଉ ଥିଲେ। ଭୁଇଁପୁର ପଟରୁ ସେହି ରାସ୍ତା ଦେଇ ଏକ କାର ଆସୁଥିବା ବେଳେ ବସ ଡ୍ରାଇଭର ଜଣକ କାରକୁ ସାଇଡ ଦେବାକୁ ବସ ଟିକୁ ରାସ୍ତା କଡ଼କୁ କାଟି ଦେଇଥିବା ବେଳେ ବସଟି ଏକ ଖାଲରେ ଲାଖି ଯାଇଥିଲା। ଖବରପାଇ ଆଳି ଦମକଳ ବାହିନୀ ସେଠାରେ ପହଞ୍ଚି କିଛି ଯାତ୍ରୀଙ୍କୁ ବସରୁ ଉଦ୍ଧାର କରିଥିଲା। ବସରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡିଛି ।

O-362

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, NABARANGPUR**

e-mail - eerwngp@rediffmail.com

**e-Procurement Notice**

Letter No. 3858 — Date : 25.06.2025

| | | |
|---|---|---|
| Name of the work | : | Building Works |
| Total No. of works | : | 01 (One) No. |
| Approx. Estimated cost | : | Rs.58.82 lakhs |
| Class of Contractor | : | "B" Class Contractor |
| Period of completion | : | 06 (Six) Calendar Month |

| Procurement Officer | Bid Identification No. | No. of works | Availability of Tender on-line for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | 4 | 5 | 6 | 7 |
| Rural Works Division-I, Nabarangpur | EERWNGP-Online-02/2025-26 | 01 (One) No. | 04.07.2025 at 10.00 AM | 14.07.2025 up to 03.00 PM | 15.07.2025 at 11.00 AM | To be intimated separately |

For details can be seen from the Government website www.tendersorissa.gov.in

**Superintending Engineer**
**Rural Works Division-I, Nabarangpur**

OIPR-25092/11/0015/2526

## ଗିନିଜ୍ ବୁକ୍‌ରେ ସ୍ଥାନ ପାଇଲେ ସ୍ୱପ୍ନାଶ୍ରୀ



**ତାଳଚେର,୩୦।୬/ଏନ୍ଏନ୍ଏସ୍:** ତାଳଚେର ବ୍ଲକ ଅନ୍ତର୍ଗତ ଗୋପାଳ ପ୍ରସାଦ ଗ୍ରାମ ପଞ୍ଚାୟତ ମଲ୍ଲୀବନ୍ଧ ଗ୍ରାମର ପିତାମ୍ବର ଗଡ଼ନାୟକ ସୁପୁତ୍ରୀ ସ୍ୱପ୍ନାଶ୍ରୀ ଗଡ଼ନାୟକ ୧୧୮ଟି ପିରିଅଡ଼ିକ ଟେବୁଲ ତତ୍ତ୍ୱକୁ ମାତ୍ର ୨୫.୩୧ ସେକେଣ୍ଡରେ ଉଚାରଣ କରି ଇଣ୍ଡିଆ ଗିନିଜ୍ ବୁକଅଫ୍ ରେକର୍ଡରେ ନିଜର ସ୍ଥାନ ହାସଲ କରିପାରିଛନ୍ତି ବୋଲି ତାଙ୍କ ପରିବାର ସୂତ୍ରରୁ ଜଣାପଡ଼ିଛି। ସେ ମାତ୍ର କମ ବୟସରୁ ନିଜର ଅଧ ବ୍ୟବସାୟ ଓ ପିତାମାତା, ଗୁରୁଜୀ, ଗୁରୁମା'ଙ୍କର ସ୍ନେହ ଓ ଶୁଭେଚ୍ଛା ଯୋଗୁଁ ଆଜି ଏସ୍ଥାନରେ ପହଞ୍ଚ ପାରିଛନ୍ତି। ଏହି ଖବର ପ୍ରଚାରିତ ହେବାପରେ ବିଧାୟକ ବ୍ରଜକିଶୋର ପ୍ରଧାନ ତାଙ୍କୁ ଭେଟି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ପୁଷ୍ପଗୁଚ୍ଛ, ଉତୋରି ଦେଇ ସମ୍ମାନିତ କରିଛନ୍ତି। ସେହିପରି ତାଳଚେରର ବିଭିନ୍ନ ପ୍ରାନ୍ତରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ସେ ଏଥିନେଇ ତାଳଚେରକୁ ଗୌରାବାନ୍ୱିତ କରିଥିବାରୁ ତାଳଚେର ଅଞ୍ଚଳରେ ଖୁସିର ମାହୋଲ ଖେଳିଯାଇଛି।

## ପୁଲିସ୍ ଭ୍ୟାନ୍‌କୁ ପିଟିଲା କଣ୍ଟେନର୍, ଚାଳକ ମୃତ

**ବଇଣ୍ଡା,୩୦।୬/ଏନ୍ଏନ୍ଏସ୍:** କିଶୋର ନଗର ଥାନା ଅନ୍ତର୍ଗତ କୁଟା ସିଙ୍ଗା ଠାରେ ପୋଲିସ ଚେକିଂ ବେଳେ ଏକ କଣ୍ଟେନୋର ନମ୍ବର ଏଚ୍ ଆର୍ ୫୫ଏଟି ୧୬୨୩ଟି ଦ୍ରୁତ ଗତିରେ ଆସି ପୁଲିସ୍ ଭ୍ୟାନ୍ ଚେକିଂବେଳେ ଧକ୍କାଦେବାରୁ ଘଟଣାସ୍ଥଳରେ ପୁଲିସ ଡ୍ରାଇଭର ବିଭୂତି ଭୂଷଣ ପ୍ରଧାନ(୪୨) ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇ ଥିବା ଟ୍ରକ୍ ଅନୁଗୋଳ ଠାରୁ ସମ୍ବଲପୁର ପଟକୁ ଯାଉଥିବା ବେଳେ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଗୁରୁତର ଅବସ୍ଥାରେ ତାଙ୍କୁ କିଶୋର ନଗର ଅଣାଯିବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା।

## ମୋଦୀଙ୍କ ମନ୍ କି ବାତ୍ ଉପଭୋଗ କଲେ ମହିଳା ଓ ପୁରୁଷ

**ଜଗତସିଂହପୁର,୩୦।୬/ଏନ୍ଏନ୍ଏସ୍:** ଜଗତସିଂହପୁର ଯୁବ ବିଧାୟକ ଅମରେନ୍ଦ୍ର ଦାସଙ୍କ ନିର୍ଦ୍ଦେଶରେ ନିର୍ବାଚନ ମଣ୍ଡଳି ତଥା ଜଗତସିଂହପୁର ସଦର ବ୍ଲକ, ପୌରପରିଷଦ ଓ ନାଉଗାଁ ବ୍ଲକ୍‌ର ବୁଥ୍‌ସ୍ତରୀୟ ୧୮୦ଟି ସ୍ଥାନ ମାନଙ୍କରେ ଭାରତର ପ୍ରଧାନମନ୍ତ୍ରୀଙ୍କ ୧୨୩ତମ ମନ୍ କି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସମସ୍ତ ସ୍ଥାନ ମାନଙ୍କରେ ବିଧାୟକଙ୍କ ପ୍ରତ୍ୟେକ ଜୋନ୍‌ର ସଂଯୋଜକମାନଙ୍କ ତତ୍ତ୍ୱାବଧାନରେ ସୁପରିଚାଳିତ ହୋଇଥିଲା। ଏହା ବ୍ୟତିତ ଶତାଧିକ ପ୍ରାପ୍ତ ମହିଳା ଓ ପୁରୁଷମାନେ ନିଜନିଜ ଘରେ ଓ ଆଖପାଖ ଟେଲିଭିଜନ ସମ୍ମୁଖରେ ବସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ କି ବାତ୍ ଉପଭୋଗ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ମନର କଥାରେ ୧୯୭୫ ମସିହାରେ ଜରୁରୀକାଳୀନ ପରିସ୍ଥିତି ସମୟରେ ଗଣତନ୍ତ୍ର ହତ୍ୟା କରା ଯାଇଥିବା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥି ସହିତ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା, ଯୋଗ ଦିବସରେ କୋଟି କୋଟି ଲୋକ ଅଂଶ ଗ୍ରହଣ କରୁଥିବା ସମ୍ପର୍କରେ ଅବଗତ କରାଇଥିଲେ। ଏହା ବ୍ୟତିତ ଓଡିଶାର ସ୍ୱୟଂ ସହାୟକ ମହିଳାମାନେ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହୋଇ କିପରି ଆତ୍ମନିର୍ଭରଶୀଳ ଓ କୋଟିପତି ଦିଦି ହୋଇ ପାରୁଛନ୍ତି ସେ ସମ୍ପର୍କରେ ଅବଗତ କରାଇଥିଲେ।

A-

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**LEFT CANAL DIVISION NO.I, SUKINDA.**
**AT/PO: SUKINDA, DIST: JAJPUR**
**PIN-755018**
**e-mail Id :roecfdv@rediffmail.com.**

**BID IDENTIFICATION NO. SE/LCD-I/F2/ 02/2025-26**

| Sl. No. | Type of work | Engagement of Labour through Service Provider |
|---|---|---|
| 1 | Tender inviting Authority | Superintending Engineer, Left Canal Division No.I, Sukinda |
| 2 | Mode of Tender | Offline |
| 3 | Total No. of work | 01 |
| 4 | Value of work in Lakh (Approx) | Rs. 5.05 Lakhs |
| 5 | Bid Security | Bid Security as specified in the Tender Call Notice No. SE/LCD-I/F2/02//2025-26. |
| 6 | Cost of Tender Paper | Rs. 4000.00 |
| 7 | Period of completion | 04 Calendar Months |
| 8 | Availability of Tender for bidding | From 01.07.2025 at 10.00 AM to 11.07.2025 at 1.00 PM. |
| 9 | Date, time & Place of opening | Dt. 11.07.2025 at 4.00 PM in the O/o the Superintending Engineer, Left Canal Division No.I, Sukinda. |

Detail information about the tender can be obtained during office hours from dt. 01.07.2025 to 11.07.2025 in the O/o the Superintending Engineer, Left Canal Division No.-I, Sukinda.

**Sd/- Superintending Engineer,**
**Left Canal Division No-I, Sukinda**

OIPR-32224/11/0010/2526

## ପୁରୁଣା ମେଡିକାଲଛକ ନିକଟରୁ ବାଇକ୍ ଚୋରି

**କେନ୍ଦ୍ରାପଡ଼ା,୩୦।୬/ଏନ୍ଏନ୍ଏସ୍:** ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରୁ ରବିବାର ସନ୍ଧ୍ୟାରେ ଏକ ବାଇକ ଚୋରି ହୋଇଯାଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡା ଟାଉନ ଥାନା ଅନ୍ତର୍ଗତ ପୁରୁଣା ମେଡିକାଲଛକରେ ଥିବା ଡା. ଗୟାଧର ପ୍ରଧାନଙ୍କ କ୍ଲିନିକକୁ ଫକିରାବାଦର ମୀର ମହମ୍ମଦ ତଫିକ ତାଙ୍କ କଳା ଓ ନାଲି ରଙ୍ଗର(ଓଡି -୨୯-୮୩୩୦) ଗ୍ଲାମର ବାଇକ ନେଇ ସନ୍ଧ୍ୟା ପ୍ରାୟ ୭ଟାରେ ଆସିଥିଲେ। ସେ ତାଙ୍କ ବାଇକଟିକୁ କ୍ଲିନିକ ସମ୍ମୁଖରେ ରଖି ଡାକ୍ତରଙ୍କ ନିକଟକୁ ଏକ ପ୍ରେସକିପସନ ଦେଖାଇବାକୁ ଯାଇଥିଲେ। ମାତ୍ର ୫ମିନିଟ ଭିତରେ ଡାକ୍ତରଙ୍କ ପାଖରୁ ଫେରି ଦେଖନ୍ତି ତ ତାଙ୍କ ବାଇକଟି ଆଉ ନାହିଁ। ଏସମ୍ପର୍କରେ ତଫିକ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ଦିଲ୍ଲିପ କୁମାର ସାହୁ କହିଛନ୍ତି।

## ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ୍ ଲିମିଟେଡ୍‌ର ୩୦ତମ ସାଧାରଣ ସଭା

**କେନ୍ଦ୍ରାପଡ଼ା,୩୦।୬/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ୍‌ର ୩୦ ତମ ବାର୍ଷିକ ଉତ୍ସବ ଏବଂ ସାଧାରଣ ସଭା ଉଦୟନଗର ସ୍ଥିତ ସଂସ୍କୃତି ଭବନ ପରିସରରେ ଜୁନ ୨୯ ତାରିଖରେ ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସଭା ପ୍ରାରମ୍ଭରେ କେନ୍ଦ୍ରାପଡାର ଆତ୍ମ ଦେବତା ଶ୍ରୀବଳଦେବଜିଉ, ସମବାୟର ଆନ୍ଦୋଳନର ମୁଖ୍ୟ ପୁରୋଧା ମଧୁବାବୁ ଏବଂ ବ୍ୟାଙ୍କର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତି 'ଟୋରେ ପୁଷ୍ପମାଳ ଦେଇ ଓ ପ୍ରଦୀପ ପ୍ରଜ୍ୱଳନ କରି ସଭା ଆରମ୍ଭ କରାଯାଇଥିଲା ପ୍ରଥମେ ବ୍ୟାଙ୍କର ପ୍ରତିଷ୍ଠତା ନିର୍ଦ୍ଦେଶକ ଓ ପୂର୍ବତନ ନିର୍ଦ୍ଦେଶକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତା ପରେ ବ୍ୟାଙ୍କର ପ୍ରତିଷ୍ଠା ସମୟରେ ପ୍ରଥମ ୧୦ଜଣ ସଦସ୍ୟଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଶ୍ରୀମତୀ ଭାଗ୍ୟ ଲକ୍ଷ୍ମୀ ପଣ୍ଡା ବିଗତ ବର୍ଷର ବିବରଣୀ ପାଠ କରିଥିଲେ ଏବଂ ତାହା ଗୃହୀତ ହୋଇଥିଲା। ସଭାପତି ବ୍ୟାଙ୍କର ପ୍ରଗତି ଉପରେ ଆଲୋକପାତ କରି କହିଥିଲେ ଯେ ବ୍ୟାଙ୍କର ଆର୍ଥୀକ ସ୍ଥିତି ଯଥା ଜମା ଗ୍ରହଣ ଋଣ ଲଗାଣ ଓ ଅନାଦେୟ ଋଣ ଆଦାୟରେ ଯଥେଷ୍ଟ ଉନ୍ନତି ଘଟିଛି। ଯମା ପରିମାଣ ଟଙ୍କା ୧୮୬କୋଟିରୁ ୧୯୯କୋଟିରେ ପହଞ୍ଚିଥିବା ବେଳେ ଋଣ ଲଗାଣରେ ମ୍ଣ ଟଙ୍କା ୧୧୬ କୋଟିରୁ ୧୨୯କୋଟିରେ ପହଞ୍ଚିପାରିଛି। ବ୍ୟାଙ୍କର ନେଟ ଲାଭ ଟଙ୍କା ୨୭ଲକ୍ଷ୍ୟରୁ ବୃଦ୍ଧି ପାଇ ଟଙ୍କା ୭୬ଲକ୍ଷ୍ୟରେ ପହଞ୍ଚିପାରିଛି।

## ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**କେନ୍ଦ୍ରାପଡା,୩୦।୬/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ଅଧିନରେ କାର୍ଯ୍ୟ କରୁଥିବା ୮ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ବିଦାୟ କାଳୀ ସମ୍ବର୍ଦ୍ଧନା ସଭାରେ ଅବସର ଗ୍ରହଣ କରୁଥରବା ପ୍ରମୋଦା କୁମାରୀ ବିଶ୍ୱାଳ, ରାଜକିଶୋର ବିଶ୍ୱାଳ, ଜୟନ୍ତୀ କୁମାରୀ ଜେନା, ବିଜୟଲକ୍ଷ୍ମୀ ପ୍ରଧାନ, ପ୍ରତିଭା ମାହାଲି, ପଦ୍ମିନୀ ମିଶ୍ର, ବସନ୍ତ କୁମାର ପ୍ରଧାନ, ଜାହାନ ଆରା ପ୍ରମୁଖଙ୍କୁ ଉତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି । ଏବିଇଓ ବଳଦେବ ପ୍ରସାଦ ଜେନାଙ୍କ ସଭାପତିତ୍ୱ ରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ କେନ୍ଦ୍ରାପଡା ମଣ୍ଡଳ ଶିକ୍ଷା ଅଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏବିଇଓ ରଞ୍ଜନ ରାଉତରାୟ, ଶିକ୍ଷକ ମାନଭଞ୍ଜନ ପ୍ରଧାନ, ଶୈଳବାଳା ସାମଲ, ଦାଶରଥୀ ନାୟକ, ଅଶୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

O-345

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER,**
**CENTRAL RURAL WORKS CIRCLE, BHUBANESWAR**

No. 3060 — Date : 25.06.2025

**"e" Procurement Notice for Road Works**

| | | | |
|---|---|---|---|
| 1. | Name of the Work | : | Road Works under MMSY-TRIP & CMRL |
| 2. | Total No. of works: | : | 05 Nos. of Road works for the year 2023-24 & 2024-25 |
| 3. | Estimated Cost of the work: | : | Varies from Rs.392.35 lakh to Rs.2007.02 lakh |
| 4. | Class of Contractor | : | |
| | a)Estimated cost more than Rs. 1.00 Crore up to Rs. 20.00 Crores. | | A Class (of Odisha PWD) or relevant class of other licensing authorities |
| | b)Estimated cost more than Rs. 6.00 Crore up to Rs. 50.00 Crores. | | Special Class (of Odisha PWD) or relevant class of other licensing authorities |
| | c)Estimated cost more than Rs. 20.00 Crores | | Super Class (of Odisha PWD) or relevant class of other licensing authorities |
| 5. | Period of completion | : | As mentioned in Column-7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST. |
| 7. | Other details | : | |

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Engineer, Central Rural Works Circle, Bhubaneswar | Tender-Online-C.C.14 of 2025 | 03.07.2025 at 11.00 A.M. | 17.07.2025 up to 5.00 P.M. | 18.07.2025 at 11.00 A.M. | To be intimated lateron |

Further details can be seen from the web site www.tendersodisha.gov.in

**Sd/- Chief Construction Enigneer**
**Central Rural Works Circle, Bhubaneswar**

OIPR-25082/11/0002/2526

# ହତ୍ୟା ଉଦ୍ୟମ ଘଟଣାରେ ଅଭିଯୁକ୍ତଙ୍କୁ ୧୦ବର୍ଷ କାରାଦଣ୍ଡ

**ଢେଙ୍କାନାଳ,୩୦।୬/ଏନ୍ଏନ୍ଏସ୍:** ଢେଙ୍କାନାଳ ସଦର ବ୍ଲକ ଅଂଚଳର ଚନ୍ଦ୍ରଶେଖର ପ୍ରସାଦରେ ୨୦୧୬ରେ ଦୁଇ ହାତ ସଂପୂର୍ଣ୍ଣ ହାଣି ହତ୍ୟା ଉଦ୍ୟମ କରିଥିବା ଅଭିଯୁକ୍ତର ବିଚାର କରି ଆଷିଷ୍ଟାଣ୍ଟ ସେସନ୍ସ ଜର୍ଜ ତଥା ମହିଳା କୋର୍ଟ ବିଚାରପତି ଶ୍ରୀମତୀ ସୁନୀତା ରାଉତ ସାକ୍ଷ ପ୍ରମାଣକୁ ଭିତି କରି ଅଭିଯୁକ୍ତ ସୁଶା ଓରଫ ସୁଶାନ୍ତ ଧଳଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହିତ ୫୦ ହଜାର ଟଙ୍କା ଜୋରିମାନା ନିର୍ଦ୍ଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଅଧିକ ୬ ମାସ କାରାଦଣ୍ଡଦେଶ ପାଇଁ ରାୟରେ ଉଲ୍ଲେଖ କରିଛନ୍ତି । ସୁଚନା ଅନୁଯାୟୀ ଗତ ୨୦୧୬ ମସିହା ଅକ୍ଟୋବର ୨୮ ରାତ୍ରି ପ୍ରାୟ ୧୦ ଘଟିକା ସମୟରେ ଗାଁ ପୋଖରୀ ନିକଟ ଆମ୍ବଗଛ ନିକଟରେ ରସାନନ୍ଦ ରାଉତଙ୍କ ପୁଅ ରଜତ କୁମାର ରାଉତର ଦୁଇ ଗୋଟି ହାତକୁ ସଂପୂର୍ଣ୍ଣ ହାଣି ଅଲଗା କରି ହତ୍ୟା ଉଦ୍ୟମ କରିଥିଲେ ବୋଲି ରସାନନ୍ଦ ରାଉତ ଏନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ଚନ୍ଦ୍ରଶେଖର ଗ୍ରାମର ସୁଶା ଓରଫ ସୁଶାନ୍ତ ଧଳ, ପ୍ରଶାନ୍ତ ଓରଫ ବେଡା ଧଳ ଏବଂ ଅନ୍ୟ ୫ରୁ ୬ ଜଣ ପୋଖରୀରୁ ମାଛ ଚୋରିକରୁଥିବାର ଦେଖିବାକୁ ପାଇ ରଜତ ପ୍ରତିରୋଧ କରିବାରୁ ଅଭିଯୁକ୍ତ ସୁଶାନ୍ତ ଏବଂ ପ୍ରଶାନ୍ତ ତାକୁ ଟେକି ନେଇ ଏକ ପାଇଖାନା ଘର ଭିତରେ ବେକରେ ଜିଆଇ ତାର ଗୁଡାଇ ମାରିଦେବାକୁ ଉଦ୍ୟମ କରିଥିଲେ । ପରେ ରଜତଙ୍କ ଦୁଇ ହାତକୁ ଏକ ଦଉଡିରେ ବାନ୍ଧିଦେଇ ହାତ ଦୁଇଟିକୁ ସୁଶାନ୍ତ ଭିଡି ଧରିଥିଲା । ଅଭିଯୁକ୍ତ ବେଡା ଓରଫ ପ୍ରଶାନ୍ତ ଏକ ଧାରୁଆ ଛୁରି ଦ୍ୱାରା ରଜତଙ୍କ ହାତ ଦୁଇଟିକୁ ହାଣି ଦେଇଥିଲା । ଏହା ଖବର ପାଇ ରଜତଙ୍କ ବାପା ଓ ଗ୍ରାମବାସୀମାନେ ଆହାତ ରଜତଙ୍କୁ ଢେଙ୍କାନାଳ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ । ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକର ଏକ ଘରୋଇ ହସପିଟାଲକୁ ସ୍ଥାନାନ୍ତରଣ କରାଯାଇଥିଲା । ସେଠାରେ ରଜତ ତିନି ମାସରୁ ଉର୍ଦ୍ଧ୍ୱ ଚିକିତ୍ସା ପରେ ଘରକୁ ଫେରିଥିଲେ ମଧ ଆଜୀବନ ଅକର୍ମନ୍ୟ ହୋଇପଡିଥିଲେ । ରଜତଙ୍କ ବାପାଙ୍କ ଅଭିଯୋଗକୁ ଭିତିକରି ପୋଲିସ କେସ୍ ନଂ ୩୮୨/୨୦୧୬ରେ ଦଫା ୩୨୬, ୩୦୭, ୩୪ ଆଇପିସିରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ତଦନ୍ତ ପରେ ଉଭୟ ଆସାମୀଙ୍କ ନାମରେ ୩୪୧, ୨୯୪, ୩୨୬, ୩୦୭ ଓ ୩୪ ଆଇପିସିରେ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ । ପୋଲିସର ଅଭିଯୋଗ ଫର୍ଦ୍ଦ ଦାଖଲପରେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ ପରେ ଆସିଷ୍ଟାଣ୍ଟ ସେସନ୍ସ ଜର୍ଜ ତଥା ମହିଳା କୋର୍ଟରେ ମାମଲାଟି ବିଚାର କରାଯାଇଥିଲା । ମୋଟ ୮ ଜଣଙ୍କ ସାକ୍ଷ ପ୍ରମାଣ, ଡାକ୍ତରୀ ରିପୋର୍ଟ, ସାଇଂଟିଫିକ୍ ଟିମ୍ ରିପୋର୍ଟ, ଡଗ ସ୍କ୍ୱାର୍ଡ ରିପୋର୍ଟ, କେମିକାଲ ଏକ୍ସାମିଶନ ରିପୋର୍ଟ ସହିତ ପୋଲିସର ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜକୁ ଆଧାର କରି ବିଚାରପତି ସୁଶାନ୍ତ ଧଳଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହିତ ୫୦ ହଜାର ଟଙ୍କା ଜୋରିମାନା ନିର୍ଦ୍ଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଅଧିକ ୬ ମାସ କାରାଦଣ୍ଡଦେଶ ପାଇଁ ରାୟରେ ଉଲ୍ଲେଖ କରିଛନ୍ତି । ମାତ୍ର ଏହି ଘଟଣାରେ ଅନ୍ୟ ଅଭିଯୁକ୍ତ ପ୍ରଶାନ୍ତ ଓରଫ ବେଡା ଧଳର ମାମଲାର ବିଚାର ଚାଲିଥିବା ବେଳେ ମୃତ୍ୟୁ ଘଟିଥିଲା । ମାମଲାଟିକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଭାବେ ପୂର୍ବତନ ପିପି ଗଣେଶ କୁମାର ବେହେରା ପରିଚାଳନା କରିଥିବା ବେଳେ ଅତିରିକ୍ତ ପିପି ସୂର୍ଯ୍ୟନାରାୟଣ ତ୍ରିପାଠୀ ପରିଚାଳନାରେ ସହଯୋଗ କରିଥିଲେ।

**OFFICE OF THE MUNICIPAL COUNCIL, ANANDAPUR**

Estd. 1974

email: executiveofficer_andp@rediffmail.com, Phone No.06731-24088

**E-PROCUREMENT NOTICE**

**Bid Reference No. AM-ANDP-01/2025-26**

**INVITATION FOR BID**

Executive Officer, Anandapur Municipality on behalf of the Anandapur Municipality has invited on-line e-tender **Percentage Rate Bids** in **Single bid system (General & Technical)** from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

1. Total No. of works for which Tenders invited: 33 Nos
2. Place of Execution: Anandapur Municipality
3. Estimated Cost of Individual Work: Rs. **5,53985 /-to 22,30,414/-**
4. Eligible Class of Contractors: Registered Contractors of **Class- 'D', 'C' and 'B'** as indicated against each work mentioned in the tender call notice.
5. Intending bidders have to participate through "**On-Line**" bidding only. The website for online bidding is www.tendersodisha.gov.in.
6. The bid documents will be available in the above website from **12.00 A.M on 01.07.2025** to **5.00 P.M on 11.07.2025** for online bidding.
7. Bids received online will be opened at **11.00 A .M on 14.07.2025**
8. The bidder must possess valid and compatible **Digital Signature Certificate** (DSC).
9. The DTCN for **33** Nos. of works shall be available in the e-procurement portal www.tendersodisha.gov.in for on-line bidding.

**Sd/- Executive Officer**
**Anandapur, Municipality**

OIPR-13049/11/0016/2526 C-602

## ପ୍ରଥମ ପୃଷ୍ଠାରୁ

# ବନ୍ୟା: ସବୁଠି ଜଳ...

ସୁବର୍ଣ୍ଣରେଖାର ଜଳସ୍ତର ବୃଦ୍ଧି ଏବଂ ଝାଡ଼ଖଣ୍ଡ ଗାଲୁଡିହରୁ ପାଣି ଛାଡ଼ିବା ପରେ ବାଲେଶ୍ୱର ଜିଲ୍ଲାର ସମୁଦାୟ ୪୬ଟି ପଞ୍ଚାୟତର ଲୋକମାନେ ଅଧିକ ପ୍ରଭାବିତ ହୋଇଛନ୍ତି। ଜିଲ୍ଲାରେ ୬ଟି ବ୍ଲକରେ ମୋଟ ୧୭ଟି ଅସ୍ଥାୟୀ ଆଶ୍ରୟସ୍ଥଳୀ ହୋଇଥିବା ବେଳେ ୨୯୧୭ ଜଣଙ୍କୁ ସ୍ଥାନରେ ରଖାଯାଇଛି। ସେହିପରି ୧୩ଟି ସ୍ଥାନରେ ରନ୍ଧା ଖାଦ୍ୟ ପ୍ରଶାସନ ତରଫରୁ ପ୍ରଦାନ କରାଯାଉଛି। ସେଥିପାଇଁ ସମୁଦାୟ ୨୨୦୮ ଜଣ ଲୋକ ସୁରକ୍ଷିତ ଭାବେ ଆଶ୍ରୟ ନେଇ ରନ୍ଧା ଖାଦ୍ୟ ଖାଉଛନ୍ତି। ଅନ୍ୟପଟେ ଉଦ୍ଧାର କାର୍ଯ୍ୟ ପାଇଁ ଜଳେଶ୍ୱର ବ୍ଲକରେ ମୋଟ ୧୮ଜଣ ଅଗ୍ନିଶମ ମୁତୟନ ରହିଛନ୍ତି। ସଦର ବ୍ଲକ ପାଇଁ ଦୁଇଟି ଟିମ, ରେମୁଣା ବ୍ଲକ ପାଇଁ ଗୋଟିଏ ଟିମ, ବାଲିଆପାଳ ବ୍ଲକ ତିନୋଟି ଟିମ, ଭୋଗରାଇ, ଜଳେଶ୍ୱର, ବସ୍ତା ବ୍ଲକରେ ତିନୋଟି ଲେଖାଏଁ ମୁତୟନ ହୋଇଛନ୍ତି। ବାଲେଶ୍ୱର ଜିଲ୍ଲାରେ ମୋଟ ୧୫ଟି ଟିମ ମୁତୟନ ରହିଛନ୍ତି। ମୟୂରଭଞ୍ଜରେ ନିଜସ୍ୱ ୧୫ଟି ଟିମ୍ ସହ କଟକରୁ ଆଉ ଗୋଟିଏ ଅତିରିକ୍ତ ଟିମ୍ ମୁତୟନ କରାଯାଇଛି ବୋଲି ଡେପୁଟି ଫାୟାର ଅଫିସର ସରୋଜ କୁମାର ବେହେରା ସୂଚନା ଦେଇଛନ୍ତି। ମୟୂରଭଞ୍ଜର ବାରିପଦାରେ ଅତିରିକ୍ତ ଦୁଇଟି ଓ ଚିତ୍ରଡାରେ ଦୁଇଟି ଟିମ ମୁତୟନ ହୋଇଛନ୍ତି। ଶ୍ରୀ ବେହେରାଙ୍କ ବାଲେଶ୍ୱର ଜିଲ୍ଲାରେ ସରକାରୀ ଫାୟାର ଅଫିସର ସମୀର କୁମାର ବିଶ୍ୱାଳ ସହଯୋଗ କରୁଥିବା ବେଳେ ତିନୋଟି ଜିଲ୍ଲାରେ ବନ୍ୟା ସମୟରେ ଅଗ୍ନିଶମ ଉଦ୍ଧାର କାର୍ଯ୍ୟର ସମୀକ୍ଷା ପାଇଁ କଟକ ଜିଲ୍ଲା ଫାୟାର ଅଫିସର ସତ୍ୟ ପାତ୍ର ବେହେରାଙ୍କୁ ବାଲେଶ୍ୱରରେ ମୁତୟନ କରାଯାଇଛି। ବାଲେଶ୍ୱର ଜିଲ୍ଲାରେ ୨୫ଟି ପାୱାର ବୋଟ, ୧୦୦ ଲାଇଫ ବୟ, ୬୦ଟି ପାୱାର ଲାଇଟ, ୧୦ଟି ଜେନେରେଟର, ୧୫ଟି ଗାଡ଼ି, ୬ଟି ପାୱାର କଟିଙ୍ଗ ମେସିନ ଓ ଗୋଟିଏ ପ୍ରାଇମ ... ସହ ଅଗ୍ନିଶମମାନେ ଚବିଶ ଘଣ୍ଟିଆ ଡିଉଟି କରୁଛନ୍ତି। ବସ୍ତା ବ୍ଲକରେ ୧୪ଟି ପଞ୍ଚାୟତ ଓ ବାଲିଆପାଳ ବ୍ଲକରେ ଦୁଇଟି ପଞ୍ଚାୟତ ଅଧିକ ଓ ଜାମକୁଣ୍ଡ ବିଶେଷ ଭାବେ ପ୍ରଭାବିତ ହୋଇଥିବା ବେଳେ ଜଳେଶ୍ୱର ବ୍ଲକର ୧୩ଟି ପଞ୍ଚାୟତ ପ୍ରଭାବିତ ହୋଇଛି। ... ଗତ କିଛିଦିନ ହେବ ବନ୍ୟା ହୋଇଥିବା ବେଳେ ଏବେ ପୁଣି ଆଉ ଏକ ବନ୍ୟାକୁ ସାମ୍ନା କରିଛନ୍ତି ଲୋକେ। ବନ୍ୟା ପାଣି ଗାଁରେ ପଶିଯାଇଛି। ଅନ୍ୟପଟେ ବନ୍ୟା ମୁକାବିଲା ପାଇଁ ପ୍ରଶାସନିକ ସ୍ତରରେ ଭୋଗରାଇ, ବାଲିଆପାଳ, ବସ୍ତା, ଜଳେଶ୍ୱର ବ୍ଲକ ପ୍ରଶାସନ ପ୍ରଭାବିତ ହୋଇଥିବା ବେଳେ ସଦର ଓ ରେମୁଣା ଆଲର୍ଟରେ ଅଛି। ବିଡ଼ିଓ, ତହସିଲଦାର ମାନେ ମିଳିତ ଟିମ ହୋଇ କାମ କରୁଛନ୍ତି। ସବୁ ଆଶ୍ରୟସ୍ଥଳୀରେ ଲୋକମାନଙ୍କୁ ସ୍ଥାନାନ୍ତର କରାଯାଇଛି। ଆଶ୍ରୟ ସ୍ଥଳରେ ରନ୍ଧାଖାଦ୍ୟ ଦେବାସହ ଯେଉଁମାନେ ପାଣି ଭିତରେ ଅଛନ୍ତି ସେମାନଙ୍କୁ ଶୁଖିଲା ଖାଦ୍ୟ ସହ ପାଣି ଦିଆଯାଉଛି। ଶୁଦ୍ଧ ପାନୀୟ ଜଳ ପ୍ରଦାନ ଜଳ ବିଭିନ୍ନ ସ୍ଥାନରେ ପମ୍ପର ଶୁଦ୍ଧିକରଣ କରାଯାଉଛି। ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ଥିତି ସମୀକ୍ଷା କରିଛନ୍ତି। ଆରଡିସି ଓ ଜିଲ୍ଲାପାଳ ମଧ୍ୟ ବନ୍ୟାଞ୍ଚଳରେ ସ୍ଥିତି ସମୀକ୍ଷା କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୋମବାର କହିଛନ୍ତି ଯେ ରାଜ୍ୟର ଉତ୍ତର ଭାଗରେ, ବିଶେଷକରି ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲାରେ ବନ୍ୟା ପରିସ୍ଥିତି ପରିଚାଳନା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଏବଂ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି। ଏନେଇ ରାଜ୍ୟ ସରକାରୀ କଳକୁ ନିୟୋଜିତ କରାଯାଇଛି ଏବଂ ସମସ୍ତ ସମ୍ପୃକ୍ତ ବିଭାଗ ପରିସ୍ଥିତିକୁ ପ୍ରଭାବଶାଳୀ ଭାବରେ ପରିଚାଳନା କରିବା ପାଇଁ ସମନ୍ୱୟ ଭାବରେ କାର୍ଯ୍ୟ କରୁଛନ୍ତି। ଆମର ପ୍ରାଥମିକତା ହେଉଛି ବୃଦ୍ଧି ପାଉଥିବା ଜଳସ୍ତର ଦ୍ୱାରା ପ୍ରଭାବିତ ଲୋକଙ୍କ ସୁରକ୍ଷା ଏବଂ କଲ୍ୟାଣ ସୁନିଶ୍ଚିତ କରିବା। ସେ କହିଛନ୍ତି ଯେ, ନିମ୍ନ ଏବଂ ଦୁର୍ବଳ ଅଞ୍ଚଳରୁ ୧୧୦୦ ରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ଚିକିତ୍ସା ସହାୟତା ଏବଂ ଅନ୍ୟାନ୍ୟ ମୌଳିକ ସୁବିଧାର ବ୍ୟବସ୍ଥା ସହିତ ଅସ୍ଥାୟୀ ଆଶ୍ରୟସ୍ଥଳ ପ୍ରତିଷ୍ଠା କରାଯାଇଛି। ଶିଶୁ, ମହିଳା ଏବଂ ବୃଦ୍ଧଙ୍କ ଭଳି ଦୁର୍ବଳ ଗୋଷ୍ଠୀମାନଙ୍କ ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି। ସୁବର୍ଣ୍ଣରେଖା ଏବଂ ବୁଢାବଳଙ୍ଗ ଭଳି ପ୍ରମୁଖ ନଦୀର ଜଳସ୍ତର ଉପରେ କଡ଼ା ନଜର ରଖାଯାଉଛି ଏବଂ ସମ୍ଭାବ୍ୟ ବନ୍ୟାପ୍ରବଣ ଅଞ୍ଚଳ ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଆମେ ଝାଡ଼ଖଣ୍ଡ ଏବଂ ପଡ଼ୋଶୀ ଅଞ୍ଚଳରୁ ପାଣି ଆସିବାର ଆଶା କରୁଛୁ, ଏବଂ ଆବଶ୍ୟକୀୟ ସତର୍କତା ଗ୍ରହଣ କରାଯାଇଛି। ଓଡ୍ରାଫ ଏବଂ ଅଗ୍ନିଶମ ସେବା ସମେତ ଉଦ୍ଧାର ଏବଂ ରିଲିଫ୍ ଦଳ ପ୍ରସ୍ତୁତ ଅଛନ୍ତି ବୋଲି ସେ କହିଛନ୍ତି। ଜଳବନ୍ଦୀ ଗ୍ରାମଗୁଡ଼ିକରେ ଅଗ୍ନିଶମ ସେବା କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବ୍ୟକ୍ତିଗତ ଭାବରେ ପରିସ୍ଥିତି ଉପରେ ନଜର ରଖିଛନ୍ତି ଏବଂ ପ୍ରତି ଘଣ୍ଟାରେ ଅପଡେଟ୍ ଗ୍ରହଣ କରୁଛନ୍ତି। ଆମେ ଜିଲ୍ଲା କଲେକ୍ଟର ଏବଂ ସ୍ଥାନୀୟ ପ୍ରଶାସନ ସହିତ ନିରନ୍ତର ଯୋଗାଯୋଗରେ ଅଛୁ। ଆବଶ୍ୟକ ହେଲେ ଅତିରିକ୍ତ ଏନ୍‌ଡିଆରଏଫ୍ ଦଳ ନିୟୋଜିତ କରାଯିବ ବୋଲି ସେ କହିଛନ୍ତି। ଜନସାଧାରଣଙ୍କୁ ଶାନ୍ତ ରହିବାକୁ ନିବେଦନ କରି ମନ୍ତ୍ରୀ କହିଛନ୍ତି, 'ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ। ଆମେ ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପାଳନ କରିବାକୁ ଅନୁରୋଧ କରୁଛୁ। ଏହି ସଙ୍କଟ ସମୟରେ ରାଜ୍ୟ ସରକାର ସମସ୍ତ ପ୍ରକାରର ସହାୟତା ଯୋଗାଇବାକୁ ପ୍ରତିଶ୍ରୁତିବଦ୍ଧ। ମନ୍ତ୍ରୀ ଶ୍ରୀ ପୂଜାରୀ,ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓରଞ୍ଜନ କୁମାର ସିଂହଙ୍କ ସହ ଏଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ ବନ୍ୟା ପରିସ୍ଥିତି ସମୀକ୍ଷା କରିଥିଲେ। ମନ୍ତ୍ରୀ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ବୁଢାବଳଙ୍ଗ ନଦୀର ଜଳସ୍ତର ଧୀରେ ଧୀରେ ହ୍ରାସ ପାଉଛି, ଯେତେବେଳେ ସୁବର୍ଣ୍ଣରେଖା ନଦୀର ଜଳସ୍ତର ଧୀରେ ଧୀରେ ବୃଦ୍ଧି ପାଉଛି।ଅନୁକୂଳ ସମୁଦ୍ର ପରିସ୍ଥିତି ଯୋଗୁ ନଦୀଗୁଡ଼ିକରେ ବର୍ଷାଜଳ ସୁଗମ ଭାବରେ ବଙ୍ଗୋପସାଗରକୁ ନିଷ୍କାସିତ ହେଉଥିବାରୁ ବନ୍ୟା ପରିସ୍ଥିତିରେ ଶୀଘ୍ର ଉନ୍ନତି ହେବ ବୋଲି ସେ କହିଛନ୍ତି। ଏହା ସହିତ, ଉପରମୁଣ୍ଡ ଅଞ୍ଚଳରେ ବର୍ଷା ବନ୍ଦ ହୋଇଯାଇଛି, ଯେତେବେଳେ ତଳମୁଣ୍ଡ ଅଞ୍ଚଳରେ ହାଲୁକା ବର୍ଷା ହେଉଛି ବୋଲି ସେ କହିଛନ୍ତି। ରବିବାର ଠାରୁ ତଳିଆ ଅଞ୍ଚଳରୁ ସ୍ଥାନାନ୍ତରିତ ଲୋକଙ୍କୁ ପ୍ରଶାସନ ପକ୍ଷରୁ ଶୁଖିଲା ଏବଂ ରନ୍ଧା ଖାଦ୍ୟ ଏବଂ ଅନ୍ୟାନ୍ୟ ରିଲିଫ୍ ସାମଗ୍ରୀ ଯୋଗାଇ ଦିଆଯାଇଛି। ରିପୋର୍ଟ ଅନୁସାରେ ବାଲେଶ୍ୱରର ବସ୍ତା ବ୍ଲକ ଏବଂ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ଉଦଳା ଅଞ୍ଚଳରେ ଅନେକ ତଳିଆ ଗାଁ ଜଳବନ୍ଦୀ ରହିଛି।

# ମିର୍ଦ୍ଧା ଟପ୍ପୋ ମୁଖ୍ୟମନ୍ତ୍ରୀଙ୍କ...

ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ୨୦୧୭ରେ ସେଠାରୁ ବଦଳି ହେବା ପରେ ୨୦୧୭ରୁ ୨୦୧୯ ମସିହା ପର୍ଯ୍ୟନ୍ତ ଭବାନୀପାଟଣା ଉପ ଜିଲ୍ଲାପାଳ ଭାବେ କାର୍ଯ୍ୟ କରି ବେଶ ପ୍ରଶଂସିତ ହୋଇପାରିଥିଲେ। ସେଠାରୁ ସେ ପଦୋନ୍ନତି ପାଇ ୨୦୧୯ରୁ ୨୦୨୩ ମସିହା ପର୍ଯ୍ୟନ୍ତ ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ଭାବେ କାର୍ଯ୍ୟ କରିଥିଲେ ଓ ସେଠାରେ ପଦୋନ୍ନତି ପାଇ ସମ୍ବଲପୁରରେ ଅତିରିକ୍ତ କମିଶନର(ସେଟେଲମେଣ୍ଟ) ଭାବେ ୨୦୨୩ରୁ ୨୦୨୫ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ସେଠାରୁ ବଦଳି ହେବା ପରେ କେନ୍ଦୁଝର ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଗତ ଫେବୃଆରୀ ୧୦ରେ କାର୍ଯ୍ୟରେ ଯୋଗ ଦେଇଥିଲେ।

# ଏନ୍‌କାଉଣ୍ଟର: ୨...

ସହ ସମ୍ପୃକ୍ତ ଅଞ୍ଚଳରେ ଅପରେସନକୁ ଜୋରଦାର କରିଛି। ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଏହି ସଫଳତା ପାଇଁ କନ୍ଧମାଳ ଏସପି ହରିଶ ବି.ସି. ଏବଂ ଡିଭିଏଫ୍ ଟିମକୁ ଶୁଭେଚ୍ଛା ଜଣାଇଛନ୍ତି।

# ଏସ୍‌ପି ଓ ଜିଲ୍ଲାପାଳଙ୍କୁ...

ଦଳାଚକଟାରେ ୫୦ରୁ ଅଧିକ ଭକ୍ତ ଆହତ ହୋଇଥିବାବେଳେ ୬ ଜଣଙ୍କ ଅବସ୍ଥା ଏବେ ବି ସଙ୍କଟାପନ୍ନ ଥିବା ଦର୍ଶାଯାଇଛି। ପ୍ରଶାସନିକ ଅବ୍ୟବସ୍ଥା କାରଣରୁ ଏପରି ଘଟଣା ଘଟିଥିବାରୁ ଘଟଣାର ନିରପେକ୍ଷ ତଦନ୍ତ କରିବା ସହ ଦାୟୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆବେଦନରେ କୁହାଯାଇଛି।

# କୁବେର ବାବୁଙ୍କ...

ଛକରେ ବାଗଙ୍କ ପତ୍ନୀଙ୍କ ନାମରେ ଥିବା ଆଉ ଏକ ବିଲଡିଂ ନିକଟରେ ପହଞ୍ଚି ଭିଜିଲାନ୍ସ ଛାନବିନ ଚଳାଇଛି। ଭୁବନେଶ୍ୱରର ଗୋଠପାଟଣାସ୍ଥିତ ମହାନଦୀ ଆପାର୍ଟମେଣ୍ଟରେ ଶ୍ରୀ ବାଗଙ୍କ ରହିଛି ୧୪୫୦ ବର୍ଗଫୁଟର ୩ ବିଏଚ୍ କେ ଫ୍ଲାଟ (ଫ୍ଲାଟ ନଂ. ୧-ଡି)। ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ତାଙ୍କ ଏଲଆଇଜି ଘର (ନଂ. ଏଲଆଇଜି ୧୦/୬)ରହିଛି। ନବରଙ୍ଗପୁର ସହରରେ ୧୪୦୦ବର୍ଗଫୁଟର ସପିଂ କମ୍ପ୍ଲେକ୍ସ, ମାଝିଗୁଡ଼ା ଛକ ନିକଟ ପଡ଼ାଲଗୁଡ଼ାରେ ୩୦୦୦ ବର୍ଗଫୁଟର ଏକ ନିର୍ମାଣାଧୀନ ବିଲଡିଂ ସହିତ ୪୦ ଏକର ଜମିରେ ଏକ ଭବ୍ୟ ଫାର୍ମ ହାଉସ୍ ରହିଛି। ଏଥି ସହିତ ଭବାନୀପାଟଣାରେ୧୧ଏକ ଜମି ସହିତ ନବରଙ୍ଗପୁର ଫଟାକୋଟେରେ ୬ ଏକର ଜମିରେ ଆଉ ଏକ ଫାର୍ମହାଉସ ଥିଲା ବେଳେ ନବରଙ୍ଗପୁର ଜିଲ୍ଲାରେ ୨୭ ଏକର ଜମିଥିବା ଜଣାପଡ଼ିଛି। ଅର୍ଥାତ ସମୁଦାୟ ଏହି ବାବୁଙ୍କ ନାମରେ ୮୪ ଏକର ଜମି ରହିଛି। ଯେଉଁଥିରେ ଜଳସେଚନ ତଥା ଅନ୍ୟାନ ସୁବିଧା ପାଇଁ ଦେଢ଼ କୋଟି ଖର୍ଚ୍ଚ ହୋଇଛି। ୫୮ ଲକ୍ଷ୪୧ ହଜାର୪୨୨ ଟଙ୍କା ବ୍ୟାଙ୍କରେ ଜମା ଥିବା ବେଳେ ଗୋଟିଏ ବ୍ରିଜା କାର୍ ରହିଛି। ଏହି କୁବେର ବାବୁଙ୍କ ଘରୁ ୩୧୨ ଗ୍ରାମର ସୁନା ଗହଣା ଏକ ୯ ଲକ୍ଷ ଟଙ୍କାର ଘରୋଇ ଉପକରଣ ଠାବ କରିଛି ଭିଜିଲାନ୍ସ। ସୂଚନା ଯୋଗ୍ୟ ମୃତ୍ତିକା ସଂରକ୍ଷଣ ଏବଂ ଜଳଛାୟା ବିକାଶର ଯୁଗ୍ମ ନିର୍ଦ୍ଦେଶକ ଥିବା ବେଳେ ଦୟାନିଧିଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ସେ କାଶିପୁର ବ୍ଲକର ବିଭିନ୍ନ ଗ୍ରାମରେ ୨୩ ପୋଖରୀ ଖୋଳିବା ବେଳେ ୨୦ ଲକ୍ଷ ଟଙ୍କା ତୋଷରପାତ ହୋଇଥିଲା। ଆଜିର ଚଢ଼ଉରେ ୧୦ ଡିଏସ୍‌ପି,୮ ଇନ୍ସପେକ୍ଟର,୧୦ ଏଏସ୍‌ଆଇ ସାମିଲ ଥିଲେ।

# ଉଚ୍ଚ ଶିକ୍ଷା କମିଶନର ଓ ଜିଲ୍ଲାପାଳଙ୍କ ରଥଯାତ୍ରା ସମୀକ୍ଷା



**ପୁରୀ,୩୦।୬/ଏନ୍‌ଏନ୍‌ଏସ୍:** ରଥଯାତ୍ରା ଆରମ୍ଭ ହେବା ସହ ଶ୍ରୀଜିଉମାନେ ଆଡ଼ପମଣ୍ଡପକୁ ବିଜେ କରିସାରିଛନ୍ତି। ବର୍ତ୍ତମାନ ଶ୍ରଦ୍ଧାଳୁମାନଙ୍କ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ ଭାବେ ପରିଚାଳନା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଆହ୍ୱାନ ଦେଇଛନ୍ତି ଉଚ୍ଚ ଶିକ୍ଷା ବିଭାଗର କମିଶନର ତଥା ସଚିବ ଏବଂ ରଥଯାତ୍ରା, ଆଡପ ମଣ୍ଡପ ଦର୍ଶନ ଓ ବାହୁଡା ଯାତ୍ରା ସମୀକ୍ଷାର ସ୍ୱତନ୍ତ୍ର ଅଧିକାରୀ ଅରବିନ୍ଦ ଅଗ୍ରୱାଲ ଓ ଜିଲ୍ଲାପାଳ ଚଞ୍ଚଳ ରାଣା। ଆଜି ସର୍କିଟ ହାଉସଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଚଞ୍ଚଳ ରାଣା ରଥଯାତ୍ରା ର ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ ପାଇଁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। କମିଶନର ଶ୍ରୀ ଅଗ୍ରୱାଲ ରଥଯାତ୍ରା ଏକ ସାମୁହିକ ଓ ସମ୍ମିଳିତ ଉଦ୍ୟମର କାର୍ଯ୍ୟକ୍ରମ। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ପୁରୀ ଆସୁଛନ୍ତି। ସେମାନେ ଯେମିତି ସୁନ୍ଦର ଦର୍ଶନ ସହ ଭଲ ଅନୁଭୂତି ନେଇ ଫେରିବେ ସେଥିପାଇଁ ସମସ୍ତେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ଆଡପ ମଣ୍ଡପ ଦର୍ଶନ ଚାଲୁଥିବାରୁ ପାନୀୟଜଳ ଯୋଗାଣକୁ ଅଧିକ କ୍ରିୟାଶୀଳ ପାଇଁ ଉଭୟ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ବ୍ୟାରିକେଡରେ ଦର୍ଶନ ପାଇଁ ଅପେକ୍ଷାରେ ରହୁଥିବା ଶ୍ରଦ୍ଧାଳୁମାନଙ୍କୁ ପାନୀୟଜଳ, ଓଆର୍‌ଏସ୍ ଇତ୍ୟାଦି ବଣ୍ଟନ ସହ ସେମାନଙ୍କ କୌଣସି ସ୍ୱାସ୍ଥ୍ୟ ସମସ୍ୟା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପରିମଳ ଓ ସ୍ୱଚ୍ଛତା ବ୍ୟବସ୍ଥା, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ପାର୍କିଂସ୍ଥଳର ଉନ୍ନତିକରଣ ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ଶ୍ରୀମନ୍ଦିର ପ୍ରଶାସନ ସହ ଯୋଗାଯୋଗ ରଖି ଶ୍ରଦ୍ଧାଳୁ ମାନଙ୍କୁ ବିଭିନ୍ନ ନୀତି କାନ୍ତିର ସୂଚନା ପ୍ରଦାନ, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ଆବଶ୍ୟକତା ଅନୁସାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସ୍ୱେଚ୍ଛାସେବୀ ନିୟୋଜନ, ଅଗ୍ନି ନିର୍ବାପକ ବ୍ୟବସ୍ଥା ଇତ୍ୟାଦି ସମ୍ବନ୍ଧ ରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗ ମାନେ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବା ସହ ଶ୍ରଦ୍ଧାଳୁ ଓ ଯାତ୍ରୀ ମାନଙ୍କୁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ପରାମର୍ଶ ଦିଆଯାଇଥିଲା। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟ ସୂଚୀ ଅନୁସାରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜକିଶୋର ଜେନା, ପିକେଡିଏ ସମ୍ପାଦକ ଦିଲ୍ଲୀପ କୁମାର ମହାରଣା, ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝୀ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ବୈଠକରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ରଥଯାତ୍ରା ଅବସରରେ ସେମାନଙ୍କ ବିଭାଗର କାର୍ଯ୍ୟାବଳୀ, ଆବଶ୍ୟକତା ଓ ଆଗାମୀ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ।

# ଅସ୍ଥାୟୀ ଆଇନ ସେବା କେନ୍ଦ୍ର ଉଦ୍‌ଘାଟିତ




**ପୁରୀ,୩୦।୬/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷା ତଥା ଜିଲ୍ଲା ଓ ଦୌରାଜଜ ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶାନୁଯାୟୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠିଙ୍କ ଦ୍ୱାରା ଏକ ଅସ୍ଥାୟୀ ଆଇନ ସେବା କେନ୍ଦ୍ର ଗୁଣ୍ଡିଚା ମନ୍ଦିର ନିକଟସ୍ଥ ସରଧା ବାଲି ଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଛି। ପବିତ୍ର ଘୋଷଯାତ୍ରା ସମୟର ବହୁଳ ଜନସମଗମକୁ ଦୃଷ୍ଟିରେ ରଖି ଏହି ଆଇନ ସହାୟତା କେନ୍ଦ୍ରଟିକୁ ଖୋଲାଯାଇଛି ଏବଂ ଏହା ଲୋକଙ୍କୁ ବିଭିନ୍ନ ଆଇନସେବା ଯୋଗାଇଦେବ ବୋଲି ସୂଚନା ମିଳିଛି। ଏହି କେନ୍ଦ୍ର ମାଧ୍ୟମରେ ପବିତ୍ର ଘୋଷଯାତ୍ରା ସମୟରେ ଆସୁଥିବା ବହୁ ପର୍ଯଟକ ଏବଂ ସ୍ଥାନୀୟ ଲୋକଙ୍କୁ ମାଗଣା ଆଇନ ସେବା ଓ ପରାମର୍ଶ ଯୋଗାଇ ଦିଆଯିବା ପାଇଁ ମତପୋଷଣ କରିଛନ୍ତି। ଜିଲ୍ଲା ଆଇନ ସେବା ପ୍ରାଧିକରଣ, ପୁରୀ ତରଫରୁ ଏହି କେନ୍ଦ୍ରରେ ନ୍ୟାୟରକ୍ଷକ ଏବଂ ଅଧିକାରୀ ମିତ୍ରଙ୍କୁ ମାଗଣା ଓ ନିରବଚ୍ଛିନ ଆଇନ ସେବା ଯୋଗାଇ ଦେବା ପାଇଁ ନିଯୋଜନ କରାଯାଇଛି। ଏହି ଭକ୍ତିପୂତ ପରିବେଶରେ ଅସଂଖ୍ୟ ପର୍ଯଟକଙ୍କ ଆଗମନର ସୁଯୋଗ ନେଇ ନିଶୁଳ୍କ ଆଇନ ସେବା ତଥା ଆଇନ ଗତ ବିବାଦର ବିଭିନ୍ନ ସମାଧାନର ବିଭିନ ଉପାୟଗୁଡିକର ପ୍ରଚାର ଓ ପ୍ରସାର ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଆଗନ୍ତୁକ ମାନଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁମୋଦିତ ଯୋଜନା, ସାମ୍ବିଧାନିକ ଅଧିକାର ଏବଂ ଅନ୍ୟାନ୍ୟ ଆଇନ ସେବା ସମ୍ବନ୍ଧୀୟ ପ୍ରଚାର ପତ୍ରମାନ ଲୋକମାନଙ୍କୁ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି। ସମାଜର ସମସ୍ତ ବର୍ଗର ଲୋକଙ୍କ ପାଇଁ ମାଗଣା ଓ ତ୍ୱରିତ ନ୍ୟାୟ କିପରି ପାଇ ପାରିବେ ସେଥିପାଇଁ ଧ୍ୟାନ ଦେବାକୁ ପ୍ରାଧିକରଣର ସଚିବ ନିଜ ବକ୍ତବ୍ୟରେ ମତପୋଷଣ କରିଛନ୍ତି। ଆଜିର ଏହି କାର୍ଯକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମଚାରୀବୃନ୍ଦ, ନ୍ୟାୟରକ୍ଷକ ଏବଂ ଅଧିକାରୀ ମିତ୍ର ଉପସ୍ଥିତ ରହିଥିଲେ ଏବଂ କାର୍ଯକ୍ରମକୁ ପରିଚାଳନା କରିବାରେ ପ୍ରାଧିକରଣର କର୍ମଚାରୀବୃନ୍ଦ ସହଯୋଗ କରିଥିଲେ।

# ମହାପ୍ରଭୁ ପତିତପାବନଙ୍କ ବରାହ ଅବତାର



**ଦଶପଲ୍ଲା,୩୦।୬/ଏନ୍‌ଏନ୍‌ଏସ୍:** ତୃତୀୟ ଦିବସରେ ଆଡ଼ପ ମଣ୍ଡପରେ ମହାପ୍ରଭୁ ପତିତପାବନ ଭକ୍ତମାନଙ୍କୁ ବରାହ ଅବତାରରେ ଦର୍ଶନ ଦେଇଛନ୍ତି। ବରାହ ଅବତାର ମହାପ୍ରଭୁ ବିଷ୍ଣୁଙ୍କ ତୃତୀୟ ଅବତାର। ପୌରାଣିକ କଥାବସ୍ତୁ ଅନୁଯାୟୀ, ସତ୍ୟ ଯୁଗରେ ଧରାପୃଷ୍ଠରେ ଦୁଇ ଅସୁର ଭାଇ ହୀରଣ୍ୟ କସ୍ୟପ ଓ ହୀରଣାକ୍ଷଙ୍କ ଦୌରାତ୍ମ୍ୟ ବଢିବାକୁ ଲାଗିଥାଏ। ଅସୁର ହିରଣାକ୍ଷର ଦୌରାତ୍ମ୍ୟ ଦେବତା ଗଣଙ୍କୁ ଭୟଭୀତ କରିଥିବା ବେଳେ ସମଗ୍ର ଜଗତରୁ ବିଷ୍ଣୁ ଶତାକୁ ପୂଜାର୍ଚ୍ଚନା କରିଥିବା ମାନବ ଏବଂ ଦେବଗଣଙ୍କୁ ଧ୍ୱଂସ କରିଦେବା ପାଇଁ ପ୍ରଳୟ ସୃଷ୍ଟି କରି ପୃଥିବୀକୁ ରସାତଳ ଗାମୀ କରିବାକୁ ପ୍ରୟାସ କରୁଥିଲା। ଏହା ଜାଣିପାରି ସଂସାରକୁ ଉଦ୍ଧାର ପାଇଁ ଭଗବାନ ବିଷ୍ଣୁ ବରାହ ଅବତାର ଧାରଣ କରି ପୃଥିବୀକୁ ଉଦ୍ଧାର କରିଥିଲେ। ବିଭିନ୍ନ ସମୟରେ ସଂସାର ଓ ଜୀବଜଗତକୁ ଉଦ୍ଧାର କରିବା ପାଇଁ ଭଗବାନ ବିଷ୍ଣୁ ବିଭିନ୍ନ ରୂପ ଧାରଣ କରିଥିବା ବେଳେ ଏହି ବରାହ ଅବତାର ଅନ୍ୟତମ। ବରାହ ଅବତାର ଦେଖିବା ପାଇଁ ଆଡ଼ପମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା।

# ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ଖୋର୍ଦ୍ଧା,୩୦।୬/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟର ଜୈନିକ ଚତୁର୍ଥ ଶ୍ରେଣୀ କର୍ମଚାରୀ ଧ୍ରୁବ ଚରଣ ବେହେରା ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ ନେଉଥିବା ପରିପ୍ରେକ୍ଷୀରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ, ଖୋର୍ଦ୍ଧା ମୀରା ବେହେରାଙ୍କ ପୌରୋହିତ୍ୟରେ କାର୍ଯ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ବେହେରା ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗରେ ଦୀର୍ଘ ୩୯ ବର୍ଷରୁ ଉର୍ଦ୍ଧ ବିଭିନ୍ନ ସ୍ଥାନରେ ଯଥା ରାଜ୍ୟ ବାହାରେ କୋଲକତା, ନୂଆଦିଲ୍ଲୀ, ରାଜ୍ୟ ମୁଖ୍ୟାଳୟ ଏବଂ ବିଭିନ୍ନ ସ୍ଥାନରେ ରହି ନିରନ୍ତର ଉତ୍କୃଷ୍ଟ ମାନର ସେବା ଯୋଗାଇ ସମସ୍ତ ଅଧିକାରୀଙ୍କ ପ୍ରୀୟଭାଜନ ହୋଇପାରିଥିଲେ। ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ସେ ଦୀର୍ଘ ୧୫ ବର୍ଷରୁ ଅଧିକ ଦିନ ଧରି କାର୍ଯ୍ୟରତ ଥିଲେ। ଆଜି ତାଙ୍କର ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା, ବରିଷ୍ଠ ସହାୟକ ରବୀନ୍ଦ୍ର ପଟ୍ଟନାୟକ, ଅବସରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଘୁନାଥ ସେଠୀ, ଅବସରପ୍ରାପ୍ତ ଯାନଚାଳକ ଦେବରାଜ ମହାରଣା, ଅବସରପ୍ରାପ୍ତ କର୍ମଚାରୀ ଟୁନା ନାୟକ ସମେତ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟର ପୂର୍ଣ୍ଣଚନ୍ଦ୍ର ବେହେରା, ଜିଲ୍ଲା କଳା ସଂସ୍କୃତି ସଂଘ ଉପ ସଭାପତି କବିରାଜ ପ୍ରଧାନ ଏବଂ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବୃନ୍ଦ ଉପସ୍ଥିତ ରହି ଶ୍ରୀ ବେହେରାଙ୍କ ଅବସରପ୍ରାପ୍ତ ଦୀର୍ଘ ନିରାମୟ ଜୀବନଯାପନ ପ୍ରାର୍ଥନା କରିଥିଲେ।

# କେମିକାଲ୍ ପ୍ଲାଣ୍ଟରେ...

ପାଳନ କରାଯାଇଥିଲା କି ନାହିଁ ସେନେଇ ଅଧିକାରୀମାନେ ତଦନ୍ତ ଜାରି ରଖିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଏହି ଘଟଣାରେ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ପାଇଁ ସମବେଦନା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ରିଲିଫ୍ ଫଣ୍ଡରୁ ମୃତକଙ୍କ ପରିବାରବର୍ଗଙ୍କ ପାଇଁ ୨ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରାଯାଇଛି। ସେହିପରି ରାଜ୍ୟରେ କ୍ଷମତାସୀନ କଂଗ୍ରେସ ସରକାର ମଧ୍ୟ ଏହି ଘଟଣାରେ ଦୁଃଖ ବ୍ୟକ୍ତ କରିବା ସହ ମୃତାହତଙ୍କ ପରିବାର ପାଇଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ତେବେ ରାଜ୍ୟ ବିଜେପି ଏହାକୁ ନେଇ କଂଗ୍ରେସ ସରକାରଙ୍କୁ ତୀବ୍ର ସମାଲୋଚନା କରିବା ସହ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେବାକୁ ଦାବି କରିଛି।

# ଚାରଣ ଭୂମିରେ ବଢୁଛି...

ନଜରକୁ ଆସିବାପରେ ତାହା ସରକାରୀ ଭାବେ ଦର୍ଶାଯାଉଛି। ଏହାବାଦ୍ ବି ଅନେକ ଗୋଚର ଓ ଅନାବାଦି ଜମିକୁ ସାଧାରଣ ଲୋକେ, ଏପରିକି କିଛି ସଂସ୍ଥା ମଧ୍ୟ ନଜ ଅକ୍ତିଆରକୁ ନେଇଯାଉଛନ୍ତି। ନିଜ ନିଜ ଚାଷଜମି ନିକଟରେ ଥିବା ଅନାବାଦି ଓ ଗୋଚର ଜମିକୁ ଲୋକେ ଜମି ସହିତ ମିଶାଇ ଚାଷ କରୁଛନ୍ତି। ଏଭଳି ବେଆଇନ୍ ଦଖଲ ଉପରେ ସ୍ଥାନୀୟ ପ୍ରଶାସନ ନଜର ଦେଉନଥିବାରୁ ଦିନକୁ ଦିନ ଏହି କିସମର ଜମି ଜବରଦଖଲକାରୀଙ୍କ ହାତକୁ ଚାଲିଯାଉଛି। ବିଭିନ୍ନ ଜିଲ୍ଲାରେ ଅନାବାଦି ଓ ଗୋଚର ଜମି ଜବରଦଖଲ ତାଲିକାରୁ ଜଣାଯାଇଛି ଯେ ଯାଜପୁର ଜିଲ୍ଲାରେ ସର୍ବାଧିକ ଅନାବାଦି ଜମି ଜବରଦଖଲ ହୋଇଛି। ଏହି ଜିଲ୍ଲାରେ ଥିବା ପାଖପାଖି ୫୦ହଜାର ଏକର ଅନାବାଦି ଜମି ମଧ୍ୟରୁ ୭ହଜାର ଏକରରୁ ଅଧିକ ଜବରଦଖଲ ହୋଇଗଲାଣି। ସେହିଭଳି ଗୋଚର ଜମି ଜବରଦଖଲରେ ବରଗଡ଼ ଜିଲ୍ଲା ଆଗରେ ରହିଛି। ଏହି ଜିଲ୍ଲାରେ ୭୬୬ ଏକରରରୁ ଅଧିକ ଗୋଚର ଜମିକୁ ଲୋକେ ମାଡ଼ିବସିଛନ୍ତି। ଗୋଚର ଜମି ଜବରଦଖଲ ତାଲିକାରେ ଯାଜପୁର ଜିଲ୍ଲାରେ ଦ୍ୱିତୀୟ ସ୍ଥାନରେ ରହିଛି। ବର୍ତ୍ତମାନ ଗାଁ ଗହଳରେ ଅଧିକରୁ ଅଧିକ ଲୋକେ ସରକାରୀ ପ୍ରୋତ୍ସାହନ ପାଇ ଗୋପାଳନକୁ ରୋଜଗାରର ମାଧ୍ୟମ ଭାବେ ବାଛି ନେବା ଏବଂ ଏମାନେ ବିଭିନ୍ନ ସମିତି ଗଠନ କରୁଥିବାରୁ ଘାସ ଚାଷ ପାଇଁ ସେମାନଙ୍କ ହାତରେ ଏହି ଅନାଦାବି ଓ ଗୋଚର ଜମି ଦେବାକୁ ମତପ୍ରକାଶ ପାଉଛି। ଏହା ଫଳରେ ସେହିସବୁ ଜମିର ସୁରକ୍ଷା ସହିତ ସେଠାରେ ଘାସଚାଷ କରାଯାଇ ପାରିବ। ଘାସ ଚାଷ ଦ୍ୱାରା ପରିବେଶ ସୁରକ୍ଷିତ ସହିତ ଗାଈଗୋରୁଙ୍କ ପାଇଁ ସବୁଜ ଘାସ ମିଳିବ ଏବଂ ଏହା ଫଳରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ମଧ୍ୟ ବୃଦ୍ଧି ପାଇପାରିବ ବୋଲି ମତପ୍ରକାଶ ପାଉଛି।

# ଆଡ଼ପ ଦର୍ଶନରେ...

ଶ୍ରୀଗୁଣ୍ଡିଚା ମନ୍ଦିରରେ ଆଜି ହଜାର ହଜାର ଭକ୍ତ ମହାପ୍ରଭୁଙ୍କୁ ଆଡ଼ପ ମଣ୍ଡପରେ ଦର୍ଶନ କରିଥିଲେ। ଏଥି ସହ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାରିକେଡ଼ରେ ଛିଡା ହୋଇଥିବା ଭକ୍ତମାନଙ୍କୁ ପାଣି ବୋତଲ ବଣ୍ଟନ ଓ ପାଣି ସ୍ପ୍ରେ କରାଯାଉଥିଲା। ସେପଟେ ମଙ୍ଗଳଆଳତି, ମଇଲମ୍, ତଡ଼ପ ଲାଗି, ଅବକାଶ, ବେଶ୍ ପରେ ଗୋପାଳ ବଲ୍ଲଭ ନୀତି ପରେ ପୂର୍ବାହ୍ଣ ୧. ୪୫ରେ ସକାଳ ଧୂପରେ ବାହାରିଥିଲା ପ୍ରଥମ ଆଡ଼ପ ଅବଢ଼ା। ଆଡ଼ପ ଅବଢ଼ା ପାଇ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଚରମ ତୃପ୍ତି ଓ ଆତ୍ମସନ୍ତୋଷ ଲାଭ କରିଥିଲେ। ମହାପ୍ରଭୁଙ୍କ ଏହି ମହାପ୍ରସାଦ ବର୍ଷକ ମଧ୍ୟରେ କେବଳ ମହାପ୍ରଭୁଙ୍କ ଏହି ନବ ଦିନାତ୍ମକ ଯାତ୍ରା ସମୟରେ ମିଳୁଥିବାରୁ ଭକ୍ତ ମାନେ ଏହି ସୁଯୋଗକୁ ହାତଛଡ଼ା କରୁ ନଥିଲେ। ନୀତି ନିର୍ଘଣ୍ଟ ଅନୁଯାୟୀ,ଆଜି ସବୁକିଛି ହୋଇଥିଲା।

# ବିଜେପି ଅଫିସ୍‌ରେ ମନ୍ କି ବାତ୍

**ଦଶପଲ୍ଲା,୩୦।୬/ଏନ୍‌ଏନ୍‌ଏସ୍:** ଦଶପଲ୍ଲା ବିଜେପି କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ କି ବାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ମନ୍ କି ବାତ୍‌ରେ ପ୍ରଧାନମନ୍ତ୍ରୀ ଦେଶର ବିକାଶ ତଥା ବିଭିନ୍ନ ରାଜ୍ୟର ବିକାଶ ପାଇଁ ପ୍ରସ୍ତୁତ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଶେଷ ଭାବେ ବିଜେପି ଶାସନ ସମୟ ରେ ଆମ ଦେଶ ଓ ଆମରାଜ୍ୟ ରେ ହେଉଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ଜାଣିବା ପାଇଁ ବିଭିନ୍ନ ସ୍ତରର ଲୋକମାନଙ୍କୁ ଏହି ମନ୍ କି ବାତ୍‌ରେ ସାମିଲ କରାଯାଉଛି। କାର୍ଯ୍ୟକ୍ରମରେ ବିଜେପି ବିଧାୟକ ପ୍ରାର୍ଥୀ ରାଘବ ମଲ୍ଲିକ, ନଗର ସଭାପତି ମନୋଜ ସାହୁଙ୍କ ସମେତ ବହୁ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଖୋର୍ଦ୍ଧା,୩୦।୬/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ବ୍ଲକ ଅଧୀନ ଛତ୍ରମାଗଡ଼ ସରକାରୀ ପ୍ରାଥମିକ ବିଦ୍ୟାଳୟରର ଆଦର୍ଶ ପ୍ରଧାନ ଶିକ୍ଷୟିତ୍ରୀ ସବିତା କୁମାରୀ ଦେବୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହେଶ୍ୱର ଜେନାଙ୍କ ଆୟୋଜନରେ ଅତିଥିରୂପେ ବିଆରସିସି ତଥା ଏବିଇଓ ଭରତ ଚନ୍ଦ୍ର ପ୍ରଧାନ, ସିଆରସିସି ମନୋଜ ଦାସ,ଅବସରପ୍ରାପ୍ତ ଶିକ୍ଷକ ଧରଣୀଧର ଜୟସିଂ, ପ୍ରହ୍ଲାଦ ବାରିକ, ଶିକ୍ଷକ ଶିବପ୍ରସାଦ ମହାପାତ୍ର, ଧ୍ରୁବଚରଣ ରଣା, ପୂର୍ବତନ ସିଆରସିସି ତଥା ଶିକ୍ଷୟିତ୍ରୀ ସରୋଜିନୀ ସାହୁ ପ୍ରମୁଖ ଯୋଗଦେଇ ଅବସର ନେଉଥିବା ଶିକ୍ଷୟିତ୍ରୀ ସବିତା ଦେବୀଙ୍କ ସମାୟାନୁବର୍ତ୍ତିତା, ଛାତ୍ର ବତ୍ସଳତା, ନିରାଡ଼ମ୍ବର ଜୀବନଯାପନ, ବ୍ୟକ୍ତିଗତ ଜୀବନ ଚଳଣି, ଓ ବିଦ୍ୟାଳୟ ପାଇଁ ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରେ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କିଛି ପୁରୁଣା ଛାତ୍ରଛାତ୍ରୀ, ଅନ୍ୟ ସହକର୍ମୀ ଶିକ୍ଷକ, ଶିକ୍ଷୟିତ୍ରୀ ମଧ୍ୟ ଅନେକ ପୁରୁଣା ସ୍ମୃତି ବିଷୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜୟନ୍ତୀ ପଟ୍ଟନାୟକ, ପୂର୍ବତନ ସିଆର୍‌ସିସି ରାଜୀବ ମହାପାତ୍ର, ଯୁଧିଷ୍ଠିର ସାହୁ,ଅମୀୟ ପରିଡା,ସହକାରୀ ଶିକ୍ଷୟିତ୍ରୀ ଅନନ୍ୟା ହରିଚନ୍ଦନ, ତୁଳସୀ ପଣ୍ଡା, ସାବିତ୍ରୀ ସାହୁ, ଗୋବିନ୍ଦ ଚନ୍ଦ୍ର ସାହୁ,ଅଭିଭାବକ ରଶ୍ମିରଞ୍ଜନ ବ୍ରହ୍ମା, ଗ୍ରାମବାସୀ, ପରିଚାଳନା କମିଟିର ସଦସ୍ୟ, ଛାତ୍ରଛାତ୍ରୀ ସହଯୋଗ କରିଥିଲା ବେଳେ ବିଦ୍ୟାଳୟରେ ଆଜିଠାରୁ ଦାୟିତ୍ୱ ନେଇଥିବା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାମଚନ୍ଦ୍ର ବ୍ରହ୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିର ଇତିହାସ

- ୧୭୮୧-ହାଇଦର ଅଲୀ ଓ ବ୍ରିଟିଶ ସେନାଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା।
- ୧୮୭୯-ଦେଶରେ ପୋଷ୍ଟ କାର୍ଡର ବ୍ୟବହାର ଆରମ୍ଭ ହୋଇଥିଲା।
- ୧୯୫୫-ଇମ୍ପେରିଆଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ରାଷ୍ଟ୍ରୀୟକରଣ ହୋଇଥିଲା।
- ୧୯୬୪-ଭାରତୀୟ ଔଦ୍ୟୋଗିକ ବିକାଶ ବ୍ୟାଙ୍କର ସ୍ଥାପନା ହୋଇଥିଲା।
- ୧୯୭୫-ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୨୦ ସୂତ୍ରୀ କାର୍ଯ୍ୟକ୍ରମର ଘୋଷଣା କରିଥିଲେ।
- ୧୯୯୭-କୋଲକାତା ଠାରେ ଦେଶର ପ୍ରଥମ ସାଇନ୍ସ ସିଟି ଖୋଲାଯାଇଥିଲା।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୨୫୨୨୪୦

**ମେଷ** – ଦିନଟି ବଢ଼ିଆ ରହିବ। ବ୍ୟାପାରରେ ସାଙ୍ଗଙ୍କ ସହାୟତା କାମରେ ଆସିବ। ଲାଭ ପ୍ରାପ୍ତ ହେବ। ବାହାର ଖାଦ୍ୟରୁ ଦୂରରେ ରୁହନ୍ତୁ। ଜୀବନସାଥିର ସହଯୋଗ ପ୍ରାପ୍ତ କରିବେ।

**ବୃଷ** – ଅଫିସ୍‌ରେ ଉଚ୍ଚ ଅଧିକାରୀଙ୍କ ସହିତ ବିବାଦ ହେବ। କ୍ରୋଧ ଉପରେ ସଂଯମ ରଖନ୍ତୁ। ବ୍ୟାପାରରେ ଆର୍ଥିକ ଲାଭ ପାଇବେ। କୌଣସି ବାହାରର ବ୍ୟକ୍ତିଙ୍କୁ ମହତ୍ତ୍ୱ ଦେବେ ନାହିଁ।

**ମିଥୁନ** – ନିଜ ସାଥି ସହିତ ସମୟ ବିତେଇବେ। ଗୃହସ୍ଥ ଜୀବନରେ ଚାପ କମ୍ ରହିବ। ସାଙ୍ଗସାଥିଙ୍କ ଠାରୁ ଉପହାର ମିଳିବ। ବ୍ୟବସାୟ ବିସ୍ତାର କରିବା ଲାଭଦାୟକ ହେବ। ସ୍ୱାସ୍ଥ୍ୟ ସାମାନ୍ୟ ରହିବ।

**କର୍କଟ** – କାର୍ଯ୍ୟକ୍ଷେତ୍ରରେ ରାଜନୀତି ଠାରୁ ଦୂରରେ ରହିବେ। ବ୍ୟାପାରରେ ଚିନ୍ତିତ ରହିବେ। ସରକାରୀ କାମରେ ସମୟ ଅଧିକ ଲାଗିବ। ମାତାଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତିତ ରହିବେ। ବୈବାହିକ ଜୀବନ ଆନନ୍ଦଦାୟକ ରହିବ।

**ସିଂହ** – କାର୍ଯ୍ୟକ୍ଷେତ୍ରରେ ଆଳସ୍ୟ ଛାଇ ରହିବ। ବ୍ୟାପାରରେ ବଡ଼ ଧରଣର ନେଣଦେଣ ନକଲେ ଭଲ। ବାହନ ଚଳେଇବା ସମୟରେ ସାବଧାନ ରହିବେ। ବିବାହିତଙ୍କ ଜୀବନ ଉତ୍ଥାନ-ପତନ ଦେଇ ଗତି କରିବ।

**କନ୍ୟା** – ଦିନଟି ଉତ୍ତମ ରହିବ। ଧନ ଆଗମନ ହୋଇପାରେ। ନିଜକୁ ସଶକ୍ତ ଅନୁଭବ କରିବେ। ଆୟ ବୃଦ୍ଧି ଯୋଗୁ ମନ ଖୁସି ରହିବ। ବିବାହିତଙ୍କ ଜୀବନରେ ନୂଆପଣ ଆସିବ।

**ତୁଳା** – ଦିନଟି ଉତ୍ଥାନ-ପତନ ଭରା ରହିବ। ମନରେ ଅଲଗା ଅଲଗା ବିଚାର ଆସିବ। କାର୍ଯ୍ୟକ୍ଷେତ୍ରରେ ମାନସିକ ପ୍ରସନ୍ନତା ରହିବ। ବ୍ୟବସାୟରେ ବିଜୟ ପ୍ରାପ୍ତ କରିବେ। ପରିବାରର ସହଯୋଗ ମିଳିବ।

**ବିଛା** – ବୁଦ୍ଧିମାନୀ, କୁଶଳତା ଓ ଅନୁଭବ ଜୀବନ କିଛି ନୂଆ କରିବା ପାଇଁ ପ୍ରେରିତ କରିବ। କାମରେ ଉତ୍ତମ ସଫଳତା ପାଇବେ। ପରସ୍ପର ପ୍ରତି ବୁଝାମଣା ବଢ଼ିବ। ବ୍ୟବସାୟରେ ଆର୍ଥିକ ବିସ୍ତାର ହେବ।

**ଧନୁ** – ମନରେ ନୂଆ ବିଚାର ଆସିବ। ଆର୍ଥିକ ସ୍ଥିତି ସାମାନ୍ୟ ରହିପାରେ। ପ୍ରେମ ଜୀବନ ଖୁବ୍ ଭଲ ରହିବ। ସ୍ୱାସ୍ଥ୍ୟରେ ସୁଧାର ହେବ। ଗୃହସ୍ଥ ଜୀବନ ଖୁସିରେ ଭରିଯିବ। କାମରେ ସଫଳତା ପାଇବେ।

**ମକର** – ଦିନଟି ଖୁବ୍ ଭଲରେ ବିତିବ। ଆପଣ ପ୍ରଶଂସିତ ହେବେ। ଗୃହସ୍ଥ ଜୀବନରେ ଚିନ୍ତିତ ରହିବେ। ବୁଝିବିଚାରି ଚାକିରି କରିବେ। ବ୍ୟବସାୟରୁ ଲାଭ ମିଳିବ। ସାଙ୍ଗସାଥିଙ୍କ ସହଯୋଗ ପାଇବେ।

**କୁମ୍ଭ** – ମନ ହର୍ଷିତ ରହିବ। ଖର୍ଚ୍ଚରେ ଅଭାବ ଦେଖାଦେବ। ଅଚାନକ କିଛି ଭଲ ଘଟିପାରେ। ବିବାହିତଙ୍କ ଜୀବନ ଚାପଗ୍ରସ୍ତ ରହିବ। ପ୍ରେମ ଜୀବନକୁ ଉପଭୋଗ କରିବେ। ଥଟ୍ଟା ପରିହାସର ଶିକାର ହେବେ।

**ମୀନ** – ଭାଗ୍ୟ ଦୃଷ୍ଟିରୁ ବିଗିଡ଼ିଥିବା କାମ ପୂରା ହେବ। କାମ କ୍ଷେତ୍ରରେ ଦିନଟି ମଜଭୁତ। ବ୍ୟାପାରରେ ଧନ ଲାଭ ହେବ। ଫସିଥିବା ଅର୍ଥ ଫେରିପାଇବେ। କାମ ଯୋଗୁ ବରିଷ୍ଠ ପ୍ରସନ୍ନ ହେବେ।

## ଶ୍ରୀମଦ୍ ଭଗବଦ୍‌ଗୀତା



**ଅଶ୍ୱତ୍ଥଃ ସର୍ବବୃକ୍ଷାଣାଂ ଦେବର୍ଷୀଣାଂ ଚ ନାରଦଃ।**
**ଗନ୍ଧର୍ବାଣାଂ ଚିତ୍ରରଥଃ ସିଦ୍ଧାନାଂ କପିଳୋ ମୁନିଃ। (୧୦/୨୬)**

ବୃକ୍ଷମାନଙ୍କ ମଧ୍ୟରେ ମୁଁ ଅଶ୍ୱତ୍ଥ ବା ପିପ୍ପଳୀ ବୃକ୍ଷ। ଦେବର୍ଷିମାନଙ୍କ ମଧ୍ୟରେ ନାରଦ। ଗନ୍ଧର୍ବମାନଙ୍କ ଭିତରେ ମୁଁ ଚିତ୍ରରଥ ଏବଂ ସିଦ୍ଧ ପୁରୁଷମାନଙ୍କ ମଧ୍ୟରେ କପିଳ ମୁନି ମୁଁ। ଏଠାରେ ସ୍ମରଣୀୟ ଯେ ବୃକ୍ଷମାନଙ୍କ ଭିତରେ ଅଶ୍ୱତ୍ଥ ବୃକ୍ଷ ଲୋକଙ୍କ ଭିତରେ ପରମ ପବିତ୍ର ବୋଲି ବିବେଚିତ ହୁଏ ତେଣୁ ଭଗବାନ ଅଶ୍ୱତ୍ଥ ବୃକ୍ଷକୁ ନିଜର ବିଭୂତି ବୋଲି କହୁଛନ୍ତି। ନାରଦ ଦେବତା ହେଇ ବି ମନ୍ତ୍ରଦ୍ରଷ୍ଟା ଋଷିତ୍ୱ ଲାଭ କରିଥିବାରୁ ସେ ପରମ ଭକ୍ତ ବୋଲି ପ୍ରସିଦ୍ଧି ପାଇଛନ୍ତି। ମହର୍ଷି ସଂଖ୍ୟ ଦର୍ଶନର ପ୍ରଣେତା, ସେ ଜନ୍ମରୁ ପରମାର୍ଥ ତତ୍ତ୍ୱଜ୍ଞ। ତେଣୁ ସେମାନେ ଭଗବାନଙ୍କର ବିଭୂତି। ଯେଉଁ ପଦାର୍ଥରେ ଶ୍ରେଷ୍ଠତା ରହିଛି ତାହା ହିଁ ଭଗବାନଙ୍କର ବିଭୂତି।


# ହେରା ପଞ୍ଚମୀ ନୀତି



ବିଧି ଓ ପରମ୍ପରା ଅନୁସାରେ ଆଡ଼ପମଣ୍ଡପ ପରେ ବିରାଜିତ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ମହାଲକ୍ଷ୍ମୀ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିବେ। ରୁକ୍ମିଣୀ ହରଣ ଏକାଦଶୀ ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ମହାଲକ୍ଷ୍ମୀଙ୍କ ବିବାହ ଯଥା ବିଧି ଆଧାରରେ ସମ୍ପୂର୍ଣ୍ଣ ହୋଇଥିଲା। ଗଇଁଠାଳ ଫିଟି ନଥିବା ବେଳେ ମହାପ୍ରଭୁ ଅସୁସ୍ଥ ହୋଇ ଅଣସର ପିଣ୍ଡିରେ ଚିକିତ୍ସିତ ହେଉଥିଲେ। ସୁସ୍ଥ ହେବା ପରେ ବଡ଼ଭାଇ ଓ ଭଉଣୀଙ୍କୁ ସାଙ୍ଗରେ ଧରି ଜନ୍ମବେଦୀକୁ ଯାତ୍ରା କରିଛନ୍ତି। ଦୀର୍ଘଦିନ ଧରି ମହାପ୍ରଭୁଙ୍କ ସହ ମହାଲକ୍ଷ୍ମୀଙ୍କର ସାକ୍ଷାତ ହୋଇନାହିଁ। ବ୍ୟସ୍ତ, ବିବ୍ରତ ମହାଲକ୍ଷ୍ମୀ ହେରା ପଞ୍ଚମୀ ଅର୍ଥାତ ଆଜି ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିବେ। ପ୍ରଭୁଙ୍କ ଭେଟ ନପାଇ ଅଭିମାନ କରିବେ ମା'। ରାଗରେ ଆସିଥିବା ଅଭିମାନୀ ମା'ଲକ୍ଷ୍ମୀ ନାକଚଣା ଦ୍ୱାର ଦେଇ ପ୍ରସ୍ଥାନ କରିବା ସମୟରେ ଭିତରଚ୍ଛ ମହାପାତ୍ର ଦହିପଟି ମଣୋହି ନୀତି କରିବେ। ପ୍ରତିଶ୍ରୁତି ଅନୁସାରେ ମାତ୍ର ଏକ ଦିନ ପରେ ମହାପ୍ରଭୁ ମାଉସୀ ମା' ମନ୍ଦିରରୁ ଫେରିଆସିବେ ବୋଲି ମା'ଲକ୍ଷ୍ମୀଙ୍କୁ କଥା ଦେଇଥିଲେ। କିନ୍ତୁ ପାଞ୍ଚ ଦିନ ପର୍ଯ୍ୟନ୍ତ ଯେତେବେଳେ ମହାପ୍ରଭୁ ଫେରିଲେ ନାହିଁ, ମା'ଲକ୍ଷ୍ମୀଙ୍କର ସହନଶୀଳତା ଅସମ୍ଭାଳ ହେବାରୁ କ୍ରୋଧରେ ପାଲିଙ୍କିରେ ବସି ମାଉସୀ ମା'ଙ୍କ ମନ୍ଦିରକୁ ଆସି ଗୋପନୀୟ ଭାବେ ପ୍ରଭୁଙ୍କୁ ଦର୍ଶନ କରି ଗୁଣ୍ଡିଚା ମନ୍ଦିର ବାହାରୁ ପୂଜା କରିବେ। ଏହାପରେ ମା'ଲକ୍ଷ୍ମୀ ନନ୍ଦିଘୋଷ ରଥର ଚକ ଭାଙ୍ଗିବା ସହିତ ସାରଥିଙ୍କର ହାତ ଭାଙ୍ଗି ବଡ଼ଦାଣ୍ଡ ଓ ହେରାଗୋହିରୀ ସାହି ଦେଇ ଶ୍ରୀମନ୍ଦିରକୁ ପ୍ରସ୍ଥାନ କରିବେ। ଏହି ଐତିହାସିକ ବୃତ୍ତାନ୍ତ ଉପରେ ଆଧାରିତ ହେରା ପଞ୍ଚମୀ ମହୋତ୍ସବ। ଏହା ଭକ୍ତଙ୍କ ପାଇଁ ଏକ କୌତୁହଳପୂର୍ଣ୍ଣ, ରୋମାଞ୍ଚକାରୀ, ଆକର୍ଷଣୀୟ ତଥା ହୃଦୟସ୍ପର୍ଶୀ ଘଟଣା।

## ପଲ୍ଲୀକବି
# ନନ୍ଦ କିଶୋର ବଳ

୨୨ ଡିସେମ୍ବର, ୧୮୭୫ରେ କଟକର କୁସୁପୁର ଠାରେ ଜନ୍ମଗ୍ରହଣ କରିଥିଲେ କବି ନନ୍ଦକିଶୋର ବଳ। ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ସେ ପଲ୍ଲୀକବି ଭାବରେ ପରିଚିତ। ଶିକ୍ଷା ସମାପ୍ତ ପରେ ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ଟାଉନ୍ ସ୍କୁଲ୍‌ରୁ ସେ ଆରମ୍ଭ କରିଥିଲେ ଚାକିରି ଜୀବନ। ପରେ ସ୍କୁଲ୍-ସବ୍ ଇନ୍ସପେକ୍ଟର ଭାବରେ ତାଙ୍କର ପଦୋନ୍ନତି ହୋଇଥିଲା। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କଲେ। କିନ୍ତୁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡ଼ିଥିଲା। କଲେଜରେ ପଢ଼ିବା ଦିନରୁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ ନନ୍ଦ କିଶୋର ବଳ। ତାଙ୍କ ରଚନାବଳୀ ମଧ୍ୟରେ ପଲ୍ଲୀଚିତ୍ର, ନିର୍ଝରିଣୀ, ତରଙ୍ଗିନୀ, ବସନ୍ତ କୋକିଳ, ଚାରୁଚିତ୍ର, ପ୍ରଭାତ ସଙ୍ଗୀତ, ନିର୍ମାଲ୍ୟ, କୃଷ୍ଣାକୁମାରୀ ଓ ଶର୍ମିଷ୍ଠା ଅନ୍ତର୍ଭୁକ୍ତ। କନକଲତା ଉପନ୍ୟାସରେ ସେ ଯୌତୁକ ପ୍ରଥା, ବାଲ୍ୟ ବିବାହ, ବାଲ୍ୟ ବିଧବାଙ୍କ ଘଟଣାବଳୀଗୁଡ଼ିକୁ ବର୍ଣ୍ଣନା କରିଛନ୍ତି। ଗାଉଁଲି ସରଳ ଜୀବନକୁ ଯୌତୁକ ଓ ବାଲ୍ୟବିବାହ କିପରି କଳୁଷିତ କରିଥିଲା ତାହାର ଛବି ଏଥିରେ ଦେଖିବାକୁ ମିଳିଥାଏ। ତାଙ୍କ ସାହିତ୍ୟ କୃତୀରେ ପଲ୍ଲୀଚେତନାର ବାସ୍ତବତା ଶିଶୁଙ୍କ ଠାରୁ ଆରମ୍ଭ କରି ବୟସ୍କମାନଙ୍କ ପ୍ରାଣକୁ ଆହ୍ଲାଦିତ କରୁଛି। ଶହେରୁ ଅଧିକ ସନେଟ୍ ଲେଖି ସେଥିରେ ସେ ଆଙ୍କି ଦେଇଥିଲେ ପ୍ରକୃତି ଓ ଗ୍ରାମର ଛବି। ଓଡ଼ିଆ ଜାତିର ଏହି କାବ୍ୟ ପୁରୁଷଙ୍କର ୧୯୨୮ର ଆଜିର ଦିନରେ ନିଧନ ହୋଇଥିଲା।




# ଦ୍ୱିତୀୟ ଭଗବାନ: ଡାକ୍ତର

୧୮୮୨ର ଆଜିର ଦିନରେ ବିହାରର ପାଟ୍‌ନା ଠାରେ ଜନ୍ମଗ୍ରହଣ କରିଥିଲେ ଡକ୍ଟର ବିଧାନ ଚନ୍ଦ୍ର ରାୟ ଓ ୮୦ ବର୍ଷ ବୟସରେ ତାଙ୍କର ନିଧନ ହୋଇଥିଲା। କୋଲକାତାରେ ନିଜର ମେଡିକାଲ୍ ସ୍ନାତକ ପୂରା କରିବା ପରେ ୧୯୧୧ରେ ଲଣ୍ଡନ ଠାରେ ଏମ୍‌ଆର୍‌ସିପି ଓ ଏଫ୍‌ଆର୍‌ସିପି ଡିଗ୍ରୀ ହାସଲ କରିବା ପରେ ସେହି ବର୍ଷ ଦେଶକୁ ପ୍ରତ୍ୟାବର୍ତ୍ତନ କରି ସେ ନିଜର କ୍ୟାରିଅର୍ ଆରମ୍ଭ କରିଥିଲେ। ଜଣେ ପ୍ରସିଦ୍ଧ ଚିକିତ୍ସକ ହେବା ସହିତ ଜଣେ ଶିକ୍ଷାବିତ୍, ସ୍ୱାଧୀନତା ସଂଗ୍ରାମୀ ଓ ପଶ୍ଚିମ ବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଭାବରେ ଡକ୍ଟର ବିଧାନ ଦାୟିତ୍ୱ ତୁଲାଇଛନ୍ତି। ତାଙ୍କର କାର୍ଯ୍ୟ ପ୍ରତି ସମର୍ପଣ, ନିଷ୍ଠା, ସଚ୍ଚୋଟତାକୁ ସମ୍ମାନ ଦେବା ପାଇଁ ଓ ସଲାମ କରିବା ପାଇଁ ଆଜି ପାଳନ କରାଯାଉଛି ଚିକିତ୍ସକ ଦିବସ। ୧୯୯୧ରେ ତତ୍କାଳୀନ ଭାରତ ସରକାରଙ୍କ ଦ୍ୱାରା ଏହି ଦିବସର ପ୍ରାରମ୍ଭ କରାଯାଇଥିଲା। ସେବେଠାରୁ ଜୁଲାଇ ମାସର ପ୍ରଥମ ତାରିଖରେ ଆମ ଦେଶ ସହିତ କିଛି ଅନ୍ୟ ଦେଶରେ ମଧ୍ୟ ଏହି ଦିବସର ପାଳନ କରାଯାଉଛି। ତାଙ୍କର ଉପଲବ୍ଧି ଓ ଦେଶସେବା ପାଇଁ ୧୯୬୧ରେ 'ଭାରତ ରତ୍ନ' ପୁରସ୍କାରରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ତାଙ୍କ ସ୍ମୃତିରେ ୧୯୭୬ରେ ଡକ୍ଟର ବିସି ରାୟ ରାଷ୍ଟ୍ରୀୟ ପୁରସ୍କାରର ସ୍ଥାପନା ମଧ୍ୟ କରାଯାଇଥିଲା। ତେବେ ସୈନିକମାନେ ସୀମାରେ ଲଢି ଦେଶକୁ ରକ୍ଷା କରନ୍ତି। କିନ୍ତୁ ଡାକ୍ତରମାନେ ନିଜ ଜୀବନକୁ ବିପଦରେ ପକାଇ ଲୋକମାନଙ୍କର ଜୀବନ ବଞ୍ଚାଇ ଥାଆନ୍ତି। ଏହା ସହିତ ଜୀବନ ପ୍ରତ୍ୟାଶାକୁ ଆହୁରି ଉନ୍ନତମାନର କରିବା ପାଇଁ ସମର୍ପିତ ହୋଇ କାମ କରନ୍ତି। ସେଥିପାଇଁ ଡାକ୍ତରମାନଙ୍କୁ ଦ୍ୱିତୀୟ ଭଗବାନ ବୋଲି କୁହାଯାଏ। ମଣିଷର ସ୍ୱାସ୍ଥ୍ୟ ପ୍ରତି ସେମାନଙ୍କର ଯୋଗଦାନ ପାଇଁ ପୂରା ବିଶ୍ୱରେ ଡାକ୍ତରମାନଙ୍କୁ ଅଧିକ ସମ୍ମାନ ଦିଆଯାଏ। ସେମାନଙ୍କର କାର୍ଯ୍ୟ ପ୍ରତି ସମର୍ପଣ ଭାବନା, ନିଷ୍ଠା, ସଚ୍ଚୋଟତାକୁ ସମ୍ମାନ ଦେବା ପାଇଁ ଓ ସଲାମ କରିବା ପାଇଁ ଆଜି ପାଳନ କରାଯାଉଛି ଚିକିତ୍ସକ ଦିବସ।



## ଡିଏନ୍‌ଏ ତିଆରି କରିବା :
# ଲାଭଦାୟକ ନା କ୍ଷତିକାରକ



ବୈଜ୍ଞାନିକମାନେ କୌଣସି ମଣିଷ ଶରୀରର ସବୁଠାରୁ ମୁଖ୍ୟ ବୁନିଆଦୀ ତତ୍ତ୍ୱ ଡିଏନ୍‌ଏକୁ ପ୍ରୟୋଗଶାଳାରେ ତିଆରି କରିବା ପରି ବିବାଦାସ୍ପଦ ପ୍ରୋଜେକ୍ଟ ଉପରେ କାମ ଆରମ୍ଭ କରିଛନ୍ତି। ଦୁନିଆରେ ଏହିପରି କାମ ପ୍ରଥମ ଥର ହେବାକୁ ଯାଉଛି। ଏ ପର୍ଯ୍ୟନ୍ତ ଚିନ୍ତା ପ୍ରକଟ କରାଯାଉଥିଲା ଯେ ଏହିପରି ରିସର୍ଚ୍ଚ ଭବିଷ୍ୟତର ପିଢ଼ିଙ୍କ ମଧ୍ୟରେ ମଣିଷର ଅପ୍ରତ୍ୟାଶିତ ପରିବର୍ତ୍ତନ ନଜର ଆସିପାରେ। କିନ୍ତୁ ଏହି ପ୍ରୋଜେକ୍ଟ ଉପରେ କାମ କରିବା ପାଇଁ ବଡ଼ ମେଡିକାଲ୍ ଚ୍ୟାରିଟି ସଂସ୍ଥା ୱେଲକମ୍ ଟ୍ରଷ୍ଟ ଏହି ପ୍ରୋଜେକ୍ଟକୁ ଆରମ୍ଭ କରିବା ପାଇଁ ୧୧୫ କୋଟି ଅର୍ଥ ଦେଇଛି। ଏହିଭଳି ପ୍ରୟୋଗ ଦ୍ୱାରା କେତେକ ଗମ୍ଭୀର ରୋଗକୁ ଦ୍ରୁତ ଗତିରେ ଠିକ୍ କରାଯାଇ ପାରିବ ବୋଲି ସମ୍ଭାବନା ରହିଛି। ଏହା କ୍ଷତିକାରକ ହେବା ଅପେକ୍ଷା ଲାଭକାରୀ କାମ ହୋଇପାରେ। ବାୟୋଲୋଜି କ୍ଷେତ୍ରରେ ଏହା ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଛି ଯେଉଁଥିରେ ଲୋକମାନଙ୍କର ବୟସ ବୃଦ୍ଧି କରେଇବା ସହିତ ସେମାନଙ୍କର ଜୀବନକୁ ଆହୁରି ଉତ୍କୃଷ୍ଟମାନର କରିହେବ। ଲୋକମାନେ ସୁସ୍ଥ ଜୀବନ ଜିଇଁ ପାରିବେ। ସେଥିପାଇଁ ରୋଗ ସହିତ ଲଢ଼ି ପାରୁଥିବା କୋଷିକାଗୁଡ଼ିକୁ ତିଆରି କରିବାକୁ ଚାହୁଁଛନ୍ତି ବୈଜ୍ଞାନିକମାନେ। ଏହି କୋଷିକାଗୁଡ଼ିକୁ କ୍ଷତିଗ୍ରସ୍ତ ଅଙ୍ଗ, ଲିଭର, ହାର୍ଟ ଏପରିକି ରୋଗ ପ୍ରତିରୋଧକ ଶକ୍ତିକୁ ପୁଣି ଥରେ ଫିଟ୍ କରେଇବା ପାଇଁ ସେମାନେ ବ୍ୟବହାର କରିପାରିବେ। ତେବେ ଆମ ଶରୀରରେ ଲାଲ୍ ରକ୍ତ କୋଷିକାକୁ ଛାଡ଼ି ପ୍ରତି କୋଷିକାରେ ଡିଏନ୍‌ଏ ଥାଏ ଯେଉଁଥିରେ ଥାଏ ଜରୁରୀ ଆନୁବଂଶିକ ତଥ୍ୟ। ଡିଏନ୍‌ଏ କେବଳ ଚାରିଟି ଛୋଟ ବ୍ଲକ୍ସ ଦ୍ୱାରା ତିଆରି ହୋଇଥାଏ ଯେଉଁଗୁଡ଼ିକୁ ଏ, ଜି, ସି ଓ ଟି କୁହାଯାଏ। ଏଗୁଡ଼ିକ ଅଲଗା ଅଲଗା କମ୍ବିନେସନ୍‌ରେ ମିଳନ୍ତି। ଏଥିରେ ସମସ୍ତ ଆନୁବଂଶିକ ତଥ୍ୟ ଥାଏ ଯେଉଁଗୁଡ଼ିକ ଆମ ଶରୀରର ନିର୍ମାଣ କରିଥାନ୍ତି।

## ହସିବା
# ଏକ ଯୋଗ

ଜୀବନରେ ରହିଛି ଅନେକ ପ୍ରକାରର ଟେନ୍‌ସନ୍। ସେଥିପାଇଁ ଦୈନନ୍ଦିନ ଜୀବନରୁ ଅଦୃଶ୍ୟ ହୋଇଯାଇଛି ଥଟ୍ଟା, ମଜା ଓ ହସ। ଏହି ମୋବାଇଲ୍ ଯୁଗରେ ପିଲାମାନଙ୍କର ପିଲାଦିନକୁ ଛଡ଼େଇ ନେଇଛି ମୋବାଇଲ୍। ସମ୍ପର୍କକୁ ଶେଷ କରିଛି ଅହଂକାର। ଗ୍ରାମର ଚୌପାଟୀରେ ଭରପୂର ମାତ୍ରାରେ ହସର ଲହର କେଉଁଆଡ଼େ ଚାଲିଯାଇଛି। ଲୋକମାନେ ତାଙ୍କ ଜୀବନରେ କିପରି ହସଖୁସି ଫେରି ପାଇବେ ଓ ସେମାନଙ୍କର ଜୀବନ କିପରି ପ୍ରଫୁଲ୍ଲିତ ହେବ ସେଥିପାଇଁ ଅନ୍ତର୍ଜାତୀୟ ସ୍ତରରେ ଆଜି ପାଳନ କରାଯାଉଛି ଜୋକ୍ସ ଦିବସ। ବିଶେଷଜ୍ଞମାନଙ୍କ ଅନୁସାରେ ଜୀବନ ଏକ ଜୋକ୍ ଓ ମଣିଷ ଏହା ସହିତ ନିଜକୁ ସଂଯୋଗ କରି ରଖିବାକୁ ସବୁବେଳେ ଚେଷ୍ଟା କରିଥାଏ। ଏହି ଜୀବନ ନିଜର ନୁହେଁ କିନ୍ତୁ ଆମର ମହତ୍ତ୍ୱାକାଂକ୍ଷାଗୁଡ଼ିକରୁ ଆମେ ବାହାରିବାକୁ ଚାହାଁନ୍ତି ନାହିଁ। ତେଣୁ ଜୀବନ ଶେଷ ହେବା ପୂର୍ବରୁ ଜୀବନକୁ ବ୍ୟବହାର କରିନେବା ଉଚିତ। ତେବେ ଯେଉଁମାନେ ଅହଂକାରୀ ଲୋକ ସେମାନେ ଜୋକ୍ସକୁ ପସନ୍ଦ କରନ୍ତି ନାହିଁ। କିନ୍ତୁ ଆମ ଚତୁଃପାର୍ଶ୍ୱରେ ରହିଛି ଭରପୂର ମାତ୍ରାରେ ଜୋକ୍ସର ଭଣ୍ଡାର କେବଳ ଆମେ ନିଜ ନଜରକୁ ସଠିକ୍ ଭାବରେ ବ୍ୟବହାର କରିବା ଉଚିତ। ଏଥିପାଇଁ ଜୋକ୍ସ ବହି ପଢ଼ିବା ଏକ ମାଧ୍ୟମ ହୋଇପାରେ। ହସଖୁସିରେ ରହିବା ଯୋଗୁ ମାନସିକ ଚାପ ସମେତ କେତେ ପ୍ରକାରର ରୋଗ ଆପଣଙ୍କ ଠାରୁ ଦୂରରେ ରହିବ। ହସିବା ଦ୍ୱାରା ଆମେମାନେ ମନର ଶକ୍ତିକୁ ଅଧିକରୁ ଅଧିକ ପ୍ରୟୋଗ କରିପାରିବା। ଜୋର୍ ଜୋର୍‌ରେ ହସିବା ଦ୍ୱାରା ରକ୍ତ ସଂଚାର ଦ୍ରୁତତର ହୁଏ। ଏଥିପାଇଁ ହାସ୍ୟ ଯୋଗର ବି ଅଭ୍ୟାସ କରିହେବ। ଏଥିରେ ସବୁ ଚିନ୍ତା ଦୂର ହେବା ସହିତ ଖୁବ୍ ଭଲ ନିଦ ହୁଏ। ସକାରାତ୍ମକ ଉର୍ଜାର ବିକାଶ ମଧ୍ୟ ହୋଇଥାଏ। ତେବେ ହସିବା ହେଉଛି ଏକ ଯୋଗ।



## ଫେରୁଛନ୍ତି ବାବୁ ଭେୟା



ବିଗତ କିଛି ସମୟ ହେଲା କମେଡି ଫ୍ରାଞ୍ଚାଇଜର ଫିଲ୍ମ 'ହେରା ଫେରୀ-୩' ଚର୍ଚ୍ଚାରେ ରହିଛି। ନିର୍ମାତାମାନେ ବହୁତ ଶୀଘ୍ର ଏହାର ତୃତୀୟ ପାର୍ଟ ନେଇ ଆସିବେ ବୋଲି ଘୋଷଣା କରାଯିବା ପରେ ଦର୍ଶକମାନେ ଖୁସି ହୋଇଗଲେ ଓ ବଡ଼ ପରଦାରେ ବାବୁ ଭେୟା (ପରେଶ ରାୱଲ), ରାଜୁ (ଅକ୍ଷୟ କୁମାର), ଶ୍ୟାମ (ସୁନିଲ୍ ସେଟ୍ଟି)ଙ୍କ ଯୋଡ଼ିକୁ ଦେଖିବାକୁ ମିଳିବ ବୋଲି ଖୁବ୍ ଉତ୍ସାହିତ ନଜର ଆସିଲେ। କିନ୍ତୁ ଏହି ଖୁସି ଦୁଃଖରେ ପରିଣତ ହୋଇଥିଲା ଯେତେବେଳେ ପରେଶ ରାୱଲ୍ ଏହି ଫିଲ୍ମର ଅଂଶବିଶେଷ ହେବେ ନାହିଁ ବୋଲି ଦର୍ଶକମାନେ ଜାଣିବାକୁ ପାଇଲେ। ଏହା ପରେଶଙ୍କ ନିଜସ୍ୱ ନିଷ୍ପତ୍ତି ବୋଲି ଜାଣିବା ପରେ ଏହି ବିବାଦ ଆହୁରି ବଢ଼ି ଯାଇଥିଲା। ଏପରିକି ଫିଲ୍ମର ପ୍ରଡ୍ୟୁସର ଅକ୍ଷୟ କୁମାରଙ୍କ ଉପରେ କଥିତ ଭାବରେ ମକଦ୍ଦମା ଦାୟର କରାଯାଇ ୨୫ ଲକ୍ଷ ଟଙ୍କାର ଜରିମାନା ଦେବା ପାଇଁ ମଧ୍ୟ ଦାବି କରାଯାଇଥିଲା। ତେବେ 'ହେରା ଫେରୀ-୩'କୁ ନେଇ ପୁଣି ଏବେ ଆସିଛି ଆଉ ଏକ ବଡ଼ ଅପଡେଟ୍। ଖବର ଅନୁସାରେ ପରେଶ ରାୱଲଙ୍କ ରି-ଏଣ୍ଟ୍ରି ହେଉଛି ଏହି ଫିଲ୍ମରେ। ଏହାର ଘୋଷଣା ନିଜେ କରିଛନ୍ତି ପରେଶ ରାୱଲ୍। ଏହା ସହିତ ଅନ୍ୟ କଳାକାର ଓ ନିର୍ମାତାମାନଙ୍କ ସହିତ ମତଭେଦ ଶେଷ ହୋଇଥିବା ଖବର ମଧ୍ୟ ସେ ଦେଇଛନ୍ତି। ଅକ୍ଷୟ, ସୁନିଲ୍ ବା ପ୍ରିୟଦର୍ଶନ ଏମାନେ ଅନେକ ବର୍ଷ ହେଲା ମୋର ସାଙ୍ଗ ହୋଇ ରହିଛନ୍ତି ବୋଲି ପରେଶ ନିଜେ କହିଛନ୍ତି। ତେବେ ପ୍ରଥମ 'ହେରା ଫେରୀ' ୨୦୦୦ରେ ଓ ଦ୍ୱିତୀୟ 'ହେରା ଫେରୀ' ୨୦୦୬ରେ ରିଲିଜ ହୋଇଥିଲା ଯେଉଁଥିରେ ଏହି କଳାକାରମାନେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଏମାନଙ୍କ ବ୍ୟତୀତ ଦ୍ୱିତୀୟ ପାର୍ଟରେ ବିପାଶା ବସୁ, ରାଜପାଲ ଯାଦବ, ରିମି ସେନ୍, ଜନି ଲିଭର, ଶରତ ସକ୍ସେନାଙ୍କ ପରି କଳାକାରମାନେ ଥିଲେ। ତୃତୀୟ କିସ୍ତିରେ କଳାକାରମାନଙ୍କ ନାମ ଘୋଷଣା କରାଯାଇ ନଥିଲେ ମଧ୍ୟ ଫିଲ୍ମଟି ଆସିବା ନେଇ ସ୍ଥିର ହୋଇ ସାରିଛି।

## ଘରେ ତିଆରି କରନ୍ତୁ
# ଚାଟ୍ ମସଲା

ଭାରତୀୟ ଖାଦ୍ୟ ପ୍ରଣାଳୀ କେବଳ ସ୍ୱାଦ ପାଇଁ ନୁହେଁ ମସଲାର ବାସ୍ନା ପାଇଁ ମଧ୍ୟ ପ୍ରସିଦ୍ଧ। ଏହି ମସଲାଗୁଡ଼ିକ ମଧ୍ୟରେ ଅନ୍ୟତମ ଚାଟ୍ ମସଲା। ଏହାର ନାମ ଶୁଣିବା ମାତ୍ରେ ମୁହଁରେ ପାଣି ଆସିଯାଏ। ଦହି ଭଲ୍ଲା ହେଉ ଅବା ଆଳୁ ଚାଟ୍, ଲୁଣି ପରଟା ହେଉ ଅବା ସ୍ପ୍ରାଉଟ୍ସରେ ଚାଟ୍ ମସଲାର ଏକ ଅଲଗା ଫ୍ଲେଭର୍ ମିଳିଥାଏ। ସାଧାରଣତଃ ଲୋକମାନେ ଏହାକୁ ବଜାରରୁ କିଣି ଖାଇଥାନ୍ତି। କିନ୍ତୁ ଏହାକୁ ଆପଣ କିଚେନ୍‌ରେ ଥିବା ମସଲାଗୁଡ଼ିକୁ ମିଶାଇ ସହଜ ଭାବରେ ତିଆରି କରିପାରିବେ। ଘର ତିଆରି ଚାଟ୍ ମସଲା କେବଳ ଯେ ଶୁଦ୍ଧ ତାହା ନୁହେଁ ବଜାରର ଚାଟ୍ ମସଲା ଠାରୁ ଯଥେଷ୍ଟ ଉନ୍ନତମାନର। ସ୍ୱାଦ ଅନୁସାରେ ଏଥିରେ ଜିନିଷ ବୃଦ୍ଧି କରେଇ ପାରିବେ କିମ୍ବା କମେଇ ପାରିବେ।



**ଏଥିପାଇଁ ଆବଶ୍ୟକ ସାମଗ୍ରୀ:**

ଗୋଟା ଧଣିଆ, ଜିରା, ଗୋଲମରିଚ, ଜୁଆଣି, ପାନମଧୁରି, କଳାଲୁଣ, ଆମ୍ବୁର ପାଉଡର, ଶୁଣ୍ଠି, ସାଇଟ୍ରିକ୍ ଏସିଡ୍, ହିଙ୍ଗୁ ଓ ଅଳ୍ପ ପେଷା ଯାଇଥିବା ଚିନି। ଏହିସବୁ ଜିନିଷକୁ ଅଳ୍ପ ଭାଜି ମିଶାଇ ଗ୍ରାଇଣ୍ଡିଂ କରି ପ୍ରସ୍ତୁତ କରିପାରିବେ ଚାଟ୍ ମସଲା।

ଲାଭ- ଏଥିରେ ମିଶିଥିବା ସାମଗ୍ରୀଗୁଡ଼ିକ ପାଚନ ଏଞ୍ଜାଇମ୍ସକୁ ଉତ୍ତେଜିତ କରି ପାଚନ ପ୍ରକ୍ରିୟାରେ ସାହାଯ୍ୟ କରେ। ଭାରି ମାତ୍ରାରେ ଜଳୀୟ ଭୋଜନ କରିବା ପରେ ସ୍ୱେଲିଂ, ଗ୍ୟାସ୍ ଓ ଅପଚକୁ କମ୍ କରିବାରେ ଚାଟ୍ ମସଲା ସହାୟ୍ୟ କରିଥାଏ। ଏଥିରେ ଥିବା ଆଣ୍ଟିଅକ୍ସିଡେଣ୍ଟ ଗୁଣ ଶରୀରର କେତେକ ମୁକ୍ତ କଣଗୁଡ଼ିକରୁ ରକ୍ଷା କରିବାରେ ସାହାଯ୍ୟ କରେ ଯେଉଁଗୁଡ଼ିକ କୋଷିକାଗୁଡ଼ିକୁ କ୍ଷତି ପହଞ୍ଚାଇ ଥାଆନ୍ତି। କିଛି ଅଧ୍ୟୟନରୁ ଜଣାପଡ଼େ ଯେ ଏଥିରେ ପଡ଼ିଥିବା ଧଣିଆ ଓ ଆମ୍ବୁର ପାଉଡର୍ ରକ୍ତଚାପର ସ୍ତରକୁ ନିୟନ୍ତ୍ରିତ କରିବାରେ ସାହାଯ୍ୟ କରନ୍ତି। ଚାଟ୍ ମସଲାରେ ଭିଟାମିନ୍ ଏ, ସି ଓ ବି ସହିତ ଆୟରନ୍, କ୍ୟାଲସିୟମ୍ ପରି ଖଣିଜ ତତ୍ତ୍ୱ ଥାଏ ଯେଉଁଗୁଡ଼ିକ ଶରୀର ପାଇଁ ବହୁତ ଜରୁରୀ ଆବଶ୍ୟକୀୟ ତଥ୍ୟ ହୋଇଥାନ୍ତି। ଏଥିରେ ପଡ଼ିଥିବା କିଛି ମସଲା ଶରୀରର ବିଷାକ୍ତ ପଦାର୍ଥଗୁଡ଼ିକୁ ବାହାର କରିବାରେ ସାହାଯ୍ୟ କରିଥାନ୍ତି।

ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

# ନାବାଳକ ଗାଡ଼ିଚାଳନା ନିଷେଧ ଉପରେ ସଚେତନତା ସୃଷ୍ଟିକୁ ଗୁରୁତ୍ୱ



**କଟକ,୩୦।୬/ଏନ୍ଏନ୍ଏସ୍:** କଟକ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତା କରି ବିଭାଗୀୟ ଅଧିକାରୀମାନଙ୍କୁ ଧାର୍ଯ୍ୟ କାର୍ଯ୍ୟାନୁଷ୍ଠାନ ଅନୁପାଳନ ଉପରେ ବିବୃତ୍ତି ରଖିବାକୁ କହିବା ସହ ଅସମ୍ପୂର୍ଣ୍ଣ ଥିବା କାର୍ଯ୍ୟଗୁଡ଼ିକ ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ରାଜପଥ ଉପରେ ବେଆଇନ ଭାବେ ପାର୍କିଂ କରୁଥିବା ଭାରିଯାନର ଅପସାରଣ ନିମନ୍ତେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦିବାରାତ୍ର କାର୍ଯ୍ୟକରୁଥିବା ବେଳେ ଅମାନ୍ୟ କରୁଥିବା ଭାରିଯାନଗୁଡ଼ିକୁ ଜୋରିମାନା ନିମନ୍ତେ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଏହାର ଫୋଟୋ ପ୍ରେରଣ ନିମନ୍ତେ କୁହାଯାଇଥିଲା। ବାରଙ୍ଗ ନିକଟବର୍ତ୍ତୀ ରାସ୍ତା ଉପରେ ବାଲି ପରିବହନ ଯୋଗୁ ଜମି ରହୁଥିବା ବାଲିକୁ ପର୍ଯ୍ୟାୟକ୍ରମେ ନିର୍ଦ୍ଦିଷ୍ଟ କରାଯାଇଥିବା ଅଞ୍ଚଳ ସଫା କରିବା ନିମନ୍ତେ ଘାଟ ନିଲାମକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। କଟକ ମହାନଗର ନିଗମ ତଥା ଏହାକୁ ସଂଯୋଗ କରୁଥିବା ରାସ୍ତା ଏବଂ ଛକଗୁଡ଼ିକର ଟ୍ରାଫିକ୍ ଲାଇଟ୍‌କୁ ପୂର୍ଣ୍ଣକ୍ଷମ ସୁନିଶ୍ଚିନ୍ତ କରିବା ନିମନ୍ତେ ସହକାରୀ ପୁଲିସ ଆଯୁକ୍ତ (ଟ୍ରାଫିକ)ଙ୍କୁ ଅନୁରୋଧ କରାଯିବା ସହ ହାଉଡ଼ାମୋଟର ଛକରୁ ପ୍ରମୋଦ ହୋଟେଲ ଏବଂ ରାମ ମନ୍ଦିର ରାସ୍ତା ଅଞ୍ଚଳରେ ରାସ୍ତା ଉପରେ ବେଆଇନ ପାର୍କିଂ ହଟାଇବା ନିମନ୍ତେ ଉପଯୁକ୍ତ ପାର୍କିଂ ସ୍ଥାନ ଚିହ୍ନଟ କରି କମିଟିକୁ ଜଣାଇବା ନିମନ୍ତେ ଅନୁରୋଧ କରାଯାଇଥିଲା। ପେଟାନାଳ ନିକଟ ରାସ୍ତା ଉପରୁ ପରିବା ଓ ମାଛ ବିକ୍ରେତାଙ୍କୁ ଅପସାରଣ କରିବା ନିମନ୍ତେ ଆଗାମୀ ଦିନରେ ପଦକ୍ଷେପ ଗ୍ରହଣ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ରାସ୍ତାକଡ଼ ବିଦ୍ୟାଳୟଗୁଡ଼ିକର ରାସ୍ତାପଟୁ ଥିବା ପ୍ରବେଶ ଦ୍ୱାରର ସ୍ଥାନ ପରିବର୍ତ୍ତନ କରାଯିବା ଉପରେ ବିଶେଷ ଭାବରେ ଆଲୋଚନା ହୋଇଥିଲା। ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ ବେଆଇନ ଭାବେ ମଦ ବିକ୍ରୟ କରୁଥିବା ରାସ୍ତାକଡ଼ ହୋଟେଲ ଉପରେ ଚଢ଼ଉ ପାଇଁ ଭାରପ୍ରାପ୍ତ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ କୋଚିଂ ତଥା ଅନ୍ୟ ଅନୁଷ୍ଠାନମାନଙ୍କରେ ନାବାଳକ ଗାଡ଼ି ଚାଳନା ନିଷେଧ ଉପରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ କଟକ ଜିଲ୍ଲା ବସ ମାଲିକ ସଂଘ ଏବଂ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ଭାଗନେଇ ଆଲୋଚନାରେ ଅଂଶଗ୍ରହଣ ପୂର୍ବକ ସୁଚିନ୍ତିତ ମତାମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଶିବ ଟପ୍ପୋ, ଅତିରିକ୍ତ ଜିଲ୍ଲାପାଳ ଉନ୍ନୟନ ଡ଼ଃ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# କଟକରେ ଜାତୀୟ ପରିସଂଖ୍ୟାନ ଦିବସ



**କଟକ,୩୦।୬/ଏନ୍ଏନ୍ଏସ୍:** ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମାହାଲୋ ନୋହିସଙ୍କ ଜନ୍ମଦିବସ ଅବସରରେ ୧୯ ତମ ଜାତୀୟ ପରିସଂଖ୍ୟାନ ଦିବସ-୨୦୨୫ ପାଳିତ ହୋଇଯାଇଛି। ଏହା ସହ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟସ୍ଥିତ ପରିସଂଖ୍ୟାନ ଉପବିଭାଗ ଅଧିନସ୍ଥ କେନ୍ଦ୍ରୀୟ ପରିସର ସଭାଗୃହଠାରେ ଯୁଗ୍ମ ନିର୍ଦ୍ଦେଶକ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ବିଶ୍ୱରଞ୍ଜନ ଦାଶ ସମସ୍ତ କାର୍ଯ୍ୟ ସଂଚାଳନ ସହ ୭୫ ବର୍ଷ ଜାତୀୟ ନମୁନା ସର୍ଭେକ୍ଷଣ ସମ୍ପର୍କରେ ଆଲୋକପାତ କରିଥଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲାସ୍ତରୀୟ ଏକ କର୍ମଶାଳା ଅନୁଷ୍ଠିତ ହେଇଥିଲା। କର୍ମଶାଳାରେ ଡଃ. ଅର୍ଚ୍ଚନା ପାଣିଗ୍ରାହୀ ଯୋଗଦେଇ ବିଭିନ୍ନ ବିଭାଗରେ ବ୍ୟବହୃତ ହେଉଥିବା ପରିସଂଖ୍ୟାନ ବିଷୟରେ ଆଲୋକପାତ କରିଥିଲେ। ସେହିପରି ବିମ୍ବାଧର ସେଠୀ, ଯୁଗ୍ମ ନିର୍ଦ୍ଦେଶକ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଓଡିଶା ସରକାର ଯୋଗ ଦେଇ ପରିସଂଖ୍ୟାନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଡକ୍ଟର ବିଜ୍ଞାନ ନନ୍ଦ ମହାନ୍ତ, ଚନ୍ଦ୍ର ମୋହନ ଚାନ୍ଦ, ଜିଲ୍ଲା କୃଷି ଅଧିକାରୀ ଉପସ୍ଥିତ ରହି କୃଷି ବିଭାରେ ପରିସଂଖ୍ୟାନର ଉପଯୋଗ କରାଯାଏ ସେହି ବିଷୟରେ ଆଲୋକପାତ କରିଥିଲେ। ବୈଠକରେ ଯୋଜନା ଓ ପରିସଂଖ୍ୟାନ କାର୍ଯ୍ୟାଳୟ କଟକର ସମସ୍ତ ଅଧିକାରୀ, କ୍ଷେତ୍ରୀୟ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ରାମଚନ୍ଦ୍ର ମଲ୍ଲିକ ଧନ୍ୟବାଦ୍ ଦେଇଥିଲେ।

## ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନକଲେ ଅନୁରାଧା ପୋଡ଼ୱାଲ୍

**ଭୁବନେଶ୍ୱର,୩୦।୬/ଏନ୍ଏନ୍ଏସ୍:** ମହାପ୍ରଭୁ ଶ୍ରୀ ଲିଙ୍ଗରାଜ ମନ୍ଦିର ଆସି ଦର୍ଶନ କରିଛନ୍ତି କଣ୍ଠଶିଳ୍ପୀ ଅନୁରାଧା ପୋଡ଼ୱାଲ। ଗତକାଲି ପୁରୀରେ ରଥାରୁଢ଼ ଚତୁର୍ଦ୍ଧା ମୂରତିଙ୍କୁ ଦର୍ଶନ କରିଥିଲେ। ତେବେ ଦୀର୍ଘ ୨୫ ପର୍ବ ହେବ ସେ ଓଡ଼ିଶା ଆସି ଠାକୁରଙ୍କୁ ଦର୍ଶନ କରୁଛନ୍ତି ଏବଂ ଓଡ଼ିଶାର କଳା ସଂସ୍କୃତି ତାଙ୍କୁ ବହୁତ ଭଲ ଲାଗେ ବୋଲି ସେ ପ୍ରତିକ୍ରିୟା ରଖିଛନ୍ତି।

# ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳଙ୍କ ନାଁରେ ଏତଲା



**ଭୁବନେଶ୍ୱର,୩୦।୬/ଏନ୍ଏନ୍ଏସ୍:** ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ କମିଶନରେଟ୍ ପୁଲିସର ଅତିରିକ୍ତ କମିଶନର ନରସିଂହ ଭୋଳଙ୍କ ବିରୁଦ୍ଧରେ କ୍ୟାପିଟାଲ ଥାନାରେ ଏକ ଏତଲା ଦାଖଲ କରାଯାଇଛି। ଯଦି ନରିସିଂହ ଭୋଳଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନ ନିଆଯାଏ ତେବେ ଯୁବ କଂଗ୍ରେସ ରାଜ୍ୟବ୍ୟାପି ଆନ୍ଦୋଳନ କରିବ ବୋଲି ଶ୍ରୀ ପାତ୍ର କହିଛନ୍ତି। ଯୁବ କଂଗ୍ରେସ ଏତଲାରେ ଦର୍ଶାଇଛି ଯେ ରଥଯାତ୍ରାରେ ବିଭ୍ରାଟକୁ ନେଇ ଗତକାଲ ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବରେ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା। ଭୁବନେଶ୍ୱର କମିଶନରେଟ ପୁଲିସର ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳ ସେଠାରେ ନିର୍ଦ୍ଦେଶ ଦେଇଥିଲେ ଯେ ଯେଉଁ ଆନ୍ଦୋଳନକାରୀମାନେ ବାରିକେଡ୍ ନିକଟକୁ ଆସିବେ ସେମାନଙ୍କର ଗୋଡ଼ ବାଡ଼େଇ ଭାଙ୍ଗିଦେବା ପାଇଁ। ସେ ଆହୁରି ମଧ୍ୟ କହିଥିଲେ ଯେ ଯିଏ ଗୋଡ଼ ବାଡ଼େଇ ଭାଙ୍ଗିଦେବ ସେ ତାକୁ ପୁରସ୍କାର ଦେବେ। ଶ୍ରୀ ଭୋଳଙ୍କର ଏହି ନିର୍ଦ୍ଦେଶ ଆଇନସମ୍ମତ ନୁହେଁ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏଭଳି ଜଣେ ପୁଲିସ ଅଫିସର୍ ଦାୟିତ୍ୱରେ ରହିବା ବିପଦପୂର୍ଣ୍ଣ। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ବଦଳରେ ତାଙ୍କର ନିର୍ଦ୍ଦେଶ ପରିସ୍ଥିତିକୁ ଅଣାୟତ କରିବାପାଇଁ ଉଦ୍ଦିଷ୍ଟ। ସେହି ଆନ୍ଦୋଳନରେ ସେ ହିଂସା କରିବାପାଇଁ ଉସୁକାଉଥିଲେ। ହିଂସା ବନ୍ଦ କରିବା ପୁଲିସର କର୍ତ୍ତବ୍ୟ। ମାତ୍ର ସେଠି ବର୍ବରୋଚିତ କାଣ୍ଡ ଭିଆଇବା ପାଇଁ ଶ୍ରୀ ଭୋଳ ଷଡ଼ଯନ୍ତ୍ର କରୁଥିଲେ ବୋଲି ତାହା ସ୍ପଷ୍ଟ ହୋଇପଡ଼ିଛି।



ମହିଳା ଏବଂ ଶିଶୁ ସୁରକ୍ଷା ବିଭାଗର ଅଧୀକ୍ଷକ ପ୍ରେମଲତା ଦେଇଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

# 'ଦଳିତଙ୍କ ଉପରେ ମଧ୍ୟଯୁଗୀୟ ବର୍ବରତା ବଢ଼ିଚାଲିଛି'



**ଭୁବନେଶ୍ୱର,୩୦।୬/ଏନ୍ଏନ୍ଏସ୍:** ଓଡ଼ିଶାରେ କ୍ରମାଗତ ଭାବେ ମହିଳାଙ୍କ ପ୍ରତି ହିଂସା ଓ ଗଣଦୁଷ୍କର୍ମ ବଢ଼ିଚାଲିଥିବା ବେଳେ ସଂଖ୍ୟାଲଘୁ ଆଦିବାସୀ ଓ ଦଳିତମାନଙ୍କ ଉପରେ ମଧ୍ୟଯୁଗୀୟ ବର୍ବରତା ବଢ଼ିଚାଲିଛି। ଗଞ୍ଜାମ ଜିଲ୍ଲା ଗୋପାଳପୁର ବେଳାଭୂମିର ପର୍ଯ୍ୟଟକ ଚୌକିରେ ବସିଥିବା ଯୁବକ ଯୁବତୀଙ୍କ ଉପରେ ଦଶଜଣ ଅପରାଧୀ ଆକ୍ରମଣ କରି ପୁରୁଷ ବନ୍ଧୁଙ୍କୁ ବାନ୍ଧି ପକାଇ ତାଙ୍କ ସାମ୍ନାରେ ତାଙ୍କ ବାନ୍ଧବୀ ଯୁବତୀ ଜଣଙ୍କୁ ଜଣ ଜଣ କରି ୧୦ ଜଣ ଗଣଦୁଷ୍କର୍ମ କରିବା ଘଟଣା ଘଟିଥିବାବେଳେ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝରର ହରିଚନ୍ଦନପୁରଠାରେ ଯୁବତୀ ଜଣଙ୍କୁ ରାସ୍ତାରେ ଉଠାଇନେଇ ଗଣଦୁଷ୍କର୍ମ ସହ ହତ୍ୟା କରି ସଜନା ଗଛରେ ମୃତଦେହକୁ ଝୁଲାଇଦେବା ଘଟଣା ବିଜେପି ସରକାର ଅମଳରେ ନାରୀମାନଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ରାଷ୍ଟ୍ରୀୟ ଯୁବା ସଙ୍ଗଠନ ପକ୍ଷରୁ କୁହାଯାଇଛି। ସଂଗଠନ ପକ୍ଷରୁ ଆହୁରି କୁହାଯାଇଛି ଯେ ଏହି ଘଟଣା ବିଶ୍ୱ ଦରବାରରେ ଭାରତକୁ ବିଶେଷ କରି ଓଡ଼ିଶା ସମେତ ୬ଟି ରାଜ୍ୟକୁ ମହିଳା ପର୍ଯ୍ୟଟକ ଆସିବା ଉପରେ ବିଭିନ୍ନ ଦେଶ କଟକଣା କରିବା ଘଟଣାରେ ଭାରତର ବସୁଧୈବ କୁଟୁମ୍ବକମ୍ ଛବିକୁ ମଳିନ କରାଇଛି। ଗଞ୍ଜାମ ଜିଲ୍ଲାର ଧରାକୋଟ ବ୍ଲକର ସିଙ୍ଗିପୁର ଗ୍ରାମର ଦୁଇ ଜଣ ଦଳିତ ବ୍ୟକ୍ତି ହାଟରୁ ଗାଈ ଖରିଦ କରି ତାଙ୍କ ଝିଅକୁ ଦାନ କରିବା ପାଇଁ ଏକ ଚାରିଚକିଆ ଗାଡ଼ିରେ ଆଣୁଥିବା ବେଳେ ତଥାକଥିତ ଗୋରକ୍ଷକ ଗୁଣ୍ଡାମାନେ ଏହି ଦୁଇଜଣ ଦଳିତ ବ୍ୟକ୍ତିଙ୍କୁ ଗାଈ ନେଉଥିବା ବାବଦରେ ଚାଳିଶ ହଜାର ଟଙ୍କା ଦାବି କରିବା ଓ ଟଙ୍କା ଦେବାର ଅକ୍ଷମତା ପ୍ରକାଶ କରିବାରୁ ଉଭୟଙ୍କୁ ବାନ୍ଧି ପକାଇ ଲଣ୍ଡା କରିବା ଓ ତାଙ୍କ ବେକରେ ଦୌଡ଼ି ଲଗାଇ ଗାଈ ଭଳି ଚାରି ପାଦରେ ଚଲାଇ ମୁହଁରେ ଘାସ ପୁରାଇ ବଳପୂର୍ବକ ଖୁଆଇବା ଓ ରାସ୍ତାକଡ଼ ମଇଳା ନାଳପାଣି ମୁହଁ ଲଗାଇ ପିଇବା ପାଇଁ ବାଧ କରାଇବା ଘଟଣା ସମଗ୍ର ରାଜ୍ୟର ମାନବୀୟତାକୁ ଦୋହଲାଇ ଦେଇଛି। ସମ୍ପୃକ୍ତ ଅପରାଧୀମାନେ ତଥାକଥିତ ଗୋରକ୍ଷକ ଓ ଏମାନଙ୍କ ମାଷ୍ଟର ମାଇଣ୍ଡ ଅତୀତରେ ହତ୍ୟାକାଣ୍ଡରେ ଜଡିତ ହୋଇ ଜେଲ ଯିବା, ଶୈଶବ ଅପରାଧ ଆଳରେ ଜେଲରୁ ମୁକୁଳି ଥିଲେ ବି ସାମ୍ପ୍ରଦାୟିକ ରାଜନୈତିକ ପୃଷ୍ଠପୋଷକତାରେ ଅପରାଧର ସାମ୍ରାଜ୍ୟ ବିସ୍ତାର କରିଚାଲିଛି। କେବଳ ସେତିକି ନୁହେଁ ମାଲକାନଗିରି ସହର ଉପକଣ୍ଠ ଏକ ଗ୍ରାମର ୯ଟି ସଂଖ୍ୟାଲଘୁ ପରିବାରର ୩୦ ଜଣ ସଦସ୍ୟଙ୍କୁ ବିଜେପି ଓ ବଜରଙ୍ଗ ଦଳର କର୍ମୀମାନେ ବର୍ବରୋଚିତ ଆକ୍ରମଣ କରି ତାଙ୍କ ଘର ଧ୍ୱଂସ କରିବା ସହ ଗାଁରୁ ବାହାର କରିଦେବା ଓ ଏହି ହିଂସ୍ର ଆକ୍ରମଣରେ ୮ ଜଣ ଗୁରୁତର ଆଘାତପ୍ରାପ୍ତ ବ୍ୟକ୍ତି ଡ଼ାକ୍ତରଖାନାରେ ଚିକିତ୍ସାଧୀନ ହୋଇଥିଲେ ସୁଦ୍ଧା ଶାସକ ଦଳର ଏହି ଅପରାଧୀମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ତାରିଖରେ ରାଷ୍ଟ୍ରୀୟ ଯୁବ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କ ଦାବିପତ୍ର ପ୍ରଦାନ କରାଯିବ ବୋଲି ଆଜି ଭୁବନେଶ୍ୱର ଲୋହିଆ ଏକାଡେମୀଠାରେ ରାଷ୍ଟ୍ରୀୟ ଯୁବା ସଙ୍ଗଠନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ପ୍ରକାଶ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରୀୟ ଯୁବା ସଙ୍ଗଠନର ରାଜ୍ୟ ସଂଯୋଜକ ମାନସ ପଟ୍ଟନାୟକ ଓ କୋର୍ କମିଟି ସଦସ୍ୟ ଅଲିଭା ଦାଶ ଉପସ୍ଥିତ ଥିଲେ।

# ପ୍ରାଇଭେଟ୍ ହସ୍ପିଟାଲ୍ ଆସୋସିଏସନ୍‌ର ବୈଠକ

**କଟକ,୩୦।୬/ଏନ୍ଏନ୍ଏସ୍:** କଟକ ଆଇଏମଏ ହାଉସ୍‌ଠାରେ ଓଡ଼ିଶା ପ୍ରାଇଭେଟ୍ ହସ୍ପିଟାଲ୍ ଆସୋସିଏସନ୍ ପକ୍ଷରୁ ଘରୋଇ ହସ୍ପିଟାଲ ଓ ନର୍ସିଂହୋମ୍ ମାଲିକମାନଙ୍କର ଏକ ବୈଠକ ହୋଇଛି। ପୂର୍ବରୁ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଏସ୍‌କେୱାଇ କାର୍ଡ ଓ ନୂଆ ସରକାର ଲାଗୁ କରିଥିବା ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ଉପରେ ଏକ ବୈଠକରେ ଆଲୋଚନା କରାଯାଇଛି। ଆୟୁଷ୍ମାନ କାର୍ଡରେ ରୋଗୀ ସେବା ପାଇଁ ପଞ୍ଜିକରଣ ସମୟସାପେକ୍ଷ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ଏଥି ସହିତ ରୋଗୀ ସେବା କରିବା ପରେ ହସ୍ପିଟାଲ୍‌ଗୁଡ଼ିକ ସେମାନଙ୍କର ବିଲ୍ ପାଇବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଡାକ୍ତର ତଥା ଘରୋଇ ହସ୍ପିଟାଲ ମାଲିକମାନେ ମତ ଦେଇଛନ୍ତି। ଆଗକୁ ସରକାର ସମସ୍ତ କଥା ବିଚାର କରି ଆୟୁଷ୍ମାନ କାର୍ଡକୁ ଆହୁରି ସହଜ, ସରଳ ଓ ଉପଯୋଗୀ କରିବେ ବୋଲି ଘରୋଇ ହସ୍ପିଟାଲ ଆସୋସିଏସନ୍ ଆଶା ରଖିଛନ୍ତି।

# ହୁଲ୍ ଦିବସ ଆଦିବାସୀ ସମାଜର ଅଦମ୍ୟ ସାହସ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩୦।୬/ଏନ୍ଏନ୍ଏସ୍:** ସୋମବାର ହୁଲ ଦିବସ ଅବସରରେ ଆମ ଆଦିବାସୀ ସମାଜର ଅଦମ୍ୟ ସାହସ, ସଂଘର୍ଷ ଏବଂ ତ୍ୟାଗର ପ୍ରତୀକ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ହୁଲ ଦିବସ ଆମ ଆଦିବାସୀ ସମାଜର ଅଦମ୍ୟ ସାହସ, ସଂଘର୍ଷ ଏବଂ ତ୍ୟାଗର ପ୍ରତୀକ। ଏହି ପବିତ୍ର ଦିନ ଅବସରରେ, ମୁଁ ଅମର ସଂଗ୍ରାମୀମାନଙ୍କୁ ବିନମ୍ର ପ୍ରଣତି ଅର୍ପଣ କରୁଛି। ବ୍ରିଟିଶ ଶାସନର ଅନ୍ୟାୟ ବିରୁଦରେ ଆପଣମାନଙ୍କ ଅସାଧାରଣ ସାହସ ଆମ ସମସ୍ତଙ୍କ ପାଇଁ ସଦା ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ।

# ୧୯୯୭ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ



**କଟକ,୩୦।୬/ଏନ୍ଏନ୍ଏସ୍:** ଶିଖରପୁରସ୍ଥିତ କମଳାକାନ୍ତ ବିଦ୍ୟାପୀଠରେ ୧୯୯୭ ମସିହା ମାଟ୍ରିକ ବ୍ୟାଚର ଏକ ବନ୍ଧୁମିଳନ ଉତ୍ସବ ଜଗତପୁର ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ବନ୍ଧୁମାନେ ଏକତ୍ରିତ ହୋଇ ବିଦ୍ୟାଳୟର ଅଭୁଲା ସ୍ମୃତିକୁ ମନେପକାଇ ବେଶ ଖୁସିବ୍ୟକ୍ତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ମାୟାଧର ବେହେରା, ଚିତ୍ରସେନ ଦଳାଇ, ବିଜୟ କୁମାର ସ୍ୱାଇଁ, ଦେବାଶିଷ ରାଉତ, ଅମ୍ବୁଜ କୁମାର ସ୍ୱାଇଁ, ଚକ୍ରଧର ସେଠି, ରଶ୍ମିତା ବାରିକ, ମୁନି ସାହୁ, ଶୁଭଦର୍ଶିନୀ ମହାନ୍ତି, ସସ୍ମିତା ଖଟେଇ, ସତ୍ୟବ୍ରତ ରାଉତ, ସମରେଶ ଭୂୟାଁ, କରୁଣାକର ପଟ୍ଟନାୟକ, ତନବୀର ଅହମ୍ମଦ, ଲକ୍ଷ୍ମୀକାନ୍ତ ମୁଦୁଲି, ମାନସ ମିଶ୍ର ଓ ସମ୍ବିତ ଦାସ ପ୍ରମୁଖ ସାମିଲ ହୋଇଥିଲେ।

# ପୂର୍ବ ସରକାର ପାଖରେ ନଥିଲା ଯୋଗ୍ୟ ହିତାଧିକାରୀଙ୍କ ତାଲିକା: ମନ୍ତ୍ରୀ

**ଭୁବନେଶ୍ୱର,୩୦।୬/ଏନ୍ଏନ୍ଏସ୍:** ପକ୍କା ଘର ପ୍ରସଙ୍ଗରେ ପୂର୍ବ ବିଜେଡି ସରକାରକୁ ଟାର୍ଗେଟ କଲେ ପଞ୍ଚାୟତିରାଜ ମନ୍ତ୍ରୀ। ପୂର୍ବ ବିଜେଡି ସରକାର ପାଖରେ ନଥିଲା ଯୋଗ୍ୟ ହିତାଧିକାରୀଙ୍କ ତାଲିକା। ପାତରଅନ୍ତର ଆଭିମୁଖ୍ୟ ସହ ତାଲିକା ପ୍ରସ୍ତୁତ କରିଥିଲେ ପୂର୍ବ ସରକାର। କିନ୍ତୁ ବିଜେପି ସରକାର ଆସିବା ପରେ ୩୭ ଲକ୍ଷ ପାଖାପାଖି ହିତାଧିକାରୀ ଯୋଡ଼ି ହୋଇଛନ୍ତି। ସାଢ଼େ ୩ ଲକ୍ଷରୁ ୪ ଲକ୍ଷ ପାଖାପାଖି ଲୋକ ନିଜେ ଅନ୍‌ଲାଇନ୍‌ରେ ଆବେଦନ ମଧ୍ୟ କରିଛନ୍ତି। କିଏ ଯୋଗ୍ୟ, କିଏ ଅଯୋଗ୍ୟ ଚିହ୍ନଟ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଦୁଇଟି କିସ୍ତିରେ ଘର ବାଣ୍ଟିଛନ୍ତି ସରକାର। କଳାହାଣ୍ଡିରେ ୫୯ ହଜାର ହିତାଧିକାରୀଙ୍କୁ ଦିଆଯାଇଥିଲା ଘର। ଏହାସହ ବିକଶିତ ବାହନ ସବୁ ପଞ୍ଚାୟତ ବୁଲିବା ସମୟରେ ମଧ୍ୟ ଅନେକ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ପ୍ରଥମ କିସ୍ତିରେ ଘର ତିଆରି ଆରମ୍ଭ କରିସାରିଲେଣି ହିତାଧିକାରୀ। ଖୁବଶୀଘ୍ର ଦ୍ୱିତୀୟ କିସ୍ତି ପଠାଇବେ ସରକାର। ପକ୍କା ଘର ପାଇବାରୁ ରାଜ୍ୟର ଜଣେ ହେଲେ ହିତାଧିକାରୀ ବଞ୍ଚିତ ହେବେ ନାହିଁ। ସରକାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଯୋଗାଇଦେବେ ଘର ବୋଲି ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି।

# ସର୍ବମଙ୍ଗଳା ମହଲାସଭା କର୍ମକର୍ତ୍ତାଙ୍କ ଶପଥ ପାଠ



**କଟକ,୩୦।୬/ଏନ୍ଏନ୍ଏସ୍:** ମହାନଗର ନିଗମ ୫୨ନଂ ୱାର୍ଡ ଅନ୍ତର୍ଗତ ରାଜେନ୍ଦ୍ରନଗର ସ୍ଥିତ ସର୍ବମଙ୍ଗଳା ମହଲାସଭାର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ପାଠ ଉତ୍ସବ ମଙ୍ଗଳାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶପଥ ପାଠ ଉତ୍ସବରେ ଅବସରପ୍ରାପ୍ତ ନ୍ୟାୟାଧୀଶ ପୀତାମ୍ବର ପାତ୍ର, ବରିଷ୍ଠ ମୁରବୀ ସୁନୀଲ ମହାପାତ୍ର, ଦେବ ପ୍ରସାଦ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ସଭାପତି ଭାବେ କୃଷ୍ଣଚନ୍ଦ୍ର ମାହୁନ୍ତ, ଉପସଭାପତି ରାଜେନ୍ଦ୍ର କୁମାର ଷଡ଼ଙ୍ଗୀ, ସମ୍ପାଦକ ସରୋଜ କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ ପ୍ରଦୀପ କୁମାର ବେହେରା, କୋଷାଧ୍ୟକ୍ଷ ଶୁଭେନ୍ଦୁ କୁମାର ମିଶ୍ର ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ଉଲ୍ଲାସ ପାଇକରାୟ, ଗଜେନ୍ଦ୍ର ନାଥ ନାୟକ, ସଦାନନ୍ଦ ପରିଜା, ପ୍ରଫୁଲ୍ଲ କୁମାର ମୁଦୁଲି, ସଞ୍ଜୟ କୁମାର ପାତ୍ର, ମହେଶ କୁମାର ମହାପାତ୍ର, ପ୍ରଦୀପ କୁମାର ସେଠୀ,ସନ୍ଦୀପ ସାମନ୍ତରାୟ, ଅଜିତ କୁମାର ନାୟକ, ଅଜୟ କୁମାର ଦାସ ପ୍ରମୁଖଙ୍କୁ ଶପଥପାଠ କରାଇଥିଲେ। ଭାରତ ଭୂଷଣ ମହାନ୍ତି, ବିଶ୍ୱ ରଞ୍ଜନ ଷଡ଼ଙ୍ଗୀ, ସପନ କୁମାର ଜେନା, ନିହାରକାନ୍ତ ରାୟ, ଶିବ ଚରଣ ପଣ୍ଡା ଓ ତପନ ଦାସ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

# ପ୍ରାଚୀ ସାହିତ୍ୟ ସମାଜର ସାହିତ୍ୟ ସଭା

**କଟକ,୩୦।୬/ଏନ୍ଏନ୍ଏସ୍:** ପ୍ରାଚୀ ସାହିତ୍ୟ ସମାଜର ସାହିତ୍ୟ ସଭା ଓ କବିତା ପାଠ ସ୍ଥାନୀୟ ମହାନଦୀ ବିହାର ସ୍ଥିତ ଏଲ୍. କେ. ପାଠାଗାରର ଗାନ୍ଧୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅଶ୍ୱିନୀ କୁମାର ସେଠୀ ସଭାପତିତ୍ୱ କରି ସମାଜସେବାରେ ସାହିତ୍ୟ ଓ ଗାନ୍ଧୀବାଦ ବିଷୟରେ ଆଲୋକପାତ କରିଥିଲେ। ପ୍ରାଚୀ ପତ୍ରିକାର ସମ୍ପାଦକ ଡ. ବିଭୁଦତ୍ତ ଖଣ୍ଡାୟତରାୟ ସମ୍ପାଦକୀୟ ଅଭିଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ପ୍ରଫେସର ଲବଙ୍ଗଲତା ବିଶୋଇ, ସମ୍ମାନିତ ଅତିଥି ଭାବେ କୁନଲତା ତ୍ରିପାଠୀ ଯୋଗ ଦେଇଥିଲେ। କବିତା ପାଠୋତ୍ସବରେ ଡକ୍ଟର ବସନ୍ତ କୁମାରୀ ନନ୍ଦ ସଂଯୋଜନା କରିଥିଲେ ଓ ଅନ୍ନପୂର୍ଣ୍ଣା ସାହୁ, ପ୍ରଭାତୀ ରାଣୀ ମହାନ୍ତି, ରତନ କୁମାର




ମହାନ୍ତି, ଗୀତାଞ୍ଜଳି ପୃଷ୍ଟି, ସୁରେନ୍ଦ୍ର ମହାପାତ୍ର, ଅକ୍ଷୟ କୁମାର ନନ୍ଦ, ସମ୍ବିତ କୁମାର ରାୟ, ବିଭୁତି ଭୂଷଣ ପାଣି, ତପନ କୁମାର ସ୍ୱାଇଁ, ଚୈତନ୍ୟ ରଉତ, ବିମଳ କୁମାର ଦାଶ, ପ୍ରଣବ କୁମାର ନନ୍ଦୀ, ରାଜକିଶୋର ସ୍ୱାଇଁ, ରଞ୍ଜନ ରାୟ, ସୁନି ଦାସ, ମାଳତି କୁମରି ପରିଡ଼ା, ରଞ୍ଜନ ରାଉତ, ଶରତ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଶେଷରେ ସନ୍ତୋଷ କୁମାର ପାଲ ଧନ୍ୟବାଦ୍ ଦେଇଥିଲେ।

# ଏଜ୍‌ବାଷ୍ଟନ୍‌ରେ ପ୍ରଥମ ବିଜୟ ଦେଇପାରିବେ କି ଗିଲ୍

**ଏଜ୍‌ବାଷ୍ଟନ୍,୩୦।୬/ଏଜେନ୍ସି:** ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ଟେଷ୍ଟ ମ୍ୟାଚ୍ ବିଶିଷ୍ଟ ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫି ଖେଳାଯାଉଛି। ଲିଡ୍ସରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଇଂଲଣ୍ଡ ୫ ୱିକେଟ୍‌ରେ ଭାରତକୁ ହରାଇଥିଲା। ଏବେ ଶୁଭମନ୍ ଗିଲ୍‌ଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆକୁ ପ୍ରତ୍ୟାବର୍ତ୍ତନ ପାଇଁ ଦ୍ୱିତୀୟ ଟେଷ୍ଟ ଜିତିବାକୁ ପଡ଼ିବ। ଏହି ମ୍ୟାଚ୍ ଜୁଲାଇ ୨ ତାରିଖରୁ ବର୍ମିଂହାମ୍‌ର ଏଜ୍‌ବାଷ୍ଟନ୍ ଗ୍ରାଉଣ୍ଡରେ ଖେଳାଯିବ।

ଏଜ୍‌ବାଷ୍ଟନ୍‌ରେ ଭାରତ ୫୮ ବର୍ଷ ପୂର୍ବେ

## ଏଠାରେ କେବେ ବି ଟେଷ୍ଟ ଜିତିନି ଭାରତ



୧୯୬୭ରେ ପ୍ରଥମ ଟେଷ୍ଟ ଖେଳିଥିଲା। ଜୁଲାଇ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ମନସୁର୍ ଅଲୀ ଖାନ୍ ପଟୌଦିଙ୍କ ନେତୃତ୍ୱାଧୀନ ଭାରତୀୟ ଟିମ୍‌କୁ ୧୩୨ ରନ୍‌ରେ ପରାଜିତ ହେବାକ ପଡ଼ିଥିଲା। ସେବେଠାରୁ ଭାରତୀୟ ଟିମ୍ ଏହି ଗ୍ରାଉଣ୍ଡରେ ୮ ଟେଷ୍ଟ ମ୍ୟାଚ୍ ଖେଳିଥିଲେ ମଧ୍ୟ କେବେ ବି ବିଜୟୀ ହୋଇନାହିଁ। ଭାରତ ଏଠାରେ ୩୯ ବର୍ଷ ପୂର୍ବରେ ୧୯୮୬ରେ ଗୋଟିଏ ଟେଷ୍ଟ ଡ୍ର' ରଖିଥିଲା। ଏହି ମ୍ୟାଚ୍‌ରେ ମହିନ୍ଦର ଅମରନାଥ (୭୯ ରନ୍), ମହମ୍ମଦ ଆଝାରୁଦ୍ଦିନ୍ (୬୪ ରନ୍) ଏବଂ ସୁନୀଲ୍ ଗାଭାସ୍କର (୫୪ ରନ୍) ଅର୍ଦ୍ଧଶତକୀୟ ଇନିଂସ୍ ଖେଳି ମ୍ୟାଚ୍ ଡ୍ର' କରିଥିଲେ। ଏହି ମ୍ୟାଚ୍‌ରେ କପିଳ ଦେବ କ୍ୟାପ୍‌ଟେନ୍ ଥିଲେ।

ବର୍ତ୍ତମାନ ଟିମ୍ ଇଣ୍ଡିଆରେ ଋଷଭ ପନ୍ତ ଏକମାତ୍ର ଖେଳାଳି ଯିଏ ଏଜ୍‌ବାଷ୍ଟନ୍ ଗ୍ରାଉଣ୍ଡରେ ଭାରତ ଶୀର୍ଷ ଖେଳାଳିଙ୍କ ସୂଚୀରେ ସାମିଲ ଅଛନ୍ତି। ଏଠାକାର ଶୀର୍ଷ ସ୍କୋରର୍ ସୂଚୀରେ ବିରାଟ କୋହଲି ପ୍ରଥମ ସ୍ଥାନରେ ରହିଛନ୍ତି। ସେ ୪ ଇନିଂସ୍‌ରେ ୫୭.୭୫ ଆଭରେଜ୍‌ରେ ୨୩୧ ରନ୍ କରିଛନ୍ତି। ଏହା ମଧ୍ୟରେ ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ସାମିଲ। ଶୀର୍ଷ ପାଞ୍ଚ ଖେଳାଳିଙ୍କ ମଧ୍ୟରେ ସୁନୀଲ୍ ଗାଭାସ୍କର, ଋଷଭ ପନ୍ତ, ସଚିନ୍ ତେନ୍ଦୁଲକର ଏବଂ ଗୁଣ୍ଡାପ୍ପା ବିଶ୍ୱନାଥଙ୍କ ପରି ନାମ ସାମିଲ। ଶୀର୍ଷ ପାଞ୍ଚ ୱିକେଟ୍ ହାସଲକାରୀରେ ସାମିଲ କୌଣସି ବୋଲର୍ ବର୍ତ୍ତମାନ ଇଂଲଣ୍ଡ ଗସ୍ତରେ ଥିବା ଟିମ୍‌ର ସଦସ୍ୟ ନାହାନ୍ତି। ଏଠାରେ ଚେତନ ଶର୍ମା ୧୦ ୱିକେଟ୍ ଅକ୍ତିଆର କରିଛନ୍ତି। ଏହି ସୂଚୀରେ ଇଏଏସ୍ ପ୍ରସନ୍ନା, ଆର୍ ଅଶ୍ୱିନ, କପିଳ ଦେବା ଏବଂ ଈଶାନ୍ତ ଶର୍ମାଙ୍କ ନାମ ରହିଛି।

ଭାରତ ବିପକ୍ଷରେ ଇଂଲଣ୍ଡ ଏହି ଗ୍ରାଉଣ୍ଡରେ ନିଜର ସର୍ବଶ୍ରେଷ୍ଠ ରନ୍ ଚେଜ୍ କରିଥିଲା। ତିନିବର୍ଷ ପୂର୍ବେ ୨୦୨୨ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ ୩୭୮ ରନ୍‌ର ବିଶାଳ ଲକ୍ଷ୍ୟ ସ୍ଥାପନ କରିଥିଲା। ଏହାକୁ ଇଂଲଣ୍ଡ ତିନି ସେସନ୍‌ରେ ହାସଲ କରିନେଇଥିଲା। ଟିମ୍ ଚତୁର୍ଥ ଦିନର ଲଞ୍ଚ ପରେ ଦ୍ୱିତୀୟ ଇନିଂସ୍ ଖେଳିବା ଆରମ୍ଭ କରି ପଞ୍ଚମ ଦିନ ପ୍ରଥମ ସେସନ୍‌ରେ ବିଜୟୀ ହୋଇଥିଲା। ଭାରତ ପ୍ରଥମ ଇନିଂସ୍‌ରେ ଋଷଭ ପନ୍ତ (୧୪୬) ଏବଂ ରବୀନ୍ଦ୍ର ଜାଡ଼େଜା (୧୦୪)ଙ୍କ ଶତକୀୟ ଇନିଂସ୍ ବଳରେ ୪୧୬ ରନ୍ କରିଥିଲା। ଇଂଲିଶ ଟିମ୍ ପ୍ରଥମ ଇନିଂସ୍‌ରେ ମାତ୍ର ୨୮୪ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ପ୍ରଥମ ଇନିଂସ୍‌ରେ ୧୩୨ ରନ୍‌ର ଅଗ୍ରଣୀ ହାସଲ କରିଥିବା ଭାରତ ଦ୍ୱିତୀୟ ଇନିଂସ୍‌ରେ ୨୪୫ ରନ୍ କରି ଇଂଲଣ୍ଡକୁ ୩୭୮ ରନ୍‌ର କଷ୍ଟକର ଲକ୍ଷ୍ୟ ଦେଇଥିଲା। ତେବେ ଜୋ ରୁଟ୍ (୧୪୨*) ଓ ଜନ୍ ବେୟାରଷ୍ଟୋ (୧୧୪*) ଅବିଭାଜିତ ଚତୁର୍ଥ ୱିକେଟ୍ ପାଇଁ ୨୬୯ ରନ୍‌ର ପାର୍ଟନରଶିପ୍ କରି ଭାରତ ହାତରୁ ବିଜୟ ଛଡ଼ାଇ ନେଇଥିଲେ। ଏହି ମ୍ୟାଚ୍‌ରେ ଜସ୍‌ପ୍ରୀତ୍ ବୁମ୍‌ରା ଭାରତର ନେତୃତ୍ୱ କରୁଥିଲେ।

ଏବେ ଇଂଲଣ୍ଡ ଗସ୍ତରେ ଥିବା ଟିମ୍ ଇଣ୍ଡିଆର ୮ ଜଣ ଖେଳାଳିଙ୍କର ଏଠାରେ ଖେଳିବାର ଅନୁଭବ ରହିଛି। ଏହା ମଧ୍ୟରେ କ୍ୟାପ୍‌ଟେନ୍ ଶୁଭମନ ଗିଲ୍, ଋଷଭ ପନ୍ତ, କେଏଲ୍ ରାହୁଲ, ରବୀନ୍ଦ୍ର ଜାଡ଼େଜା, ଜସ୍‌ପ୍ରୀତ୍ ବୁମ୍‌ରା, ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁରଙ୍କ ନାମ ସାମିଲ।

# ଆୟୁଷ ଜିତିଲେ ୟୁଏସ୍ ଓପନ୍ ଟାଇଟଲ୍

## ମହିଳା ସିଙ୍ଗଲ୍ସରେ ତନ୍‌ଭୀ ଉପବିଜେତା

**ନୂଆଦିଲ୍ଲୀ,୩୦।୬/ଏଜେନ୍ସି:** ଭାରତର ଉଦୀୟମାନ ଶଟ୍‌ଲର୍ ଆୟୁଷ ସେଟ୍ଟୀ ୟୁଏସ୍ ଓପନ୍ ସୁପର୍ ୩୦୦ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ଫାଇନାଲ୍‌ରେ କାନାଡାର ବ୍ରାୟନ୍ ୟାଙ୍ଗ୍‌ଙ୍କୁ ସିଧା ସେଟ୍‌ରେ ହରାଇ ପ୍ରଥମ ବିଡବ୍ଲ୍ୟୁଏଫ୍ ବିଶ୍ୱ ଟୁର୍ ଟାଇଟଲ୍ ଜିତିଛନ୍ତି। ଏହା ସହିତ ଚଳିତ ସିଜନ୍‌ରେ ଭାରତର ଟାଇଟଲ୍ ମରୁଡ଼ିରେ ଅନ୍ତ ଘଟିଛି। ୨୦୨୩ ଜୁନିୟର୍ ବିଶ୍ୱ ଚାମ୍ପିଅନ୍‌ଶିପ୍‌ର ବ୍ରୋଞ୍ଜ୍ ପଦକ ବିଜେତା ୨୦ ବର୍ଷୀୟ ଆୟୁଷ ରବିବାର ତୃତୀୟ ସିଡ୍ ୟାଙ୍ଗ୍‌ଙ୍କୁ ୪୭ ମିନିଟ୍‌ର ମ୍ୟାଚ୍‌ରେ ୨୧-୧୮, ୨୧-୧୩ରେ ମାତ୍ ଦେଇଛନ୍ତି। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସରେ ୧୬ ବର୍ଷୀୟା ତନ୍‌ଭୀ ଶର୍ମା ଟପ୍ ସିଡ୍ ଆମେରିକାର ବେଭେନ୍ ଝାଙ୍ଗ୍‌ଙ୍କଠାରୁ ତିନି ଗେମ୍ ପର୍ଯ୍ୟନ୍ତ ଚାଲିଥିବା ସଂଘର୍ଷପୂର୍ଣ୍ଣ ଫାଇନାଲ୍‌ରେ ପରାଜିତ ହୋଇ ଉପବିଜେତା ହୋଇଛନ୍ତି। ପ୍ରଥମ ବିଶ୍ୱ ଟୁର୍ ଫାଇନାଲ୍ ଖେଳିଥିବା ଅଣସିଡେଡ୍ ତନ୍‌ଭୀଙ୍କୁ ୪୬ ମିନିଟ୍‌ରେ ୧୧-୨୧, ୨୧-୧୬, ୧୦-୨୧ରେ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା।




ୟାଙ୍ଗ୍‌ଙ୍କ ବିପକ୍ଷରେ ଏହା ଆୟୁଷଙ୍କ ତୃତୀୟ ବିଜୟ। ଚଳିତ ବର୍ଷ ପ୍ରାରମ୍ଭରେ ଆୟୁଷ ମାଲେସିଆ ଓପନ୍ ଓ ତାଇପେଇ ଓପନ୍‌ରେ ୟାଙ୍ଗ୍‌ଙ୍କୁ ହରାଇଥିଲେ। ଟୁର୍ଣ୍ଣାମେଣ୍ଟରେ ଆୟୁଷ ପ୍ରଭାବଶାଳୀ ପ୍ରଦର୍ଶନ କରିଛନ୍ତି। ସେମିଫାଇନାଲ୍‌ରେ ସେ ଟପ୍ ସିଡ୍ ଚାଉ ଟିଏନ୍ ଚେନ୍‌ଙ୍କୁ ବିପକ୍ଷରେ ପଛରେ ପଡ଼ିବା ପରେ ବିଜୟ ହାସଲ କରିଥିଲେ। ଏହା ପୂର୍ବରୁ ଆୟୁଷ ୨୦୨୩ ବାହାରିନ୍ ଇଣ୍ଟରନାସନାଲ୍ ଏବଂ ୨୦୨୪ ଡଚ୍ ଓପନ୍ ବ୍ୟତୀତ ୨୦୨୩ ଓଡ଼ିଶା ମାଷ୍ଟର୍ସ ସୁପର୍ ୧୦୦ ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ସ୍ଥାନ ହାସଲ କରିଥିଲେ।

# ଦ୍ୱିତୀୟ ଟେଷ୍ଟ ପାଇଁ ଇଂଲଣ୍ଡ ଚୂଡ଼ାନ୍ତ ଏକାଦଶ ଘୋଷିତ

## ଜୋଫ୍ରା ଆର୍ଚର୍‌ଙ୍କୁ ପୁଣି ମିଳିଲାନି ସୁଯୋଗ

**ବର୍ମିଂହାମ୍,୩୦।୬/ଏଜେନ୍ସି:** ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ଟେଷ୍ଟ ମ୍ୟାଚ୍‌ର ସିରିଜ୍ ଖେଳାଯାଉଛି। ସିରିଜ୍‌ର ପ୍ରଥମ ମ୍ୟାଚ୍ ଲିଡ୍ସର ହେଡିଂଗ୍ଲେରେ ଖେଳାଯାଇଥିବା ବେଳେ ଏଥିରେ ଟିମ୍ ଇଣ୍ଡିଆ ୫ ୱିକେଟ୍‌ରେ ପରାଜିତ ହୋଇଥିଲା। ଏବେ ଦୁଇ ଟିମ୍ ଜୁଲାଇ ୨ରୁ ବର୍ମିଂହାମ୍‌ର ଏଜ୍‌ବାଷ୍ଟନ୍‌ରେ ମୁହାଁମୁହିଁ ହେବେ। ଏହି ମ୍ୟାଚ୍‌ର ଦୁଇଦିନ ପୂର୍ବରୁ ଇଂଲଣ୍ଡ ନିଜ ଚୂଡ଼ାନ୍ତ ଏକାଦଶ ଘୋଷଣା କରିଛି। ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଖେଳିଥିବା ଟିମ୍‌କୁ ବଜାୟ ରଖାଯାଇଛି। ବେନ୍ ଷ୍ଟୋକ୍ସଙ୍କ ନେତୃତ୍ୱରେ ଇଂଲଣ୍ଡ ଦ୍ୱିତୀୟ ଟେଷ୍ଟରେ ମଧ୍ୟ ବିଜୟ ଲୟକୁ ବଜାୟ ରଖିବା ଲକ୍ଷ୍ୟରେ ରହିବ।



ତେବେ ପୁଣିଥରେ ଷ୍ଟାର୍ ଫାଷ୍ଟ ବୋଲର୍ ଜୋଫ୍ରା ଆର୍ଚର୍‌ଙ୍କୁ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ଦିଆଯାଇ ନାହିଁ। ଆର୍ଚର୍‌ଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାନଯିବାର କାରଣ ଆଘାତ ନୁହେଁ ବରଂ ଫ୍ୟାମିଲି ଏମର୍ଜେନ୍ସି ବୋଲି କୁହାଯାଉଛି। ଆର୍ଚର୍ ଜୁଲାଇ ୧ରେ ଏଜ୍‌ବାଷ୍ଟନ୍‌ରେ ଇଂଲଣ୍ଡ ଟିମ୍‌ର ପ୍ରାକ୍ଟିସ୍ ସେସନ୍‌ରେ ଯୋଗ ଦେବାର ଥିଲା। ମାତ୍ର ଫ୍ୟାମିଲି ଏମର୍ଜେନ୍ସି କାରଣରୁ ଏହା ଅସମ୍ଭବ ହୋଇଛି। ଫଳରେ ଆର୍ଚର୍‌ଙ୍କ ପ୍ରତ୍ୟାବର୍ତ୍ତନ ପୁଣିଥରେ ବିଳମ୍ବିତ ହୋଇଛି। ଉଲ୍ଲେଖଯୋଗ୍ୟ, ଚାରିବର୍ଷର ଦୀର୍ଘ ବ୍ୟବଧାନରେ ପରେ ଆର୍ଚର୍ ଟେଷ୍ଟ ସେଟ୍‌ଅପ୍‌କୁ ଫେରିଛନ୍ତି। ୩୦ ବର୍ଷୀୟ ବୋଲର୍ ଶେଷଥର ପାଇଁ ୨୦୨୧ ଫେବୃଆରୀରେ ଭାରତ ବିପକ୍ଷରେ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ୨୦୧୯ରେ ଟେଷ୍ଟ ଡେବ୍ୟୁ କରିବା ପରେ ସେ ବର୍ତ୍ତମାନ ସୁଦ୍ଧା ଇଂଲଣ୍ଡ ପାଇଁ ମାତ୍ର ୧୩ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି।

ଇଂଲଣ୍ଡ ଚୂଡ଼ାନ୍ତ ଏକାଦଶ: ଜ୍ୟାକ୍ କ୍ରଲି, ବେନ୍ ଡକେଟ୍, ଓଲି ପୋପ୍, ଜୋ ରୁଟ୍, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (କ୍ୟାପ୍‌ଟେନ୍), ଜେମି ସ୍ମିଥ୍ (ୱିକେଟ୍‌କିପର୍), କ୍ରିସ୍ ୱୋକ୍ସ, ବ୍ରାୟଡନ୍ କାର୍ସ, ଜୋଶ୍ ଟଙ୍ଗ୍ ଓ ସୋଏବ୍ ବଶୀର।

# 'କ୍ୟାପ୍‌ଟେନ୍ କୁଲ୍' ଟ୍ରେଡ୍‌ମାର୍କ ରେଜିଷ୍ଟ୍ରେସନ୍ କଲେ ଧୋନି

**କୋଲ୍‌କାତା,୩୦।୬/ଏଜେନ୍ସି:** ପୂର୍ବତନ ଭାରତୀୟ କ୍ୟାପ୍‌ଟେନ୍ ମହେନ୍ଦ୍ର ସିଂହ ଧୋନି 'କ୍ୟାପ୍‌ଟେନ୍ କୁଲ୍'କୁ ଟ୍ରେଡ୍‌ମାର୍କ କରାଇବା ନିମନ୍ତେ ଆବେଦନ କରିଛନ୍ତି। ଯଦି ଏହି ଶବ୍ଦକୁ ଟ୍ରେଡ୍‌ମାର୍କ ଅଧିକାର ମିଳିଯାଏ, ତେବେ କ୍ୟାପ୍‌ଟେନ୍ ଶବ୍ଦକୁ କୌଣସି ବ୍ୟକ୍ତି କିମ୍ବା ସଂସ୍ଥା ପ୍ରୟୋଗ କରିପାରିବେ ନାହିଁ। ଧୋନି ଜୁନ୍ ୫ ତାରିଖରେ ଟ୍ରେଡ୍‌ମାର୍କ ରେଜେଷ୍ଟ୍ରି ପୋର୍ଟାଲ୍ ଜରିଆରେ ଅନ୍‌ଲାଇନ୍ ଆବେଦନ କରିଛନ୍ତି। ସେ କୋଚିଂ ଏବଂ ଟ୍ରେନିଂ ସେଣ୍ଟର୍ ପାଇଁ 'କ୍ୟାପ୍‌ଟେନ୍ କୁଲ୍'ର ଉପଯୋଗ ନିମନ୍ତେ ସ୍ୱତନ୍ତ୍ର ଅଧିକାର ଚାହୁଁଛନ୍ତି। ତେବେ ପୂର୍ବତନ କ୍ୟାପ୍‌ଟେନ୍‌ଙ୍କ ଆବେଦନ ପ୍ରାରମ୍ଭରେ ଟ୍ରେଡ୍ ମାର୍କ୍ସ ଅଧିନିୟମର ଧାରା ୧୧ (୧) ଅନୁସାରେ ବାଧାର ସମ୍ମୁଖୀନ ହୋଇଥିଲା। କାରଣ ଏହି ନାମରେ ପୂର୍ବରୁ ଏକ ଟ୍ରେଡ୍‌ମାର୍କ ପଞ୍ଜୀକୃତ ଥିଲା। ମାତ୍ର ଧୋନିଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ ଯେ 'କ୍ୟାପ୍‌ଟେନ୍ କୁଲ୍' ନାମ ଧୋନିଙ୍କ ସହ ଗତ ବହୁବର୍ଷ ଧରି ଯୋଡ଼ି ହୋଇଛି। ଏହାକୁ ଜନତା, ମିଡିଆ ଓ ପ୍ରଶଂସକ ବଡ଼ ସ୍ତରରେ ଆପଣାଇଛନ୍ତି।



ଧୋନିଙ୍କୁ ତାଙ୍କ ପ୍ରଶଂସକ ଓ ମିଡିଆ କ୍ୟାପ୍‌ଟେନ୍ କୁଲ୍‌ର ଟ୍ୟାଗ୍ ଦେଇଛନ୍ତି। ସେ ନିଜ ନେତୃତ୍ୱ ଅବସରରେ ପଡ଼ିଆରେ ବହୁ ଶାନ୍ତ ଦେଖାଯାଇଥାନ୍ତି। ମ୍ୟାଚ୍‌ର ପରିସ୍ଥିତି ଯେତେ କଠିନ ହୋଇଥିଲେ ମଧ୍ୟ ଧୋନି ଥଣ୍ଡା ମସ୍ତିଷ୍କରେ ନିଷ୍ପତ୍ତି ନେଉଥିଲେ। ଏହି କାରଣରୁ ତାଙ୍କୁ କ୍ୟାପ୍‌ଟେନ୍ କୁଲ୍ ନାମରେ ଜଣାଯାଇଥାଏ।

# ନିଲାମ ଲିଷ୍ଟରେ କୋହଲିଙ୍କ ପୁତୁରା, ସେହୱାଗଙ୍କ ପୁଅ

## ଦିଲ୍ଲୀ ପ୍ରିମିୟର ଲିଗ୍

**ନୂଆଦିଲ୍ଲୀ,୩୦।୬/ଏଜେନ୍ସି:** ଜୁଲାଇ ୫ ତାରିଖରେ ହେବାକୁ ଥିବା ଦିଲ୍ଲୀ ପ୍ରିମିୟର୍ ଲିଗ୍ (ଡିପିଏଲ୍)ର ନିଲାମ ପାଇଁ ଖେଳାଳି ଡ୍ରାଫ୍ଟରେ ବିରାଟ କୋହଲିଙ୍କ ବଡ଼ଭାଇ ବିକାଶ କୋହଲିଙ୍କ ପୁଅ ଆର୍ଯ୍ୟବୀର କୋହଲି (୧୫ ବର୍ଷ) ସାମିଲ ହୋଇଛନ୍ତି। ଲେଗ୍-ସ୍ପିନର ଆର୍ଯ୍ୟବୀର ପଶ୍ଚିମ ଦିଲ୍ଲୀ କ୍ରିକେଟ୍ ଏକାଡେମୀରେ ବିରାଟଙ୍କ ପିଲାଦିନର କୋଚ୍ ରାଜକୁମାର ଶର୍ମାଙ୍କ ଅଧୀନରେ ତାଲିମ ନେଉଛନ୍ତି। ତାଙ୍କୁ କାଟାଗୋରୀ-ସି'ରେ ସ୍ଥାନ ଦିଆଯାଇଛି। ଗତ ସିଜନ୍‌ରେ ସେ ଦିଲ୍ଲୀ ଅଣ୍ଡର-୧୬ ପାଇଁ ପଞ୍ଜିକୃତ ଖେଳାଳି ଥିଲେ। ଏହା ବ୍ୟତୀତ ପୂର୍ବତନ ଭାରତୀୟ ଓପନର୍ ବୀରେନ୍ଦ୍ର ସେହ୍ୱାଗ୍‌ଙ୍କ ୧୭ ବର୍ଷୀୟ ବଡ଼ପୁଅ ଆର୍ଯ୍ୟବୀର ସେହ୍ୱାଗ୍ ମଧ୍ୟ ଡ୍ରାଫ୍ଟରେ ସ୍ଥାନ ପାଇଛନ୍ତି। ଦିଲ୍ଲୀ ଅଣ୍ଡର-୧୯ ଟିମ୍‌ର ପ୍ରତିନିଧିତ୍ୱ କରିଥିବା ଏବଂ ମେଘାଳୟ ବିପକ୍ଷରେ ଉଲ୍ଲେଖନୀୟ ୨୯୭ ରନ୍‌ର ଇନିଂସ୍ ଖେଳିଥିବା ଆର୍ଯ୍ୟବୀରଙ୍କୁ ତାଙ୍କ ସାନଭାଇ ବେଦାନ୍ତ (୧୫ ବର୍ଷ)ଙ୍କ ସହ କାଟାଗୋରୀ-ବି'ରେ ରଖାଯାଇଛି। ଅଫ୍ ସ୍ପିନର୍ ବେଦାନ୍ତ ଦିଲ୍ଲୀ ଅଣ୍ଡର-୧୬ ଟିମ୍‌ର ସଦସ୍ୟ।

ଚଳିତ ବର୍ଷ ଡିପିଏଲ୍‌ରେ ଆଠଟି ଦଳ ଅଂଶଗ୍ରହଣ କରିବେ। ଆଉଟର୍ ଦିଲ୍ଲୀ ଏବଂ ନୂଆଦିଲ୍ଲୀ ଫ୍ରାଞ୍ଚାଇଜ୍ ନୂଆ ଟିମ୍ ଭାବେ ପୂର୍ବ ଛଅ ଟିମ୍ ପୂର୍ବ ଦିଲ୍ଲୀ ରାଇଡର୍ସ, ଉତ୍ତର ଦିଲ୍ଲୀ ଷ୍ଟ୍ରାଇକର୍ସ, ପଶ୍ଚିମ ଦିଲ୍ଲୀ ଲାୟନ୍ସ, ଦକ୍ଷିଣ ଦିଲ୍ଲୀ ସୁପରଷ୍ଟାର୍ଜ, ପୁରୁଣା ଦିଲ୍ଲୀ ୬ ଏବଂ କେନ୍ଦ୍ରୀୟ ଦିଲ୍ଲୀ କିଙ୍ଗ୍ସ ସହ ସାମିଲ ହୋଇଛନ୍ତି। ଗତ ବର୍ଷ ଦକ୍ଷିଣ ଦିଲ୍ଲୀ ସୁପରଷ୍ଟାର୍ଜ ବିପକ୍ଷରେ ତିନି ରନ୍‌ର ବିଜୟ ହାସଲ କରି ପୂର୍ବ ଦିଲ୍ଲୀ ରାଇଡର୍ସ ପ୍ରଥମ ଦିଲ୍ଲୀ ପ୍ରିମିୟର ଲିଗ୍ ଟାଇଟଲ୍ ଜିତିଥିଲା।

# ଏଲିଟ୍ ମହିଳା ବକ୍ସିଂ

# ଫାଇନାଲ୍‌ରେ ନୀତୁ, ସାୱେଟି ଓ ନିଖତ୍

**ହାଇଦ୍ରାବାଦ,୩୦।୬/ଏଜେନ୍ସି:** ବିଶ୍ୱ ଚାମ୍ପିଅନ୍‌ଶିପ୍ ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜେତା ନିତୁ ଘଙ୍ଘାସ, ଟୋକିଓ ଅଲିମ୍ପିକ୍ ପଦକ ବିଜେତା ଲଭ୍‌ଲିନା ବୋରଗୋହେନ୍ ଏବଂ ବିଶ୍ୱ ଚାମ୍ପିଅନ୍ ସାୱେଟି ବୁରା ଏବଂ ଦୁଇଥରର ବିଶ୍ୱ ଚାମ୍ପିଅନ୍ ନିଖତ୍ ଜରିନ୍ ଏଠାରେ ଚାଲିଥିବା ଏଲିଟ୍ ମହିଳା ବକ୍ସିଂ ଟୁର୍ଣ୍ଣାମେଣ୍ଟର ନିଜ ନିଜ ଓଜନ ବର୍ଗର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ସୋମବାର ଅନୁଷ୍ଠିତ ୪୮ କିଗ୍ରା ସେମିଫାଇନାଲ୍‌ରେ ନିତୁ ରେଳବାଇର ମଞ୍ଜୁ ରାଣୀଙ୍କୁ ହରାଇ ଦେଇଛନ୍ତି। ଫାଇନାଲ୍‌ରେ ସେ ସାଇର ଚଞ୍ଚଳଙ୍କୁ ଭେଟିବେ। ସେହିପରି ୮୦ କିଗ୍ରା ସେମିଫାଇନାଲ୍‌ରେ ପ୍ରବାଭଶାଳୀ ପ୍ରଦର୍ଶନ କରି ସାୱେଟି ଅଲ୍ ଇଣ୍ଡିଆ ପୁଲିସ୍‌ର ବବିତା ବିଷ୍ଟଙ୍କୁ ୫-୦ରେ ମାତ୍ ଦେଇଛନ୍ତି। ଫାଇନାଲ୍‌ରେ ସେ ଆର୍‌ଏସ୍‌ପିବିର ଆଫିୟା ପଠାନ୍‌ଙ୍କୁ ଭେଟିବେ।



ଅନ୍ୟପକ୍ଷରେ ଟୋକିଓ ପଦକ ବିଜେତା ଲଭ୍‌ଲିନା ପ୍ରଥମ ରାଉଣ୍ଡ ଷ୍ଟପେଜ୍ (ଆର୍‌ଏସ୍‌ସି) ଜରିଆରେ ଉତ୍ତର ପ୍ରଦେଶର ସ୍ନେହାଙ୍କୁ ହରାଇ ୭୫ କିଗ୍ରା ଫାଇନାଲ୍‌ରେ ସ୍ଥାନ ପକ୍କା କରିଛନ୍ତି।

ସେହିପରି ଦୁଇ ଥରର ବିଶ୍ୱ ଚାମ୍ପିଅନ ନିଖତ୍ ଜରିନ୍ ରବିବାର ଘରୋଇ ଦର୍ଶକଙ୍କୁ ପୁଣିଥରେ ପ୍ରଭାବିତ କରିବା ସହିତ ୫-୦ ନିଷ୍ପତ୍ତିରେ ଭି. ଲକ୍ଷାୟାଙ୍କୁ ହରାଇ ୫୧ କିଗ୍ରା ଫାଇନାଲ୍‌ରେ ପ୍ରବେଶ କରିଥିଲେ। ଫାଇନାଲ୍‌ରେ ସେ ଆର୍‌ଏସ୍‌ପିବିର ଜ୍ୟୋତିଙ୍କୁ ଭେଟିବେ। ସେହିପରି ୮୦+ କିଗ୍ରା ବର୍ଗ ଫାଇନାଲ୍‌ରେ ରିତିକା (ସାଇ) ଓ ଶିବାନୀ ତୋମର (ଏଆଇପି) ମୁହାଁମୁହିଁ ହେବେ। ସେମିଫାଇନାଲ୍‌ରେ ରିତିକା ଆର୍‌ଏସ୍‌ପିବିର ନେହା ଏବଂ ଶିବାନୀ ପଞ୍ଜାବର ମନକିରତ୍ କୌର୍‌ଙ୍କୁ ହରାଇଥିଲେ।

# ଆଝାର ମହମୁଦ ପାକିସ୍ତାନ ଟେଷ୍ଟ ଟିମ୍ କୋଚ୍ ନିଯୁକ୍ତ

## ସାଉଥ୍ ଆଫ୍ରିକା ସିରିଜ୍ ହେବ ପ୍ରଥମ ଦାୟିତ୍ୱ

**ଲାହୋର,୩୦।୬/ଏଜେନ୍ସି:** ପୂର୍ବତନ ଅଲ୍‌ରାଉଣ୍ଡର୍ ଆଝାର ମହମୁଦ୍‌ଙ୍କୁ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଟେଷ୍ଟ ଟିମ୍‌ର ମୁଖ୍ୟ କୋଚ୍ ନିଯୁକ୍ତ କରିଛି। ସୋମବାର ପିସିବି ଏହି ସୂଚନା ଦେଇଛି। ଏହା ପୂର୍ବରୁ ଆଝାର୍ ଟିମ୍‌ର ସହାୟକ କୋଚ୍ ଥିଲେ। ସେ ପୂର୍ବତନ ଫାଷ୍ଟ ବୋଲର୍ ଆକିବ୍ ଜାଭେଦ୍‌ଙ୍କ ସ୍ଥାନ ନେବେ। ଜେସନ୍ ଗିଲେସ୍ପି ପଦ ଛାଡ଼ିବା ପରେ ଆକିବ୍ ଜାଭେଦ୍ ଏହି ଦାୟିତ୍ୱ ତୁଲାଇ ଆସୁଥିଲେ। ଗିଲେସ୍ପି ଗତବର୍ଷ ଡିସେମ୍ବରରେ ନିଜ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କ କାର୍ଯ୍ୟକାଳ ୨୦୨୬ରେ ସମାପ୍ତ ହେବାର ଥିଲା। ଟିମ୍ ଚୟନ ଓ ପିଚ୍ ପ୍ରସ୍ତୁତି ଅଧିକାର ଛଡ଼ାଇନେବା ପରେ ଗିଲେସ୍ପି ପିସିବି ଉପରେ ଅସନ୍ତୁଷ୍ଟ ଥିଲେ।



ଆଝାର ମହମୁଦ୍‌ଙ୍କୁ ଗତବର୍ଷ ଏପ୍ରିଲ୍‌ରେ ଦୁଇବର୍ଷ ପାଇଁ ସହାୟକ କୋଚ୍ ନିଯୁକ୍ତ କରାଯାଇଥିଲା। ସେ ନିଜ କାର୍ଯ୍ୟକାଳ ୨୦୨୬ ଏପ୍ରିଲ୍ ପର୍ଯ୍ୟନ୍ତ ଟିମ୍‌ର ମୁଖ୍ୟ କୋଚ୍ ରହିବେ। ସାଉଥ୍ ଆଫ୍ରିକା ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଘରୋଇ ଟେଷ୍ଟ ସିରିଜ୍ ମୁଖ୍ୟ କୋଚ୍ ଭାବେ ତାଙ୍କ ପ୍ରଥମ ଦାୟିତ୍ୱ ହେବ। ସାଉଥ୍ ଆଫ୍ରିକା ଅକ୍ଟୋବର-ନଭେମ୍ବରରେ ପାକିସ୍ତାନ ଗସ୍ତ କରିବ। ଆଫ୍ରିକୀୟ ଟିମ୍ ଦୁଇଟି ଟେଷ୍ଟ ମ୍ୟାଚ୍ ବ୍ୟତୀତ ୩ ଦିନିକିଆ ଏବଂ ସମାନ ସଂଖ୍ୟକ ଟି-୨୦ ମ୍ୟାଚ୍‌ର ସିରିଜ୍ ମଧ୍ୟ ଖେଳିବ।

୫୦ ବର୍ଷୀୟ ମହମୁଦ୍ ପାକିସ୍ତାନ ପାଇଁ ୨୧ ଟେଷ୍ଟ ଏବଂ ୧୪୧ ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ଟେଷ୍ଟ ମ୍ୟାଚ୍‌ରେ ସେ ୯୦୦ ରନ୍ କରିଥିବା ବେଳେ ୩୯ ୱିକେଟ୍ ନେଇଛନ୍ତି। ସେହିପରି ଦିନିକିଆ ଅନ୍ତର୍ଜାତୀୟରେ ତାଙ୍କ ନାମରେ ୧୫୨୧ ରନ୍ ଏବଂ ୧୨୩ ୱିକେଟ୍ ରହିଛି। ଅନ୍ତର୍ଜାତୀୟ କ୍ରିକେଟ୍‌ରେ ସେ ୩ ଶତକ ଏବଂ ୪ ଅର୍ଦ୍ଧଶତକ ହାସଲ କରିଥିଲେ।

# ଇଣ୍ଟର ମିୟାମୀକୁ ହରାଇ କ୍ୱାର୍ଟର୍‌ରେ ପିଏସ୍‌ଜି

## ଫିଫା କ୍ଲବ୍ ବିଶ୍ୱକପ୍

**ମିୟାମୀ ଗାର୍ଡେନ୍ସ,୩୦।୬/ଏଜେନ୍ସି:** ଜୋଆଓ ନେଭେସ୍‌ଙ୍କ ଦୁଇଟି ଗୋଲ୍ ବଳଦରେ ଚାମ୍ପିଅନ୍ସ ଲିଗ୍ ଚାମ୍ପିଅନ୍ ପ୍ୟାରିସ୍ ସେଣ୍ଟ ଜର୍ମେନ୍ (ପିଏସ୍‌ଜି) ବିଶ୍ୱର ଅନ୍ୟତମ ମହାନ୍ ଖେଳାଳି ଲିଓନେଲ୍ ମେସିଙ୍କ ନେତୃତ୍ୱାଧୀନ ଇଣ୍ଟର ମିୟାମୀକୁ ୪-୦ ଗୋଲ୍‌ରେ ହରାଇ କ୍ଲବ୍ ବିଶ୍ୱକପ୍ କ୍ୱାର୍ଟର୍ ଫାଇନାଲ୍‌ରେ ସ୍ଥାନ ହାସଲ କରିଛି। ଆଟ୍‌ଲାଣ୍ଟା ଷ୍ଟାଡିୟମ୍‌ରେ ୬୫,୫୭୪ ଦର୍ଶକଙ୍କ ଅପାର ସମର୍ଥନ ସତ୍ତ୍ୱେ ଆର୍ଜେଣ୍ଟିନା ଷ୍ଟାର୍ ମେସି କୌଣସି ଯାଦୁ କରିପାରିନଥିଲେ ଏବଂ ତାଙ୍କ ଟିମ୍‌କୁ ବଡ଼ ପରାଜୟର ସାମ୍ନା କରିବାକୁ ପଡ଼ିଛି।



ନେଭେସ୍ ମ୍ୟାଚ୍‌ର ୬ଷ୍ଠ ମିନିଟ୍‌ରେ ପ୍ରଥମ ଗୋଲ୍ ସ୍କୋର୍ କରିଥିଲେ। ପର୍ତ୍ତୁଗାଲ୍‌ର ଏହି ମିଡ୍‌ଫିଲ୍ଡର ୩୯ତମ ମିନିଟ୍‌ରେ ଆଉ ଏକ ଗୋଲ୍ ଦେଇଥିଲେ। ଇଣ୍ଟର ମିୟାମୀ ପ୍ରଥମାର୍ଦ୍ଧର ଅନ୍ତିମ ଚରଣରେ ସମ୍ପୂର୍ଣ୍ଣ ଲୟଶୂନ୍ୟ ହେବା ସହିତ ଗୋଟିଏ ଆତ୍ମଘାତୀ ଗୋଲ୍ କରିଥିଲା। ଅଚରଫ୍ ହକିମି ଷ୍ଟପେଜ୍ ଟାଇମ୍‌ରେ ଆଉ ଏକ ଗୋଲ୍ କରି ପିଏସ୍‌ଜିକୁ ପ୍ରଥମାର୍ଦ୍ଧ ପୂର୍ବରୁ ଟିମ୍‌କୁ ୪-୦ରେ ଆଗୁଆ କରିଥିଲେ। ଏହି ବିଜୟ ପୂର୍ବରୁ ପିଏସ୍‌ଜି ଚାମ୍ପିଅନ୍ସ ଲିଗ୍ ଫାଇନାଲ୍‌ରେ ଇଣ୍ଟର୍ ମିଲାନ୍‌କୁ ୫-୦ ଗୋଲ୍‌ରେ ହରାଇ ପ୍ରଥମ ଥର ୟୁରୋପିଆନ୍ ଚାମ୍ପିଅନ୍ ହେବାର ଗୌରବ ହାସଲ କରିଥିଲା। କ୍ୱାର୍ଟର୍ ଫାଇନାଲ୍‌ରେ ପିଏସ୍‌ଜିର ମୁକାବିଲା ଶନିବାର ବାୟର୍ନ ମ୍ୟୁନିକ୍ ସହ ହେବ।

## ହ୍ୟାରୀ କେନ୍‌ଙ୍କ ଡବଲ୍ ଗୋଲ୍‌ରେ ବାୟର୍ନ ମ୍ୟୁନିକ୍ ବିଜୟୀ

ଜର୍ମାନ୍ କ୍ଲବ୍ ବାୟର୍ନ ମ୍ୟୁନିକ୍ ପ୍ରି-କ୍ୱାର୍ଟର୍ ଫାଇନାଲ୍‌ର ଅନ୍ୟ ଏକ ମ୍ୟାଚ୍‌ରେ ବ୍ରାଜିଲ୍‌ର ଫ୍ଲେମେଙ୍ଗୋକୁ ୪-୨ରେ ହରାଇଛି। ମିୟାମୀ ଗାର୍ଡେନ୍ସରେ ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ଇଂଲଣ୍ଡର ଷ୍ଟାର୍ ଖେଳାଳି ହ୍ୟାରୀ କେନ୍ ଦୁଇଟି ଗୋଲ୍ ସ୍କୋର୍ କରିଥିଲେ। ମ୍ୟାଚ୍‌ର ୬ଷ୍ଠ ମିନିଟ୍‌ରେ ଫ୍ଲେମେଙ୍ଗୋର ଷ୍ଟାର୍ ଏରିକ୍ ପୁଲ୍‌ଗରଙ୍କ ଏକ ଆତ୍ମଘାତୀ ଗୋଲ୍ ବଳରେ ବାୟର୍ନ ମ୍ୟୁନିକ୍ ଅଗ୍ରଣୀ ହାସଲ କରିଥିଲା। ଏହାପରେ ନବମ ମିନିଟ୍‌ରେ ପ୍ରଥମ ଗୋଲ୍ ହ୍ୟାରୀ କେନ୍ ବ୍ୟବଧାନ ୨-୦ କରିଥିଲେ। ବ୍ରାଜିଲ୍ କ୍ଲବ୍ ପକ୍ଷରୁ ଗେର୍ସନ୍ ୩୨ତମ ମିନିଟ୍‌ରେ ଗୋଲ୍ ଦେଇ ସ୍କୋର୍ ଲାଇନ୍ ୨-୧ କରିଥିବା ବେଳେ ଲିୟୋନ୍ ଗୋରେତ୍‌ଜକା ଆଉ ଏକ ଗୋଲ୍ ଦେଇ ବାୟର୍ନକୁ ୩-୧ର ଅଗ୍ରଣୀ ଦେଇଥିଲେ। ଦ୍ୱିତୀୟାର୍ଦ୍ଧର ଜୋର୍ଜିନ୍ହୋ ପେନାଲ୍ଟିକୁ ଗୋଲ୍‌ରେ ପରିବର୍ତ୍ତନ କରି ବ୍ରାଜିଲ୍ କ୍ଲବ୍‌କୁ ପ୍ରତ୍ୟାବର୍ତ୍ତନ ପାଇଁ ଉଦ୍ୟମ କରିଥିବା ବେଳେ ୭୩ ମିନିଟ୍‌ରେ କେନ୍ ମ୍ୟାଚ୍‌ରେ ନିଜର ଦ୍ୱିତୀୟ ଏବଂ ଟୁର୍ଣ୍ଣାମେଣ୍ଟର ତୃତୀୟ ଗୋଲ୍ କରି ଜର୍ମାନ୍ କ୍ଲବ୍‌ର ବିଜୟ ସୁନିଶ୍ଚିତ କରିଥିଲେ।

# ସୁପ୍ରିମ୍‌କୋର୍ଟରେ ଲଳିତ ମୋଦୀଙ୍କ ଆବେଦନ ଖାରଜ

## ୧୦.୬୫ କୋଟି ଜୋରିମାନାରୁ ମିଳିଲାନି ଆଶ୍ୱସ୍ତି

**ନୂଆଦିଲ୍ଲୀ,୩୦।୬/ଏଜେନ୍ସି:** ସୁପ୍ରିମ୍‌କୋର୍ଟ ସୋମବାର ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍)ର ପୂର୍ବତନ ଅଧ୍ୟକ୍ଷ ଲଳିତ ମୋଦୀଙ୍କ ଆବେଦନ ଖାରଜ କରିଦେଇଛନ୍ତି। ଆବେଦନରେ ମୋଦୀ ତାଙ୍କ ଉପରେ ହୋଇଥିବା ୧୦.୬୫ କୋଟି ଟଙ୍କା ଜୋରିମାନା ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ତହବିଲରୁ ଭରଣା କରାଯିବାକୁ ଦାବି କରିଥିଲେ। ତାଙ୍କ ଉପରେ ଏହି ଜୋରିମାନା ପ୍ରବର୍ତ୍ତନ ନିର୍ଦ୍ଦେଶାଳ (ଇଡି) ବିଦେଶୀ ମୁଦ୍ରା ପ୍ରବନ୍ଧନ ଅଧିନିୟମ (ଫେମା) ଉଲ୍ଲଂଘନ ପାଇଁ ଲଗାଇଥିଲା। ମୋଦୀଙ୍କ ଆବେଦନ ଶୁଣାଣିଯୋଗ୍ୟ ନୁହେଁ ଏବଂ ଏହି ମାମଲାରେ ସେ ଚାହିଁଲେ ସିଭିଲ୍ କୋର୍ଟରେ ଆଇନଗତ ଉପାୟ ଆପଣାଇ ପାରିବେ। ମାତ୍ର ବିସିସିଆଇକୁ କୌଣସି ସିଧା ଆଦେଶ ଦିଆଯାଇ ପାରିବନାହିଁ ବୋଲି ଜଷ୍ଟିସ୍ ପିଏସ୍ ନରସିଂହା ଏବଂ ଜଷ୍ଟିସ୍ ଆର୍ ମହାଦେବନଙ୍କ ବେଞ୍ଚ କହିଛନ୍ତି।



ଉଲ୍ଲେଖଯୋଗ୍ୟ, ୨୦୦୯ରେ ଆଇପିଏଲ୍‌ରେ ଆୟୋଜନ ସାଉଥ୍ ଆଫ୍ରିକାରେ ହୋଇଥିଲା। ଆଇପିଏଲ୍ ସ୍ଥାନାନ୍ତରଣ ଅବସରରେ ହୋଇଥିବା ନେଣ ଦେଣକୁ ନେଇ ଇଡି ମୋଦୀଙ୍କ ଉପରେ ୧୦.୬୫ କୋଟି ଟଙ୍କାର ଜୋରିମାନା ଲଗାଇଥିଲା। ତାଙ୍କ ବିରୋଧରେ ଫେମା ଉଲ୍ଲଂଘନ ଅଭିଯୋଗ ହୋଇଥିଲା। ଏହା ବିରୋଧରେ ମୋଦୀ ବମ୍ବେ ହାଇକୋର୍ଟ ଏବଂ ସୁପ୍ରିମ୍‌କୋର୍ଟରେ ଆବେଦନ କରିଥିଲେ। ସେ ଯୁକ୍ତି କରିଥିଲେ ଯେ ଆଇପିଏଲ୍ ଅଧ୍ୟକ୍ଷ ଏବଂ ବିସିସିଆଇ ଉପାଧ୍ୟକ୍ଷ ଥିବା ସମୟରେ ଯେଉଁ କାର୍ଯ୍ୟ ସେ କରିଥିଲେ, ତାହାର ଖର୍ଚ୍ଚ ଏବଂ କ୍ଷତି ବିସିସିଆଇ ତୁଲାଇବା ଉଚିତ। କାରଣ ବୋର୍ଡ ନିୟମରେ ଏହି ବ୍ୟବସ୍ଥା ରହିଛି। ସେ କହିଛନ୍ତି, ବୋର୍ଡର ମେମୋରେଣ୍ଡମ୍ ଅଫ୍ ଆସୋସିଏସନ୍ ନିୟମ ୩୪ ଅନୁସାରେ ବୋର୍ଡ ନିଜ ଅଧିକାରୀଙ୍କୁ ତାଙ୍କ କାର୍ଯ୍ୟକାଳ ଅବସରରେ ହୋଇଥିବା କ୍ଷତି ଏବଂ ଖର୍ଚ୍ଚର କ୍ଷତିପୂରଣ ଦେବ। ମୋଦୀ ଆବେଦନରେ ଏହା ମଧ୍ୟ କହିଛନ୍ତି, ବିସିସିଆଇ ପୂର୍ବରୁ ଏନ୍ ଶ୍ରୀନିବାସନ୍ (ପୂର୍ବତନ ସମ୍ପାଦକ) ଏବଂ ଏମ୍‌ପି ପଣ୍ଡୋଭ (ପୂର୍ବତନ କୋଷାଧ୍ୟକ୍ଷ)ଙ୍କୁ ଏହି ପ୍ରକାର ମାମଲାରେ ଜୋରିମାନାରୁ ଆଶ୍ୱସ୍ତି ଦେଇଥିଲା। ବିସିସିଆଇ ଭେଦଭାବପୂର୍ଣ୍ଣ କାମ କରୁଛି ବୋଲି ସେ ଅଭିଯୋଗ କରିଥିଲେ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra